UTL AT DOWNSVIEW
D RANGE BAY SHLF POS ITEM C
39 09 09 07 16 007 7

PLEASE DO NOT REMOVE
CARDS OR SLIPS FROM THIS POCKET

UNIVERSITY OF TORONTO LIBRARY

BRIEF
PKA
00 46319

Digitized by the Internet Archive
in 2010 with funding from
University of Toronto

http://www.archive.org/details/gauracaraagtba00gaur

କଳିଙ୍ଗ-ଭାରତୀ ଗ୍ରନ୍ଥମାଳା ଦ୍ୱିତୀୟ ଖଣ୍ଡ

ଗୀତ କଳ୍ପତରୁ

(ପ୍ରଥମ ଶାଖା)

ଗୌରଚରଣ ଗୀତାବଳୀ

(ପ୍ରଥମ ଭାଗ)

Gauracarana Adhikari

ବାବାଜୀ ଶ୍ରୀ ବୈଷ୍ଣବଚରଣ ଦାସଙ୍କଦ୍ୱାରା ସଂଗୃହୀତ

କଳିଙ୍ଗ-ଭାରତୀ ପ୍ରତିଷ୍ଠାତା

ଶ୍ରୀ ବିଚ୍ଛନ୍ଦଚରଣ ପଟ୍ଟନାୟକ ବି. ଏ. ବି. ଏଲ୍.ଙ୍କ ଦ୍ୱାରା

ସଂଶୋଧିତ ଓ ସମ୍ପାଦିତ

Brief
PKA
0046319

କଳିଙ୍ଗ-ଭାରତୀ ଦ୍ୱାରା
ସର୍ବସ୍ୱତ୍ୱ ସଂରକ୍ଷିତ

ପ୍ରକାଶକ
ଉତ୍କଳ ରାଷ୍ଟ୍ରଭାଷା ପ୍ରକାଶନ ସମିତି
ରାଷ୍ଟ୍ରଭାଷା ରୋଡ଼୍, କଟକ

ପ୍ରଥମ ସଂସ୍କରଣ

ମୁଦ୍ରାକର
ଶ୍ରୀ ଅନସୂୟା ପ୍ରସାଦ ପାଠକ
ରାଷ୍ଟ୍ରଭାଷା ସମବାୟ ପ୍ରେସ,
କଟକ

ମୂଲ୍ୟ—ଦୁଇ ଟଙ୍କା ଆଠଅଣା

ସଂଶୋଧିତ ମୂଲ୍ୟ ପଚ୍ଚିଶ ପଇସା

ମୁଖବନ୍ଧ

ଶ୍ରୀକୃଷ୍ଣାର୍ପଣମସ୍ତୁ

ସର୍ବଲୋକ ମହେଶ୍ୱର ପରମକାରୁଣିକ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଅପାର କରୁଣାରୁ ଆଜି କଳିଙ୍ଗଭାରତୀ ଅନୁଷ୍ଠାନ ପକ୍ଷରୁ ଛାମୁ ଅନନ୍ୟଭକ୍ତ ଉତ୍କଳର ଅନ୍ୟତମ ବିସ୍ମୃତ କବି ଗୌରଚରଣ ଅଧିକାରୀଙ୍କ ଗୀତାବଳୀ ଗୀତ-ଗୀତକଳ୍ପତରୁ ପରିଚୟ କଳ୍ପତରୁ ଗ୍ରନ୍ଥର ପ୍ରଥମ ଶାଖା ରୂପେ ପ୍ରକାଶ କରିବାକୁ ମୁଁ କ୍ଷମ ହୋଇଅଛି । ଏହା ଏକାଧିକ ଖଣ୍ଡରେ ସମାପ୍ତ ହେବ । କବିଙ୍କ ଅମୂଲ୍ୟ କବିତାବଳୀର ବ୍ୟାପକ ସଂଗ୍ରହ ନିମନ୍ତେ ପୂଜନୀୟ ବାବାଜୀ ଶ୍ରୀ ବୈଷ୍ଣବଚରଣ ଦାସ ମହୋଦୟଙ୍କୁ ସର୍ବାଦୌ ମୁଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରୁଅଛି । ଆଶୁ ପ୍ରକାଶ କାମନା କରି ସେ ଏହାକୁ ବହୁଦିନ ହେଲା କଳିଙ୍ଗଭାରତୀ ଅନୁଷ୍ଠାନକୁ ସମର୍ପଣ କରିଥିଲେ । ରାଷ୍ଟ୍ରଭାଷା ପ୍ରଚାର ପ୍ରେସ୍‌ର ଶ୍ରଦ୍ଧେୟ ଅଧ୍ୟକ୍ଷ ସ୍ୱତଃ ପ୍ରବୃତ୍ତ ହୋଇ ଏଥିର ପ୍ରକାଶ ଭାର ଗ୍ରହଣ କରି ଧନ୍ୟବାଦାର୍ହ ହୋଇଅଛନ୍ତି । ଉତ୍କଳର ଚାରଣୀୟ ସର୍ବଜନପ୍ରିୟ ଗୀତ ଓ

ସଙ୍ଗୀତକୁ ଏକତ୍ର କରି ବହୁଖଣ୍ଡ ବିଶିଷ୍ଟ ଗୀତକଳ୍ପତରୁ ଗ୍ରନ୍ଥ ପ୍ରକାଶ କରିବାକୁ ମୁଁ ମନସ୍ଥ କରିଅଛି । ସ୍ୱର୍ଗୀୟ ଦାମୋଦର ପଟ୍ଟନାୟକ ମହୋଦୟ ସାତଖଣ୍ଡ ବିଶିଷ୍ଟ ସଙ୍ଗୀତ ସାଗର ନାମକ ଗ୍ରନ୍ଥ ପ୍ରକାଶ କରି ଏ ଦିଗରେ ଅଗ୍ରଣୀ ହୋଇଥିଲେ । କିନ୍ତୁ ଦେଶର ଦୁର୍ଭାଗ୍ୟକୁ ସେ ଗ୍ରନ୍ଥର କେହି ପୁନର୍ମୁଦ୍ରଣ କଲେ ନାହିଁ । ତାହା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ସଂଗ୍ରହ ହିସାବରେ ତାହା ଧାରାବାହିକ ବା ପୂର୍ଣ୍ଣାଙ୍ଗ ଥିଲା ବୋଲି କୁହାଯାଇ ପାରିବ ନାହିଁ । ତାଙ୍କର ସାତଖଣ୍ଡଯାକ ପୁସ୍ତକକୁ ମିଶାଇଲେ ତାହା ଏକୋ ଗୌରଚରଣଙ୍କ ଗୀତାବଳୀ ପୁସ୍ତକର ସମାନ ହେବ କି ନାହିଁ ସନ୍ଦେହ । ତଥାପି ଦାମୋଦର ପଟ୍ଟନାୟକ ମହୋଦୟ ସେ ଯୁଗରେ କଳିଙ୍ଗର ସଙ୍ଗୀତ ସମ୍ପଦକୁ ବିସ୍ମୃତି କବଳରୁ ରକ୍ଷା କରିବା ନିମନ୍ତେ ଯେଉଁ ପ୍ରାରମ୍ଭିକ ଉଦ୍ୟମ କରିଥିଲେ ସେଥି ନିମନ୍ତେ ଅକୁଣ୍ଠିତ ଚିତ୍ତରେ ତାଙ୍କୁ ସାଧୁବାଦ ପ୍ରଦାନ କରିବା ଆମ୍ଭ ଏ ଯୁଗ ଲୋକଙ୍କର କର୍ତ୍ତବ୍ୟ ।

କଳିଙ୍ଗର ସର୍ବଜନପ୍ରିୟ ଗୀତ ଓ ସଙ୍ଗୀତମାନଙ୍କ ଦୁର୍ଦ୍ଦଶା ଅବର୍ଣ୍ଣନୀୟ । ଅଶିକ୍ଷିତ ବ୍ୟବସାୟୀ ପ୍ରକାଶକମାନଙ୍କ ହାତରେ

ପଡ଼ି ସେ ସବୁ

ଗୀତ ବିଭିନ୍ନ ଦ୍ରୁତ ବିଦ୍ୱାନମାନଙ୍କ ଅନେକ ସ୍ଥଳରେ

ଅବହେଳା ବିକଳାଙ୍ଗ ଓ

କିଂଭୂତ କିମା-

କାର ହୋଇ ସାରିଲଣି । ଏ ଯୁଗର ବିଦ୍ୱାନମାନେ ଓଡ଼ିଆଜାତିର ଏ ଅମୂଲ୍ୟ ସମ୍ପଦ ପ୍ରତି ଏକାବେଳକେ ଉଦାସୀନ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରାଚୀ ସମିତିର ସମ୍ପାଦକ ଥିବା ସମୟରେ ଚଉତିଶା ଗୀତମାନଙ୍କର ବ୍ୟାପକ ସଂଗ୍ରହ କରି ମୁଁ ପଞ୍ଚ ଭାଗ

ବଶିଷ୍ଟ ନଭଭୂଷଣ ମଧୁଚକ୍ର ଗ୍ରନ୍ଥ ସମ୍ପାଦନ ଓ ପ୍ରକାଶ କରିଥିଲେ । ତା ପରେ ଏ ଦିଗରେ ଅନୁରୂପ ଉଦ୍ୟମ ହୋଇନାହିଁ । ସେହି ସବୁ ସଙ୍ଗୀତ ହେନ ଜାତି ଗର୍ବ କରିବାର କଥା ସେ ସବୁ ତାଳପତ୍ର ପୋଥିମାନଙ୍କରେ ଅବହେଳିତ ଅବସ୍ଥାରେ ପଡ଼ିଅଛି; ଅଥବା 'ସଙ୍ଗୀତ ପାତଲି କଦଳୀ', 'ସଙ୍ଗୀତ ଚେନାଗୁଡ଼' ପ୍ରଭୃତି ବାଜେ ବହିରେ ସ୍ଥାନ ପାଇ ତୁଚ୍ଛ ପଣ୍ୟରେ ପରିଣତ ହୋଇ ଅଛି । କଳିଙ୍ଗ ସ୍ମରଣ ଅନୁଷ୍ଠାନ ଏ ସବୁ ଅବହେଳିତ, ଲୁପ୍ତ ବା ଲୋପୋନ୍ମୁଖ ରତ୍ନରାଜିଙ୍କ ଆବିଷ୍କାର, ଉଦ୍ଧାର ଓ ମାର୍ଜ୍ଜନ କରି ଗୀତକଳ୍ପତରୁ ରୂପେ ଜାତି ହସ୍ତରେ ଅର୍ପଣ କରିବ ବୋଲି ବ୍ରତ ଗ୍ରହଣ କରିଅଛି । ଅସ୍ମାରମ୍ଭ ଶୁଭପ୍ରଦ ହେଉ । କାବ୍ୟ ସାହିତ୍ୟର ମଧ୍ୟ ଅନୁରୂପ ଦଶା । ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି ମହୋଦୟ ପ୍ରାଚୀ ଉଦ୍ୟମ କରି ନ ଥିଲେ କଳିଙ୍ଗର ଖଣ୍ଡିଏ ହେଲେ କାବ୍ୟର ଶୁଦ୍ଧ ସଂସ୍କରଣ ଦେଖିବାକୁ ମିଳୁ ନ ଥାନ୍ତା ।

କବି ଗୌରଚରଣ ଅଧିକାରୀ ୧୮୧୪ ଖ୍ରୀଷ୍ଟାବ୍ଦ (୧୨୨୧ ସାଲ) ଭାଦ୍ରମାସ ରାଧାଷ୍ଟମୀ ଦିନ ପୁରୀଜିଲ୍ଲା ଖୋରଧା ସବ୍ ଡିଭିଜନର ଲେହେଙ୍ଗ ନାମକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ମୁକୁନ୍ଦ ମିଶ୍ର ।

କବିଙ୍କ ପରିଚୟ

ମୁକୁନ୍ଦ ମିଶ୍ରଙ୍କ ଅବସ୍ଥା ଆଦୌ ସ୍ୱଚ୍ଛଳ ନ ଥିଲା । ତେଣୁ ପାଠଶାଳାଟିଏ କରି ଗୌରଚରଣଙ୍କୁ ପରିବାରର ଭରଣପୋଷଣ କରିବାକୁ ପଡ଼ୁଥିଲା । ତାଙ୍କ ଦୀକ୍ଷାଗୁରୁ ସଦାନନ୍ଦ ବ୍ରହ୍ମଚାରୀ ତାଙ୍କୁ ରଣପୁର ନିକଟବର୍ତ୍ତୀ ପୁରୁଣାବସ୍ତି ଗ୍ରାମରେ ଅବସ୍ଥିତ ନିଜ ମଠରେ ଅଧିକାରୀ ପଦ ପ୍ରଦାନ କରିଥିଲେ ଓ ତଦ୍ଦ୍ୱାରା ତାଙ୍କ ସାଂସାରିକ ଅବସ୍ଥାର ଉନ୍ନତି ଘଟିଥିଲା । ଗୌରଚରଣଙ୍କର ଖୁବ୍ କମ୍ ବୟସରୁ କବିଶକ୍ତିର

ଫୁରଣ ହୋଇଥିଲା । ସେ ମହାପ୍ରଭୁ କୃଷ୍ଣଚନ୍ଦ୍ର ଓ ଚୈତନ୍ୟଚନ୍ଦ୍ରଙ୍କ ସମ୍ବନ୍ଧୀୟ ନାନା ଗୀତ ରଚନା କରି ପାଠଶାଳାର ଛାତ୍ରମାନଙ୍କୁ ଶିଖାଉଥିଲେ । ପ୍ରୌଢ଼ାବସ୍ଥା ମଠର ଅଧିକାରୀ ହେବାପରେ ସେ କୃଷ୍ଣଲୀଳା ଗ୍ରନ୍ଥ ରଚନା କରି କୃଷ୍ଣଲୀଳା ଯାତ୍ରା ଅନୁଷ୍ଠାନ କରିଥିଲେ । ସେ ଓଡ଼ିଆ ବଙ୍ଗଳା ମିଶା ସଂକୀର୍ତ୍ତନ ପଦାବଳୀ ରଚନା କରି କୀର୍ତ୍ତନିଆମାନଙ୍କୁ ଦେଉଥିଲେ ଏବଂ ତଦ୍ଦ୍ୱାରା ତାଙ୍କର ଖ୍ୟାତି କ୍ରମଶଃ ଚାରିଆଡ଼େ ବ୍ୟାପ୍ତ ହୋଇଥିଲା । ଏହାଛଡ଼ା ତାଙ୍କ ରଚିତ ସଙ୍ଗୀତ, ଜଣାଣ, ଭଜନ, ବୋଲି ଓ ଚଉତିଶା ପ୍ରଭୃତି ଗୀତ ଘରେ ଘରେ ଗୀତ ହେବାରେ ଲାଗିଲା । କବି ଛଡ଼ା ଜଣେ ଉଚ୍ଚକୋଟୀର ଭକ୍ତ ଓ ସାଧକରୂପେ ସେ ପୂଜିତ ହେଉଥିଲେ । ବିଭିନ୍ନ ଅଞ୍ଚଳର ବହୁସଂଖ୍ୟକ ଲୋକ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ତାଙ୍କୁ ଗୁରୁ କରିଥିଲେ । ସେ ୧୮୯୦ ଖ୍ରୀଷ୍ଟାବ୍ଦ (୧୨୯୭ ସାଲ) ମାର୍ଗଶୀର ମାସ କୃଷ୍ଣ ଏକାଦଶୀ ଦିନ ସୂର୍ଯ୍ୟୋଦୟ ସମୟରେ କୃଷ୍ଣ ନାମ ଉଚ୍ଚାରଣ କରୁ କରୁ ବ୍ରଜଧାମ ପ୍ରାପ୍ତ ହୋଇଥିଲେ । ସେ ଗୃହୀ ବୈଷ୍ଣବ ଥିଲେ । ତାଙ୍କ ପ୍ରତିଷ୍ଠିତ ଗୌର ନିତାଇ ବିଗ୍ରହ ଏବେ ସୁଦ୍ଧା ଲେହେଙ୍ଗରେ ତାଙ୍କ ବଂଶଧରମାନଙ୍କଦ୍ୱାରା ପୂଜିତ ହେଉଅଛନ୍ତି । କବିସୂର୍ଯ୍ୟ ବଳଦେବ ରଥ ୧୮୪୫ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓ କବି କଳହଂସ ଗୋପାଳକୃଷ୍ଣ ୧୮୬୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଜୀବିତ ଥିଲେ । ଗୌରଚରଣ ଏ ଦୁହିଁଙ୍କ ସମସାମୟିକ । ଏ ଦୁହିଁଙ୍କ ପ୍ରଭାବ ତାଙ୍କ ଉପରେ କଥଞ୍ଚିତ ପଡ଼ିଥିଲେ ସୁଦ୍ଧା ରଚନା ଶୈଳୀର ସାରଲ୍ୟ ଓ ତାଙ୍କ ମୌଳିକତା ଯୋଗୁ କଳିଙ୍ଗ ସାହିତ୍ୟ କ୍ଷେତ୍ରରେ ତାଙ୍କ ସ୍ଥାନ ସ୍ୱତନ୍ତ୍ର ଓ ସୁପ୍ରତିଷ୍ଠିତ । ସେ ଓଡ଼ିଆମିଶା ବଙ୍ଗଳା ଓ ବ୍ରଜବୋଲି ଭାଷାରେ ଅନେକ ଗୀତ ଲେଖି ଅଛନ୍ତି । ତାଙ୍କ ରଚିତ "କୃଷ୍ଣଲୀଳା" ଗ୍ରନ୍ଥ

କଟକର ଏକାଧିକ ପ୍ରେସ ଗ୍ରୁପି ଅଛନ୍ତି । "ଗୌରହରି ଭଜନ ଶତକ" ବୋଲି ତାଙ୍କର ଖଣ୍ଡିଏ ଗୀତ ସଂଗ୍ରହ ତାଙ୍କ ପୁଅ ବହୁ ବର୍ଷତଳେ ପ୍ରକାଶ କରିଥିଲେ । ତାହା ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ତାଙ୍କ ରଚିତ ଓଡ଼ିଆମିଶା ବଙ୍ଗଳାରେ ଲିଖିତ "ଅଦ୍ୱୈତ ମଙ୍ଗଳ" ପୁସ୍ତିକା କିଣିବାକୁ ମିଳୁ ଅଛି । "ଆଠରସ", "ପଞ୍ଚସ୍ପୃହ" "ପଶାଖେଳ", "ଚମତ୍କାର ଚନ୍ଦ୍ରିକା" ଓ "ଶରଦ୍ରାସ" ପ୍ରଭୃତି ତାଙ୍କ ରଚିତ ଅନ୍ୟାନ୍ୟ ପୁସ୍ତକ ଏ ପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ଏ ସଂଗ୍ରହରେ ତାଙ୍କ କୃଷ୍ଣଲୀଳାର କେତେକ ଗୀତ ମଧ୍ୟ ସ୍ଥାନ ପାଇଅଛି । ସେ ଶୁଦ୍ଧା ଭକ୍ତିମାର୍ଗର ସାଧକ ଥିଲେ ।

ଗୌରଚରଣ, ଗୋପାଳକୃଷ୍ଣ ଓ କବିସୂର୍ଯ୍ୟ

ଗୌରଚରଣ କଳିଙ୍ଗର ପରମ ଭାଗବତ କବିମାନଙ୍କ ମଧ୍ୟରେ ଅନ୍ୟତମ । ସରଳ, ତରଳ ଓ ସର୍ବଜନବୋଧ ଭାଷାରେ ଲିଖିତ ତାଙ୍କ ଜଣାଣ ଓ ଭଜନମାନ ସର୍ବତ୍ର ସମାଦୃତ ଓ ଗୀତ ହୋଇଥାଏ । କିନ୍ତୁ ତାଙ୍କ ବିଷୟରେ ସବୁ ତଥ୍ୟ ପ୍ରାୟ ଅଜ୍ଞାତ । କବିସୂର୍ଯ୍ୟ ଗ୍ରନ୍ଥାବଳୀ ଓ ଗୋପାଳକୃଷ୍ଣ ପଦ୍ୟାବଳୀ ପ୍ରକାଶିତ ହୋଇ ନ ଥିଲେ କବିସୂର୍ଯ୍ୟ ଓ କବି କଳହଂସଙ୍କର ମଧ୍ୟ ଅନୁରୂପ ଦଶା ହୋଇଥାନ୍ତା । ଏବେ ମଧ୍ୟ ଏମାନଙ୍କ ସମକକ୍ଷ ରାମକୃଷ୍ଣ ପଟ୍ଟନାୟକ, ଗୌରହରି ପରିଚ୍ଛା ପ୍ରଭୃତିଙ୍କ ପରି ଅନ୍ତତଃ ଶତ ସଂଖ୍ୟକ ସଙ୍ଗୀତ କବି ବିସ୍ମୃତି ଗର୍ଭରେ ସଡ଼ୁ ଅଛନ୍ତି । ଆଜି କଳିଙ୍ଗର ପ୍ରସିଦ୍ଧ ବିସ୍ମୃତ ଭକ୍ତ କବି ଗୌରଚରଣ ଅଧିକାରୀଙ୍କ ପ୍ରତିଭାର ସମ୍ୟକ୍ ପରିଚୟ ଦେବାର ସୁଯୋଗ ଲାଭ କରି ମୁଁ ନିଜକୁ ସୌଭାଗ୍ୟବାନ ମନେ କରୁଅଛି । ଗୌରଚରଣ,

କବିସୂର୍ଯ୍ୟ ଓ ଗୋପାଳକୃଷ୍ଣ ବ୍ରିଟିଶ ରାଜତ୍ୱରେ ଜୀବିତ ଥିଲେ । ଗୌରଚରଣ ଯାଇ ଅଛନ୍ତି ସବା ପଛରେ ଅର୍ଥାତ୍ ୧୮୯୦ ଖ୍ରୀଷ୍ଟାବ୍ଦରେ; କିନ୍ତୁ ଜଡ଼ବାଦମୟ ବ୍ରିଟିଶ ସଭ୍ୟତାର ଉତ୍କର୍ଷଯୋଗ ପ୍ରଭାବ ଏମାନଙ୍କ ଉପରେ ପଡ଼ିନାହିଁ । କଳିଙ୍ଗର ଆଧ୍ୟାତ୍ମ୍ୟ କୃଷ୍ଟିର ଏ ତିନିହେଁ ପ୍ରକୃଷ୍ଟ ପ୍ରତିନିଧି । ବ୍ରିଟିଶମାନଙ୍କ ପ୍ରତିଷ୍ଠିତ ବିଶ୍ୱ-ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ରାଧାନାଥ ରାୟ ଓ ତାଙ୍କ ଅନୁଗାମୀ କବିମାନେ କଳିଙ୍ଗ ସାହିତ୍ୟର ଆଭିମୁଖ୍ୟ ବଦଳାଇ ଦେଇ ଦେଶରେ ନୂଆ ହୋଇ ସର୍ଜନା ହୋଇଥିବା ଜଡ଼ବାଦମୟ ଆବେଷ୍ଟନୀର ଅନୁକୂଳ କାବ୍ୟ କବିତା ଲେଖି ଯାଇଅଛନ୍ତି । ଏ ଆବେଷ୍ଟନୀ ତିଷ୍ଠି ରହିଥିବା ପର୍ଯ୍ୟନ୍ତ ରାଧାନାଥ ଯୁଗର ଟେକ ରହିବା ଅନିବାର୍ଯ୍ୟ । ଦେଶର ବିରାଟ ଜନତାର ସଂଖ୍ୟା ବିଚାରରେ ନଗଣ୍ୟ ଅଥଚ ପ୍ରଭାବ ବିଚାରରେ ଅଗ୍ରଗଣ୍ୟ ଅଂଶ ପାଶ୍ଚାତ୍ୟ ଖଣ୍ଡରୁ ଆଗତ ଜଡ଼ବାଦ ମୁହଁରେ ନିଜକୁ ସଁପି ଦେଇଥିବାପରି ଜଣାପଡ଼ୁ ଅଛି । ତେଣୁ ଅଧିକାଂଶ ବିଦ୍ୱାନଙ୍କର ଦେଶର ଆଧ୍ୟାତ୍ମ୍ୟ ପରମ୍ପରା ସମ୍ମତ ସାହିତ୍ୟ ପ୍ରତି ମାରାତ୍ମକ ଅବହେଳା । ନଚେତ୍ ଗୌରଚରଣ ଆଦିଙ୍କ ତୁଲ୍ୟ ମହା ପ୍ରତିଭାଶାଳୀ କବିମାନଙ୍କର ଶିକ୍ଷିତଙ୍କ ନୟନଗୋଚର ହେବାକୁ ଏତେ କାଳ ଲାଗୁ ନ ଥାନ୍ତା ବା ଏଥିପାଇଁ କାହାକୁ ଏତେ ଆୟାସ ସ୍ୱୀକାର କରିବାକୁ ପଡ଼ୁ ନ ଥାନ୍ତା । ବ୍ରିଟିଶମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଶିକ୍ଷା ପଦ୍ଧତି ଏ ଦେଶର ସ୍ୱାଭାବିକ ପରିବେଶକୁ ବଦଳାଇ ଦେବାକୁ ଚେଷ୍ଟା କରିଅଛି । ଏହାକୁ ଦେଶର ଦୁର୍ଭାଗ୍ୟ ବୋଲି ଜ୍ଞାନ କରିବାକୁ ହେବ । ବ୍ରିଟିଶ ପ୍ରଭାବରୁ ମୁକ୍ତ ଏ ତିନି କବି ଦେଶ ପାଇଁ ଚିରକାଳକୁ ବିପୁଳ ଆଧ୍ୟାତ୍ମ୍ୟ ସମ୍ଭାର ସମ୍ପାଦି ଯାଇଅଛନ୍ତି । ଏକା ଗୌରଚରଣ ନୁହନ୍ତି, କବିସୂର୍ଯ୍ୟ ଓ କବିକଳହଂସ ମଧ୍ୟ

ଶୁଦ୍ଧା ଭକ୍ତିମାର୍ଗର ପଥିକ । କୃଷ୍ଣଭକ୍ତ ତିନଙ୍କ ହୃଦୟରେ ଉଦ୍‌ବେଳ ।

ଗୀତାପ୍ରୋକ୍ତ କାଳର କଳନା ଓ ଅବତାର ତତ୍ତ୍ୱ ଏ ଦେଶ ଲୋକଙ୍କ ଆଧ୍ୟାତ୍ମ୍ୟ ଜ୍ଞାନର ସର୍ବଶ୍ରେଷ୍ଠ ସାମଗ୍ରୀ ଥିଲା । ଆଜ ବ୍ରିଟିଶ ପ୍ରଭାବରେ ଶିକ୍ଷାଭିମାନୀମାନେ ତତ୍ପ୍ରତି ଆଦୌ ମନନଶୀଳ ନୋହୁଥିବାରୁ ସର୍ବଲୋକ ମହେଶ୍ୱର ଶ୍ରୀରାମ ବା ଶ୍ରୀକୃଷ୍ଣ ଲୀଳାକୁ ଉପଜୀବ୍ୟ କରି ଲିଖିତ ହୋଇଥିବା ସାହିତ୍ୟର ଯଥାର୍ଥ ଉପଯୋଗିତା ବା ଗୂଢ଼ ମର୍ମ ସେମାନେ ଆଦୌ ବୁଝୁନାହାନ୍ତି ଓ ତାକୁ ଜାତିର ଆଧୁନିକ ପ୍ରୟୋଜନ ପ୍ରତି ଅନୁପଯୋଗୀ ଓ ଅସାର ରଚନା ବୋଲି କହି ଅବହେଳା ଓ ଅବଜ୍ଞା କରୁଅଛନ୍ତି । ଇନ୍ଦ୍ରିୟ ତର୍ପଣ ପାଇଁ ତାବଣ୍ଟି ସମ୍ଭାରର ଅବାଧ ସଂଗ୍ରହକୁ ଜାତିର ଏକମାତ୍ର ପ୍ରୟୋଜନ ବୋଲି ସେମାନେ ଜ୍ଞାନ କରୁଅଛନ୍ତି ଓ ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଦତ୍ତ ଶିକ୍ଷା ସେମାନଙ୍କୁ କେବଳ ସେଥି-ପାଇଁ ଯୋଗ୍ୟ କରି ତିଆର କରୁଅଛି । ବ୍ରିଟିଶ ପ୍ରଭାବ ବିବର୍ଜିତ କଳିଙ୍ଗର ଜାତୀୟ ସାହିତ୍ୟକୁ ତାର ଗୌରବମୟ ତୁଙ୍ଗ ଆସନରେ ପୁନଃ ପ୍ରତିଷ୍ଠିତ କରିବାକୁ ହେଲେ ତହିଁର ମର୍ମୋଦ୍‌ଘାଟନ ସର୍ବାଦୌ ଆବଶ୍ୟକ ।

ଗୀତାର ଅଷ୍ଟମ ଅଧ୍ୟାୟରେ ଉକ୍ତ ହୋଇଅଛି—

ସହସ୍ରଯୁଗପର୍ଯ୍ୟନ୍ତମହର୍ଯଦ୍ ବ୍ରାହ୍ମଣୋ ବିଦୁଃ
ରାତ୍ରିଂ ଯୁଗସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ।

ଅର୍ଥାତ୍ ବ୍ରହ୍ମାଙ୍କର ଏକଦିନ ଏକହଜାର ଚତୁର୍ଯୁଗୀ ପରିମିତ ଏବଂ ବ୍ରହ୍ମାଙ୍କର ଏକରାତ୍ରି ମଧ୍ୟ ଏକହଜାର ଚତୁର୍ଯୁଗୀ ପରିମିତ । ଏ ତଥ୍ୟକୁ ଯେ ତତ୍ତ୍ୱତଃ ଜାଣନ୍ତି ସେ ଯୋଗୀପୁରୁଷ କାଳକୁ ତତ୍ତ୍ୱତଃ ଜାଣନ୍ତି ।

ସତ୍ୟ, ତ୍ରେତା, ଦ୍ୱାପର ଓ କଳି ଏ ଚାରିଯୁଗକୁ ଏକତ୍ରେ ଚତୁର୍ଯୁଗୀ କୁହାଯାଏ । ଗୋଟିଏ ଚତୁର୍ଯୁଗୀର ପରିମାଣ ୪୩୨୦,୦୦୦ ବର୍ଷ । (କଳିଯୁଗର ପରିମାଣ ୪୩୨୦୦୦ ବର୍ଷ, ଦ୍ୱାପରଯୁଗର ପରିମାଣ ୮୬୪୦୦୦ ବର୍ଷ, ତ୍ରେତାଯୁଗର ପରିମାଣ ୧୨୯୬୦୦୦ ବର୍ଷ ଓ ସତ୍ୟଯୁଗର ପରିମାଣ ୧୭୨୮୦୦୦ ବର୍ଷ) । ତେଣୁ ବ୍ରହ୍ମାଙ୍କ ଦିନକ ୪୩୨୦୦୦୦×୧୦୦୦=୪୩୨୦୦୦୦୦୦୦ ବର୍ଷ ଓ ବ୍ରହ୍ମାଙ୍କ ରାତିକ ୪୩୨୦୦୦୦×୧୦୦୦=୪୩୨୦୦୦୦୦୦୦ ବର୍ଷ । ବ୍ରହ୍ମାଙ୍କ ଅହୋରାତ୍ର ୮୬୪୦୦୦୦୦୦୦ ବର୍ଷ । ବ୍ରହ୍ମାଙ୍କ ବର୍ଷକ ୮୬୪୦୦୦୦୦୦୦×୩୬୦=୩୧୧୦୪୦୦୦୦୦୦୦୦ ବର୍ଷ । ବ୍ରହ୍ମାଙ୍କ ପରମାୟୁ ୧୦୦(ଦେବ)ବର୍ଷ=୩୧୧୦୪୦୦୦୦୦୦୦୦୦୦ ବର୍ଷ । ସୂର୍ଯ୍ୟ ସିଦ୍ଧାନ୍ତ ଓ ମନୁସ୍ମୃତିର ଗଣନାନୁସାରେ ବର୍ତ୍ତମାନ ବ୍ରହ୍ମାଙ୍କ ପରମାୟୁର ୫୧ ବର୍ଷର ପ୍ରଥମ ଦିନ । ତେଣୁ ସତ୍ୟ,ତ୍ରେତା, ଦ୍ୱାପର ଓ କଳି ବା ଚତୁର୍ଯୁଗୀ ଏ ପର୍ଯ୍ୟନ୍ତ କେତେ କେତେବାର ଗତ ହେଲଣି ଓ କେତେ କେତେବାର ହେବାକୁ ଅଛି ହିସାବ କରି ଦେଖିବାର କଥା । ସାଧୁମାନଙ୍କୁ ପରିତ୍ରାଣ କରିବାକୁ ଦୁଷ୍କୃତମାନଙ୍କୁ ବିନାଶ କରିବାକୁ ଓ ଧର୍ମକୁ ସଂସ୍ଥାପନ କରିବାକୁ ସର୍ବଲୋକ ମହେଶ୍ୱର ମହାପ୍ରଭୁ ତ୍ରେତାରେ ଶ୍ରୀରାମ ଓ ଦ୍ୱାପରରେ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହୁଅନ୍ତି ଓ କଳିରେ କଳିପାବନ ଅବତାର ଶ୍ରୀ ଚୈତନ୍ୟରୂପେ ଆବିର୍ଭାବ ହୁଅନ୍ତି ; ଏହା ନିରବଚ୍ଛିନ୍ନ ନିତ୍ୟ ସନାତନ ପରମ୍ପରାରୂପେ ଚାଲି ଆସିଅଛି ଓ ଚାଲିଥିବ । ଏ ତଥ୍ୟ ଓଡ଼ିଆ ଜାତିକୁ ଜଣାଥିଲା ଏବଂ ଜଗନ୍ନିୟନ୍ତାଙ୍କ ଭଜନ ସ୍ମରଣ ପାଦସେବନ ଆଦିକୁ ମୁକ୍ତିର ଏକମାତ୍ର ସୋପାନ ବୋଲି ଓଡ଼ିଆ ଜାତି ବୁଝିଥିଲା । ବ୍ରିଟିଶ ପ୍ରଭାବ ବିବର୍ଜିତ ଓଡ଼ିଆ ଜାତିର ସାହିତ୍ୟର କଳାକାରମାନେ ଏଥିଯୋଗୁଁ ଶ୍ରୀରାମ, ଶ୍ରୀକୃଷ୍ଣ

ଓ ଶ୍ରୀଚୈତନ୍ୟଙ୍କ ଲୀଳାକୁ ସେମାନଙ୍କ ପ୍ରତିଭାର ସର୍ବୋତ୍କୃଷ୍ଟ ବନକ ଦେଇ ଚିତ୍ର କରୁଥିଲେ। ଏ ହିସାବରେ ବଙ୍କିମ ଓ ବ୍ୟାସଙ୍କ ପଛକୁ ସେମାନେ ଜାତିର ଗୁରୁ ଏବଂ ସର୍ବକାଳକୁ ନମସ୍ୟ ଓ ପୂଜ୍ୟ।

ଦେଶରେ ବ୍ରିଟିଶ ଶାସନ ସ୍ଥାପିତ ହୋଇ ଜଡ଼ବାଦର କ୍ରମିକ ପ୍ରସାର ହେଉଥିଲାବେଳେ ଗୌରଚରଣ, ଗୋପାଳକୃଷ୍ଣ ଓ ବଳଦେବ ଜୀବିତ ଥିଲେ; କିନ୍ତୁ ଦେଶର ସାହିତ୍ୟର ଅଙ୍ଗୀଭୂତ କରିବାକୁ ଜଡ଼ବାଦୀ ବ୍ରିଟିଶ ଜାତିଠାରୁ ଯେ କିଛି ଶିଖିବାର ଅଛି ତାହା ସେମାନେ ସ୍ୱୀକାର କରି ନ ଥିଲେ। ତେଣୁ ସେମାନଙ୍କର କବିତା ଆଧ୍ୟାତ୍ମିକ ପରମ୍ପରା ସମ୍ମତ ଜାତୀୟ ସରଣୀରେହିଁ ଗତି କରିଅଛି। ସେମାନଙ୍କର ବିଶ୍ୱବିଦ୍ୟାଳୟ ଶିକ୍ଷା ଥିଲା ନାହିଁ ସତ୍ୟ; କିନ୍ତୁ ଇଚ୍ଛା ଥିଲେ ଫକୀରମୋହନ ସେନାପତିଙ୍କ ପରି ସେମାନେ ଇଂରେଜୀ ସାହିତ୍ୟର ଆସ୍ୱାଦ ଲାଭକରି ପାରିଥାନ୍ତେ। କବିମାନେ ଜାତିର ଗୁରୁ। ଇଂରେଜ କବି ଶେଲି ମଧ୍ୟ କହିଅଛନ୍ତି, କବିମାନେ ପରୋକ୍ଷରେ ଜଗତର ବ୍ୟବସ୍ଥାପକ "Unacknowledged Legislators"; ତେଣୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଦେଶର ଗୁରୁମାନଙ୍କ ମନୋଭାବ ଜଡ଼ବାଦ ଆଡ଼କୁ ଯାହା ହେବାର କଥା ଏମାନଙ୍କ କ୍ଷେତ୍ରରେ ତାହାହିଁ ହୋଇଅଛି। ବୋଧହୁଏ ଗୌର-ଚରଣ ଅଧିକାଂଶହିଁ ରାଧାନାଥ ପୂର୍ବଯୁଗର ଶେଷ ଶ୍ରେଷ୍ଠ ପ୍ରତିନିଧି।

ତିନି କବିଙ୍କ ମଧ୍ୟରେ କବିସୂର୍ଯ୍ୟ ବଳଦେବ ରଥଙ୍କ ସଂସ୍କୃତ ଜ୍ଞାନ ସମଧିକ। କିଶୋରଚନ୍ଦ୍ରାନନ୍ଦ ଚମ୍ପୂରୁ ଜଣାପଡ଼େ ସେ ଯଦି ସଂସ୍କୃତରେ କବିତା ଲେଖିଥାନ୍ତେ, ତାହାହେଲେ ସଂସ୍କୃତ ସାହିତ୍ୟରେ ମଧ୍ୟ ସେ ଅତି ବଶିଷ୍ଟ ସ୍ଥାନ ଅଧିକାର କରିଥାନ୍ତେ।

ଅନୁପ୍ରାସ ସମ୍ବଳିତ ପଦ ଯୋଜନାରେ ସେ ଅଦ୍ୱିତୀୟ । ଏବିର ସ୍ୱଳ୍ପ ଶିକ୍ଷିତ ଲୋକଙ୍କୁ ତାଙ୍କର ଅଧିକାଂଶ ଗୀତ ଦୁର୍ବୋଧ ହେଲେ ସୁଦ୍ଧା ସଙ୍ଗୀତର ମଧୁମୟ ମୂର୍ଚ୍ଛନାରେ ତାହା ଆପାମର ସାଧାରଣଙ୍କର ପରମପ୍ରିୟ ସାମଗ୍ରୀ । ତାଙ୍କ ସମୟରେ ଦେଶର ସାଧାରଣ ଲୋକେ ସୁଦ୍ଧା ଅମରକୋଷ ଅଭିଧାନ ମୁଖସ୍ଥ କରି କାବ୍ୟ କବିତାର ଅର୍ଥ ବୁଝୁଥିଲେ । ତେଣୁ ଲୋକଙ୍କ ଦୁର୍ବୋଧ କରି କବିସୂର୍ଯ୍ୟଙ୍କ ଭଳି ଜାଣିଶୁ କବି କବିତା ରଚନା କରୁଥିଲେ— ଏହା କହିବା ଅଜ୍ଞତା ମାତ୍ର । ସେ ଯୁଗରେ କବିତ୍ୱର ଯଥେଷ୍ଟ ପୂଜା ଓ ପ୍ରସାର ଥିଲା । ଏବର ଏ ପଲ୍ଲବଗ୍ରାହୀ ଯୁଗରେ ଲୋକେ ସରଳତାର ଦୋହାଇ ଦେଇ ଜ୍ଞାନର ହୀନତାକୁ ଉଚ୍ଚାସନ ଦେବାରେ ଅଭ୍ୟସ୍ତ ।

କବିସୂର୍ଯ୍ୟଙ୍କ ଅଗାଧ ପାଣ୍ଡିତ୍ୟ ଗୋପାଳକୃଷ୍ଣଙ୍କଠାରେ ନ ଥିଲା । ତାଙ୍କ ପ୍ରତିଭା ପ୍ରତି ଅକୁଣ୍ଠିତ ସମ୍ମାନ ଦେଖାଇବା ସଙ୍ଗେ ସଙ୍ଗେ ସ୍ୱୀକାର କରିବାକୁ ହେବ ଯେ କବିତାକୁ ଅଳଙ୍କାର ବିଭବରେ ମଣ୍ଡନ କରିବାର ଶକ୍ତିରେ ସେ କବିସୂର୍ଯ୍ୟଙ୍କଠାରୁ ଯଥେଷ୍ଟ ନ୍ୟୂନ; କିନ୍ତୁ ଭଗବତ୍ତନ୍ମୟତାର ସରଳ ଓ କମନୀୟ ଅଭିବ୍ୟକ୍ତିରୂପେ ତାଙ୍କ ପଦ୍ୟାବଳୀର ସାର୍ବଜନୀନ ସମାଦର । ଅଭିମନ୍ୟୁ ସାମନ୍ତସିଂହାରଙ୍କ ପରି ଗୋପାଳକୃଷ୍ଣ ଜଣେ ଭାବଭୋଳା ପୁରୁଷ । ପ୍ରେମିକ ହୃଦୟ ଭାବକୁ ତନ୍ନତନ୍ନ କରି ବିଶ୍ଳେଷଣ କରି ନିପୁଣ ଭାବରେ ଚିତ୍ରିବାରେ ସେ ସିଦ୍ଧହସ୍ତ । ସଙ୍ଗୀତମୟତା ଯୋଗୁଁ କବିସୂର୍ଯ୍ୟଙ୍କ କବିତା ମନୋହର ହୋଇଥିବା ସ୍ଥଳେ ଭାବମୟତା ଯୋଗୁଁ ଗୋପାଳକୃଷ୍ଣଙ୍କ କବିତା ହୃଦୟସ୍ପର୍ଶୀ ।

ଗୌରଚରଣ ଗୋପାଳକୃଷ୍ଣଙ୍କ ସମକକ୍ଷ କବି । ସେ ମଧ୍ୟ ଗୋପାଳକୃଷ୍ଣଙ୍କ ଭଳି ଭାବଭୋଳା । ଶ୍ରୀକୃଷ୍ଣ ଶ୍ରୀଗୌରାଙ୍ଗଙ୍କ ପ୍ରତି

ବା ଅନନ୍ୟ ଭକ୍ତ ତାଙ୍କ କବିତାମାନଙ୍କର ପ୍ରତି ପଂକ୍ତିରୁ ଉଚ୍ଛୁଳି ପଡ଼ୁଥିଲା ପରି ବୋଧହୁଏ । ପ୍ରେମିକ ହୃଦୟର ଭାବର ତନ୍ନତନ୍ନ ବିଶ୍ଳେଷଣ ଓ ବ୍ୟଞ୍ଜନାରେ ଭାବ ପ୍ରକାଶ ଯାହାକି ଗୋପାଳକୃଷ୍ଣଙ୍କ କବିତାରେ ଅତ୍ୟନ୍ତ ପୁଷ୍କଳଭାବରେ ପ୍ରକଟିତ, ତାହା ଗୌରଚରଣଙ୍କର ନାହିଁ । ଅଥଚ ପଲ୍ଲୀର ସାଧାରଣଙ୍କ ସରଳତରଳ ଭାଷାରେ ଗୌରଚରଣ ଯେଉଁ ମୂର୍ଚ୍ଛନା ସୃଷ୍ଟି କରିଅଛନ୍ତି, ତାହା କବିସୂର୍ଯ୍ୟ ଓ ଗୋପାଳକୃଷ୍ଣ ଉଭୟଙ୍କଠାରେ ଦୁର୍ଲଭ । ଗୌରଚରଣଙ୍କର ସମ୍ୟକ ସଂସ୍କୃତ ଜ୍ଞାନ ଥିଲେ ସୁଦ୍ଧା ପ୍ରାକୃତ ପଦ ଯୋଜନା କରିବାରେ ସେ ସମଧିକ ଭାବରେ ଆଗ୍ରହୀ । ଏପରିକି ପଲ୍ଲୀସୁଲଭ ଭାଷାରେ ଅନୁପ୍ରାସ ସୃଷ୍ଟି କରି ତହିଁରେ କବିତା ମଣ୍ଡନ କରିବାରେ ସେ ସୁଦକ୍ଷ । କବିସୂର୍ଯ୍ୟଙ୍କ କବିତାବଳୀ ତତ୍ସମ ଶବ୍ଦରେ ପରିପୂର୍ଣ୍ଣ । ଗୋପାଳକୃଷ୍ଣ କବିତାରେ ତତ୍ସମ ଶବ୍ଦର ପ୍ରୟୋଗ ଅପେକ୍ଷାକୃତ କମ । କିନ୍ତୁ ଗୌରଚରଣଙ୍କ କବିତା-ବଳୀରେ ତଦ୍ଭବ ଓ ଦେଶଜ ଶବ୍ଦର ଅନୁପାତ ଯଥେଷ୍ଟ ବେଶି । ମହାପଣ୍ଡିତ ଥିବାରୁ କବିସୂର୍ଯ୍ୟଙ୍କର ଉପେନ୍ଦ୍ରଭଞ୍ଜଙ୍କ କୋଟୀକୁ ଉଠିବାର ସ୍ୱାଭାବିକ ପ୍ରୟାସ ଥିଲା; କିନ୍ତୁ ସେ ପ୍ରୟାସ ଗୋପାଳ-କୃଷ୍ଣ ବା ଗୌରଚରଣଙ୍କର ଆଦୌ ଥିଲା ବୋଲି ପ୍ରତୀତ ହୁଏ ନାହିଁ । ଗୋପାଳକୃଷ୍ଣଙ୍କ ଶୈଳୀଠାରୁ ମଧ୍ୟ ଗୌରଚରଣଙ୍କ ଶୈଳୀ ସମଧିକ ନିରାଡ଼ମ୍ବର । କବିସୂର୍ଯ୍ୟ ଓ ଗୋପାଳକୃଷ୍ଣଙ୍କ ଅପେକ୍ଷା ଅଧିକ ପ୍ରସଙ୍ଗରେ ଓ ଅଧିକ ସଂଖ୍ୟାରେ ଗୌରଚରଣ କବିତା ରଚନା କରି ସମଧିକ ପ୍ରସାର ଲାଭ କରିଅଛନ୍ତି । ଏକା ତାଙ୍କ କୃଷ୍ଣଲୀଳା ପୁସ୍ତକ ଆକାରରେ କବିସୂର୍ଯ୍ୟ ଗ୍ରନ୍ଥାବଳୀ ଓ ଗୋପାଳକୃଷ୍ଣ ପଦ୍ୟାବଳୀର ସମାନ । କଳିଙ୍ଗର ସଂକୀର୍ତ୍ତନ ମଣ୍ଡଳମାନଙ୍କରେ ଗୌରଚରଣଙ୍କ ରଚନାର ବ୍ୟାପକ ଆଦର

ଦୃଷ୍ଟି ହୁଏ । ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଶ୍ରୀମୁଖ ଭାଷାରେ (ବଙ୍ଗଳା) କବିତା ଲେଖିବାକୁ ସେ ଯୁଗରେ କେତେକ କବି ଗୌରବ ଜ୍ଞାନ କରିଥିଲେ । ଗୌରଚରଣ ଓ ବସନ୍ତ ରାସ ଗ୍ରନ୍ଥର କବି ପିଣ୍ଡିକ ଶ୍ରୀଚନ୍ଦନ ଏମାନଙ୍କ ମଧ୍ୟରେ ପ୍ରସିଦ୍ଧ । କବିସୂର୍ଯ୍ୟଙ୍କ କିଶୋରଚନ୍ଦ୍ର-ନନ୍ଦ ଚମ୍ପୂ "ହ"ଗୀତରେ ପ୍ରଥମ ପଂକ୍ତି ମଧ୍ୟ ବଙ୍ଗଳା । କବିସୂର୍ଯ୍ୟ ଗୋପାଳକୃଷ୍ଣ ଓ ଗୌରଚରଣଙ୍କର ନିମ୍ନ ଉଦ୍ଧୃତ ଗୀତମାନଙ୍କରୁ ସେମାନଙ୍କ ପ୍ରତିଭା ଓ ରଚନା ଶୈଳୀର ପାର୍ଥକ୍ୟ ସ୍ପଷ୍ଟ ପ୍ରକଟିତ ହେବ ।

କବିସୂର୍ଯ୍ୟ—

ରେ କିଶୋର ! ରୁଷିବାର ସିନା ଜାଣୁ
ରସ ଜଳଧିରେ ଅବଗାହି ଧୀରେ ତହୁଁ ତ ସାର ନ ଘେନୁ । ଘୋଷା ।
ରମଣୀପୁ ଜାଣି, ରସି ଯହିଁ ପୁଣି, ନ ଡରି ପରିବାଦକୁ
ଦ୍ୱେଷ ଅଙ୍ଗୀକାର କରି କି ତାହାର ଅଳପ କଥା ପଦକୁ ।୧।
ରତ୍ନ ତ ମୃଦୁଳ ନୋହେ ତାକୁ ଅଳଂକାରକୁ ନିକି ନ ଆଣି
ରସିକାଙ୍କ ଶିଖାମଣି ଘେନୁ ଶିଖାଶିଖି ଭୁଜି କାହୁଁ ପୁଣି ।୨।
ରକତ ବ୍ୟକତ ହେଲେ ଯଦି କ୍ଷତ ହୁଅଇ ଅସେବନକ
ରଦାଗ୍ର ସ୍ମରଣ ଅବା କେଉଁ ଦୋଷ ନ କରି ଚିତ୍ତେ ବିବେକ ।୩।
ରତିରଣରଣ ଯାହାର ଶରଣ ଦେଖିଥିଲେ ତାକୁ ନେହେ
ରହନ୍ତୁ କି ଲଜ ହୋଇଥି ଜମି ଆଜ ଭୂଜେ ଭିଡ଼ ଦେବା ମାହେ ।୪।
ରଙ୍କରତନ ଲଭକୁ ପରି ଏବେ ରତି ଯତନକୁ ଭଲେ
ରମ୍ୟ ଶ୍ୟାମ ଛବି କିଶୋରରେ କବିରବି ସପ୍ରଭୁରୁ ବୋଲେ ।୫।

—o—

ଗୋପାଳକୃଷ୍ଣ—

କହିଲେ ବହିବୁ ବେଷ ରେ ହଙ୍ଗାଚ ! କହିଲେ ବହିବୁ ବେଷ
ଭୁହି ଘେନିବାକୁ ଅଛୁ କି ଆହୁରି ନିକୁଞ୍ଜବିହାରି ଦୋଷ ॥୦॥

ବ୍ରଜ ପୁରନ୍ଦର ନନ୍ଦନ ସୁନ୍ଦର ବୃନ୍ଦଚନ୍ଦ୍ରବିରଞ୍ଚିକି
କରଯୋଡ଼ିରେ ଲୁଗୃହିଲୁ ଇତର ଆଡ଼େ ନ ଚାଳି ଦୃଷ୍ଟି କି ॥
ଥରକୁ ଥର ପତ୍ରାବଳୀ ମକରୀ ଲେଖୁ ଦିନ ଅଣ୍ଟୁ ନାହିଁ
ଆଉ ଯେତେସେବା ଆଳୀ ଅଜଣାରେ ତୋତେ ଏକା ସାକ୍ଷୀ ତୁହି ॥
କି କରୁନାହାନ୍ତି ତୋର ନିଜକରି ଗୁହିପରି ପାଶେ ଥାଇ
ତୁ ସିନା ନିଷେଧ କରୁଛୁ ଆସିଲେ ସେ ଲକ୍ଷ୍ମୀ ଲେଖିବା ପାଇଁ ॥
ଘଡ଼ିଏ ଗୃମୁରୁ ହୋଇଲେ ଅନ୍ତର ତୋ ପାଦଚନ୍ଦ୍ରର ଧୂଳି
ବୋଲି ହେଉଛନ୍ତି ଲୁହ ପୋଛୁ ପୋଛୁ ବୃନ୍ଦାବନ ଯାକ ବୁଲି ॥
ଶୁଣି ସଖୀବାଣୀ ଶ୍ରୀ କିଶୋରୀମଣି ଶ୍ୟାମଗୃମୁରେ ମିଳିଲେ
ଗୋପାଳକୃଷ୍ଣ ପଦାବ୍ଜ ପୋଛୁପୋଛୁ ମୋହନ କୋଳକୁ ନେଲେ ॥

—✦—

ଗୌରଚରଣ—

ସଖି ! ଶ୍ୟାମଘନ ଯେବେ ସେ ମୋହନ—
ମୁରଲୀ ସୁସ୍ୱରେ ବଜାଇବେ ଗୋ
ସୁରୁ ଚନ୍ଦ୍ରମୁଖୀ ଚତୁରୀମାନଙ୍କ
ଚେତା ସୁହୁଁ ସୁହୁଁ ହଜାଇବେ ଗୋ ॥୦॥
କୁଳବଧୂମାନେ ଏଣିକି, ବାହାରିବେ ନାହିଁ କେଣିକି
ଯେବେ ବହିବଣେ ମିଳିବେ ତା ପାଶେ ଛନ କରି ମନ
ମଜାଇବେ ଗୋ ।
ବ୍ରଜେ ଯେତେ ନବଅବଳା, ବଳଜାରେ ସେ ନନ୍ଦବଳା

ଗୁରୁ ହୋଇ ରୁରୁନୟନୀମାନଙ୍କୁ ସ୍ମରଶାସ୍ତ୍ରଅର୍ଥ ବୁଝାଇବେ ଗୋ ।
ନାଗରୀଙ୍କର ଲଜ ମହତ, ଜାଣିଥାଅ ହେଲଣି ହତ
ପାସୋରିଥିବ ଯେ କାମକଳାବିଦ୍ୟା ନିଷ୍ଠୁର କିଶୋର
ହେଜାଇବେ ଗୋ ।
କେତେ ରଙ୍ଗେ ଭୁଲାଇବେଟି, ବନେ ବନେ ବୁଲାଇବେଟି
ଫୁଲଶର ପୂଜା କରିବା ପାଇଁ କି କୁଞ୍ଜେ ଫୁଲଶେଜ
ଶେଜାଇବେ ଗୋ ।
ଦ୍ୱିଜ ଗୌରଚରଣ ଭଣି, ଜାଣିଥାଅ ପ୍ରାଣମିତଣି
ଚୁମ୍ବ ଆଲିଙ୍ଗନ କରିବେ ପ୍ରଦାନ ଅଧରୁ ଅମିୟ ଭୁଞ୍ଜାଇବେ ଗୋ ।

—o—

କି ସୁନ୍ଦର କଳା କହ୍ନାଇଁ
କେ ଦେଲା ତାକୁ ଏ ବେଶ ବନାଇଁ ॥୦॥
ଝୁଲି ଝୁଲି ନାଚେ ଖେମଟା ତାଳରେ
କି ଭଙ୍ଗେ ବାଙ୍କେ ଅନାଇଁ ଅନାଇଁ
ନୂଆ ଗୁଆଳୁଣୀ ଝିଆ ଭୁଆସୁଣୀ—
ମାନଙ୍କ ମାନସ ନିଏ ମନାଇଁ ।୧।
କିଏ ଡାକୁଥାଏ ଅନାଇଁ ବନାଇଁ
କେହ୍ନୁ ଡାକେ ଗେଲେ ସନାଇଁ ଦନାଇଁ
ନନ୍ଦରାଣୀଙ୍କର ସେରନ୍ତା ପୁଅକୁ
କେ କେତେ ତମାଳ ମେଲେ ଘେନାଇଁ ।୨।
କିଏ ଯାଚୁଥାଇ ଖଣ୍ଡି ସରପୁଲି
ଅଧାମ ଗୋଟିକା ଛେନା ଘେନାଇଁ
କିଏ ଚୁମ୍ବ ଦିଏ କଳାଚାନ୍ଦ ମୁଖେ
ସ୍ନେହଲୁହେ ନେତ୍ର ଥନଥନାଇଁ ।୩।

ଅଞ୍ଜଳି ପତାଇ ଜଞ୍ଜାଳିଆ କଲୁ
ନବମୀତ ମାଗେ କ୍ଷଣ କ୍ଷଣାଇଁ
ଗୌର ଦ୍ୱିଜ କହ୍ନ ଧନ୍ୟ ଗୋପଗେହ୍ନ !
କେଉଁ ଦାଉଁ ପୂର୍ବେ ଥିଲ ମନାଇଁ ।୪।

—୦—

ଗୌରଚରଣଙ୍କ ଭଜନମାଳା ଅତ୍ୟନ୍ତ ମର୍ମସ୍ପର୍ଶୀ । ସେଗୁଡ଼ିକ ସେ ତଦ୍‌ଗତ ଚିତ୍ତରେ ଲେଖି ଅଛନ୍ତି । ଭଜନୀୟଙ୍କୁ ସେ ନିତାନ୍ତ ଆପଣାର ବୋଲି ଜ୍ଞାନ କରିଅଛନ୍ତି ଓ ନିଜ ହୃଦୟକୁ ଦ୍ରବ କରି ତାଙ୍କ ପାଦତଳେ ଅର୍ଘ୍ୟ ରୂପେ ଢାଳି ଦେଇଅଛନ୍ତି । ନଚେତ୍‌ ଏ ସବୁ ପଂକ୍ତି ତାଙ୍କ ଲେଖନୀରୁ ନିଃସୃତ ହୁଅନ୍ତା ନାହିଁ ।
ଯଥା:—

୧) ଗଉରଚରଣ ବୋଲେ ବାଗହଣ ପକାଉଛୁ ଥାଅ ଜାଣିକି
ମୋ ମରଣବେଳା ଜାଣି ଚକାଡୋଳା
ଦେଖାଇବ ଏହି ଠାଣିକି ॥ ପୃ ୨୨

୨) କଲେ ଅନୁକୂଳ ଗୋକୁଳ ଯୁବତୀ ପଦ୍ମରଣ ଝିନବାସ ଗୋ
ଗୌର ଦ୍ୱିଜ ବୋଲେ ମୋତେ ସଙ୍ଗେ ନିଅ
ମୁଁ ପରା ତୁମ୍ଭର ଦାସ ଗୋ ॥ ପୃ ୨୪

୩) ସତେ କି ନଦିଆପୁରେ ବିଷ୍ଣୁପ୍ରିୟା ପରାଣନାଥଙ୍କୁ ଦେଖିବ
ଶଚୀମାତାଙ୍କର ନୟନ ସଙ୍ଗାଳି ଗୋରା ନାମ ହୃଦେ ଲେଖିବ ।
ଶ୍ରୀବାସ ଅଙ୍ଗଣେ ଗୌରଭକ୍ତଗଣେ ସଂକୀର୍ତ୍ତନାମୃତ ଚାଖିବ
ସାଧୁଙ୍କର ପଦଧୂଳିକି ସଙ୍ଗାଳି କରି ସର୍ବାଙ୍ଗରେ ମାଖିବ ।
କରି ମନ ନିଷ୍ଠ ସଭିଙ୍କ ଉଚ୍ଛିଷ୍ଟ ସାଦରେ ତୁଣ୍ଡରେ ଭକ୍ଷିବ
ଗୌର ଛଡ଼ା ଫୁଲ ତୁଳସୀ ଅମୂଲ୍ୟ ଝୁଲିରେ ପୂରାଇ ରଖିବ ।
ପୃ ୩୫

ସେ ଯେ ଭିତର ବାହାର ସବୁ ବାସୁଦେବମୟ ଦେଖୁଥିଲେ ତାହା ଶ୍ରୀ ରାଧାଙ୍କ ମୁହଁରେ ଫୁଟାଇଥିବା ତାଙ୍କର ନିମ୍ନ କବିତାଟିରୁ ସ୍ପଷ୍ଟ ସୂଚିତ ହୁଏ ।

କାହିଁ ରଖିବି ଏ ନେତ୍ର ଲୋ ସଜନି ! କାହିଁ ରଖିବି ଏ ନେତ୍ର
ଯେଣେ ଚାହିଁ ଦେଲେ ତେଣେ ଯେ ଦିଶନ୍ତି କେଣେ ଏ କପଟ ଚରିତ୍ର ॥
ଏ ବଡ଼ ଅପୂର୍ବ ହେଲା ବୋଲି ପୂର୍ବ ପାର୍ଶ୍ୱକୁ ଚାହାନ୍ତେ ଫେରି
ଯମୁନା ତନୁନା ହୋଇ ବହୁଛନ୍ତି ନୀଳିମା ଛବିକି ଧରି ।୧।
ଦେଖି ଏ ଲକ୍ଷଣ ପାଲଟି ତକ୍ଷଣ ଦକ୍ଷିଣେ ଈକ୍ଷଣ କଲି
ସେ ଦିଗେ ହ୍ରଦର ପୁଣି ପୁରନ୍ଦର ନୀଳମଣି ତ ଛଇଲି ।୨।
ପଶ୍ଚିମକୁ ଆଲି ! ଚାହାନ୍ତେ ମୁଁ ଉଳି ଗିରି ଗୋବର୍ଦ୍ଧନ ଶୋଭି
ନବ ପଲ୍ଲବ ତରୁଲତା ମଣ୍ଡିତ କୋଟି ମରକତ ଆଭି ।୩।
ଭାଳିଲି ଚତୁର ହେଲି ମୁଁ କାତର ଉତ୍ତରକୁ ଦେଲି ଦୃଷ୍ଟି
ସେ ଦିଗେ ତମାଳ ବନ ମାଳ ମାଳ ସେ ଶ୍ୟାମଳ ଶୋଭା ସୃଷ୍ଟି ।୪।
ଆକାଶକୁ ଦୃଷ୍ଟି ଦେଲି ରେ ବିସ୍ମୋଷ୍ଟି ! ଛନ ଚିତ୍ତ ଦକ ଦକ
ସେ ନନ୍ଦନନ୍ଦନ କାନ୍ତି ନବଘନ ଦିଶିଗଲେ ଝକ ଝକ ।୫।
ଦଣ୍ଡେ ପରସନ୍ତେ ଗଣ୍ଡେ କର ଦେଇ ରହିଲି ବଦନ ପୋତି
ନବଦୂର୍ବାଙ୍କୁର ମହୀରେ ଅଙ୍କୁର ସେ ପୁଣି ସେହି ଆକୁଞ୍ଚି ।୬।
ଭାଜିଲି ଗୁମାନ ମାନ ମାନସରୁ ନୟନ ବୁଜିଲି ଯହୁଁ
ଗୌର ଦ୍ୱିଜ କହେ ହୃଦୟ ମଧ୍ୟରେ ଉଦୟ ହୋଇଲେ ତହୁଁ ।୭।

—o—

ଏହିପରି ଅମୃତ ନିଃସ୍ୟନ୍ଦ ସରଳ ତରଳ ଭାଷା ନିବନ୍ଧ ପୁଷ୍କଳ ରଚନାରେ କବି ଗୌରଚରଣ ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରି ଯାଇଅଛନ୍ତି । ବନ ମାଳତୀ ବନରେ ଫୁଟି ହଜିଗଲା ପରି

ତାଙ୍କର କବିତାମାନ ଏ ସଂଗ୍ରହ ବିନା ବିସ୍ମୃତି ଅନ୍ଧାରରେ ପଡ଼ି ସଡ଼ି ଯାଇଥାନ୍ତା । କିନ୍ତୁ ଜଗନ୍ନାଥ ମହାପ୍ରଭୁଙ୍କ ଅପାର କରୁଣାରୁ ତାହା ନିବାରିତ ହେଲା ।

ଉତ୍ତର ଭାରତ ଓ ଦକ୍ଷିଣ ଭାରତର କୃଷ୍ଟିରେ ଯାହା ଯାହା ସର୍ବୋତ୍ତମ ବୋଲି ବିବେଚିତ କଳିଙ୍ଗ କୃଷ୍ଟିରେ ସେ ସବୁର ଅପୂର୍ବ ସମ୍ମିଶ୍ରଣ ଲକ୍ଷିତ ହୋଇଥାଏ । ଏ ଦୁଇ ଭୂଖଣ୍ଡ

ଗୌରଚରଣ ଓ ଓଡ଼ିଶୀ ସଙ୍ଗୀତ

ମଧ୍ୟରେ କଳିଙ୍ଗ ମଧ୍ୟବର୍ତ୍ତୀ ସ୍ଥାନ ଅଧିକାର କରିଥିବାରୁ ଏହା ସମ୍ଭବ ହୋଇଅଛି । କଳିଙ୍ଗର ସଙ୍ଗୀତ ମଧ୍ୟ ଉତ୍ତର ଭାରତ ଓ ଦକ୍ଷିଣ ଭାରତ ମଧ୍ୟରେ ମଧ୍ୟବର୍ତ୍ତୀ ସ୍ଥାନ ଅଧିକାର କରି ନିଜର ସ୍ୱତନ୍ତ୍ର ବିଭୂତି ଅର୍ଜ୍ଜନ କରିଅଛି । କଳିଙ୍ଗର ଅପର ନାମ ଓଡ଼ିଶା ହୋଇଥିବାରୁ କଳିଙ୍ଗ ସଙ୍ଗୀତ ସାଧାରଣତଃ ଓଡ଼ିଶୀ ସଙ୍ଗୀତ ବୋଲି କଥିତ । ଓଡ଼ିଶୀ କଣ୍ଠ ସଙ୍ଗୀତ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପରି କେବଳ ସ୍ୱରର ବିଳାସ ନୁହେ । ଓଡ଼ିଶୀ ସଙ୍ଗୀତ ଓଡ଼ିଶାର ଅଳଙ୍କାର ବିଭବମୟ ସାହିତ୍ୟର ନିତ୍ୟ ବାହନ । ବ୍ରିଟିଶ ପୂର୍ବଯୁଗରେ ଓଡ଼ିଆରେ ସାହିତ୍ୟ ବିନା ସଙ୍ଗୀତ ନ ଥିଲା ବା ସଙ୍ଗୀତ ବିନା ସାହିତ୍ୟ ନ ଥିଲା । ଓଡ଼ିଶୀ ସଙ୍ଗୀତ ସମଧିକ ମଧୁମୟ ହେବାର କାରଣ ଓଡ଼ିଆ ଭାଷା ହସନ୍ତ ବିବର୍ଜିତ । ଏହାର ଅକ୍ଷର-ମାନଙ୍କ ଉଚ୍ଚାରଣର ପୂର୍ଣ୍ଣ; ବଙ୍ଗଳା ବା ହିନ୍ଦୀଭାଷାର ଅକ୍ଷରମାନଙ୍କ ଉଚ୍ଚାରଣ ପରି ଖଣ୍ଡିତ ନୁହେ । ଓଡ଼ିଶାର ଗୋଟିପୁଅ ଓ ପାଲା ଅନୁ-ଷ୍ଠାନଦ୍ୱାରା ଓଡ଼ିଶାର ତୌର୍ଯ୍ୟତ୍ରିକ (ଗୀତ,କାବ୍ୟ ଓ ନୃତ୍ୟ ଏକତ୍ରେ) ଯୁଗ ଯୁଗ ହେବ ବିକାଶ ଲାଭ କରିଅଛି । ଉଚ୍ଚ କୋଟୀର ସଙ୍ଗୀତହିଁ ଜାତିର ସମୁନ୍ନତ କୃଷ୍ଟିର ପରିଚୟକ । ଏ ବିଷୟରେ

ଓଡ଼ିଶାର ସୌନ୍ଦର୍ଯ୍ୟ କ ଯେନ ଓଡ଼ିଶା କେବଳ ସମଗ୍ର ଭାରତରେ ନୁହେଁ ସମସ୍ତ ପୃଥିବୀରେ ମଧ୍ୟ ଶ୍ରେଷ୍ଠ ଆସନର ଅଧିକାରୀ । ଓଡ଼େଇ କଳାର ଛଉ ନାଚ ହାଲ୍ସ ଏହା ସଭ୍ୟଜଗତ ଆଗରେ ସୁପ୍ରମାଣିତ ହୋଇ ସାରିଅଛି । ଗୋଟିପୁଅ ନାଚର ମହତ୍ତ୍ୱ କେବଳ ବିଦେଶରେ ସ୍ୱୀକୃତ ହୋଇନାହିଁ ବୋଲି ଦେଶର କେତେକ ଶିକ୍ଷାଭିମାନୀ ପ୍ରକାଶ୍ୟରେ ତା ପ୍ରତି ଉପେକ୍ଷା ପ୍ରକାଶ କରୁଅଛନ୍ତି । ଏହା ବହୁକାଳସ୍ଥାୟୀ ଦାସତ୍ୱରୁ ଉତ୍ପନ୍ନ ହୀନ ଗୌଣ ମନୋବୃତ୍ତିର ଫଳ ମାତ୍ର । ଓଡ଼ିଶାର ପ୍ରସିଦ୍ଧ ମନ୍ଦିରମାନଙ୍କର ଯେଉଁ ସବୁ ମୂର୍ତ୍ତି ଖୋଦିତ ହୋଇଅଛି ତନ୍ମଧ୍ୟରୁ କେତେକଟିରୁ ଦେଶବ୍ୟାପୀ ସଙ୍ଗୀତଚର୍ଚ୍ଚାର ପୂର୍ଣ୍ଣ ପରିଚୟ ମିଳେ । ବ୍ରିଟିଶ ପୂର୍ବ ଯୁଗରେ ଓଡ଼ିଶାରେ ଗ୍ରାମେ ଗ୍ରାମେ ଯାତ୍ରାଦଳ, ପାଲିଦଳ ଓ ଗୋଟିପୁଅ ଦଳ ଥିଲେ । ଦକ୍ଷିଣ ପଟେ ଦାସକାଠିଆ ଦଳଙ୍କର ମଧ୍ୟ ଅନୁରୂପ ପ୍ରସାର ଥିଲା । ଇଂରାଜୀ ଶିକ୍ଷା ପ୍ରଭାବରେ ଦେଶର ଆର୍ଥିକ ଜୀବନ ଓ ସାଂସ୍କୃତିକ ଜୀବନ ବିପର୍ଯ୍ୟସ୍ତ ହୋଇ ପଡ଼ିବାରୁ ଓଡ଼ିଶୀ ସଙ୍ଗୀତର ଏହି ପୋଷକ ଅନୁଷ୍ଠାନଗୁଡ଼ିକ କ୍ରମଶଃ ମ୍ରିୟମାଣ ହୋଇପଡ଼ୁଅଛି । ତଥାପି ଚନ୍ଦନଯାତ୍ରା ଓ ଝୁଲଣଯାତ୍ରା ସମୟରେ ପୁରପଲ୍ଲୀରେ ଏ ସବୁ ଦଳମାନଙ୍କର ଯେଉଁ ସମାବେଶ ଏବେ ସୁଦ୍ଧା ଲକ୍ଷିତ ହେଉଅଛି ତହିଁରୁ ଜଣାଯାଏ ଯେ ସକଳ ପ୍ରକାର ବିପର୍ଯ୍ୟୟକୁ ଏଡ଼ି ଦେଇ ଓଡ଼ିଶୀ ସଙ୍ଗୀତ ଏ ପର୍ଯ୍ୟନ୍ତ ସୁଦ୍ଧା ନିଜ ମହିମାରେ ମୁଣ୍ଡ ଟେକି ରହିଅଛି । ପୂର୍ବେ ସଙ୍ଗୀତରେ ପାରଦର୍ଶିତା ଦେଖି ଭଦ୍ରଲୋକମାନଙ୍କର ମାର୍ଜିତ ବା ଉନ୍ନତ ରୁଚିର କଳନା କରାଯାଉଥିଲା । ସଙ୍ଗୀତ ନ ଜାଣିଥିବା ଲୋକେ କୌଣସି ଗ୍ରାମକୁ ଲୁଣିଆ ହୋଇଯିବାକୁ ଭରସୁ ନ ଥିଲେ । ଏ ଅଧୋଗତିର ଯୁଗରେ ମଧ୍ୟ ପାଲିବାଲାମାନଙ୍କ ସାହିତ୍ୟ ଓ ସଙ୍ଗୀତଜ୍ଞାନ

ଦେଖିଲେ ସେମାନେ ଆଗେ ଯେଉଁମାନଙ୍କ ପାଇଁ ରସପରିବେଷଣ କରୁଥିଲେ ସେମାନଙ୍କ ଗ୍ରାହକତା କେତେ ଉଚ୍ଚ କୋଟୀର ଥିଲା ତାହା ବେଶ ଜଣାପଡ଼େ । ଏହି ଦଳମାନଙ୍କଦ୍ୱାରା ଓଡ଼ିଆ କବିମାନଙ୍କର ସଙ୍ଗୀତାଦି ଗୀତମାନ ଅଳ୍ପକାଳ ମଧ୍ୟରେ ଦେଶ-ବ୍ୟାପୀ ପ୍ରସାର ଲାଭ କରିଥିଲା । ଆଜି ଯେଉଁ ସବୁ ଗୀତ ସଙ୍ଗୀତ ନାମରେ ପରିଚିତ ସେ ସବୁ ଆଗେ ଚାରି ପଦ ବିଶିଷ୍ଟ ହୋଇ ରଚିତ ହେଉଥିଲା । ଘୋଷା ପଦ ସ୍ୱତନ୍ତ୍ର ଥିଲା । ତେଣୁ ଏ ଶ୍ରେଣୀର ଗୀତମାନଙ୍କୁ ଚଉପଦୀ କୁହାଯାଉଥିଲା । କିନ୍ତୁ ପରେ ଏ ଚଉପଦୀ ନିୟମ ପାଳିତ ନ ହେଲେ ସୁଦ୍ଧା ସଙ୍ଗୀତ ମାତ୍ରେ ଚଉପଦୀ ବୋଲି କଥିତ ହେଲା । ପୁରୁଣା ଲୋକମାନେ ସଙ୍ଗୀତକୁ ଏବେ ସୁଦ୍ଧା ଚଉପଦୀ କହିଥାନ୍ତି ।

ଗୌରଚରଣ ବହୁସଂଖ୍ୟକ ଓଡ଼ିଶୀ ସଙ୍ଗୀତ ରଚନା କରି ଅଛନ୍ତି । ଏହାଛଡ଼ା ତାଙ୍କର ଜଣାଣ, ଭଜନ, ବୋଲି ଏବଂ ଓଡ଼ିଆ ବଙ୍ଗଳା ମିଶା ଓ ଓଡ଼ିଆ ବ୍ରଜବୋଲି ମିଶା ସଙ୍କୀର୍ତ୍ତନ ପଦାବଳୀ ରହିଅଛି । ସେ ଓଡ଼ିଶୀ ସଙ୍ଗୀତର ଜଣେ ଶ୍ରେଷ୍ଠ ପ୍ରତିନିଧି । ଜୀବନର ୭୬ ବର୍ଷ ମଧ୍ୟରେ ସେ ଶାଣୋତ୍ତୀର୍ଣ୍ଣ ମଣି ତୁଲ୍ୟ ଭାସ୍ୱର ବହୁତ ଗୁଡ଼ିଏ ଅମୂଲ୍ୟ ସଙ୍ଗୀତ ରଚନା କରି ଓଡ଼ିଶାର ଅନ୍ୟାନ୍ୟ ସଙ୍ଗୀତକାରଙ୍କ ମଧ୍ୟରେ ଉଚ୍ଚାସନର ଅଧିକାରୀ ହୋଇ ଅଛନ୍ତି । ତାଙ୍କ ବେଳକୁ କବିସମ୍ରାଟ ଉପେନ୍ଦ୍ରଭଞ୍ଜ, କୃଷ୍ଣ ଦାସ, ବନମାଳୀ, କବିସୂର୍ଯ୍ୟ ବଳଦେବ, ଯଦୁମଣି, ରାମକୃଷ୍ଣ, ଗୋପାଳକୃଷ୍ଣ ପ୍ରଭୃତି ବହୁ କବି ଓଡ଼ିଶାର ସଙ୍ଗୀତ ଭଣ୍ଡାରକୁ ସମୃଦ୍ଧ କରି ଖ୍ୟାତିର ଉଚ୍ଚ ପଦବୀରେ ଆରୂଢ଼ ଥିଲେ । ତଥାପି ସେ ନିଜର ସ୍ୱତନ୍ତ୍ର ପ୍ରତିଭାବଳରେ ନିଜ ପାଇଁ ଗୋଟିଏ ଉଚ୍ଚ ଆସନ ଅର୍ଜନ କରି ଯାଇଅଛନ୍ତି । ତାଙ୍କ ସଙ୍ଗୀତାବଳୀ ଏବେ

ସ୍ବଧା ପାଲବାଲଦଳ ଓ ଗୋଟିପୁଅଦଳମାନେ ବକ୍ଷିତ୍ର ସ୍ୱବରେ ଅମୂଲ୍ୟ ସମ୍ପଦ କରି ସାଇନ୍ତି ଅଛନ୍ତି । ଏ ପୁସ୍ତକରେ ସେ ସବୁର ବ୍ୟାପକ ସଂଗ୍ରହ କରାଯାଇଅଛି । ଆଶାକରାଯାଏ ଏଣିକି କବିସୂର୍ଯ୍ୟ ବଳଦେବ ଓ କବିକଳହଂସ ଗୋପାଳକୃଷ୍ଣଙ୍କ ଗୀତାବଳୀ ପରି ସେ ସବୁ ଓଡ଼ିଶାର ପୁରପଲ୍ଲୀର ଘରେ ଘରେ ଧ୍ୱନିତ ହେବ ।

ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଥିବା ଓଡ଼ିଶାର ସଙ୍ଗୀତ ସମ୍ପଦରୁ ତଳେ କେତୋଟି ମାତ୍ର ଉଦ୍ଧାର କରି ଏଠାରେ ଓଡ଼ିଶୀ ସଙ୍ଗୀତ ରଚନାର କ୍ରମବିକାଶର କଥଞ୍ଚିତ ସୂଚନା ଦିଆଗଲା । ଉଦାହରଣ ସ୍ୱରୂପ କେବଳ ପ୍ରସିଦ୍ଧ ପ୍ରସିଦ୍ଧ କବିଙ୍କ ସଙ୍ଗୀତର ନମୁନା ଉଲ୍ଲେଖ କରାଯାଇଥିଲା ।

ପଞ୍ଚଦଶ ଶତାବ୍ଦୀ:—

ମହାରାଜା କପିଳେନ୍ଦ୍ର ଦେବଙ୍କ ପ୍ରଣୀତ

(ପରଶୁରାମ ବିଜୟ)

ସଂସ୍କୃତ ନାଟକର ଓଡ଼ିଆ ସଙ୍ଗୀତ

(ଅମର ରାଗେଣ ଗୀୟତେ)

କେବଣ ମୁନିକୁମର ପରଶୁ ଦକ୍ଷିଣ କର
ବାମେଣ ଶୋହେ ଧନୁଶର ନା
କୋପେଣ ବୋଲଇ ଶୀର ତ ତୁ ସେ ମୋ ବହିଲୁ ଘାତ
ଆଜ ତୋର ଛେଦିବଇଁ ମାଥ ନା
ଶୁଣ ରାଜନ ହେ, କିଏ ତୋର ରାଜେ ବ୍ରହ୍ମ ବଧେ ନା ॥
ଏ ତୋର ଚନ୍ଦ୍ରବଦନ ମେଘେ କି ତାଙ୍କିଲା ଜନ୍ମ
ତାହା ଦେଖି ବିକଳ ମୋ ମନ ନା

ଆବର ଦେଖଇ ଅରିଷ୍ଟି ସଂଜ୍ୟ ତୋ ରୁଧିର ବୃଷ୍ଟି
ପୂର ବେଢ଼ି ଶେଦନ୍ତି ଶୃଗାଳ ନା ॥

—୦—

ଷୋଡ଼ଶ ଶତାବ୍ଦୀ:—

ମହାରାଜ ପ୍ରତାପରୁଦ୍ର ଦେବଙ୍କ ସଭା କବି

ଚମ୍ପତି ରାଏ

(ରାଗ ମଲ୍ଲାର—ଆଦି)

ଯୁ ଜୟ ହରହର ମିଳିତ କଳେବର ସୁରମନ୍ଥନ ସୁରମନ୍ଥନୁଆ
ଗପତି ବାହନ, ଗୋପତି ବାହନ ଫଣିଶୟନ ଫଣିକଙ୍କଣୁଆ
ଦ୍ରକଶେଖର ଚନ୍ଦ୍ରଶେଖର ଶ୍ରୀଧର ଗଙ୍ଗାଧର ଇଆରେ
ଆୟୁଧ ଅଛି ତ୍ରିଶୂଳ ଆୟୁଧ ମାବଲ୍ଲଭ ଉମାବଲ୍ଲଭନ୍ତୁଆରେ ।

—*—

ସପ୍ତଦଶ ଶତାବ୍ଦୀ:—

ଯଦୁପତି ଦାସ

(ଏକ ତାଳ)

ଙ୍ଗ ଅବଂମାପତି ବନ୍ଧମେ ଶକତି ବବଧ ରଙ୍ଗ ରତି ବହରନ୍ତିଆ
ବଣ୍ୟ ଗଞ୍ଜିତ ଲଖ ରଜମାପତି ଗୌରବେ ଔରକ ଗିଣପତିଆ
ଣୀ ଘନୁମଣି ରସବଣି ସଙ୍ଗତି ବବଧ ରଙ୍ଗଯୁତ ବହରନ୍ତିଆ
ଳଗିର କୋ ପତି ଚରଣ କମଳେ ମତି ହଜପୁ ଭୁ ନରସିହ
ନରପତିଆ ।

—୦—

ରସକଲ୍ଲୋଳକାର ଦୀନକୃଷ୍ଣ ଦାସ

(ରାଗ ଧନାଶ୍ରୀ-ତାଳ ଆଠତାଳ)

ସଖି ! ଗୃହାଁ ଏ ପର । ବ୍ରଜଯୁବତୀମାନଙ୍କ ଏ ଚରିତ୍ର ଯେ ॥ଘୋଷା
ମୁରଲୀ କରେ ଧରି, ମାରି ନେତ୍ରକଟାକ୍ଷ,
ପତିବ୍ରତ ହରି, ନଅର ଜୁର କର
ନା ପାଲରୁ ଉବୁରି ଅଛୁ କେ ବ୍ରଜନାରୀ ନ ପଡ଼ି ଧର ।୧
କଟି ତଟେ କଙ୍କଣୀ ବାଜଇ କଣି କଣି
ଶୁଣି କେଉଁ ରମଣୀ କଣି ନୋହିବ ପ୍ର
ଆହା ତ୍ରିଭଙ୍ଗୀଠାଣି, ବାଙ୍କ ବାଙ୍କ ଚାହାଣି ନେତ୍ର ପସର ।୨
ଇତ୍ୟାଦି ଇତ୍ୟାଦି

—o—

ନୃସିଂହ ପଟ୍ଟନାୟକ

(ରାଗ କାଫି-ଏକ ତାଳ)

ସମ୍ପୂର୍ଣ୍ଣ ସୁଧାକର-ବଦନା ବନ୍ଧୁ ।
ସୁନ୍ଦରୀମଣି ସରୁମଧ୍ୟମାରେ ତୁ ମୋ କରୁଣାସିନ୍ଧୁ ।୧
ସଖି ! ଶିରୀଷମୃଦୁ ସର୍ବାଙ୍ଗବାସ ।
ଶମ୍ପା ସୋଦର ବରନରେ ରମା କଲେ ଯେ ଅଙ୍ଗେ ବାସ ।୨
ସିନ୍ଦୂର ଅରୁଣ ବନ୍ଧୁ ବନ୍ଧୁଲି ଜବା ।
ସୁରଙ୍ଗ ତୋର ଦନ୍ତବାସକୁରେ ସମ କି ଗୁଣେ ଅବା ।୩
ଇତ୍ୟାଦି ଇତ୍ୟାଦି [ଚମ୍ପୂ]

—o—

ଧନଞ୍ଜୟ ଭଞ୍ଜ (କବିସମ୍ରାଟଙ୍କ ପିତାମହ)

(ରାଗ କାମୋଦୀ-ତାଳ ଏକତାଳି)

ଚଳ ଚଳ ହସି ହସି ଆସୁ ଯେ ଥାଉ
ତାଙ୍କୁ କି ତା ନେତ୍ରପଥେ ଦେଖିବି ଆଉ ।୧।
ଚଳ ଯେ ଚୁମ୍ବିଲ ଦିନେ ନୟନେ ତୋର
ତଗ ମେଲି ଭିଡ଼ିଲୁ ଯେ ଗଳା ମୋହର ।୨।
ତାଙ୍କ ଘୋଷ ଲେଖିଁ ତୋ କୁଚେ ଚନ୍ଦ୍ରକ
ତମ କାମ ଚେତାଇ ତା ହରେ ବିବେକ ।୩।
ଇତ୍ୟାଦି ଇତ୍ୟାଦି [ଚମ୍ପୂ]

—o—

ନୀଳକଣ୍ଠ ଭଞ୍ଜ (କବିସମ୍ରାଟଙ୍କ ପିତା)

(ରାଗ କାଫି)

ପ୍ରାଣ ବାନ୍ଧିବା ଦିନେ ପ୍ରାଙ୍ଗଣ ପରେ
କର ଦେଇଣ ଥିଲି ଥୋର ହସ୍ତରେ
ସେ ମୋ ଚମ୍ପକଗୋରି
ଧନ୍ୟ ଧନ୍ୟ ତାହାର ଶୋଭା ଗୃହୁଣି ।୧।
ଜୁଡ଼ାରେ ଥିଲି ତାର କଅଁ ପାଖୁଡ଼ା
ତା ଦେଖି ଅଙ୍ଗେ ହେଲି ଅନଙ୍ଗପୀଡ଼ା ।୨।
ଲଲାଟେ ଥିଲି ତାର ସିନ୍ଦୂର ବିନ୍ଦୁ
ତା ଦେଖି ବଢ଼ିଲି ଯେ ଆନନ୍ଦ-ସିନ୍ଧୁ ।୩।
ଗଇଶକର ଶତା ଅଙ୍ଗେ ଶୋଭିତ
ତା ଦେଖି ଧଇର୍ଯ୍ୟ ମୋ ହୋଇଲି ହତ ।୪।
ଇତ୍ୟାଦି ଇତ୍ୟାଦି

—o—

ଅଷ୍ଟାଦଶ ଶତାବ୍ଦୀ—

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ

ପ୍ରିୟେ କି କଲୁ ଏ ରୀତି ରେ । ପୁରୁଷାପ୍ତିରେ ମାତି ରେ । ଘୋଷା ।
ପଦ୍ମମୁଖୁଁ ଝାଳ ଖସି; ପ୍ରସନ୍ନେ ଏମନ୍ତ ଦିଶି
ପଞ୍ଚଦଶ ଶଶୀ କାମ ସଞ୍ଜୀବନେ ସିଞ୍ଚୁଥିଲା ସୁଧାରାଶି ରେ ॥
ପୟୋଧରେ ଖେଳେ ହାର; ପୁଣି ସ୍ଥିରୁ ଚଳେ ଚୋର
ପ୍ରାଚୀ ଅଚଳେ ଲୀଳାଦୋଳା ଉଡୁ ପରାଏ ଅନେକ ତାରା ରେ ॥
ପ୍ରତିଲୋଚନ ସାରାମଣି; ପ୍ରଭାତ ରବିକି ଜିଣି
ଚୂଜନେ ରଞ୍ଜିକି ତାଙ୍କ ଆଳତି ଦୋହଲାଇ ପୁଣ ପୁଣି ରେ ॥
ଇତ୍ୟାଦି ଇତ୍ୟାଦି

—o—

ବନମାଳୀ

କି ଦେଖିଲି ଆଜ ନେବ ଲୋ ସଙ୍ଗିନି ! କି ଦେଖିଲି ଆଜ ନେତ୍ର
ଲଳିତ ମୂରତି କଳି ତ ନୋହିଲା
ଦଳିତ ଅଞ୍ଜନଗାତ୍ର ଲୋ । ଘୋଷା ।
ଅଳକା କପୋଳେ ଚପଳା କି ଖେଳେ କେକିପୁଚ୍ଛ ଚନ୍ଦ୍ରଚୂଳ
ରତନେ ଜଡ଼ିତ ଯତନେ କୁଣ୍ଡଳ ଝଲକେ ଗଣ୍ଡ ମଣ୍ଡଳ ।୧।
ହୃଦରେ ପଦକ କରଇ ମାଦକ ବାଦ କରେ ନିଶାକରେ
କାମିନୀ ଚିତ୍ତ କୁମୁଦ ପ୍ରଫୁଲ୍ଲିତ କରୁଥାଇ ଲୋକନରେ ।୨।
ଇତ୍ୟାଦି ଇତ୍ୟାଦି

—o—

ରାମକୃଷ୍ଣ

ସଖି କେ କହେ ଉତ୍ତମ ପ୍ରୀତି ସାର
ପ୍ରୀତି କରି ହେଲି ନାରଖାର । ଘୋଷା ।

ବାରଣ ନ ମାନି ଯାହା କାରଣ ମୁଁ କଲି ରେ
ସୁଧାରୁ କି ବଢ଼େ ବିଷଧାର ।
କପଟୀ ପୁରୁଷ ଭାଷା ଚନ୍ଦନୁଁ ଶୀତଳ ରେ
ପାଣିରେ କାଟିଲି ପରି ଗାର ।
ପୂରତରେ ଥିବା ଯାଏଁ ପୁରୁଷଙ୍କ ଚିତ୍ତ ରେ
ଜାଣ ଦରପଣ ପରକାର ।
ଇତ୍ୟାଦି ଇତ୍ୟାଦି

ଊନବିଂଶ ଶତାବ୍ଦୀର ସଙ୍ଗୀତମାନଙ୍କ ନମୁନା ପୂର୍ବରୁ କବିସୂର୍ଯ୍ୟ, ଗୋପାଳକୃଷ୍ଣ ଓ ଗୌରଚରଣଙ୍କ ତୁଳନା ପ୍ରସଙ୍ଗରେ ଦିଆଯାଇଅଛି । ପୁନରାବୃତ୍ତି ଅନାବଶ୍ୟକ । ଉପରେ ପ୍ରଦତ୍ତ ନମୁନାମାନଙ୍କ ସହିତ ସେ ଗୁଡ଼ିକୁ ମିଶାଇ କରି ଦେଖିଲେ ଓଡ଼ିଆ ସଙ୍ଗୀତ ରଚନାର ଯେଉଁ ସ୍ତରରେ କ୍ରମବିକାଶ ଘଟିଅଛି ତାହାର ଧାରଣା ଏବଂ କଳିଙ୍ଗର ସଙ୍ଗୀତ କବିମାନଙ୍କ ମଧ୍ୟରେ ଗୌରଚରଣଙ୍କ ସ୍ଥାନ ନିରୂପଣ କରି ହେବ ।

ଗୌରଚରଣ ଶୁଦ୍ଧା ଭକ୍ତିମାର୍ଗର ଜଣେ ଶ୍ରେଷ୍ଠ କବି । ସେ ସାର୍ଥକ ନାମା । "ଗୌର" ଚରଣରେ ତାଙ୍କର ଅନନ୍ୟ ଭକ୍ତି । ତେଣୁ ଯଥାର୍ଥରେ ସେ "ଗୌରଚରଣ ଅଧିକାରୀ" ।

ଜୟ ମା କଳିଙ୍ଗ ଭାରତୀ !

କଳିଙ୍ଗ ଭାରତୀ ଭବନ, ଓଡ଼ିଆ ବଜାର, କଟକ-୨ — ଶ୍ରୀ ବନ୍ଧୁଦେବ ଚରଣ ପଟ୍ଟନାୟକ
ତା ୨୯ । ୯ । ୫୧

ସୂଚୀପତ୍ର

ଗୀତର ନାମ	ପୃଷ୍ଠା
୧। ଶ୍ରୀ ଗୁରୁ ବନ୍ଦନା	୧
୨। ଶ୍ରୀ ଗୌରହରି ଭଜନାଷ୍ଟକ	୨
୩। ବ୍ରହ୍ମା ସ୍ତବ	୪
୪। ଇନ୍ଦ୍ର ସ୍ତବ	୪
୫। ମହାବାହୁ ଜଣାଣ	୫
୬। ଗରୁଡ଼ାସନ ଜଣାଣ	୬
୭। ଲୀଳାମୟ ଜଣାଣ	୭
୮। ଗୋବିନ୍ଦ ସ୍ତୁତି	୮
୯। ବିଶ୍ୱମ୍ଭର ଜଣାଣ	୮
୧୦। ଦୀନବନ୍ଧୁ ଜଣାଣ	୯
୧୧। ଜନାର୍ଦ୍ଦନ ଜଣାଣ	୧୦
୧୨। ନୀଳଚକ୍ର ଦର୍ଶନ	୧୧
୧୩। ଶ୍ରୀ ଜଗନ୍ନାଥଙ୍କ ଦର୍ଶନ	୧୨
୧୪। ଚନ୍ଦନ ଯାତ୍ରା ଗୀତ	୧୪
୧୫। ଦେବସ୍ନାନୋତ୍ସବ ଗୀତ	୧୫
୧୬। ପହଣ୍ଡି ବିଜେ ଗୀତ	୧୬
୧୭। ରଥଯାତ୍ରା ଗୀତ	୧୯
୧୮। ରଥଚଳା ଗୀତ	୨୧
୧୯। ଗୁଣ୍ଡିଚ୍ଚ ଯାତ୍ରା ଗୀତ	୨୨
୨୦। ଅଣସର ପହଣ୍ଡି ଗୀତ	୨୩
୨୧। ଗୁଣ୍ଡିଚ୍ଚବାଡ଼ ବିଜେ ଗୀତ	୨୫
୨୨। ଗୁଣ୍ଡିଚ୍ଚ ମନ୍ଦିର ବିଜେ ଗୀତ	୨୯

ସୂଚୀପତ୍ର

ଗୀତର ନାମ	ପୃଷ୍ଠା
୧। ଶ୍ରୀ ଗୁରୁ ବନ୍ଦନା	୧
୨। ଶ୍ରୀ ଗୌରହର ଭଜନାଷ୍ଟକ	୨
୩। ବ୍ରହ୍ମା ସ୍ତବ	୪
୪। ଇନ୍ଦ୍ର ସ୍ତବ	୪
୫। ମହାବାହୁ ଜଣାଣ	୫
୬। ଗରୁଡ଼ାସନ ଜଣାଣ	୬
୭। ନୀଳାମ୍ବୁ ଜଣାଣ	୭
୮। ଗୋବିନ୍ଦ ସ୍ତୁତି	୮
୯। ବିଶ୍ୱମ୍ଭର ଜଣାଣ	୮
୧୦। ଦୀନବନ୍ଧୁ ଜଣାଣ	୯
୧୧। ଜନାର୍ଦ୍ଦନ ଜଣାଣ	୧୦
୧୨। ନୀଳଚକ୍ର ଦର୍ଶନ	୧୧
୧୩। ଶ୍ରୀ ଜଗନ୍ନାଥଙ୍କ ଦର୍ଶନ	୧୨
୧୪। ଚନ୍ଦନ ଯାତ ଗୀତ	୧୪
୧୫। ଦେବସ୍ନାନୋତ୍ସବ ଗୀତ	୧୫
୧୬। ପହଣ୍ଡି ବିଜେ ଗୀତ	୧୬
୧୭। ରଥଯାତ ଗୀତ	୧୯
୧୮। ରଥଚଳା ଗୀତ	୨୧
୧୯। ଗୁଣ୍ଡିଚା ଯାତ୍ରା ଗୀତ	୨୨
୨୦। ଅଣସର ପହଣ୍ଡି ଗୀତ	୨୩
୨୧। ଗୁଣ୍ଡିଚାବାଡ଼ ବିଜେ ଗୀତ	୨୫
୨୨। ଗୁଣ୍ଡିଚା ମନ୍ଦିର ବିଜେ ଗୀତ	୨୯

୨୩। ବାହୁଡ଼ା ବିଜେ ଗୀତ ୩୦
୨୪। ଝୁଲଣ ଯାତ୍ରା ଗୀତ ୩୧
୨୫। ଶ୍ରୀ ଗୌର ଚନ୍ଦ୍ରିକା ୩୨
୨୬। ଶ୍ରୀ ଚୈତନ୍ୟଚନ୍ଦ୍ର ଭଜନ ୩୩
୨୭। ଶ୍ରୀ ଗୌର ଭଜନ (୧) ୩୪
୨୮। ଶ୍ରୀ ଗୌର ଭଜନ (୨) ୩୫
୨୯। ଶ୍ରୀ ଗୌର ଦର୍ଶନ ଲାଳସା ୩୫
୩୦। ଶ୍ରୀ ହରିନାମ ମାଧୁରୀ ଭଜନ ୩୬
୩୧। ଶ୍ରୀ ହରିନାମାମୃତ ଭଜନ ୩୭
୩୨। ଶ୍ରୀ ଶ୍ୟାମ ନାମ ଭଜନ ୩୮
୩୩। ଶ୍ରୀ ହରିନାମ ଭଜନ ୩୯
୩୪। ଶ୍ରୀ ନାମାବଳୀ ଭଜନ ୪୦
୩୫। ଶ୍ରୀ ହରିନାମ ମହିମା ଭଜନ ୪୨
୩୬। ଶ୍ରୀ ହରିନାମ କୀର୍ତ୍ତନ ଭଜନ ୪୨
୩୭। ଶ୍ରୀ ବ୍ରଜଯୁବରାଜ ଭଜନ ୪୪
୩୮। ଶ୍ରୀ ବ୍ରଜରାଜତନୟ ଭଜନ ୪୪
୩୯। ଶ୍ରୀ ବ୍ରଜରାଜନନ୍ଦନ ଭଜନ ୪୫
୪୦। ଶ୍ରୀ ଶ୍ରୀମଣ୍ଡପତି ଭଜନ ୪୬
୪୧। ଶ୍ରୀ ନାମକୀର୍ତ୍ତନ ଭଜନ ୪୭
୪୨। ଶ୍ରୀ ହରିଗୁଣ ଭଜନ ୪୮
୪୩। ଶ୍ରୀ ହରି ଭଜନ ୪୯
୪୪। ଶ୍ରୀ ରାମନାମ ଭଜନ ୫୦
୪୫। ଛଲୋକ୍ତି ଭଜନ ୫୧
୪୬। ଭଗବତ ଭଜନମାଳୀ ୫୪

୪୭। ଭଜଗୋବିନ୍ଦ ଭଜନ	୫୫
୪୮। ରାଧେକୃଷ୍ଣ ଭଜନ	୫୬
୪୯। ଗୋବିନ୍ଦ ଗୋପାଳ ଭଜନ	୫୬
୫୦। କୃଷ୍ଣ କଥା ଭଜନ	୫୮
୫୧। ଶ୍ରୀକୃଷ୍ଣ ସେବା ଲାଳସା	୫୮
୫୨। ଯୁଗଳ ସେବା ଲାଳସା	୫୯
୫୩। ଯୁଗଳ ଚରଣ ଭଜନ	୬୦
୫୪। ରାଧେ ଗୋବିନ୍ଦ ଭଜନ	୬୧
୫୫। ବୈରାଗ୍ୟନିଧି ଭଜନ	୬୨
୫୬। ବୈରାଗ୍ୟସୁଧା ଭଜନ	୬୩
୫୭। ନାମାମୃତ ସଙ୍ଖାଳି ଭଜନ	୬୪
୫୮। ମାନଉଦ୍ଧାରଣ ଭଜନ	୬୫
୫୯। ଶ୍ରୀବ୍ରଜବାସ ଲାଳସା	୬୫
୬୦। ଶ୍ରୀବୃନ୍ଦାବନ ବାସ ଲାଳସା	୬୬
୬୧। କଳିତାରଣ ଭଜନ	୬୮
୬୨। ଶ୍ରୀ ବୃନ୍ଦାବନ ଧାମ ଭଜନ	୬୮
୬୩। ଶ୍ରୀବ୍ରଜବାସ ଲାଳସା ଭଜନ	୬୯
୬୪। ଶ୍ରୀବୃନ୍ଦାରଣ୍ୟ ସ୍ମରଣ ଭଜନ	୭୦
୬୫। ଶ୍ରୀବୃନ୍ଦାବନବାସ ଭଜନ	୭୧
୬୬। ଶେଷଯାମ ଭଜନ	୭୨
୬୭। ଶ୍ରୀଗୌରାଙ୍ଗ ଭଜନ	୭୩
୬୮। ଶ୍ରୀକୃଷ୍ଣ ଜନ୍ମ	୭୪
୬୯। ଗୋପୀଙ୍କ ବାଳକୃଷ୍ଣ ଦର୍ଶନ	୭୫
୭୦। ନନ୍ଦକୋଳେ ଶ୍ରୀଗୋବିନ୍ଦ	୭୬

୭୧ । ଯଶୋଦା ସୌଭାଗ୍ୟ ୭୭
୭୨ । ଭାଗ୍ୟବନ୍ତ ଯଶୋଦା ୭୮
୭୩ । ଜନ୍ମୋତ୍ସବ ୭୯
୭୪ । ଆନନ୍ଦ ହାଟ ୮୦
୭୫ । ମାଲ ହାଣ୍ଡି ୮୨
୭୬ । ନନ୍ଦରଜାର ଟିକ ପିଲଟି ୮୪
୭୭ । କୋକଭୟେ ଯଶୋଦା ବିଳାପ ୮୫
୭୮ । ଅଜଟ କୃଷ୍ଣ ୮୬
୭୯ । ଦୁର୍ଦ୍ଦାଣ୍ଡ କୃଷ୍ଣ ୮୭
୮୦ । ଅବୁଝା କାହ୍ନୁ ୮୮
୮୧ । ନଟକୃଷ୍ଣ ୮୮
୮୨ । ନାଟୁଆ କାହ୍ନୁ ୮୯
୮୩ । ନାଟୁଆ କହ୍ନା ୯୦
୮୪ । ନଟବର ୯୧
୮୫ । ସ୍ନେହାତୁରା ଯଶୋଦା ୯୩
୮୬ । ପୁତ୍ରବତ୍ସଳା ଯଶୋଦା ୯୪
୮୭ । ସୁତବତ୍ସଳା ଯଶୋଦା ୯୫
୮୮ । ଯଶୋଦା ପ୍ରବୋଧ ୯୬
୮୯ । ପ୍ରଭାତ ଅବକାଶ ୯୭
୯୦ । ସୁତବତ୍ସଳା ଜନନୀ ୯୮
୯୧ । ପ୍ରଥମ ବନଗମନ ୯୯
୯୨ । ଗୋଚାରଣ ବେଶ ୧୦୦
୯୩ । ଗୋଧନ ବାହୁଡ଼ା (୧) ୧୦୧
୯୪ । ଗୋଧନ ବାହୁଡ଼ା (୨) ୧୦୨

୯୫ । ଗୋଧନ ବାହୁଡ଼ା (୩)	୧୦୩
୯୬ । ଗୋଷ୍ଠରଣ ବେଶ	୧୦୪
୯୭ । ଗୋଧନ ବାହୁଡ଼ା (୪)	୧୦୫
୯୮ । ଗୋପୀ ଭବନା (୧)	୧୦୫
୯୯ । ଗୋପୀ ଭବନା (୨)	୧୦୬
୧୦୦ । ରୂପାନୁରାଗ (୧)	୧୦୮
୧୦୧ । ଗୋପୀ ଭବନା (୩)	୧୦୯
୧୦୨ । ଗୋପୀ ଭବନା (୪)	୧୧୦
୧୦୩ । ଗୋପୀ ଭବନା (୫)	୧୧୧
୧୦୪ । ରୂପାନୁରାଗ (୨)	୧୧୫
୧୦୫ । ରୂପାନୁରାଗ (୩)	୧୧୬
୧୦୬ । ରୂପାନୁରାଗ (୪)	୧୧୭
୧୦୭ । ରୂପାନୁରାଗ (୫)	୧୧୯
୧୦୮ । ରୂପାନୁରାଗ (୬)	୧୨୦
୧୦୯ । ରୂପାନୁରାଗ (୭)	୧୨୧
୧୧୦ । ରୂପାନୁରାଗ (୮)	୧୨୨
୧୧୧ । ରୂପାନୁରାଗ (୯)	୧୨୪
୧୧୨ । ରୂପାନୁରାଗ (୧୦)	୧୨୫
୧୧୩ । ରୂପାନୁରାଗ (୧୧)	୧୨୫
୧୧୪ । ରୂପାନୁରାଗ (୧୨)	୧୨୬
୧୧୫ । ରୂପାନୁରାଗ (୧୩)	୧୨୭
୧୧୬ । ରୂପାନୁରାଗ (୧୪)	୧୨୮
୧୧୭ । ମୋହନ ସୁବେଶ	୧୨୮
୧୧୮ । ଗିରିଟେକା	୧୨୯

୧୧୯ । କୃଷ୍ଣକରଣି ୧୩୧
୧୨୦ । ଗୋପବାଳକ ଅଳି ୧୩୩
୧୨୧ । ଶ୍ରୀରାଧା ଭୂତବେଶ ୧୩୪
୧୨୨। ଦଧି ଗୀତ ୧୩୫
୧୨୩। ଢୋଲ ଗୀତ ୧୩୮
୧୨୪। କଂସ ଆଜ୍ଞା ୧୪୦
୧୨୫। ଗୋପବାଳକ ବିଳାପ ୧୪୧
୧୨୬। ଗୋପିକା ବିଳାପ ୧୪୨
୧୨୭। କାଳୀୟ ଶିର ନର୍ତ୍ତନ ୧୪୩
୧୨୮। ନାଗିଣୀ ସ୍ତବ ୧୪୫
୧୨୯। ଗୋପିକା ପାଞ୍ଚ ୧୪୬
୧୩୦। କାଳିଆ କରଣି ୧୪୭
୧୩୧। ମୁଁ ଜାଣି ଭରୁଥାଇ ୧୪୮
୧୩୨। କହ୍ନାଇଁ ଆନ୍ଦୋଳ ୧୪୯
୧୩୩। କାହ୍ନୁ ଗୁଣ ୧୫୦
୧୩୪। ନବ ଛଇଳ ରେ ୧୫୧
୧୩୫। ଗୃହାଁ କଦମ୍ବ ମୂଳକୁ ୧୫୨
୧୩୬। ଆଜ ବନେ ନ ରୁଷିବୁ ୧୫୩
୧୩୭। ମୋହନ ମାଧୁରୀ ୧୫୪
୧୩୮। ନାଗର ଛଇଳ କହ୍ନା ୧୫୫
୧୩୯। ସାପମୂଲ କିଶୋର ୧୫୫
୧୪୦। କାଳିଆ କଳଙ୍କ ଅଠା ୧୫୭
୧୪୧। ବାଜେ ମୋହନ ବାଂଶୀ ୧୫୯
୧୪୨। କପଟୀ ଲମ୍ପଟୀ ଶଠ ୧୫୯

୧୪୩। ଆଜ ପାରିବୁ କି ତା ପାଲରୁ ବର୍ତ୍ତି ୧୬୦
୧୪୪। ନନ୍ଦସୁତ ମନ୍ଦ ବୋଲି ଜାଣି ତ ନ ଥିଲି ୧୬୧
୧୪୫। ସଙ୍ଗାତ ଗୋ କାହିଁ ଥିଲ କି ୧୬୨
୧୪୬। ବୃଷଭାନୁ ଜେମା ରାଧିକା ୧୬୩
୧୪୭। ନାଗରୀ ଗରବଗଞ୍ଜନ ବାନା ୧୬୪
୧୪୮। ଇନ୍ଦ୍ରନୀଳମଣି ଛବି ୧୬୫
୧୪୯। ଝୁରି ଝୁରି ଯିବୁଟି ସରି ୧୬୬
୧୫୦। ମନା କରିଥିଲି ମୁହିଁ ୧୬୭
୧୫୧। ନନ୍ଦସୁତ କଳାନିଧିକି ୧୬୮
୧୫୨। ଜାଣୁ ଜାଣୁ ଶ୍ରୀମନ୍ତ ! ୧୭୦
୧୫୩। ନନ୍ଦ ନେହଗୃନ୍ଦ ୧୭୧
୧୫୪। ଆଜନ୍ମ ସୃଷ୍ଟି ! ୧୭୩
୧୫୫। ଶିଖିଚୂଳେ ଆଖି ଲାଖି ଗଲା କି ୧୭୩
୧୫୬। ନଦେଖି ଥିଲି ମରି ପଦ୍ମଲୁରେ ୧୭୪
୧୫୭। କାଳିଆ ନାଗ ୧୭୬

ଗୀତ କଳ୍ପତରୁ

ପ୍ରଥମ ଶାଖା

ଗୌରଚରଣ ଗୀତାବଳୀ

[ଏକ]

ଶ୍ରୀଗୁରୁ ବନ୍ଦନା

(ରାଗ ବଙ୍ଗଳାଶ୍ରୀ, ତାଳ ଆଦିତାଳ)

ବନ୍ଦ ଗୁରୁପଦ   ଅମୂଲ୍ୟ ସମ୍ପଦ
ସକଳ ବେଦର ସାର
ଯେ କୃପାରୁ କର   ପଙ୍ଗୁ ଲଙ୍ଘେ ଗିରି
ଯେ କରେ ଭବାବ୍ଧି ପାର   ।୧।
ଦେଇ ଜ୍ଞାନାଞ୍ଜନ   ଚକ୍ଷୁ ଉନ୍ମୀଳନ
କରାଇଲେ ଯେ ସାକ୍ଷାତେ
ଅଜ୍ଞାନ ତିମିରେ   ଅନ୍ଧ ହୋଇଥିଲି
ତହୁଁ ଉଦ୍ଧରିଲେ ମୋତେ   ।୨।
ଅଶରଣ ଜନ   ଶରଣରକ୍ଷଣ
ପତିତ-ପାବନ-କାରୀ
ଶ୍ରୀଗୌର ଗୋବିନ୍ଦ   ଆବେଶ ମୂରତି
ସନ୍ତତ ସଦ୍‌ବେଶଧାରୀ   ।୩।

ଏମନ୍ତ ଶ୍ରୀଗୁରୁ   ବାଞ୍ଛାକଳ୍ପତରୁ
ଯା ପ୍ରକଟ ଅଦଭୁତ
ବିଶୁଦ୍ଧ ବୈରାଗୀ   ଶ୍ରୀନାମାନୁରାଗୀ
ଅଲୌକିକ ଶୋଭାବନ୍ତ ।୪।
ଶୁକ୍ଳମାଲ୍ୟ ଶୁକ୍ଳ   ବସନେ ଭୂଷିତ
ଶୁକ୍ଳ ପଦ୍ମପୀଠେ ବିଜେ
ସେ ପ୍ରଭୁଙ୍କ ଦାସ   ଦାସ ଅନୁଦାସ
ଦ୍ୱିଜ ଗୌରଦାସ ଭଜେ ।୫।

[ଦୁଇ]

ଶ୍ରୀଗୌରହରି ଭଜନାଷ୍ଟକ

(ନବ ନୀରଦ ନିନ୍ଦିତ କାନ୍ତିଧରଂ—ବୃତ୍ତ)

ଭବଭୟ ଭଞ୍ଜନ କାରଣ ଗୋରା
ତ୍ରିଭୁବନ ମୋହନ ମାନସ ଚୋରା ।
କୃପା ସାଗର ନାଗର ଦଣ୍ଡଧାରୀ
ଭଜ ଭଜ ତୁ ରେ ମନ ! ଗୌରହରି ।୧।
ନବରସେ ବିଭୂଷିତ କଳେବର
ଭାବ ବିକାରେ ନିରତେ ଗରଗର
ବିଗଳିତ ପଦ୍ମନେତ୍ରୁ ଅଶ୍ରୁବାରି
ଭଜ ଭଜ ତୁ ରେ ମନ ! ଗୌରହରି ।୨।
ଇନ୍ଦୁ ବିନିନ୍ଦିତ ଗୁରୁ ନଖଛଟା
ନିଜ ନାମ ଗୁଣ ନିଜ ମୁଖେ ରଟା

ନବ ସନ୍ନ୍ୟାସୀ ଅରୁଣାମ୍ବରଧାରୀ
ଭଜ ଭଜ ଭୁ ରେ ମନ ! ଗୌରହରି ।୩।
ଦ୍ରବ୍ୟ ଜମ୍ବୁନଦ ସ୍ୱର୍ଣ୍ଣକାନ୍ତ ଗୋରା
ମହାଭାବରୂପୀ ଭକ୍ତବେଶଧରା
ଗତ ମନ୍ଥରେ ନୃତ୍ୟ ବିଳାସକାରୀ
ଭଜ ଭଜ ଭୁ ରେ ମନ ! ଗୌରହରି ।୪।
କୋଟି ଚନ୍ଦ୍ରଜିତ ହର୍ଷ ବଦନୀୟା
ମୃଦୁ ସ୍ମିତହସା ମୋଦବର୍ଦ୍ଧନୀୟା
ଗୋପୀ ଚନ୍ଦନୋଜ୍ଜ୍ୱଳ ତିଳକଧାରୀ
ଭଜ ଭଜ ଭୁ ରେ ମନ ! ଗୌରହରି ।୫।
ଆଜାନୁଲମ୍ବିତ ମହା-ଭୁଜ-ଟେକା
ଧୁରନ୍ଧର ବିନାଶନେ କାଳ-ଦକା
ସଂକୀର୍ତ୍ତନ ଲମ୍ପଟ କଳୁଷହାରୀ
ଭଜ ଭଜ ଭୁ ରେ ମନ ! ଗୌରହରି ।୬।
ପାପୀ ପାବନ ମୂରତି କ୍ଷମାଧାମୀ
ନାମ ଜମାଇଁ ପଣ୍ଡିତ ମହାଜ୍ଞାନୀ
ଶ୍ରୀ ଶଚୀନନ୍ଦନ ମହା ଅବତାରୀ
ଭଜ ଭଜ ଭୁ ରେ ମନ ! ଗୌରହରି ।୭।
ନବଦ୍ୱୀପ ସୁଧାକର ସୌମ୍ୟଶିରୀ
ଖଳ ପାଷଣ୍ଡ ଦୁର୍ଜ୍ଜନ ନାଶକାରୀ
ମୋଦେ ବନ୍ଦେ ହୃଦେ ଗୌର ଅଧିକାରୀ
ଭଜ ଭଜ ଭୁ ରେ ମନ ! ଗୌରହରି ।୮।

[ତିନି]

ବ୍ରହ୍ମାସ୍ତବ

ଜୟ ଜୟ ଦୀନବନ୍ଧୁ ଦୁରିତନିବାରଣ
ଅଗତି ଗତିଦାୟକ ଅଧମ ଉଦ୍ଧାରଣ । ଘୋଷା ।
ଜୟ ବୈକୁଣ୍ଠ ନାୟକ   କୈବଲ୍ୟ ମୁକ୍ତିଦାୟକ
ଶଙ୍ଖଚକ୍ର ତେଜି ଏବେ କଲ ବେଣୁ ଧାରଣ । ୧ ।
ଜୟ ଜୟ କୃପାସିନ୍ଧୁ   ଜୟ ଦୁଃଖୀ ଜନବନ୍ଧୁ
ପତିତପାବନ ବାନା ପତିତ ନିସ୍ତାରଣ । ୨ ।
ବ୍ରହ୍ମାପଦ ଦେଲ ଯେଣୁ   ଗର୍ବେ ନ ଚହ୍ନିଲି ତେଣୁ
ଦେଖାଇଲ ମୋ ସ୍ୱଭାବ ଅହଂକାର ଧରଣ । ୩ ।
ଯେହୁ ଶ୍ରୀଚରଣେ ଦାସ   ସେ ଯେବେ କରଇ ଦୋଷ
ପ୍ରଭୁ ତାହାଠାରେ ରୋଷ କରିବା ଅକାରଣ । ୪ ।
ବୃଦ୍ଧି ସିଦ୍ଧି ସନମାନ   ମୋଠାରେ ନୋହୁ ଏମାନ
ଏତେ ମାତ୍ର ଜଣାଉଛି ପ୍ରଭୁଙ୍କ ଶ୍ରୀଚରଣ । ୫ ।
ଗୌର ଦ୍ୱିଜ କହେ ଗୀତେ   ଏହି ଆଜ୍ଞା ହେଉ ମୋତେ
ନିଶିଦିବି ବସି ନାମ କରିବ ସୁମରଣ । ୬ ।

[ଚାରି]

ଇନ୍ଦ୍ରସ୍ତବ

(ରାଗ ଶଙ୍କରାଭରଣ, ତାଳ ଆଠତାଳୀ)

ଦୀନବନ୍ଧୁ ସର୍ବଗ୍ରାହୀ ହେ, ଦୀନବନ୍ଧୁ ସର୍ବଗ୍ରାହୀ
ଜୟ କରୁଣାନିଧାନ ତ୍ରୈଲୋକ୍ୟଗୋସାଇଁ ହେ ॥

ଇନ୍ଦ୍ର ପଦେ ଗର୍ବବହ୍ନି ମୁଁ ଯା ନ ଛାଡ଼ିଲି
ଅମ୍ବୁଜ ପଦଯୁଗଳେ ଅପରାଧୀ ହେଲି ହେ । ୧ ।
ଗର୍ବଗଞ୍ଜନ ନାମ ଆବର ଗୋବିନ୍ଦ
ଦର୍ପହାରୀ ବୋଲି ଭଜୁଥାନ୍ତି ଭକ୍ତବୃନ୍ଦ ହେ । ୨ ।
ସମ୍ପଦରେ ଭୋଳ ହୋଇ ମୋହେ ହେଲି ଅନ୍ଧ
ସମ୍ପଦ ନୁହେ ଏ ଭକ୍ତ ପଡ଼ିରେ ବିପଦ ହେ । ୩ ।
ସ୍ୱର୍ଗସୁଖେ କାର୍ଯ୍ୟ ନାହିଁ ନିଅ ବାହୁଡ଼ାଇ
ଶ୍ରୀଚରଣ ସେବା ଦେଇ ପ୍ରଭୁ କର ସାନ୍ତ୍ୱ ହେ । ୪ ।
ଧିକ ମୋର ବଡ଼ପଣ ହେଲି କି ଅଜ୍ଞାନ
ଶରଣ ସମ୍ଭାଳ ନାଥ ଗତି ନାହିଁ ଆନ ହେ । ୫ ।
ଚରଣ ତଳେ ଲୋଟନ୍ତେ ସ୍ୱର୍ଗ ପୁରନ୍ଦର
ତୋଳି କୋଳକଲେ ନନ୍ଦନନ୍ଦନ ସୁନ୍ଦର ହେ । ୬ ।
ଇନ୍ଦ୍ର ଗୋବିନ୍ଦ ମିଳନ ଅତୁଲ୍ୟ ମାଧୁରୀ
ଦରଶନେ ଗୌରହରି କି ବୋଲେ ବଳିହାରୀ ହେ । ୭ ।

[ପାଞ୍ଚ]

ମହାବାହୁ ଜଣାଣ

(ରାଧାନାଥ, ଏ ତୁମ୍ଭ ବଚନ ମାୟା— ବୃତ୍ତ)

ମହାବାହୁ ! ଅଖିଳ ଜଗତନାଥ
ତୁମ୍ଭେ ଥାଉଁ ଥାଉଁ କାହା ପାଦତଳେ ଲୋଟାଇବ ମୋର ମାଥ । ୧ ।
ମହାବାହୁ ! ଜନମାଜେ ଏଥିପାଇଁ
ଇତର ମାନଙ୍କୁ ହାତ ମେଲିବ କି ତୁମ୍ଭଙ୍କୁ ଛାଡ଼ି ଗୋସାଇଁ ! । ୨ ।

ମହାବାହୁ ! ଭଲେ ଅବଧାନ କର
ତୁମ୍ଭ ବାହାରେ କେ ବଡ଼ ଜଣେ ଅଛି ତା ଆଗେ ଯୋଡ଼ିବ କର ।୩।
ମହାବାହୁ ! ତୁମ୍ଭେ ତ ବଚଷକର୍ମୀ
ଆଉ ମୁଁ ସଂସାରେ କାହାକୁ କପାଇଁ ବୋଲିବ ବାବୁ ମହିମା ।୪।
ମହାବାହୁ ! ମୋତେ ମାଟିଆସେ ନାହିଁ
ତୁମ୍ଭ କୃପା ଭିକ୍ଷା ବିନୁ କାହାଦ୍ୱାରେ ଯାଚକ ହୋଇବ ଯାଇଁ ।୫।
ମହାବାହୁ ! ଏ ଜୀବନ ଗଲେ ଯାଉ
ଗଉରଚରଣ ପଦ୍ମ ଶ୍ରୀଚରଣ ଗୁମ୍ଫାକୁ ତକାଇ ଥାଉ ।୬।

[ଛଅ]

ଗରୁଡ଼ାସନ ଜଣାଣ

ଦୁଃଖ ନାଶନ ଗରୁଡ଼ାସନ ହରି !
ଦୁଃଖ ଜଣାଇବ କାହାକୁ
ଜଗନ୍ନାଥ ଥାଉଁ ଅନ୍ଧାର ଘୋଟୁଛି
ଏ କଥା କି ଚଉବାହାକୁ ।।ଘୋଷା।।

ଚନ୍ଦ୍ରା ନାବପରେ ବସାଇ କରି ଠେଲିଦେଲ ଯେଣୁ ଯାଉଛି ସରି
ରଖ ରଖ ବୋଲି କାହାକୁ ଡାକିବ ଟବେଣ ତ କଲ ଲୁହାକୁ ।୧।
ସୁଦାମା ଦାରିଦ୍ର୍ୟ ଭଞ୍ଜନକାରୀ ରଖିଛ ପାଣ୍ଡବେ କୁରୁ ସଂହାରି
ଜଳର ମଧ୍ୟରେ ଗଜକୁ ରଖିଲ ଛେଦପକାଇଲ ଗ୍ରାହାକୁ ।୨।
ଅଜାମିଳ ନାମେ ଯେ ମହାପାପୀ ତରିଗଲା ପୁତ୍ର ନାମକୁ ଜପି
ନାରେକ ମାଇଲ ଶ୍ରୀବତ୍ସ ବ୍ରାହ୍ମଣ ହୃଦରେ ବହିଲ ତାହାକୁ ।୩।
ବନର ହରିଣୀ ଶକ୍ରବାମାନେ ସେନେ କୃପା କଲ ଟରା ସାକ୍ଷାତେ
ଅର୍ପିତ ଡାକକୁ ନ ଶୁଣୁଛ ଲଜ୍ଜା ନୋହିବ କି ଲକ୍ଷ୍ମୀନାହାକୁ ।୪।

ଯେଉଁ ନାମ ଧରି ପବନସୁତ ଡେଇଁ ସମୁଦ୍ର ଆଣିଲ ସଙ୍କେତ
ଗଉରଚରଣ ସେ ପାଦେ ଶରଣ ହରବ୍ରହ୍ମା ଚଳେ ଯାହାକୁ ।୫।

[ସାତ]

ଲୀଳାମୟ ଜଣାଣ

(ରାଗ ବଙ୍ଗଳାଶ୍ରୀ, ଆଠତାଳି)

ଲୀଳାମୟ ଏ ଲୀଳା ତୁମ୍ଭର ହେ କେମନ୍ତେ ବୁଝିବି ମୁହିଁ ?
ହରବ୍ରହ୍ମାଙ୍କୁ ଯେ ଅତି ଅଗୋଚର ଅନନ୍ତ ଅନ୍ତ ନ ପାଇ ।ଘୋଷା।
ଇନ୍ଦ୍ର ବରୁଣ କୁବେର ଆଦି ଯେତେ ଛନ୍ତି ଦଶଦିଗପାଳେ
ବାଣୀ ରମା ଉମା ତୁମ୍ଭର ମହିମା ଜାଣି ନ ପାରିଲେ ତାଳେ ।୧।
କୋଟି କୋଟି ଋଷି କଳ୍ପେ କଳ୍ପେ ବସି ଧ୍ୟାନେ ହେଉଛନ୍ତି ବଣା
ମୁଁ ଛାର ଅଧମ କି କରି ବୁଝିବି ତୁମ୍ଭ ମାୟା ବୁଝାମଣା ।୨।
କାହାକୁ କେବେ କି ନ କରୁଛ ହରି ଦୟାକୁ ସାମନ୍ତମଣି
ମାରିବା ତାରିବା ଦୁଇ କଥା ଭଲ ବହିଛ ସାରଙ୍ଗପାଣି ।୩।
ଶତ୍ରୁମିତ୍ରଙ୍କୁ ଏକ ଗତି ଦିଅ ଏ ତ ବଡ଼ ଆଚମ୍ବିତ
କାହାକୁ ଅଚଳା ବିଭୂତି ସମର୍ପ କାହାକୁ କର ଅର୍ଥିତ ।୪।
କେଉଁ ଗୁଣ ବା ତୁମ୍ଭର ବାଉନବି ଆହେ ମହାଭୁଜଙ୍ଗେକା
କେ ପିନ୍ଧି ବୁଲୁଛି ଖଣ୍ଡିଆ ଦରିଘା କାହା ମୁଣ୍ଡେ ସୁନାଠେକା ।୫।
କେହୁ ଦାନା ପାଇଁ ହୁଏ ହାଇ ହାଇ କେ ଭୁଞ୍ଜଇ ଶାଳିଅନ୍ନ
ଖଙ୍ଗ ମଣି ଶିଖରଙ୍ଗ ଗୌର ଦୁଃଖ ନ ଶୁଣି ମୁଦିଛ କର୍ଣ୍ଣ ।୬।

[ଆଠ]

ଗୋବିନ୍ଦ ସ୍ତୁତି

ହେ ଗୋବିନ୍ଦ ବୃନ୍ଦାରଣ୍ୟ ମଦନ
ଫେଡ଼ିଦିଅ ମୋର ଭବବନ୍ଧନ । ଘୋଷା ।
ଭକତଙ୍କ ହୃଦ ସୁଖ ସଦନ
ନିର୍ମଳ ପ୍ରେମ ଆନନ୍ଦ ବର୍ଦ୍ଧନ ।୧।
ଅସାର ସଂସାର ବାସନା ମାନ
ଛେଦି ଦିଅ ମୋ କୃପା ନିଧାନ ।୨।
ଚଖାଇ ଶାନ୍ତି ମଧୁକୁ ବହନ
ରଖାଅ ତବ ଭକ୍ତ୍ୟ ସନ୍ନିଧାନ ।୩।
ଲୀଲା ରସମୟ ନନ୍ଦ ନନ୍ଦନ
ବିପଦ ଭଞ୍ଜନ ଜଗଦ୍‌ବନ୍ଦନ ।୪।
ଦେଖାଅ ଶ୍ରୀରଙ୍ଗ ପଦ୍ମ ଚରଣ
କ୍ଷମାଅ ଗୌର ମନ୍ଦ ଆଚରଣ ।୫।

[ନଅ]

ବିଶ୍ୱମ୍ଭର ଜଣାଣ

(ତାଳ—ଆଠତାଳୀ)

ଆହେ ବିଶ୍ୱମ୍ଭର ! ମୋର ଏ ଦୁରନ୍ତ ଦଶା ହର ॥ ଘୋଷା ॥
ଏ ଘୋର ସଂସାର ଦିଶୁଛି ଅନ୍ଧାର ହେଉଛି ଅସ୍ଥିର ସଦା ପ୍ରାଣ
କୃପାସିନ୍ଧୁ ହରି ଶ୍ରୀଚରଣ ତରୀ ଦାନରେ ଦାସକୁ କର ତ୍ରାଣ ।୧।

ହିଂସାକୂଟ ଦ୍ୱେଷ ଆଦି ନାନା ଦୋଷ ଅଶେଷ କଳୁଷ ମୁଁ ବହିଛି
ମାୟା ମୋହଦ୍ୱନ୍ଦ୍ୱେ ପଡ଼ି ନିରାନନ୍ଦେ କଲବଲ ଏକା ହେଉଅଛି ।୨।
ଅବଳର ବଳ ଦୁଃଖୀର ସମ୍ବଳ ଶରଣ ବତ୍ସଳ ଭବତ୍ରାହି
ମହାବାହୁ ମହା ମହିମାବନ୍ତ ହେ ସଦା ସଙ୍କଟରୁ କର ତ୍ରାହି ।୩।
ପ୍ରଭୁ ଆଦିମୂଳ ତୁମ୍ଭେ ଅନୁକୂଳ ହୁଅ ଯାରେ ତାର କିବା ଭୟ ?
ଧ୍ରୁବଟାକୁ ଦାରୁ କର ମହାମେରୁ ଶୁଣିଛୁ ପୁରାଣେ ଲୀଳାମୟ ।୪।
ନୀଳାଦ୍ରି ସାମନ୍ତ କେତେ ହୀନସତ୍ତ୍ୱ ହେବ ଆଉ ଏ କଞ୍ଚାଳେ ପଡ଼ି
ବାରେ ଅନୁକମ୍ପା ନ ହେଉଛି କପାଁ ଚନ୍ଦ ମଣୁଅଛି ଷୋଳଘଡ଼ି ।୫।
ଏଡ଼େ ପ୍ରଭୁ ହୋଇ ନ ଶୁଣ ଗୋସାଇଁ ଭୃତ୍ୟର ଗୁହାରି ଡାକ ଥରେ
ଭବ ଦୁର୍ବାସନା ଅନର୍ଥ ଭାବନା ପ୍ରବଳ ହେଉଛି ହୃଦୟରେ ।୬।
ଯାମଳା ଭଞ୍ଜନ ଗରବ ଗଞ୍ଜନ ମାନସ ରଞ୍ଜନ ବ୍ରଜବଧୂ
ଅଭୟ ଦାୟକ ଆଭୀର ନାୟକ ଇଚ୍ଛାମୟ ହରି କୃପାସିନ୍ଧୁ ।୭।
ବାହୁ ଜନାର୍ଦ୍ଦନ ଶ୍ରୀମଧୁସୂଦନ ଆଶା ପୂର୍ଣ୍ଣକର ଦଇତ୍ୟାରି
ଗରୁଡ଼ଚରଣ ଦୁଷ୍ଟ ଆଚରଣ ଧ୍ୱଂସିଦିଅ ପାପ ତାପହାରି ।୮।

[ଦଶ]

ଦୀନବନ୍ଧୁ ଜଣାଣ

ଦୀନବନ୍ଧୁ ଦୁରିତ ନାଶନ ହେ ଶ୍ରୀ ଦେବାଧି ଦେବରାଜେ
ଅରକ୍ଷ ରକ୍ଷଣ ବୋଲି ପରା ତୁମ୍ଭ ମହିମା ଡିଣ୍ଡିମ ବାଜେ ।।ଘୋଷା।।
କରପଦ ଯୋଡ଼ି ସ୍ତୁତି କରୁଥାନ୍ତି ବ୍ରହ୍ମାଦି ଦେବ ସମାଜେ
ତେଡ଼େ ବଡ଼ପଣ କେ ଦେଖି ଗଲା କି ଫେଡ଼ି କହୁନାହିଁ ଲାଜେ ।୧।
ଯେଉଁ ଶ୍ରୀଭୁଜକୁ ରଥାଙ୍ଗ କମଳ ଶଙ୍ଖ ଗଦାବର ସାଜେ-
ସେ ଅସ୍ତ୍ର ଛଡ଼ାଇ କେ ଦେଖି ଗଲା କି ତୁଚ୍ଛା ହାତେ ଅଛ ବ୍ୟାଜେ ।୨।

ଯେବଣ ଚନ୍ଦନ ଅର୍ଗଳି ଗଳିବା ପାଇଁ ମନା ଦେବସଙ୍କେ
ନେମନ୍ତ ଶ୍ରୀରତ୍ନ ସିଂହାସନ ଅଧିକାରୀ କେ ହେଲ କି କାର୍ଯ୍ୟେ ।୩।
ବଡ଼ ଠାକୁରଙ୍କୁ ସାନ କରିବାକୁ କ୍ଷମ କେ ଶ୍ରୀକ୍ଷେତ୍ର ରାଜ୍ୟେ
କହାଁ ନ କହୁଛ ମଉନେ ରହିଛ ଦେଖି ମୁଁ ହୁଏ ଥକା ଯେ ।୭।
କେତେ ସୁପ୍ରସନ୍ନେ ଦାଉ ଦାଉ ପଣେ କଳାଶ୍ରୀମୁଖ ବରଜେ
ଗୌରଦ୍ୱିଜଠାରେ କେବଣ ଅହଂନ୍ତା ଆଜ୍ଞାହେଉ ଦେବସଙ୍ଗେ ।୫।

———

[ଏଗାର]

ଜନାର୍ଦ୍ଦନ ଜଣାଣ

(ରାଗ ଚୋଡ଼ପରଜ, ଆଠତାଳୀ)

ବିପଦକାଳରେ ଡାକିଲେ କାତରେ ସାହାହୁଅ ଜନାର୍ଦ୍ଦନ ॥ଘୋଷା॥
ଶ୍ରୀଚରଣ ଭେଳା ଦେଇ ଚକାଡୋଳା ଉଦ୍ଧର ପାତକୀ ନରେ
ଅଥଳ ଭବସାଗରୁ ପାରି କରି କୋଳକୁ ନିଅ ସାଦରେ ।୧।
ଧନର ସମ୍ପଦ ଏକା ତୁମ୍ଭ ପଦ ଆହେ ଆର୍ତ୍ତି ଆର୍ତ୍ତିହାରି
ଅଖିଳ ସଂସାର ମୋହନ ମୂରତି ଶ୍ରୀ ବୃନ୍ଦାରଣ୍ୟ ବିହାରୀ ।୨।
ଅନନ୍ତ ଚିଦ୍‌ଘନ ଚିନ୍ମୟ ସୁରସମସ୍ତ ନିତ୍ୟ ସନାତନ
ସକଳ ଜୀବଙ୍କ ପ୍ରେମାନନ୍ଦ ସୁଖଦାୟକ ବଂଶୀ ମୋହନ ।୩।
ଭକତ ବତ୍ସଳ ତୁମ୍ଭେ ଆଦିମୂଳ ଚତୁର୍ବର୍ଗ ଦାତା ହରି
ଗୌର ଦ୍ୱିଜକଥା ନ କର ଅନ୍ୟଥା ଶୁଣ ବାରେ କର୍ଣ୍ଣ ଡେରି ।୪।

———

ଗୀତ କଳ୍ପତରୁ

[ବାର]

ନୀଳଚକ୍ର ଦର୍ଶନ

ନୀଳଚକ୍ରେ ହୋ ଦେଖ ଉଡ଼ୁଛି ବାନା
ପତିତପାବନ ନାମ ଟି ଯା ନାଁ ॥ ଘୋଷା ॥

ଆସ ଆସ ବୋଲି ପାତକୀ ମାନଙ୍କୁ
ଡାକୁଅଛି ପରା ସଙ୍ଗୀତ ଅନା,
ନେତ ଧ୍ୱଜାବର ଉଡ଼ି ଫରହର
ଉଡ଼ାଇ ଦେଉଛି ଭବଯାତନ ।।୧।

ପଞ୍ଚକୋଶୀ ଯାଏଁ ଜନେ ଦେଖାଯାଏ
ଦର୍ଶନେ କଳୁଷ ହୁଅଇ ଚୂନା
ଚଉଦ ବ୍ରହ୍ମାଣ୍ଡ କର ତାଙ୍କ ଲୀଳା
ଶଙ୍ଖନାଭି କ୍ଷେତ୍ରେ ହୁଚାଇ ସିନା ।୨।

ସଲକ୍ଷ ସୁନ୍ଦର ବଡ଼ଦାଣ୍ଡ ଶୋଭା
ମର୍ତ୍ତ୍ୟମଣ୍ଡଳରେ କାହିଁ ଅଛି ନା
ଶରଧା ବାଲିରୁ ସ୍ୱର୍ଗଦ୍ୱାର ଯାଏଁ
ଗହଳ ଚହଳ ନୁହେ କଳନା ।୩।

ପାପଛଡ଼ା ପୁରେ ବାସ କରିବାକୁ
ଯାହାକୁ ତାହାକୁ ନୁହଇ ମନା
ଆଚଣ୍ଡାଳ ଦ୍ୱିଜ ପଙ୍କେ ଭୁଞ୍ଜିବା
ବଡ଼ ଆଚମ୍ବିତ ଲାଗଇ କି ନା ।୪।

ଗୌରଦ୍ୱିଜ ଭଣି   ଶ୍ରୀକ୍ଷେତ୍ରେ ରହଣି
ପାଇଁ କରୁଥାଇ ସଦା ଭାବନା
ସତେ ହେବେ ସାହା   ବଳିଆର ବାହା
ସମ୍ପୂର୍ଣ୍ଣ କରବ ମନ କାମନା ।୫।

[ତେର]

ଶ୍ରୀ ଜଗନ୍ନାଥଙ୍କ ଦର୍ଶନ

(ରାଗ ଘଟିଆରୀ, ତାଳ ଖେମଟା)

[‘ଦେଖ ଗୋ ସଙ୍ଗାତ ବ୍ରଜରାଜସୁତ’ ବୃତ୍ତରେ]

ସଖି ! ନବଘନ   କାଳିଆ ବଦନ
କି ଶୋଭା ଦିଶୁଛି ଅନା ଗୋ
ଏହି ପରା ବୃନ୍ଦା—   ବନ ଧେନୁଚରା
ନନ୍ଦର ନନ୍ଦନ କହ୍ନା ଗୋ
ଭଲେ କର ଅନୁମାନ,
ସେହି କୁଳବୁଡ଼ା ଏ କଦାନ ଗୋ ।୧।
ବାକଟକୁଟିଆ,   ବସନଲୁଟିଆ
ଖୋଟିଆ ପଣ ତ ଜାଣ ଗୋ
ଗୋଟି ଗୋଟି କରି   ଗୋପ କନିଆଁ କୁଁ
ଯେତେ କରେ ହଇରାଣ ଗୋ
ଏକୁଟିଆ ହୋଇ ଠିଆ,
ବାଟେ ଘାଟେ ଭାଙ୍ଗଇ ମାଠିଆ ଗୋ ।୨।

କହିଲେ ହୋଇବ ପୋଥିଟାର ପାଠ
ତା ଯେଉଁ ଅପାଠ ଯାକ ଗୋ,
ଦହି ଦୁଧ ଯେତେ ଶ୍ରୈରଇ ଟିକଇ
ସଭିଁକ କରି ଅବାକ ଗୋ
ପୁଣି ପୁଣି ବଂଶୀ ଫୁଙ୍କି
ବାଇ ଭୂତ ଲଗାଏ ଗୋପୀଙ୍କି ଗୋ ।୩।
ଏତେ ଗୁଣ ଜାଣି ପଣ୍ଡିତ ଜାକରେ
ଗୋଇ ବାନ୍ଧିଥିଲେ ବୋଲି ଗୋ
କଦର କରଣ ପଳାଇ ଆସି ତ
ଏଠାରେ ବଖାଣେ ବେଲି ଗୋ
ରଜା ପରି ଖଜା ଖାଇ,
ମଜାମାରୁଛୁ ଦେଖାଇ ଛଇ ଗୋ ।୪।
ଆମ୍ଭ ଠାକୁରାଣୀ କୁଞ୍ଜା ସାମନ୍ତାଣୀ—
ଙ୍କର ଏ ପରା ବେଠିଆ ଗୋ
ଛଉଟ ଲମ୍ପଟରେ ମାପ ନକଟରେ
ହୋଏ ଯମୁନା ତୋଠିଆ ଗୋ
ଏବେ ରତ୍ନ ସିଂହାସନେ,
ବସି ରହିଛୁ ମହା-ମଉନେ ଗୋ ।୫।
ପୂରୁବ କଥା କ ମନେ ଭାବ ତାର
ହୃରୁ ପକାଉଛୁ ହସି ଗୋ
ଦୁରୁଜନ କହ୍ନା ମୁରୁକ ହସାରେ
ଏତେ ଲୋକ ଛନ୍ତି ରସି ଗୋ
ଧନ୍ୟ ଧନ୍ୟ ଏ କାଳିଆ,
ଗୌର ଦ୍ୱିଜର ଗଳାମାଳିଆ ଗୋ ।୬।

[ଚଉଦ]

ଚନ୍ଦନଯାତ୍ରା ଗୀତ

(କଣ୍ଠାନ୍ତ୍ର ଦନ୍ତ ପଲଙ୍କ ତେଜ ପ୍ରଭୁ ନରେନ୍ଦ୍ର ଗୃହେ ଗମନ—ବୃନ୍ଦ)

ଶ୍ରୀରାଧା ମୋହନ—ଶ୍ରୀରାଧା ମୋହନ !!

ଚନ୍ଦନ ଯାତ୍ରାକୁ ବିଜୟେ ସଧୀରେ
ଦେଖ ସଖି କି ଯତନ । ଘୋଷା ।
ମଣି ବିମାନରେ ତ୍ରିଭଙ୍ଗ ଠାଣିରେ
ଉତ୍ତର ଜଗୁଜୀବନ
ବାମେ ବାମାଧନ ଶ୍ରୀଭାନୁ ନନ୍ଦିନୀ
ଚଉପାଶେ ସଖୀଗଣ ।୧।
ବିମ୍ବାଧରେ ହାସ ଝରଇ ପୀୟୂଷ
କି ଶୋଭା ଚନ୍ଦ୍ର ଲପନ
ଅଗୁରୁ କର୍ପୂର ଚନ୍ଦନ ଚର୍ଚ୍ଚିତ
ମୃଦୁମଧୁ ଅପଘନ ।୨।
ନୀଳ ପୀତ ଝୀନ ପଟ ପରିଧାନ
ଅତି ଅପୂର୍ବ ଘଟନ
ନବ ନଟବର ବେଶ ମନୋହର
ନାହିଁ ନା ତ୍ରିଭୁବନ ।୩।
ଗଳେ ବନମାଳ କର୍ଣ୍ଣରେ କୁଣ୍ଡଳ
ଦୋହଲି ହରଇ ମନ
ଶ୍ରୀକରେ ବଂଶୀ ଧରି ଗୋପଶଶୀ
ମୋହୁଛନ୍ତି ଭକ୍ତଜନ ।୪।

ଦେବଙ୍କ ଦୁନ୍ଦୁଭି ବାଜଣା ସହିତେ
ନାରଦ ବୀଣା ବାଦନ
ଶଙ୍କର ଡମ୍ବରୁ ଘନ ଘନ ବାଇ
ସବେ କରନ୍ତ ନର୍ତ୍ତନ ।୫।
ଅପସରୀବୃନ୍ଦ ହୋଇଣ ଆନନ୍ଦ
ବୃଷ୍ଟି କରନ୍ତ ସୁମନ
ଗୌର ଦ୍ୱିଜ ତହିଁ ଶ୍ରୀଗୁମୁରେ ରହି
କରେ ଚାମର ବ୍ୟଜନ ।୬।

———

[ପନ୍ଦର]

ଦେବସ୍ନାନୋତ୍ସବ ଗୀତ

(ରାଗ ବଙ୍ଗଳାଶ୍ରୀ, ଆଠତାଳୀ)

ଦୀନବନ୍ଧୁ ଦୁରିତନାଶନ ହେ ଶ୍ରୀଦେବାଧି ଦେବରାଜ
ମହାମହୋତ୍ସବ କରିବାକୁ ଦେବ ! ସ୍ନାନମଣ୍ଡପକୁ ବିଜେ । ପଦ ।
ତେଜି ରତ୍ନସିଂହାସନ ମହାପ୍ରଭୁ ହେଜି ପଣ୍ଡାଙ୍କ ଦୁଃଖ
ନିରେଖମାନେ ନିସ୍ତାର ହୋଇଯିବେ ନିରେଖି କଳାଶ୍ରୀମୁଖ ॥
ଦିବ୍ୟବେଶ ହୋଇ ଦୟାଳୁ ସାମନ୍ତ ଦେଉଳରୁ ବାହାରିଲେ
ମସ୍ତକରେ ହସ୍ତ ନିବେଶି ସମସ୍ତ ଜନମାନେ ଜୁହାରିଲେ ॥
ବାଜେ ଜୟଶଙ୍ଖ ମଙ୍ଗଳ ମହୁରି ମର୍ଦ୍ଦଳ ବୀର କାହାଳୀ
ପୁରୁଷମାନଙ୍କ ହରିବୋଲ ଧ୍ୱନି ନାରୀଙ୍କର ହୁଳହୁଳି ॥
କେହୁ ଧରେ ଛତ୍ର ଆଡ଼େଣି ବଟାନ କେ ଧରେ ଢାଳେ ଚାମର
ଆଗେ ମାଲମାଲ ଉଡ଼ୁଛି ଚଗଲ ଆଲଟଧାରୀ ଅମର ॥

ଛଡ଼ବାଡ଼ ଧରି ଡାକେ ପଡ଼ିଆରି ମହିମା ମହିମା ବାଣୀ
ସ୍ନାନମଣ୍ଡପକୁ ବିଜେକର ପ୍ରଭୁ ତୈଲୋକ୍ୟର ଚିନ୍ତାମଣି ॥
ଖଟଣି ସେବକ ପଥ ସମାର୍ଜନ୍ତି ପକାନ୍ତି ପାହାଡ଼ା ଚୂଳି
ପହଣ୍ଡି ବିଜୟେ କରନ୍ତି ଗୋବିନ୍ଦ ଧୀରେ ଧୀରେ ଢଳି ଢଳି ॥
ରଚନ ମଣ୍ଡପ ସ୍ନାନ ଚନ୍ଦ୍ରାତପ ଚାରି ବିତାନରେ ତୋରା
ଯନ୍ତ୍ରେ ପାବଛ ବସିଅଛି ସ୍ୱଚ୍ଛ ଶୁଦ୍ଧ ବ୍ରହ୍ମଜାତ ସ୍ୱର୍ଗ ॥
ଜମ୍ବୁନଦ ହେମ ବାଟେ ମନୋରମ ଆଉଜିବା ଅପସର
ଭାଇଭଗ୍ନୀ ସଙ୍ଗେ ଦେନିକର ରଙ୍ଗେ ବିଜୟେ ଜଗୁ ସୋଦର ॥
ଇନ୍ଦ୍ର ଚନ୍ଦ୍ରଦେବ ନୈଋତ ବରୁଣ ସୁର ସିଦ୍ଧ ବିଦ୍ୟାଧର
ଶ୍ରୀସ୍ତମ୍ଭରେ ଆସି ସେବା କରୁଛନ୍ତି ମାନବ ମୂରତି ଧରି ॥
ଅନେକ କନକଘଟ ପୂର୍ଣ୍ଣକରି ଆକାଶର ଗଙ୍ଗାପାଣି
ଜୟ ଜୟ ଜଗନ୍ନାଥ ବାଣୀ ଭଣି ଶିରେ ନାଉଡ଼ନ୍ତି ଆଣି ॥
ବ୍ରହ୍ମା ଶିବଙ୍କୁ ଲଭ୍ୟ ନୋହିଥିଲା ଯେ ସେହି ସେ ଚରଣାମୃତ
ଏବେ ଇଚ୍ଛାସୁଖେ ପାନକରି ଲୋକେ ହେଉଛନ୍ତି କୃତକୃତ୍ୟ ॥
ଅତି ସମ୍ଭ୍ରମରେ ସ୍ନାନ ମହୋତ୍ସବ ବିଧାନକୁ ବଢ଼ାଇଲେ
ଧୂପଦୀପ ବନ୍ଦାପନା ଦେବାର୍ଚ୍ଚନ କର୍ପୂର ଆଳତି କଲେ ॥
ପଣ୍ଡା ପଶୁପାଳ ନାନା ଧଣ୍ଡାମାଳ ଶ୍ରୀଅଙ୍ଗରେ ଲମ୍ବାଇଲେ
କଳା କରିବରବେଶ ଧରି ହରି ବାହୁଡ଼ା ବିଜୟ କଲେ ॥
ବିଘ୍ନରାଜ ଉପାସକ ଏକଦ୍ୱିଜ ଭକ୍ତ ପୂର୍ବେ ଥିଲା ଆସି
ଏ ମହାପ୍ରଭୁ ନୁହନ୍ତି ବୋଲି କ୍ରୋଧେ ଯାଉଥିଲା ସେହୁ ରୁଷି ॥
ଜାଣି ତାର ମନ କରୁଣାନିଧାନ ଆଣି ପାଶେ ରଖାଇଲେ
ଗଜବଦନ ଶୋଭା ବେନିନୟନ ତାର ଆଗେ ଦେଖାଇଲେ ॥
ସେହିଦିନଠାରୁ ଗଜବେଶ ହେଲେ ଭକ୍ତବନ୍ଧୁ ସର୍ବଗ୍ରାସୀ
ବଢ଼ଦେଉଳକୁ ଝୁଲିଝୁଲି ବିଜେ ଠାବେ ଠାବେ ରହି ରହି ॥

ଅନେକ ଜଳ ଅଭିଷେକ ହେବାରୁ ଶ୍ରୀଅଙ୍ଗ ଅଳସ ଯହୁଁ
ନୈକଟ ବେଶରେ ଅଣସର ଘରେ ଗୁପତେ ରହିଲେ ତହୁଁ ॥
ଭକ୍ତଙ୍କ ଆକୁଳ ଜାଣି ଅନୁକୂଳ କଲେ କରୁଣାନିଧାନ
ଅଣସର ଘର କରଣ ଅନ୍ତର ଗୁଣ୍ଡିଚା ଯାତ୍ରା ବିଧାନ ॥
ନବକଳେବର ରୂପ ମନୋହର ଶ୍ରୀମୁଖମଣ୍ଡଳ ଶୋଭା
ଚିତ୍ତମୋହନ ବେଶ ଧରି ହିତ ମନୋହର କୋଠାରେ ଉଭା ॥
ସେ କାଳର ଶୋଭା ମନୋହର ଉତ୍ସବ ଦେଖିଛି ଯାହାର ଆକ୍ଷି
କବି ପୁର କାହିଁ ସେ ଛବି ବର୍ଣ୍ଣିବ ନାହିଁ ତାର ଏକା ସାକ୍ଷୀ ॥
କାଲି ଶ୍ରୀଗୁଣ୍ଡିଚା ଯାତ୍ରା ହେବ ବୋଲି ଅଜଠାରୁ ନେହାଇ ଜଗ
ମଣିଘୋଷ ରଥେ ବିଜୟ କରିବେ ବେଷ୍ଟିତେ ବେଦିକୁଜ ॥
ଶ୍ରୀପୁରୁଷୋତ୍ତମ କ୍ଷେତ୍ର ପରମ କେହି ନ ଜାଣନ୍ତି କଛି
ଧର୍ମ ଅର୍ଥ କାମ ମୋକ୍ଷ ଏ ଚତୁର୍ବର୍ଗ ଠାବେ ଠାବେ ପୂରିଅଛି ॥
କେ କହିପାରିବ ଶ୍ରୀକ୍ଷେତ୍ର ମହିମା ସହସ୍ରମୁଖେ ନୋହେ ଶେଷ
ଦେବଙ୍କୁ ଦୁର୍ଲଭ ମର୍ତ୍ତ୍ୟର ବୈକୁଣ୍ଠ ଲୀଳା ଅଶେଷଁ ଅଶେଷ ॥
ହେ ଜଗନ୍ନିବାସ ! ମୋର କ୍ଷେତ୍ରେ ବାସ କରିବାକୁ ବଡ଼ ଆଶ
ନିଶିଦିଶି ଏହି ଅନୁଜ୍ଞା ମାଗଇ ଦେଉରଚରଣ ଦାସ ॥

[ଷୋହଳ]

ପହଣ୍ଡି ବିଜେ ଗୀତ

କାଳିଆ କାହ୍ନୁ ! ଆଉ ବିଳମ୍ବ କର କାହିଁକି
ବରଷକେ ଥରେ ବିଜୟେ ରଥରେ
ପତିତ ତାରିବା ପାଇଁକି । ଘୋଷା ।

ଚଉଦ ବ୍ରହ୍ମାଣ୍ଡ ଗୁଣ୍ଡ ହୋଇଛନ୍ତ ଦର୍ଶନ କରିବା ପାଇଁକି
ଅନେକ କାଳର ଦୁଖ ଉପେଖିବେ କଳାଚନ୍ଦ୍ରମୁଖକୁ ଚାହିଁକା ।୧।
ଆଗେ ଗଜପତ ଉଭାହୋଇଛନ୍ତ ଶିରେ ଯୋଡ଼ କର ଦୁଇକ
ସୁନା ଶୋଧଣୀରେ ମାର୍ଜନା କରନ୍ତ ପହଣ୍ଡି ବିଜୟେ ଭୁଇଁକା ।୨।
ଛତିଶା ନିଯୋଗେ ଉଭାହୋଇଛନ୍ତ ଯେ ଭଜନ ହେବେ ଯହିଁକ
ଆକାଶେ ଇନ୍ଦ୍ର ଅମରବୃନ୍ଦ ପୁଷ୍ପ ବୃଷ୍ଟି କରୁଛନ୍ତ ତହିଁକ ।୩।
ତାଳଧ୍ୱଜ ରଥେ ବିଜୟ କରନ୍ତୁ କହ୍ନାଇଅ ବଡ଼ ଭାଇଙ୍କି
ଦେବୀରଥ ବଡ଼ ସୁନ୍ଦର ଦଶିବ ଭଉଣୀ ହଳଦମୁର୍ତ୍ତିଙ୍କି ।୪।
ଭୁମ୍ୟେ ପଛରେ ପଛକେ ଆସୁଥାଅ କରି ନବରଙ୍ଗ ଛଇକ
ମଥା ଦୋହଲାଇ ଝାହୁଆ ହାଲଇ ଠାବେ ଠାବେ ରହି ରହିକା ।୫।
ସେବକମାନଙ୍କ ଅଙ୍ଗ ଚ୍ଛମଝାଳ ଗମଗମ ପଡ଼େ ବହିକ
ଝିଙ୍କାଝିଙ୍କି କରିବାରୁ ବାଧୁଥିବ ପରା ସୁକୁମାର ଦେହିକ ।୬।
ଦେବଦାସୀ ନାଟ ଉତ୍କୁଟ କରନ୍ତ ତାରା ଧ୍ରନକଟ ଥେଇକ
ବାଜେ ଖୋଳତାଳ ମହୁରୀ ମଞ୍ଜୁଳ ମର୍ଦ୍ଦଳ ତାଧେଇ ଧେଇକା ।୭।
କା ନେହୁ ଲେତକ ବନ୍ଦେ ଥକଥକ କେହ୍ନ ନାଚେ ଗୀତ ଗାଇକ
ଜଗମୋହନଆ ଜଗତଜନଙ୍କୁ ଲଗାଇଛୁ ପ୍ରେମବାଇକ ।୮।
କେତେ ଖାଇବ କଦଳୀ କରମଙ୍ଗା ସରପୁଳି ଖଣ୍ଡ ଖଇକ
ନାଡ଼ୀ ବଡ଼ ଗଜା ମନୋହର ଝଜା ଛେନାପୁର ବସାଦହିକା ।୯।
କେକେତେତମାନ ଗୀତଶୁଣାଇବେ କେକେତେକରିବେ ଝାହିକ
ଖଣ୍ଡି ଚିରଦୁଃଖ ମଣ୍ଡି ଦେବ ଆଜ ଷେନ ବଡ଼ଦାଣ୍ଡ ସାହିକା ।୧୦।
ନ ଦ୍ୱନ ଅବଧି ଲକ୍ଷ୍ମୀଙ୍କି ପ୍ରବୋଧି ଆସିଅଛ ଚିରି କହି କ
ଭୁଲିହୋଇ ଆସ ଚହିଅଛ ଟି କ ଜଳଟତଜେମାଦେଇ କ ।୧୧।
ଆହେ ଚକାଡୋଳା ! ବୃନ୍ଦାବନ ଲୀଳା ମନେ ଆଉ ପଡ଼ୁ ନାହିଁ କ
ଆସ ବଂଶୀଧରି ! ଚରାଇବ ପରା ଜଗତ ଉଟତ ଗାଈଙ୍କି ।୧୨।

ପାପ ଅନ୍ଧକାର ଘୁଚିବ କି କରବ ଆଜ ସେ ପାଇବ ଛୁଇଁ କି
ନୀଳଶଇଳଶିଖରୀ ପୂର୍ଣ୍ଣଚନ୍ଦ୍ର ଆସୁଛନ୍ତି ପରା ଉଇଁ କି ।୧୩।
ଅପଲକ ଦୃଷ୍ଟି କର ରେ ମାନସ ! ଆଜ ଏ ସମୟ ପାଇ କି
ଗଉର ଚରଣ ପଶିଲା ଶରଣ ନନ୍ଦଘୋଷରଥଗାଇକି ।୧୪।

———

[ସତର]

ରଥଯାତ୍ରା ଗୀତ

(ଶ୍ୟାମ ନାଗର ହେ ! ଏ ବେଶ ହୋଇବ ନାହିଁ—ବୃତ୍ତ)

ପ୍ରାଣ ସଙ୍ଗାତ ରେ ! ନୟନ ପୂରାଇ ଅନା
ଫରହର ହୋଇ କେମନ୍ତେ ଉଡ଼ଇ
ତିନ ରଥେ ତିନ ବାନା । ଘୋଷା ।
ତାଳଧ୍ୱଜ ଦେବ— ଦଳନ ଶ୍ରୀନନ୍ଦ—
ଘୋଷ ନାମ ସୁଘଟନା
ଭାଇଭଗ୍ନୀ ସଙ୍ଗେ ବସିଲେ କି ରଙ୍ଗେ
ନାଗର ଛଇଲ କହ୍ନା ।୧।
ଡାହାଣେ ଶ୍ରୀବଳ— ଭଦ୍ର ଦେବସିଙ୍କେ
ବଡ଼ ଠାକୁର ଯାହା ନାଁ
ବାମେ ନନ୍ଦଘୋଷେ କି ସୁନ୍ଦର ଦିଶେ
ତ୍ରିପଣ୍ଡ କାଳିଆ ସୁନା ।୨।
ବେଣିଭାଇ ମଧ୍ୟେ ହରିଦ୍ରାବରଣୀ
ସୁଭଦ୍ରାଈ ଚନ୍ଦ୍ରାନନା
ଗୋକୁଳ ନବରେ ଯିବାକୁ ଭାବରେ
ହୋଇଛନ୍ତି ଉନମନା ।୩।

ତ୍ରୈଲୋକ୍ୟମୋହନ ଗୃହୁ ଅଚଳନ
ଶୋଭା ନୁହଇ କଳନା
ଉପମା ଦେବାକୁ ତିନିପୁରେ ନାହିଁ
ଯା ସୌନ୍ଦର୍ଯ୍ୟ ଅତୁଳନା ।୪।
ଟାହିଆ ଫୁଲଇ ଗୁଡିକ ଫୁଲଇ
କି ମନେ କରି ଭାବନା
ପହଣ୍ଡି ବିଜେହୁଏ କନ୍ତି ଦେବହୁଏ
ପୂରାଏ ଭକ୍ତ କାମନା ।୫।
ସିହଦୁଆରୁ ଶ— ରଥ ବାଲି ଯାଏଁ
ଶ୍ରୀକ୍ଷେତ୍ରବର ପାଟଣା
ଶ୍ରୀପୁରୁଷୋତ୍ତମ ଯାହାକୁ ବୋଲନ୍ତି
କାହାକୁ ନାହିଁ ବା ଜଣା ।୬।
ଲାଗି ଭିତରିଆ ଜଗନ୍ନାଥଙ୍କର
କଉତୁକ ବୁଝାମଣା
ଜନମାନଙ୍କର ଗହଳ ଚହଳେ
କେ କାହିଁ ହୁଅନ୍ତ ବଣା ।୭।
ଆଜି କି ଆନନ୍ଦେ ଉଛୁଳି ପଡ଼ୁଛି
ଗୁଣ୍ଡିଚା ପାଟ ଅଗଣା
ଗହ ଗହ ନାଦ ବାଜେ ନାନା ବାଦ୍ୟ
କେ କରିବ ତା ବର୍ଣ୍ଣନା ! ।୮।
ଆମ୍ଭ ଠାକୁରାଣୀ ଗୃହିଁ ରହିଛନ୍ତି
କରି ମନ୍ଦିର ମାର୍ଜନା
ଏ କଳା ଶ୍ରୀମୁଖ ଦରଶନ କରି
ହରିବେ ହୃଦ ଯାତନା ।୯।

ଆମ୍ଭେ ସର୍ବ ସଙ୍ଗୀ ହୁଳହୁଳି ଦେଇ
କରିବା ଗୋ ବନ୍ଦାପନା
ଗୌରବିଜ କନ୍ଦ ସବାପଛେ ରହି
ଛଡ଼ାଇବ ଆବର୍ଜନା । ୧୦ ।

———

[ଅଠର]

ରଥଚଳା ଗୀତ

ନୀଳାଦ୍ରି ସିଂହ ! କି ଲୀଳା ଲଗାଇଛ ଆଜିକି
ନିସ୍ତାରିବାପାଇଁ ପତିତଜନଙ୍କୁ ବିସ୍ତାରିଛ ବେନିପାଣିକି । ଘୋଷା ।
ଏକା କରି ସାହା ଗୁଣ୍ଡିଚା ଆସିଅଛ ମହାଲକ୍ଷ୍ମୀ ଠାକୁରାଣୀଙ୍କି
ସେ ଏବେ କି ଦୁଃଖେ ବସି ମାନମୁଖେ ଚିରନ୍ତି ନଖେ ଧରଣୀକି ॥
ତୁମ୍ଭେ ନନ୍ଦିଘୋଷ ପୃଷ୍ଠେ ବସି ଦୃଷ୍ଟି କରି କଟାକ୍ଷ ବୃନ୍ଦାଣୀକି
ଦର୍ଶନ ମାତ୍ରକେ ଅଶେଷ କଳ୍ମଷମାନଙ୍କୁ ଫେଡ଼ାଅ ହାଣିକି ॥
ଆଗେ ବଳଭଦ୍ର ମଧ୍ୟରେ ସୁଭଦ୍ରା ପଛରେ ଛକିଳମଣିକି
ତିନି ମୂରତି ସ୍ଥିତି ତ୍ରିଗୁଣ ମୂରତି କେ ପାରେ ସେ ତତ୍ତ୍ୱ ଜାଣିକି ॥
ଜୟ ଜୟ ନୀଳ ଶ୍ରୀମୁଖ ଫୁଟିକି ନିନ୍ଦେ ଇନ୍ଦ୍ରନୀଳମଣିକି
କେମନ୍ତ ସୁନ୍ଦର ରଙ୍ଗିମା ଅଧର ବାନ୍ଧୁଲି କୁସୁମ ଜିଣି କି ॥
ବିସ୍ମୃ ବ୍ରହ୍ମାଣ୍ଡପାଳ ଶୋଭା ତ୍ରିଶୂଳ ସାର ସାର ଗୁଣୀ ଗୁଣୀ କି
ବିଗ୍ରହ ବିଗ୍ରହ ଗୃହବଦନ ଏ ରୂପ ଅଛୁ ନିରମାଣିକି ॥
ରଥର ଦଉଡ଼ି ଲମ୍ବେ ଧାଡ଼ି ଧାଡ଼ି କି ବାସେ ବାସୁକି ଫଣୀ କି
ନର ସ୍ୱରୂପେ ଅମରଗଣ ମିଶି ସଧିରେ ଧରନ୍ତି ଟାଣିକି ॥
ଚକ କଟ କଟ ମାଳେନ୍ଦ୍ର ପ୍ରକଟ ଘଣ୍ଟି ନାଦ ଟିଣି ଟିଣି କି
ବାଜେ ଦୁମୁ ଦୁମୁ ଦୁନ୍ଦୁଭି ମର୍ଦ୍ଦଳ ବେଣୁ ବୀଣା ଅଳାବେଣୀକି ॥

ଛନ୍ଦ ଗୃମର କଳସ ମନୋହର ବଚନ ରଥ ସାଜେଣି କ
କରି ଘୁଂ ଘୁଂ ଘୋଷ ଚଳେ ନନ୍ଦିଘୋଷ କମ୍ପାଇଦିଏ ଧରଣୀକ ॥
ଗର୍ଜୁ ନାହିଁ ତର୍ଜୁ ଅଛି ସେ ପ୍ରକୋପେ ବର୍ଜୁଛି ପାତକଶ୍ରେଣୀକ
ପଳା ଭୁ ଅଠର ନଳାଠାରୁ ବଳି ନ ଆସିବୁ ଆଉ ଏଣିକ ॥
ଜଗତକରତା ଚଉବର୍ଗଦାତା ଫିଟାଇ ଐଶ୍ୱର୍ଯ୍ୟଝଣିକ
ପ୍ରେମଚିନ୍ତାମଣି ସମ୍ପତ୍ତିକି ଆଣି ଦାଣ୍ଡରେ ଦେଇଛ ବୁଣି କ ॥
ଦରଶନେ ଆଜ ଆନନ୍ଦ ଉଛୁଳେ କେହ୍ନ ଘଟେ ଜୟବାଣୀକ
ଯାର ମନେ ଯାହା ଯାହା ଅଛି ତାହା ଜଣାନ୍ତୁ ସେ ଚିନ୍ତାମଣିଙ୍କି ॥
ଗଉର ଚରଣ ବୋଲେ ବାଟବଣା ଟକାଉଛି ଥାଅ ଜାଣିକ
ମୋ ମରଣବେଳା ଜାଣିଟିକାଡୋଳା ! ଦେଖାଇବ ଏହିଠାଣିକ ॥

[ଉଣେଇଶ]

ଗୁଣ୍ଡିଚ୍ଚାଯାତ୍ରା ଗୀତ

ଆଗୋ ସଙ୍ଗାତ ! ଗୁଣ୍ଡିଚ୍ଚାଯାତ ଦେଖିଯିବା ଚାଲ ଆସ ଗୋ
ବରଷା ଦେଖି ଭରସା ପାଉନାହିଁ ସହଜେ ଅଷାଢ଼ ମାସଗୋ ॥
ଶ୍ରୀମନାମ ପୁରୁଷୋତ୍ତମ ବୋଲି ସେ ରଥ ନାମ ନନ୍ଦିଘୋଷ ଗୋ
ଅନାଥର ନାଥ ଗ୍ରହି ଏବେ ଜଗନ୍ନାଥ ନାମ ପ୍ରକାଶ ଗୋ ॥
ବଂଶୀବଟ ଠାରୁ କଳ୍ପବଟ ଚାଲ ସାତଶ ପଚିଶ କ୍ରୋଶ ଗୋ
ନାରୀ ସୁକୁମାରୀ କେମନ୍ତେ ଚାଲିବା ପାଦ ହୋଇଯିବ ତ୍ରାସ ଗୋ ॥
ଗୋପେଥିଲବେଳେ ଖାଇବା ବିନା ସେ ପାଉଥିଲେ ବଡ଼ କ୍ଳେଶଗୋ
ଦରଫୁଟି ଖଇ ହରଡ଼ ଆମ୍ବିଳ ଏବେ କରୁଛନ୍ତି ଗ୍ରାସ ଗୋ ॥
ଆଉରି କଥାଏ ଶୁଣାଯାଉଅଛି ବଡ଼ କଉତୁକ ରସ ଗୋ

ଶୂଦ୍ରଠାରୁ ଅନ୍ନ ଛଡ଼ାଇ ବ୍ରାହ୍ମଣ ଖାଉଛନ୍ତି ଅବଶେଷ ଗୋ ॥
କେମନ୍ତ ସୁନ୍ଦର ଦେଖିବା ତାଙ୍କର ଶ୍ରୀବଡ଼ଶିଙ୍ଗାର ବେଶ ଗୋ
ଦର୍ଶନମାତ୍ରକେ କୋଟିଏ କଲ୍ମଷ ହୋଇଯାଏ ପରା ନାଶ ଗୋ ॥
ଏକ ବଡ଼ମ୍ବଣି କଥା ଅଛି ପୁଣ ଶୁଣିଲେ ମାଡ଼ିବ ହସ ଗୋ
କେମନ୍ତ ଲେଖ ରେ ସୁଭଦ୍ରା ଭଉଣୀ ଦଣ୍ଡେ ନ ଛାଡ଼ନ୍ତି ପାଶ ଗୋ ॥
ଚାଲ ଆମ୍ଭେ ସବେ ଯିବା ଠୁଳହୋଇ ଧରି କାଙ୍ଗାଳୁଣୀବେଶ ଗୋ
ପୁଚ୍ଛିଲେ କହିବା ଆମ୍ଭର ନିବାସ ନନ୍ଦ ମହାଶୁଣ୍ଡି ଦେଶ ଗୋ ॥
ରଙ୍ଗାଧର ବଡ଼ଠାକୁର ସୁଭଦ୍ରା ସିଂହାସନେ ଉପବେଶ ଗୋ
ସୁଦର୍ଶନ ସଙ୍ଗେ ଦର୍ଶନ କରିବା କଲା ବାଇଠର ପାଶ ଗୋ ॥
ଆମ୍ଭ ଦୁଃଖ ସୁଖ ଜଣାଇ ଗୁମୁରେ ଦେବା ଖଟଣ୍ଡ ଦରଖାସ ଗୋ
ବୋଲିବା ନିଜ ଦାସୀରେ ରୋଷକଲେ ଅର୍ଜିବ କ ପଉରୁଷ ଗୋ ॥
ଯେବେ ତୁମ୍ଭେ ଆମ୍ଭ ସଙ୍ଗରେ ନ ଯାଇ କ୍ଷେତ୍ରରେ କରିବ ବାସ ଗୋ
ଶ୍ରୀବୃନ୍ଦାବନରେ କାହା ସଙ୍ଗତରେ ଆରମ୍ଭ କରିବୁ ରାସ ଗୋ ॥
ସୁବଳ ସୁଦାମ ସଖା ସଙ୍ଗତେ କେ କରିବ ଟି ପରିହାସ ଗୋ
ଧବଳୀ ଶାମଳୀ ଗାଈମାନଙ୍କର ମୁଖରେ କେ ଦେବ ଘାସ ଗୋ ॥
କହିଲ ଅନୁକୂଳ ଗୋକୁଳ ଯୁବତୀ ପହରଣ କ୍ଷୀନ ବାସ ଗୋ
ଗୌରଦ୍ୱିଜ ବୋଲେ ମୋତେ ସଙ୍ଗେ ନିଅ ମୁଁ ପରା କୁମ୍ଭରଦାସ ଗୋ ॥

[କେଡ଼ଏ]

ଅଣସର ପହଣ୍ଡି ଗୀତ

ପ୍ରଭୁ ଅଣସରରୁ ତେଜି ଅଳସ ଗରୁ
ଯେସନେ ମତ୍ତଗଜ ଗଡ଼ିଛ ଚିର ଶିଖରୁ ।୧।

ବେଢ଼ି ଦଇତାମାନେ ହୁଁ ହୁଁ କାର ଗର୍ଜ୍ଜନେ
ଟେକନ୍ତି ମହାମେରୁଙ୍କୁ ହରଷ ମନେ ।୨।
କନ୍ଧେ କେ ପିଠି ଭରା ଦେଇ ଡାକନ୍ତି ଭରା
ହରି ବୋଲ ଶବଦରେ ଉଚ୍ଛୁଳେ ଧରା ।୩।
ପ୍ରଭୁଙ୍କର ପହଣ୍ଡି ଧୀରେ ଗୃଜବା ଖଣ୍ଡି
ଚଳନ୍ତେ କମ୍ପଇ ବେଦ-ସପ୍ତ ବ୍ରହ୍ମାଣ୍ଡ ।୪।
ପ୍ରଭୁ କନକ ଦଣ୍ଡ ଯେନଛନ୍ତି ମାର୍କଣ୍ଡ
କରେ ବେତ ଧରି ବ୍ରହ୍ମା ଛଡ଼ାନ୍ତି ଦାଣ୍ଡ ।୫।
ଦଶେ କେତେ ସୁନ୍ଦର କଳା ମୁଖ ସୁନ୍ଦର
ରତ୍ନ ଝରା ଯେନଛନ୍ତି ଯେହ୍ୱଣୀବର ।୬।
ନର ରୂପେ ଅମର ସବେ ଭକ୍ତ କମର
ଛତିଶା ନିଯୋଗ ସେବାକୁ ଆଗଭର ।୭।
ସେ ଯେ କୁବେର ଆସି ବୃତ୍ତେ ରତନ ଗଣି
ପବନ ଦେବତା ବାଞ୍ଛ ବାଞ୍ଛଣୀ ହସି ।୮।
ସେ ଯେ ବରୁଣ ଆସି କରେ ଛତ୍ର ଧରନ୍ତି
ଘନ ଘନ ଇନ୍ଦ୍ର ପୁଷ୍ପ ଦଅଇ ବର୍ଷି ।୯।
ଦିଗପାଳ ନିକର ସବେ ସେବା କିଙ୍କର
ଗ୍ରୁମୁଟିରେ ମହିମା ଡାକ ଦଅନ୍ତି ହର ।୧୦।
ସେ ଯେ କଳପତରୁ ବାଜେ ଅଶେଷ ଘନ୍ତୁ
ପାଟ ଡୋରି ଭଳି ଦିଶେ ନିକଟି ଦୂରୁ ।୧୧।
ଶ୍ୱେତ ପଙ୍କଜ ଡୋଳା ଗୋପୀଭାବରେ ନେଲା
ଭାଇ ଭଗ୍ନୀ ସଙ୍ଗେ କରି ଯିବେ ସଙ୍ଗୋଳା ।୧୨।
ଆଜି ବରଡଙ୍କରେ ମନେ ପଡ଼ିଲା ଥରେ
ଉନଏ ଚଳିବେ ଗୋପେ ତିନ ରଥରେ ।୧୩।

ହୋଇ ଦଇତା ମେଲା ଦେଖି ମାହେନ୍ଦ୍ର ବେଳା
ପହଣ୍ଡିକୁ ଯୋଗାଇଲେ ପାଟ ମୁରୁଲା ।୧୪।
ପ୍ରଭୁ ପହଣ୍ଡି ଚଳା ଗୃହିଁ ଗୌର ବାଉଳା
ପାଦପଦ୍ମ ଲଗି ଫୁଟି ଉଡ଼ିଲ ଡୁଲା ।୧୫।

[ଏକୋଇଶ]

ଗୁଣ୍ଡିଚ୍ଚ ବାଡ଼ ବଜେ ଗୀତ

କଳାସିଂହ ! କାହିଁକି ଅଇଲୁ ରେ ଶ୍ରୀ ନୀଳ-କନ୍ଦର ଗୁଡ଼ି
ଖାଇ ଭଗ୍ନୀ ସଙ୍ଗେ ଯେନ କରି ରଙ୍ଗେ
ରହିଛୁ ଗୁଣ୍ଡିଚ୍ଚ ବାଡ଼ି । ଘୋଷା ।
ହଜାରେ ସୁଆର ରାନ୍ଧି ପରଷିଲେ
ତେବେ ନ ପୂରଇ ପେଟ
ଏଠାରେ ସପୁରି ପଣସ କଦଳୀ
ଖାଇ ହୋଇଯିବୁ ମୋଟ ।୧।
ଅରଗଲ ଗଲ ଯିବାକୁ ତେଣିକି
ବ୍ରାହ୍ମଣଙ୍କୁ ଆଜ୍ଞା ନାହିଁ
ଏବେ ନାନା ଜାତି ଯୁବତୀ ଆସିଣ
ଲଦୁଛନ୍ତି ଖଡ଼ି ବାହି ।୨।
ଇନ୍ଦ୍ର ଚନ୍ଦ୍ର ଦେବ ବୃନ୍ଦ ଆଜ୍ଞାକାରୀ
ବ୍ରହ୍ମା ପଢ଼ୁଥାନ୍ତି ବେଦ
ସେସୁଖ ନୋହିଲା ବୋଲି ଶୁଣୁଛୁ କି
ଡଗ ଢମାଳିଆ ପଦ ।୩।

ବଡ଼ ଦେଉଳରେ ବଡ଼ ଧଣ୍ଟାମାଳ
ବଡ଼ ରଙ୍ଗ ଧଡ଼ ପିନ୍ଧା
ଏବେ ଘଇ ଭଗ୍ନୀ ତିନିଜଣ ଯାକ
ଖମ୍ବରେ ହୋଇଛ ବନ୍ଧା ।୪।
କର୍ପୂର ଚନ୍ଦନ ଚୂଆ ଚନ୍ଦ୍ରସମ
ନ ରୁଚିଲା ସେ ସୁବାସ
ଏବେ ଶ୍ରୀ ଅଙ୍ଗରେ ଆଙ୍ଗୁଳେ ବହଳେ
ଲଗିଛି ହଳଦି କସ ।୫।
ନାଡ଼ୀ ବଡ଼ ଗଜା ଖଣ୍ଡ ଝଇ ଖଜା
ଏ ତୋତେ ନୋହିଲା ମିଠା
ମାଉସୀ ଦୁଆରେ ରହି ଗୈବାଇଲ
ପାଉଁଶିଆ ପୋଡ଼ ପିଠା ।୬।
ଘର ଘରଣୀକି ନ ହିନକୁ ପରି
କରି ଆସିଥିଲୁ କଣ୍ଠ
ସେ କଥା ମାସୋର ମୂଲଉଛି ଗାଳି
ତୁ ବଡ଼ ବିଷମ ଶଣ୍ଠ ।୭।
ହେରାଦିନ ପରି ରଥ ଭାଙ୍ଗି ଗଲେ
ଠାକୁରାଣୀ ହୋଇ କ୍ରୋଧ
ତେବେ ପୁଣି ତୋର ଚେତା ବହୁନାହିଁ
ଯାଇଛି ଗହମ ନଦ ।୮।
ଆନ ନାରୀ ପରି ନୁହନ୍ତି କମଳା
ସେ ଯେ ନ ସହନ୍ତି ଠାହି
ଘଡ଼ିଏ ଉକ୍ଷୁର ହେଲେ ଘଉଡ଼ିବେ
ଘରେ ପୂରାଇବେ ନାହିଁ ।୯।

ସେ ମାନ କହୁବୁ ଗୋକୁଳ ନାରୀଙ୍କ
ଠାରବୁ ନୟନ କୋଣେ
ବଂଶୀ ବଜାଇବୁ ମନ ମଜାଇବୁ
ଖେଳାଇବୁ କୁଞ୍ଜବଣେ ।୧୦।
ନିଶ୍ଚୟେ ତୋହର ମନେ ପଡ଼ିଗଲା
ବୃନ୍ଦାବନ ଗାଈ ରଖା
ଦ୍ୱାଦଶ ବନରେ ବିହାର କରିବୁ
ସଙ୍ଗେ ଧେନୁ ଗୋପସଖା ।୧୧।
ଐଶ୍ୱର୍ଯ୍ୟ ସମ୍ପତ୍ତି ମାଳାଦ୍ରିରେ ସ୍ଥିତି
ବ୍ରଜେ ଏକା ପ୍ରେମଭାବ
ଜଣାଗଲା ତେବେ ଉଭୟ ପକ୍ଷରେ
ପ୍ରେମ ସେ ପରମ ଭାବ ।୧୨।
ଜଣା ଅଛି ମୋତେ ପୂର୍ବରୁ ତୋହର
ସ୍ୱଭାବ ଗୋଟିଏ ଅଛି
ଠେକା ଲୋକ ଠେକ ଟିକିଏ ନ ରଖୁ
ଘେନରେ ଦୟା ଶ୍ରୀବତ୍ସ ! ।୧୩।
ହରଙ୍କୁ ମୋହିନୀ ରୂପେ ଭୁଲାଇଲୁ
ବ୍ରହ୍ମାଙ୍କୁ ବତ୍ସ ହରଣେ
ସୁନାଶୀର ଗର୍ବ ଚୂନା କରିଦେଲୁ
ଗୋମତ ଗିରି ଧାରଣେ ।୧୪।
ଦନ୍ତ କ୍ଷତ ଚଡ଼ ଶବରଣୀ ଦେଲା
ଖାଇଲୁ ତାର ଅଇଁଠା
ଶୋଇଲା ଶେଜରେ ଶ୍ରୀବତ୍ସ ବ୍ରାହ୍ମଣ
ମାଇଲା ପଦ୍ମ ଗୋଇଠା ।୧୫।

ଭଲ ଭଲ ଲୋକେ ଦେଉଳକୁ ଗଲେ
ପଣ୍ଡା ମାରନ୍ତି ଘଉଡ଼ି
ଏବେ ନୀଚ ଲୋକେ ଦରଶନ କରି
ଝିଙ୍କନ୍ତି ରଥ ଦଉଡ଼ି ।୧୬।
ନୋହିଲେ କାହିଁକି ଭକତ-ବତ୍ସଳ
ନାମ ଘେନନ୍ତ ବନ୍ଧୁ
ପତିତ ମାନଙ୍କୁ ଦରଶନ ଦେଇ
ଉଦ୍ଧରିଲୁ ଭବସିନ୍ଧୁ ।୧୭।
ନାନା ନଟକୁଟି ନବରଙ୍ଗ ଜାଣୁ
ଛଇଳ ନାଗର ହରି !
ଇତର ଲୋକଙ୍କ ମହତ ସମ୍ଭାଳି
ଆପଣା ମହତ ସାରି ।୧୮।
ବଡ଼ଲୋକ ପୁଅ ବୋଲି ସିନା ଚୋରେ
କେହି ନ ବୋଲନ୍ତି କିଛି
ଭଉଣୀକି ଘେନି ଦାଣ୍ଡେ ବୁଲିବାର
କାହା ଘରେ ଏହା ଅଛି ।୧୯।
ଗଉର ଚରଣ ବୋଲେ ପ୍ରଭୁ ପଣ
ଜଣାଗଲା ଏବେ ଆସ
ପତିତପାବନ ପତାକା ଉଡ଼ାଇ
ରତ୍ନ ସିଂହାସନେ ବସ ।୨୦।

———

[ବାଇଶି]

ଗୁଣ୍ଡିଚା ମନ୍ଦିର ବିଜେ ଗୀତ

ନୀଳାଚଳ ପୁରୀ ତେଜି   କେଉଁ ଭାବ ମନେ ହେଜି
ଗୁଣ୍ଡିଚା ମନ୍ଦିରେ ଆଜି   ଅଛ ବିରାଜି ହେ ।୧।
ବଡ଼ଭାଇ ବଳରାମ   ଭଗିନୀ ସୁଭଦ୍ରା ନାମ
ସଙ୍ଗେ ଘେନି ସର୍ବଧାମ   ଏଥେ ବିଶ୍ରାମ ହେ ।୨।
ସେବକ ଯଥାବିଧିରେ   ତୂଳମାନ ଘେନି ଧୀରେ
ଯାଉଛନ୍ତି ସନ୍ନିଧିରେ   କେଉଁ ସିଧିରେ ହେ ।୩।
ପୃଷ୍ଟଦେଶେ ସେନାପଟା   ପାଟ ସୂତ୍ରେ ଭିଡ଼ା ଅଣ୍ଟା
ଝଲକ ଲାବଣ୍ୟ ଛଟା   ଶୋଭା ଚହଟା ହେ ।୪।
ଦଇତା ସେବକେ ନିଜେ   କରନ୍ତି ପହଣ୍ଡି ବିଜେ
ସେବାକୁ ନଇଲେ ଦ୍ୱିଜେ   ପାଟସୋରସେଜେ ହେ ।୫।
ଘଣ୍ଟ କାହାଳୀ କଂସାଳ   ମୃଦଙ୍ଗ କୁବୁଙ୍ଗ ଢାଲ
ବାଜଇ ଝାଞ୍ଜ ଝଞ୍ଜାଳ   ବାଦ୍ୟ ବିଶାଳ ହେ ।୬।
ଐଶ୍ୱର୍ଯ୍ୟ ସୁଖ ଆକର   ନୀଳାଦ୍ରି ଦ୍ୱାରକା ପୁର
କରାଇଲ ଅସୁନ୍ଦର   ଘେନ ସୁନ୍ଦର ହେ ।୭।
ଶ୍ରୀ ବ୍ରଜ ଗୁଣ୍ଡିଚାଘରେ   ବିଜେ ଗୋପାଳ ବେଶରେ
ଗୋପିକାଭାବାବେଶରେ   ମଜ୍ଜ ରସରେ ହେ ।୮।
ଏଥୁଁ ବାହୁଡ଼ୁଁ ମହିମା   କବାଟ କଳିବେ ରମା
ତାହାଙ୍କ ବିଶେଷ କର୍ମା   ମାଗିବ କ୍ଷମା ହେ ।୯।
ସେ କ୍ଷୀରସିନ୍ଧୁ ଦୁହିତା   ହୋଇଛନ୍ତି ମାନବତୀ
ହେରା ପଞ୍ଚମୀର ରୀତି   ଭାବ କଆତ ହେ ।୧୦।

ଭୁମ୍ବର ଉପରେ ରାଗି ନନ୍ଦଘୋଷ ରଥ ଭାଙ୍ଗି
ନାଏକା କାଠିକି ଫିଙ୍ଗି ଗଲେ ଶୋଭାଙ୍ଗୀ ହେ ।୧୧।
ଦେବଦାସୀଙ୍କର ସାଥେ ସେ ହେରାଗୋହିରୀ ପଥେ
ବାହୁଡ଼ିଲେ ମନ ବ୍ୟସ୍ତେ କି ମନୋରଥେ ହେ ।୧୨।
ନବଦ୍ଧନ ଯାତ୍ରା ସାରି ଗଲେ ପୁଣି କମ୍ବୁଧାରୀ
ଦେବେ ଟି ମହତ ସାରି ସିନ୍ଧୁ କୁମାରୀ ହେ ।୧୩।
ମିଳନ୍ତେ ସିଂହଦୁଆରେ କାନ୍ଦିବ କୁଆ ବୁଆରେ
ପାରିବ କି କଜଆରେ ଚେତ ହିଆରେ ହେ ।୧୪।
ସେ ମାଳାଦ୍ରି ସାମନ୍ତାଣୀ କହିବେ ନିଷ୍ଠୁର ବାଣୀ
ସହିବ ଛଳ କାହାଣୀ ଲବଣ୍ୟଠାଣି ହେ ।୧୫।
ଠାକୁରାଣୀଙ୍କ ସ୍ନେ ରୋଷ ଭଙ୍ଗାଇ ମାଗିବ ଦୋଷ
ତେବେ ସେ ହୋଇବେ ତୋଷ ଜଗନ୍ନିବାସ ହେ, ।୧୬।
ଗଉର ଚରଣ ଭଣି ଦେବଙ୍କ ମଉଡ଼ମଣି !
କି ରଚନ ଦେଲେ ଗଣି ଗୋପ ରମଣୀ ହେ ।୧୭।

[ଚେଉଣି]

ବାହୁଡ଼ା ବଡ଼କ ଗୀତ

ବଡ଼ ଠାକୁରଙ୍କ ସହୋଦର ହେ !
ମୋ ଜଣାଣେ ଶୁଣ କାଲ
ବଡ଼ଦାଣ୍ଡେ ବଡ଼ ଭୂଜକୁ ବିସ୍ତାରି
ବଡ଼ ଦେଉଳକୁ ଚାଲ । ଘୋଷା ।
ବଡ଼ ପଣେ ବଡ଼ ଛଇକ ଦେଖାଅ
ପିନ୍ଧି ବଡ଼, ଘଣ୍ଟାମାଳ

ବଡ଼ରଜା କର ଯୋଡ଼ି ଡାକୁଛନ୍ତି
ତାଙ୍କ ଗୁହାରି ନ ଟାଳ ।୧।
ବଡ଼ପଣ୍ଡା ବଡ଼ ସୁଆର ସେବକେ
କଲେଣି ବଡ଼ ପଖାଳ
ବଡ଼ ଠାକୁରାଣୀ ସ୍ନେହ ହେବେ ବଡ଼
ଏ କଥା ମନରେ ଘାଲ ।୨।
ବଡ଼ ପାବଛୁଆ ବଡ଼ ଅଳସୁଆ
ପଣ ଗୁଡ଼ ତତକାଳ
ବଡ଼ ନୟନଙ୍କୁ କବା ଅଗୋଚର
ବଡ଼ ଦୁଖୀଙ୍କ ଜଞ୍ଜାଳ ।୩।
ବଡ଼ ସିଂହାର ବେଶକୁ ଦରଶନ
କରିବାକୁ ମୋ କଟାଳ
ବଡ଼ ଅରକ୍ଷିତ ଗଉର ଚରଣ
ଭଜେ ଶ୍ୟାମ କାମପାଲ ।୪।

[ଚବ୍ୱଣ]

ଝୁଲଣଯାତ ଗୀତ

(ରାଗ ଛୋଡ଼ ଆଠତାଳୀ)

[ହାଣ୍ଡି ଝୁଲୁଛି ଗୋ ଦିଶୁଛି କେଡ଼େ ସୁନ୍ଦର-ବୃତ୍ତ]

ସଖ ଯାଉଛି ଗୋ ସୁଖର ଝୁଲଣ ଯାତ
ଦେଖିଥାଅ ଥରେ ନୟନ ପଥରେ
ମୋପ୍ରାଣସଖି ! ସଙ୍ଗାତ ! । ଘୋଷା ।

ଶ୍ରୀଭାନୁ ଦୁଲାଳୀ   ଝୁଲେ ବନମାଳୀ
ଫୁଲ ଦୋଳରେ ଝକେ ତ
ସଖୀଗଣ ମିଳି   ଦେଇ ହୁଲହୁଳି
ଝୁଲାନ୍ତି କି ରଙ୍ଗରେ ତ ।୧।
ମର୍ଦ୍ଦଳ ମନ୍ଦିରା   ବୀଣା ଏକତାରା
ଶଙ୍ଖ ମହୁରୀ ବାଜେ ତ
ରବା ଭେରୀ ତୂରୀ   ବଜନ୍ତୁ କାହାଳୀ
ମଧୁର-ସ୍ୱର ସହିତ ।୨।
ମୃଦଙ୍ଗ କଂସାଳ   ଘଣ୍ଟା କରତାଳ
ସାରଙ୍ଗୀ ବାଜେ ତା ସାଥ
ନାଗରା ଟିକରା   ଖଞ୍ଜଣୀ ଘୁମୁରା
ବାଦ୍ୟ କେ କରିବ ଅନ୍ତ ।୩।
ରାଗ ଆଳାପିଣ   କରୁଛନ୍ତି ଗାନ
ମାନସ ଭୁଲା ସଙ୍ଗୀତ
ଦେବ ବୃନ୍ଦ ଭିଡ଼   ଭୁଲେ ଗୀତସ୍ୱର
ଶୁଭୁଅଛି ଅଲୌକତ ।୪।
ଗଉର ଚରଣ   ବୋଲେ ମୁଁ ଶରଣ-
ରକ୍ଷଣ କୃଷ୍ଣଙ୍କ ଭୃତ୍ୟ
ଦରଶନ କରି   ଯେ ଶୋଭା ମାଧୁରୀ
ଝୁମୁରେ କରିବ ନୃତ୍ୟ ।୫।

———

[ପଚିଶ]

ଶ୍ରୀଗୌରଚନ୍ଦ୍ରିକା

ଜୟ ଜୟ ଚୈତନ୍ୟଚନ୍ଦ୍ର ଚନ୍ଦ୍ର ନବଦ୍ୱୀପବାସୀ ।
ସୁନ୍ଦର ମୁଖ କୁନ୍ଦରଦନ ମନ୍ଦ ମଧୁର ହାସୀ ॥ ଘୋଷା ॥
ନିଜଗଣୋଲ୍ଲାସନ ମୂରତିସାର କଣ୍ଠେ ଲମ୍ବିତ ଫୁଲସୁହାର
କୋଟି ମଦନ ଗର୍ବ ଖର୍ବ ସୁନ୍ଦର ରୂପ ରାଶି ।୧।
ପତିତ ଉଧାରଣେ ଊର୍ଦ୍ଧ୍ୱହସ୍ତ ଦେଖିଣ କପଟି ପଟଳ ଧ୍ୱସ୍ତ
ଦୁଷ୍ଟ ଦଳନେ ହୃଷ୍ଟ ବଦନ ମହିମା ପରକାଶି ।୨।
ଦାନ୍ତ ପୂର୍ଣ୍ଣ ଶତକାନ୍ତି ଚମକ ଦେଖି କରଇ ଭ୍ରାନ୍ତ
ଶ୍ରୀ କର୍ପୂର ଅଗର ଗନ୍ଧ-ଚନ୍ଦନେ ତନୁ ଭୂଷି ।୩।
ବରୁଣ କୁବେର ଇନ୍ଦ୍ର ଚନ୍ଦ୍ର ନାମ ଭଜନ କରନ୍ତି ସାନ୍ଦ୍ର
ଭୁବନମଙ୍ଗଳ ଯା ଶ୍ରୀଚରଣେ ପଦ୍ମାଳୟା ଦାସୀ ।୪।
ଶଚୀର ତନୟ ନବକିଶୋର କଣ୍ଠ ଗଦଗଦ ପ୍ରେମେ ଘୋର
ବିମ୍ବାଧରେ ସାଧେ ସାଧେ ମଧୁର ବଚନ ଭାଷେ ।୫।
ଗୌରଶ୍ରୀଚରଣ ଅରୁଣତେଜ ଶରଣ ଗଉରଚରଣ ଦ୍ୱିଜ
ଯାରେ ସେ ପଦ ଅଳ୍ପ ସଦୟ କଳିକଳୁଷ ନାଶି ।୬।

———

[ଛବିଶ]

ଶ୍ରୀଚୈତନ୍ୟଚନ୍ଦ୍ର ଭଜନ

ରେ ଚିତ୍ତ, ଚୈତନ୍ୟଚନ୍ଦ୍ର ଚରଣସରସିରୁହ ଧ୍ୟାନରେ ।
ଭଜ ମନୁ ଆନ ଶାନ୍ତି ପ୍ରୀତି କର ତୁ କୃଷ୍ଣ ନାମ ଗାନରେ ॥
। ଘୋଷା ।

ଯାର ସୁମଧୁରଭାଷ କର୍ପୂର ହାସ ପୂର୍ଣ୍ଣ ମୁଖେ ପ୍ରେମେ ଗରଗର ।
ଆଶ ଲଗାଅ ତୁ ତ୍ରାସ ଦୂର ହେବ ଦାସ ଭାବେ ନିଦାନରେ ।୧।
ଚଣ୍ଡକରଜିତ କର୍ଣ୍ଣକୁଣ୍ଡଳ ପୂର୍ଣ୍ଣ ଶଶଧର ଶ୍ରୀମୁଖ ମଣ୍ଡଳ
ଦଣ୍ଡକମଣ୍ଡଳଧାରୀ କଟୀତଟେ କୌପୀନ ପରିଧାନ ରେ ।୨।
ଅମ୍ବୁଜାକୃତ ନେତ୍ର ଢଳ ଢଳ କମ୍ବୁଗ୍ରୀବ ସୁବିସ୍ତାର ବକ୍ଷସ୍ଥଳ
ଜମ୍ବୁନଦଜିତ କାନ୍ତି ତନୁର ଯାର ଜନ ପରମାଣ ରେ ।୩।
ଭାଷ ମୁଖେ ଗୌରାଙ୍ଗ ନାମକୁ ନାଶ ଅମଙ୍ଗଳ କପଟ କାମକୁ
ଦାସ ଗଉରର ଆଶ ସେହି ପଦ ପଙ୍କଜ-ମଧୁପାନ ରେ ।୪।

[ସବେଇଶ୍ରୀ]

ଶ୍ରୀ ଗୌର ଭଜନ

ଯାଅ ନବଆବେଶକୁ ମାନସ ଗାଅ ଗଉର ଗୁଣ ରେ
ବାଅ ମୃଦଙ୍ଗ କରତାଳକୁ ତାଳେ ତାଳେ ଅନୁକ୍ଷଣରେ । ଘୋଷା ।
ପାଅ ରସି ସେ ଚରଣାମୃତକୁ ରଙ୍କ ପରି ପୁଣ ପୁଣରେ ।
ପାଉଲେ ପଡ଼ ଜଳ୍ପିଭରେ ତୁ ଦଶନରେ ଧରି ତୃଣରେ ।୧।
ଖାଅ ସାଧୁଙ୍କ ଶେଷ ଉଚ୍ଛିଷ୍ଟ ଛାଡ଼ିଲେ ନୋହି ଅବଗୁଣରେ ।
ଧ୍ୟାଅ ଶ୍ରୀ ବ୍ରଜଦମ୍ପତି ମିଳନମୂର୍ତ୍ତିଙ୍କୁ ମୁନ୍ଦି ଲୋଚନରେ ।୨।
ଥାଅ ଜାହ୍ନବୀ ତଟରେ ବାସ କରି ନ କୁହ ଏଥି କୃପଣରେ ।
ନ୍ୟାସ୍ତରେ ଗୌର ଭକତଙ୍କ ତୁଲେ ଗଣାହୁଅ ଏକ ଜଣରେ ।୩।
ତା ଅସ୍ତ୍ର ତ ନୋହିବ ତୋତେ କହୁଛି ସେ ସାଧୁଗଣରେ ।
ଧାଅଁ ଚଞ୍ଚଳେ ତହିଁ ଗୌର ବୋଲି ପରହାସକୁ ନମଣରେ ।୪।

[ଅଠେଇଶ]

ଶ୍ରୀଗୌର ଭଜନ

ରେ ମୂଢ଼ମନ ! ଦୃଢ଼କର ଧେନ ଶ୍ରୀ ଗୌର ଭଜନ ॥ଘୋଷା॥
କଳିଯୁଗ ମତ୍ତ ମାତଙ୍ଗ ଦଳନ ପ୍ରମତ୍ତ କେଶରୀ ଶ୍ରୀ ଶଚୀନନ୍ଦନ
ଏମନ୍ତ ସୁନ୍ଦର କନକ ବରନ ପଦ ସଦା କର ଧ୍ୟାନ ।୧।
ନୟନ ଯୁଗଳ କର୍ଣ୍ଣ ଆୟତନ, ନବ ବିକଶିତ ଅରୁଣ-ନଳିନ
ଏମନ୍ତ ସୁନ୍ଦର ପଙ୍କଜ-ଲୋଚନ ପଦ ସଦା କର ଧ୍ୟାନ ।୨।
ଲକ୍ଷ୍ମୀ ବିଷ୍ଣୁ ପ୍ରିୟା ଜୀବନଈଶ୍ୱର କନ୍ଦର୍ପ ମୋହନ ମୂର୍ତ୍ତି ବିଶ୍ୱମ୍ଭର
ଏମନ୍ତ ସୁନ୍ଦର ନବ ନଟବର ପଦ ସଦା କର ଧ୍ୟାନ ।୩।
ଅପାର ମହିମା ଅନନ୍ତ ଗୁଣନିଧି କ୍ଷମାନିଧାନ ଶ୍ରୀ କରୁଣାବାରିଧି
ଗୌର ଦ୍ୱିଜ ଗିର ଏମନ୍ତ ସୁନ୍ଦର ପଦ ସଦା କର ଧ୍ୟାନ ।୪।

[ଅଣତିରଶ]

ଗୌର ଦର୍ଶନ ଲାଳସା

(ସଙ୍ଗିତ ବୃନ୍ଦାବନେ ଏ ଗାଓ ନୟନ-ବୃତ୍ତି)

ତେ କି ନବଦ୍ୱୀପରେ ବିଷ୍ଣୁ ପ୍ରିୟା ପରାଣ ନାଥଙ୍କୁ ଦେଖିବ
ଚୀ ମାତାଙ୍କର ନୟନ ସଖାଳି ଗୋରାନାମ ହୃଦେ ଲେଖିବ ।ପଦ।
ୀବାସ ଅଙ୍ଗଣେ ଗୌରଭକ୍ତଗଣେ ସଙ୍କୀର୍ତ୍ତନାମୃତ ଚାଖିବ
ାଧିଙ୍କର ପଦ-ଧୂଳିକି ସମ୍ପଦ କରି ସର୍ବାଙ୍ଗରେ ମାଖିବ ।୧।
ର ମନ ନଷ୍ଟ ସଭଙ୍କ ଉଚ୍ଛିଷ୍ଟ ସାଦରେ ତୁଣ୍ଡରେ ଭକ୍ଷିବ
ଗୌର ଛଡ଼ାଫୁଲ ତୁଳସୀ ଅମୂଲ୍ୟ ଝୁଲିରେ ପୂରାଇ ରଖିବ ।୨।

ଅକାଳନ ଭକ୍ତ ଗୋଷ୍ଠିରେ ପଶି ମୁଁ ସକଳ ତାପ ଉପେକ୍ଷିବି
ସିଦ୍ଧ ସାଧକଙ୍କ କଙ୍କର ଭାବରେ ସାଧନ ପ୍ରଣାଳୀ ଶିଖିବ ।୩।
ନୃତ୍ୟ ସଙ୍ଗୀତହିଁ ହେଉଥିବ ଯହିଁ ତହିଁ ମୋ ଲମ୍ପୁ ଯୋଖିବ
ମଧୁର ମୃଦଙ୍ଗ ତାଳ ମାନ ରଙ୍ଗ ରସେ ତା ତା ଥେଇ ଶୁଣିବ ।୪।
ଶ୍ରୀ ଗୌର ନିନ୍ଦକ ପାଷଣ୍ଡୀ ତାର୍କିକ ଦୁର୍ଜନଙ୍କ ସଙ୍ଗ ତେଜିବ
ମହା କାରୁଣିକ ପ୍ରେମ ସିନ୍ଧୁ ତୁଲେ କି ଉପମା ଗୁଣ ଲକ୍ଷିବ ।୫।
ହା ହା ପ୍ରାଣନାଥ ଗୌରାଙ୍ଗ ବୋଲି ମୁଁ ଗଡ଼ି କେଉଁଦିନ କାନ୍ଦିବି
ଗୌରଦ୍ୱିଜ ଭକ୍ତ ଧରି ଜପାମାଳୀ ଶ୍ରୀଗୁରୁ ଅଙ୍ଗକୁ ଚାହିଁବ ।୬।

[ତିରଣ]

ଶ୍ରୀ ହରିନାମ ମାଧୁରୀ ଭଜନ

[ପୀତପଟ କପଟ-ପ୍ରୀତି କରି ପ୍ରେମଙ୍କୁ ସଢ଼ାଇଲ ହେ—ବୃନ୍ଦେ]

ହରିନାମ କେଡ଼େ ସୁମଧୁର
ଯେ ଚାଖିଛି ସେହି ଜାଣେ ସିନା ରେ ।
ଅଭକତ ଜନେ ଜାଣିବେ ଟି କାହୁଁ
ସୁରସିକ ବ୍ରଜ-ଭକ୍ତ ବିନା ରେ । ଘୋଷା ।
ସଦଗୁରୁ ଆଶ୍ରୟ ଯାର
ସେହୁ ଜାଣେ ସ୍ୱାଦୁ ଏହାର
ବଇଷ୍ଣବ ସେବା କରିଅଛି ଯେ ବା
ସେ ହୃଦେ ବହିଛି ପ୍ରେମମୀନା ରେ । ୧ ।
ଦ୍ୱିଜ କୁଳେ ଜନମ ଲଭି
ଥିଲେ ହେଲେ ତା ହୃଦ ପବି

ଶ୍ରୀରାଧା ଗୋବିନ୍ଦ ଯୁଗଳ ପଦାବ୍ଜ
ମଧୁକୁ ଯଦି ନ କଲ ସେନା ରେ । ୨ ।
ଯେ ମଜ୍ଜିଛି ବିଷୟୀ ରସେ
ଦମ୍ଭ ଅହଂକାରେ ସରସେ
ସେ ମୂଢ଼ ବର୍ବର କପର ବୁଝିବ
ସାଧୁଜନଙ୍କର ଯେ ଅଚିହ୍ନା ରେ । ୩ ।
ମହାଭାବ ସ୍ୱରୂପା ଧନୀ
କୃପା ହେଲେ କି ଅଛି ହାନି
କହଇ ଗଉର- ଚରଣ ଅଜ୍ଞାନୀ
ଭକ୍ତି ନାହିଁ ମୋର ଏକ ଚିନା ରେ । ୪ ।

———

[ଏକତରଣ]

ଶ୍ରୀ ହରିନାମାମୃତ ଭଜନ

(ରାଗ ମଙ୍ଗଳ ଗୁଜ୍ଜରୀ—ତାଳ ପହପଟ୍ଟେ)

ସୁମଧୁର ହରିନାମେ ମଜ୍ଜ ଆରେ ମନ
କାହିଁପାଇଁ ଏଣେ ତେଣେ ଧାଇଁ ହେଉ ଛନ୍ନ । ଘୋଷା ।
ଅନ୍ୟ ଚିନ୍ତା ବୃଥା କଥା ଗ୍ଲାଜ଼ି ରେ ବହନ
ଶ୍ରୀ ନାମେ ତୋ ଅନୁରାଗ ବଢ଼ାଅ ଯତନ । ୧ ।
ନାମେ ଗତି ନାମେ ମୁକ୍ତି ନାମେ ଶାନ୍ତି ଜାଣ
ନାମେ ପରମ ଆନନ୍ଦେ ଉଲସାଅ ପ୍ରାଣ । ୨ ।
ନିରବଧି କର ବିନା ନାମ ରସ ପାନ
ଚିର ଆଶାକୁ ମେଣ୍ଟାଅ କରି ନାମ ଧ୍ୟାନ । ୩ ।

ଦେଖ ନିଜ ହୃଦପୁରେ ନିତ୍ୟ ବୃନ୍ଦାବନ
ଉଜ୍ଜ୍ୱଳିବ ପ୍ରେମ ସିନ୍ଧୁ ଲଭି ଦିବ୍ୟ ଜ୍ଞାନ । ୪ ।
ସର୍ବତୀର୍ଥ ସର୍ବଧାମ ଶ୍ରୀକୃଷ୍ଣଚରଣ
ସେହି ପଦ ଏକା ସ୍ୱର୍ଗ ବୈକୁଣ୍ଠ ଭୁବନ । ୫ ।
ସର୍ବଧର୍ମ ଯାଗଯଜ୍ଞ ତପ ବ୍ରତ ମାନ
ହରିପଦ ସ୍ମରଣରେ ପାଇବୁ ନିଦାନ । ୬ ।
ସାଧୁ ଭକ୍ତଙ୍କର ଯେହୁ ନିତ୍ୟ ନିକେତନ
ସେହି ଶାନ୍ତିମୟ ଧାମେ କର ଅବସ୍ଥାନ । ୭ ।
ଗୌର ଦ୍ୱିଜ ବୋଲେ ଜାଣି ନ ହୁଅ ଅଜାଣ
ଭଜ ହରି ପାଦପଦ୍ମ ଉଲସାଇ ପ୍ରାଣ । ୮ ।

—❋—

[ବତିଶ]

ଶ୍ରୀ ଶ୍ୟାମ ନାମ ଭଜନ

ଭଜ ରେ ମନ ! ଶ୍ୟାମ ସୁନ୍ଦର
ନାମକୁ ଅନୁବରତରେ ।
ପାମର ମନ କାମ ବିରଜ
ଧାମ ବିରଜପୁର ତ ରେ ॥ ଘୋଷା ॥
ହାସ ଭାଷ ଗୃହ ବାସ—
ଆଶରୁ ତୁ ନିବରତ ରେ
ଦାଶରଥିର ଦାସ ହୋଇ
ଉଦାସରେ ଦିନ ହର ତ ରେ । ୧ ।
ଆନ ରସରେ କାନ ନ କର
ମାନ ମୋହର ଗିର ତ ରେ

କାଳ ହୋଇ ତୁ ଜାଳେ ନ ପଡ଼
ଗୃଲ ବ୍ରଜକୁ ଚଳତରେ ।୨।
ଜାୟା ସୁରତ ମାୟାରେ ପଡ଼
ବାୟା ହୋଇ ନ ମର ତ ରେ ।
ଘୃସ୍ୟାରମଣତନୟା ଜଳରେ
କାୟା ଧଉତ କର ତ ରେ ।୩।
କୁଣ୍ଡ ସଲିଳେ ମୁଣ୍ଡ କ୍ଷାଳି
ତୁଣ୍ଡରେ ନେଇ ଭର ତ ରେ
ଦଣ୍ଡଧର ଉଦ୍ଦଣ୍ଡ ଦଣ୍ଡ
ଦଣ୍ଡକେ ତୁ ହର ତ ରେ ।୪।
ଦ୍ୱିଜ ଗଉର ଚରଣ ଶରଣ
ଅରୁଣ ଚରଣେ ନିରତ ରେ
ଛେଦିବେ ଏ ଭବଭୟକୁ
ଅଭୟ କିଶୋର କରୁଣାକରତରେ ।୫।

———

[ତେଇଶ]

ଶ୍ରୀ ହରିନାମ ଭଜନ

ହରେ ପେ ହରିନାମକୁ ମନ ! ନିରତେ ବସି ଗା ରେ ।
ଗୋବିନ୍ଦ ଗୋପୀନାଥ ମଦନମୋହନ ପଦ ଧ୍ୟା ରେ । ଘୋଷା
କଳିତ ନୂହଇ ଲଳିତାଙ୍ଗ କଳିତ ବଂଶୀ ଦ୍ୱାରେ ।
ଝଲିତ ବଦନ ଖଳିତ ହାସ ଗଳିତ ପୀୟୂଷ ଧାରେ ।୧।
ପୁଞ୍ଜି ପୁଞ୍ଜି ଗୁଞ୍ଜି ଗୁଞ୍ଜି ରଞ୍ଜିତ ଅଳକା ରେ ।
ଷଟ୍‌ପଦକୁଳ ବେଷ୍ଟିତ ଚୂଳ ସୁମନସ-କଳିକା ରେ ।୨।

ବାଙ୍କ ମୋହନ ବଂଶୀ ଝାଙ୍କ କରେ କୁଳବନିତାରେ ।
କାମ ମୋହନ ନଙ୍ଗୀ ରଙ୍ଗୀ ସଙ୍ଗୀ ସୁବଳ ଯା ତରେ ।୩।
ଚନ୍ଦନ ଘନସାର ଆର ଚନ୍ଦ୍ରାମୃତ ଧାରେ ।
ଗୁରୁ ଶୀତଳ ହାର ପାତଳ ଯିବେ ଯା ଭଜନା ରେ ।୪।
ଦ୍ୱିଜ ଗଉର ଘୁଚିନ ନାଇ ସେବନ ଅନୁସାରେ ।
ଯତ୍ନେ ଯୁଟଳ ନାମ ରତନ କଣ୍ଠ ଭୂଷଣ ହାରେ ।୫।

[ଚଉତରଣ]

ଶ୍ରୀ ନାମାବଳୀ ଭଜନ

ଶ୍ରୀ ନୃସିଂହ ଲକ୍ଷ୍ମୀନାଥ ନାରାୟଣ ଦେବ ।
ନିରନ୍ତର ନିଶିବାସର ଚିନ୍ତରେ ମନ ଏବେ । ଘୋଷା ।
ମାଧବ ମଧୁସୂଦନ ହରି ଜଗନ୍ନାଥ ସ୍ୱାମୀ ।
ନିରଞ୍ଜନ ନିଷ୍କଳଙ୍କ ଅନନ୍ତ ଅନ୍ତର୍ଯ୍ୟାମୀ ।୧।
ଶ୍ରୀକର ଶ୍ରୀସତ୍ୟବାନ ଶ୍ରୀନିବାସ ଶ୍ୟାମ ।
ଶ୍ରୀଧର ଶ୍ରୀପୁରୁଷୋତ୍ତମ ରାଘବ ଅଭିରାମ ।୨।
ପରମ ବ୍ରହ୍ମ ପୁରୁଷଶ୍ରେଷ୍ଠ ଭକ୍ତଜନଙ୍କ ବନ୍ଧୁ ।
ଭୁବନେଶ୍ୱର ଭୟଭଞ୍ଜନ ନୀଳଶୈଳଇନ୍ଦୁ ।୩।
କୌଶିକକୁଳଗର୍ବଖର୍ବକାରୀ ସୁଜନରକ୍ଷ ।
ହେ ମୁକୁନ୍ଦ ଦାମୋଦର ସବ୍ୟସାଚୀପକ୍ଷ ।୪।
ମତ୍ସ୍ୟ କଚ୍ଛ ଶ୍ରୀ ବରାହ ନୃସିଂହଅବତାର ।
ବାମନ ଶ୍ରୀ ପରଶୁରାମ କ୍ଷତ୍ରିୟ କୁଳସାର ।୫।
ତପନ-ବଂଶମଣ୍ଡନ ଶ୍ରୀରାମଚନ୍ଦ୍ର ସ୍ୱାମୀ ।
ଜନକ ସତ୍ୟ ପ୍ରତିପାଳନ ହେତୁ କାନନଗାମୀ ।୬।

ସପ୍ତ ଉରଗ ମସ୍ତକ ପର ହଲ ମୂଷଲଧାରୀ ।
ସଂକର୍ଷଣ ଅବତାରକ ପ୍ରଳମ୍ବାନ୍ତକାରୀ ।୭।
ବୌଦ୍ଧ କଲ୍କି ଅନନ୍ତ ଅବତାର ସୃଷ୍ଟି ହେତୁ ।
ଧର୍ମ କର୍ମ ସଂସ୍ଥାପନ ଧରଣୀ ଧର୍ମ ସେତୁ ।୮।
ହେ ଗୋବିନ୍ଦ ଆନନ୍ଦକନ୍ଦ ଅବ୍ୟୟ ପାଦପଦ୍ମ ।
ହେ ଅଚ୍ୟୁତ ଆର୍ତ୍ତତ୍ରାଣ ସଜ୍ଜନମୋଦସଦ୍ମ ।୯।
ହେ ନବୀନ ଜଳଦ କାନ୍ତି ହେ ବ୍ରଜେନ୍ଦ୍ର ନନ୍ଦନ ।
ହେ ନଟବରମଦନମୂର୍ତ୍ତି ଗୋପିମାନ୍ଦ ଚନ୍ଦନ ।୧୦।
ହେ ମୋହନ ନବକିଶୋର ଶ୍ରୀବ୍ରଜପୁର ମଣ୍ଡନ ।
ହେ ଗୋକୁଳପଶୁପାଳକ ଦୁଷ୍ଟ ଦୈତ୍ୟ ଖଣ୍ଡନ ।୧୧।
ହେ କଦମ୍ବତଳଲମ୍ବଠ ଯୁଗ୍ମାର୍ଜୁନଭଞ୍ଜନ ।
ହେ ରସିକ ରାସେଶ୍ୱର କାଳୀଗର୍ବଗଞ୍ଜନ ।୧୨।
ହେ ବୃନ୍ଦାରଦର୍ପଦଳନ ଗୋବର୍ଦ୍ଧନ ଧାରଣ ।
ହେ ଦାବାଗ୍ନି ଭକ୍ଷକାରୀ ଗୋଗୋପାଳତାରଣ ॥
ହେ କାମିନୀ ନେତ୍ରାଞ୍ଜନ ନିତ୍ୟ ନୂତନରଙ୍ଗିସ୍ୱ ।
କାମମୋହନ ଶ୍ୟାମସୁନ୍ଦର ଦାମସୁବଳସଙ୍ଗିସ୍ୱ ॥
ନିଜ ଚଉର ଚରଣ ଯାଚେ ହେ କିଶୋରୀ ବଲ୍ଲଭ ।
ମଦ୍‌ ବାଞ୍ଛିତ ବୃନ୍ଦାବନ ଭକ୍ତସଙ୍ଗ ସୁଲଭ ।୧୪।

[ପଞ୍ଚତ୍ରଶ]

ଶ୍ରୀ ହରିନାମ ମହିମା ଭଜନ

(ରାଗ—ଶଙ୍କରାଭରଣ ତାଳ ଆଠତାଳୀ)

[ଭଜ ରାଧେକୃଷ୍ଣ ବୋଲ—ବୃତ୍ତେ]

ମନ ଭଜ ନିସ୍ତାକର ।
ହରେକୃଷ୍ଣ ମହାମନ୍ତ୍ର ତୋ ଅନ୍ତିମ ଶିରୀ । ଘୋଷା ।
ଏ କଳିଯୁଗେ ଶ୍ରୀହରି ନାମ ରୂପେ ଜାତ
ନାମ ବଳେ ଉଦ୍ଧାରନ୍ତି ସକଳ ଜଗତ । ୧ ।
ନାମାଭାସ ମାତ୍ରେ ହୁଏ ସର୍ବ ପାପକ୍ଷୟ
ସର୍ବମନ୍ତ୍ର ସାର ନାମ ଅକ୍ଷୟ ଅବ୍ୟୟ । ୨ ।
ଅଚିନ୍ତ୍ୟ ଅଦ୍ଭୁତ ନାମ ତତ୍ତ୍ୱ ବ୍ୟବହାର
ନାମରତ୍ନମାଳାଗୋଟି କର ହୃଦେ ହାର ।୩।
ଏ ମହିମା ନ ଜାଣନ୍ତି ତାର୍କିକ ଗୁଆଁର
ପଡ଼ନ୍ତି ସେ କୁମ୍ଭୀପାକେ ନ ପାଇ ନିସ୍ତାର ।୪।
ଗୌର ଦ୍ୱିଜ ବୋଲେ ଧନ୍ୟ ଗୌର ଅବତାର
ସଂକୀର୍ତ୍ତନ ଛଳେ ନାମ କଲେ ଯେ ପ୍ରଚାର ।୫।

———

[ଛତିଶ]

ଶ୍ରୀ ହରିନାମ କୀର୍ତ୍ତନ ଭଜନ

କର ମନ ହରିନାମ କୀର୍ତ୍ତନ କହୁଛି ମୁଁ ତୋତେ ବାରମ୍ବାର । ଘୋଷା ।
କଳିତ ଲଳିତ ମଧୁର ବେଶ   ଝଳିତ ଲଳିତ ଚନ୍ଦ୍ରହାସ
ଚଳିତ ଚରଣ କମଳ ଯୁଗଳୁଁ ମଧୁ ମକରନ୍ଦ ଧାର ଧାର ।୧।

ଘେନ ସୁଚରିତ୍ରେ କହୁଛି ସାର   ନବଘନ ତନୁ ନବ କିଶୋର
ଚେତ ଭଜ ମନ ! ଅଳସ ନ କର ହରି ଚରିତର ସାର ସାର । ୨ ।
ଛିଡ଼ିବ ଅଳ୍ପକେ ଏ ମୋହ ଫାଶ   ଜଗବନ୍ଧୁ ନାମ ଯତନେ ଘୋଷ
ଝଗଡ଼ ମରନା କୃଷ୍ଣନାମ ବିନା ଗତି କେ ବା ଏହି ଆର ଆର । ୩ ।
ନିଶି ଦିବସରେ କର ତୁ ଧ୍ୟାନ   ଟିକିଏ ମନରେ ନ ଧର ଆନ
ଠାକୁର ଚରଣେ ଆଶ୍ରେ କରିଥିଲେ ଛିଡ଼ିବ ଦୁର୍ଗତି ଘୋର ଘୋର । ୪ ।
ଡେରିଥା ଶ୍ରବଣେ ନାମକୁ ତାର   ଢାଳେ କି ବିପତ୍ତି ରହିବ ଆର
ଆନନ୍ଦକନ୍ଦ ନାମ କନ୍ଦରୁ ମଧୁର ପୀୟୂଷକୁ ବୋଲେ ଗୁର ଗୁର । ୫ ।
ତୁଣ୍ଡରେ ଶ୍ରୀକୃଷ୍ଣ ନାମକୁ ଗାଇ   ଥାନ କର ବ୍ରଜ ମଣ୍ଡଳେ ଯାଇ
ଦିବ୍ୟ ଦେହ ଧରି ବାରିବନେ ହେରି ସେବନ ଦୂବେ ସାରସାର ॥
ଧୀର କର ତୋର ଧୈର୍ଯ୍ୟବୁଦ୍ଧି   ନନ୍ଦସୁତ ପଦ କର ତୁ ସିଦ୍ଧି
ପଣ୍ଡିତମାନଙ୍କ ପାବନ ନିମନ୍ତେ ନାମ ମୁକତି ବଜାର ଯାର । ୭ ।
ଫେରି ବ୍ରଜପୁରେ ପୋଷ ତୁ ପେଟ   ବୈଷ୍ଣବ ଚରଣ ଯୁଗଳେ ଲୋଟ
ଭାଗ୍ୟେ ମିଳିବ ଭୁଟି ସେ କୁଟୀକଗଲେ ନାହିଁ ସେ ସ୍ଥଳେ ବିକାର କାର ॥
ମନ ଦୃଢ଼ କରି ଲଗାଅ ଲକ୍ଷ୍ୟେ   ଅମୃତ ବରନ ମୋହନ ବକ୍ଷ୍ୟେ
ଶ୍ରୀରାସବିହାରୀ କଳବେଣୁଧାରୀ ବୈଜୟନ୍ତୀ ହାର ଯାହାର ହାର ॥
ଲାବଣ୍ୟ ମୂରତି ନନ୍ଦନନ୍ଦନ   ବୃଷଭାନୁସୁତା ହୃଦ ଚନ୍ଦନ
ସଂସାର ତାରଣେ ଦୁଷ୍ଟ ନିବାରଣେ ବହୁବିଧ ଅବତାର ତା'ର ॥
ଶାସ୍ତ୍ରରେ ଘୋଷିଛି ସକଳ ରୋଗ ଶାନ୍ତ ହେବା ପାଇଁ ଅଛି ପ୍ରୟୋଗ
ହରି ଚରିତ ପୀୟୂଷକୁ ପିଅ ଭ ଏହି ଉପଚାର ସାର ସାର ॥
କ୍ଷୁଦ୍ରମତି ଦ୍ୱିଜ ଗଙ୍ଗର ଋଷି କ୍ଷିତିଚନ୍ଦ୍ରା ଗୁଣ ହୁଅ ଉଦାସୀ
କ୍ଷମା କୃପାନିଧି ନାମ ଆଶ୍ରେ କଲେ ହେବୁ ଭବ ଅକୂପାର ପାର ॥

[ସଇଁତରିଶ]

ଶ୍ରୀବ୍ରଜଯୁବରାଜ ଭଜନ

ଧୀର ସମୀର ବହ୍ନାଶ୍ରୀ ନାମ ନିରତେ ରହିଥା ।
ରଜନୀ ଦିନ ଭଜନେ ମନ ମାତ୍ୱାରୁ ଦହିଥା ॥ ଘୋଷା ।
ବ୍ରଜ ଯୁବରାଜ ନନ୍ଦତନୟ ଲୀଳାରସ ଅଦି ସୁଗୁଣମୟ ।
ସଞ୍ଜ ସକାଳରେ ବସି ନିସ୍ତଳରେ ଜଞ୍ଜାଳ କାଟିଥା ।୧।
ରସନା ପାମର ବଡ଼ୟୀ ରସେ ନାମାମୃତ ପିଅ ରସନା ତୋଷେ ।
ବାସନା ମଜ୍ଜନେ ଦନ୍ତେ କ ନିମିଷେ ନିଠାଇ ରହିଥା ।୨।
କୃଷ୍ଣ କୃଷ୍ଣ ବୋଲ ଆନନ୍ଦ ଭୋଳେ ଗଡ଼ାଗଡ଼ି ଦିଅ କୃଷ୍ଣର ଆଗେ
ମଜ୍ଜନା ପ୍ରମଦା ସୁତବିତ୍ତ ସ୍ନେହ ତହିଁରୁ ଫିଟିଥା ।୩।
ଜୀବନ ଯୌବନ ନୁହଇ ଚିର ଗୁରୁ କୃଷ୍ଣ ପାଦେ ଲଗାଇ ଶିର
ଶ୍ରୀବନ ଦ୍ୱାଦଶ ପରିକ୍ରମା କରି ସାଧୁଙ୍କୁ ଖଟିଥା ।୪।
ସମୟ ତୋ ଯାଉ କୃଷ୍ଣ କଥାରେ ଏ ଭଳି କୃତାର୍ଥ ହେବୁ ପଥାରେ
ବୃଥାରେ ପାପ ନ ମୁଣ୍ଡା ଲୁ ମଥାରେ ସୁତତ୍ତ୍ୱେ ବାଣ୍ଟିଥା ।୫।
କହଇ ଗଉରଚରଣ ଦ୍ୱିଜ ଷଡ଼ାକ୍ଷରମନ୍ତ୍ର ଯେ ମୂଳବୀଜ
କରି ଜପ ଧ୍ୟାନ ଲଭି ଦିବ୍ୟଜ୍ଞାନ ତନ୍ଦ୍ରକୁ ମାଠିଥା ।୬।

[ଅଠତରିଶ]

ଶ୍ରୀବ୍ରଜରାଜ ତନୟ ଭଜନ

ଜେ ଜେ ବ୍ରଜରାଜତନୟ କୁଞ୍ଜବିନୋଦକାରୀ ।
ଜେ ନବଘନ କାନ୍ତିସୁନ୍ଦର ମୋହନ ମୁରଲୀଧାରୀ । ଘୋଷା ।

ନୀଳକଣ୍ଠ ଚନ୍ଦ୍ରଚୂଳ ଗୁଞ୍ଜା ଗୁଞ୍ଜା ଅତି ଶୋହେ
ଗଣ୍ଡମଣ୍ଡଳେ ମକର କୁଣ୍ଡଳ ଜଗଜ୍ଜନ ମନ ମୋହେ ।୧।
ଭାଲପଟେ ବିରାଜିତ ମୃଗମଦ କସ୍ତୁରୀ ଟିପ
ବୃହାରଧନୁର୍ନିନ୍ଦିତ ଭୃଙ୍ଗ ଶ୍ରୁତିପର୍ଯ୍ୟନ୍ତନେତ୍ର ।୨।
ବିମ୍ବାଧରେ ମୁରଳୀ ହାସମୋହିତ ଭୁବନ ସର୍ବ
ବଦନପଦ୍ମ ଖର୍ବ କରଇ ପର୍ବଶଶୀର ଗର୍ବ ।୩।
ସାତରତନ ହାର ପଦକ କମ୍ବୁଭୂଷଣ ମୋତି
ପୀତବସନ ଜିତବିଦ୍ୟୁତ ଝଲକ ଝଲକ ଜ୍ୟୋତି ।୪।
କଙ୍କଣ ମଣିମଣ୍ଡିତକର କିଙ୍କିଣୀ କଟି ମାଝେ
ଝୁଂ ଝୁଂ ନୃତ୍ୟ ନୂପୁର ନାଦ ପାଦ ଯୁଗଳେ ସାଜେ ।୫।
ମୋହିତ ବ୍ରଜମଣ୍ଡଳ ମଣ୍ଡି ମଦନମୋହନଭଙ୍ଗୀ
ଦାମ ସୁବଳ ମଧୁମଙ୍ଗଳ ସ୍ତୋକକୃଷ୍ଣ ସଙ୍ଗୀ ।୬।
ଚତୁରାନନ ପଞ୍ଚାନନ ସହସ୍ରାନନ ଆର
ଅଶେଷ ଗୁଣ ଗରିମାର୍ଣ୍ଣବ ବର୍ଣ୍ଣିତେ ନୋହେ ପାର ।୭।
ପତିତ ଜନ ପାବନ ଦୀନବନ୍ଧୁ ନାମ ଯେଣୁ
ପାମର ଦ୍ୱିଜ ଗଉରଚରଣ ଆଶ୍ରୟ କରେ ତେଣୁ ।୮।

[ଅଣରୂଳଣ]

ଶ୍ରୀବ୍ରଜରାଜନନ୍ଦନ ଭଜନ

ପାହି ଶ୍ରୀ ବ୍ରଜରାଜ ନନ୍ଦନ ପାହି ନିଖିଳ ବନ୍ଦନ ।
ପାହି ଗୋକୁଳପୂର୍ଣ୍ଣଶଶଧର
ଗୋପୀବୃନ୍ଦ ଚିତ୍ତଚନ୍ଦନ । ଘୋଷା ।

ଗୃରୁଚନ୍ଦ୍ରକଚୂଳ ମୂଳକୁ ବକୁଳ ମାଳତୀ ଭୂଷଣ
ରଙ୍ଗିମାଧରଭଙ୍ଗୀ ଦେଖି ମୃଦୁଅଙ୍ଗୀ ମନ ତୋଷଣ ।୧।
ନୀଳଜଳଧର କାନ୍ତି ସୁନ୍ଦର ପୀତପଟ କଟୀ ଶୋଭନ
ସାର ଶ୍ରୀଅଙ୍ଗରେ ଯାର ବୈଜୟନ୍ତୀ ହାର ସୁନ୍ଦର ଲମ୍ବନ ।୨।
କାଳୀ ଅହିବର ଗର୍ବ ଗଞ୍ଜନ ଯାମଳାର୍ଜ୍ଜୁନ ଭଞ୍ଜନ
ବଂଶୀ ବାଦକ ମଦନ ମାଦକ ସଜ୍ଜନ ମନରଞ୍ଜନ ।୩।
ଦୁଷ୍ଟ କୌଣପ ନାଶି ହୃଷ୍ଟରେ ଗୋପରଷ୍ଟ ରକ୍ଷଣ
ଓ୍ୱନଦ୍ୱଂଶଣ୍ଡ ଚିହ୍ନରେ ବ୍ରଜଧରଣୀ ମସ୍ତକ ମଣ୍ଡନ ।୪।
ଗୋପୀଜନମନ ପୂର୍ଣ୍ଣ କର୍ତ୍ତନ ପ୍ରେମ ଭକ୍ତି ସୁସଞ୍ଜନ
ମାତ୍ତ ମହେଶଅଗତ୍ତ ରସରେ ସେ ଗତ୍ତ ରାସରେ ବନ୍ଧନ ।୫।
ଦାସ ଗଉରର ଆଶ ସ୍ନେହ କର ବନ୍ଦସୁ ପାଶ ବିମୋଚନ
ଘନବାନ୍ଧବ ଗୋପିକାଧବ ନାଥ ପଙ୍କଜଲୋଚନ ।୬।

———

[ଗୃଳଣ]

ଶ୍ରୀ ଶ୍ରୀମତୀ ପଦ ଭଜନ

ଭଜ ରେ ମନ ଶ୍ରୀମଙ୍ଗଳ ପାଦପଙ୍କଜ ମାନସରେ ।
କୁନ୍ଦନ ନନ୍ଦନ ପ୍ରତିମା ସ୍ୱର ନବୀନ ଜଳଦ ଶ୍ୟାମରେ ।।ଘୋଷା।।
ତୁଳସୀ ବୃନ୍ଦ ବିଷୟ ଟୋଲ ଢାଳ ନାଚନେ ଉଚ୍ଚସ୍ୱ ଭଳ
ମାଳ ତୁଳସୀ ଧରିଣ ଜପ ତୁ ବାଳମୁକୁନ୍ଦ ନାମରେ ।୧।
ଶ୍ୟାମଳବନ ରୁଚିର ଗାତ୍ର ଅମଳ କମଳ ବନ୍ଦନେଣ ।
ଧ୍ୟାନେ ଦେଖି ତୁ ଜ୍ଞାନ ନୟନେ ପୂର୍ଣ୍ଣ ହୋଇବ କାମରେ ।୨।

ନନ୍ଦରସୁତ ମନ୍ଦରଧର କୁନ୍ଦରଦନ ସୁନ୍ଦରବର
ରାମ ଅନୁଜ ନାମକୁ ଧରି ଛେଦ ଏ ଭବଦାମରେ ।୩।
ଦ୍ୱିଜ ଗଉର ଚରଣ ଭାଷି ଭବଭବାର୍ଣ୍ଣବେ ନ ଯାଅ ଭାସି
ହବା ବିଷୟବଶୀ ଭାବ ତୁ ଭାବ-ବିନୋଦିଆ ଘନଶ୍ୟାମରେ ।୪।

———

[ଏକତାଳି]

ନାମକୀର୍ତ୍ତନ ଭଜନ

ଚିନ୍ତରେ ମନ ! ରଜନୀ ଦିନ
ରାଧେକୃଷ୍ଣ ପଦ ବାରମ୍ବାର ।
ହେଳ ଭଲକରି ବୋଲ ହରି ହରି
ଏହି ଏକା ଏ ସଂସାର ସାର । ଘୋଷା ।
ନେବୁ ଅବା କସ ଏ ବିଷୟୀ ବିଷ
ଘାରି ଜରେ ତାତେ ସୁ ରଙ୍କାର ।
ହରିନାମେ ଗର୍ବ ଅବିଦ୍ୟାକୁ ବର୍ଜ
ହେବୁ ଭବ-ଅକୂପାର ପାର ।୧।
ପୁତ୍ର ଦାରାଧନ ସ୍ୱପନ ସମାନ
କେହି ନୁହେଁଟି ପ୍ରକାର କାର ।
ଏ ଜଞ୍ଜାଳ ପଡ଼ି ଯାଅନା ତୁ ସଡ଼ି
ବୁହା ପ୍ରେମଅଶ୍ରୁ ଧାରଧାର ।୨।
କାମ କ୍ରୋଧ ଲୋଭ ମାତ୍ସର୍ଯ୍ୟ ଅଜ୍ଞାନ
ଛଡ଼ ଏ ଶତ୍ରୁଙ୍କୁ ମାର ମାର ।
ମିଛ ବଣିଜକୁ ସତପ୍ରାୟ ମଣୁ
ଛି ଛି ରେ ତାକୁ ନ ଗାର ଗାର ।୩।

ଅମୃତ ବୋଲି ଯେ ଯାହାକୁ ଭାବନ୍ତି
ସେହିଟି ନିପଟ ଖାର କ୍ଷାର ।
ଗୌରହରି କହି ସନ୍ଥସଙ୍ଗେ ରହି
ଗୁରୁ ବଚନକୁ ଆର ଆର ।୪।

[ବସ୍ତୁାଳନ୍ତି]

ଶ୍ରୀ ହରିଗୁଣ ଭଜନ

(ରାଗ ବଙ୍ଗଳାଶ୍ରୀ ତାଳ ଆଡ଼ତାଳୀ)

ମନ ! ମୋ ବଚନ ମାନ
ସବୁ ପରିହରି ହରିଗୁଣ କର ଗାନ । ଘୋଷା ।
ଧନ ପୁତ୍ର ପରିବାର ଅଛନ୍ତି ତୋ ଯେତେ ।
ମଲାବେଳେ ଜଣେ କେହି ନ ଯିବେ ସଙ୍ଗତେ ।୧।
ଆତ୍ମୀୟ ସ୍ୱଜନେ ଆସି ଉଚ୍ଚେ ଡାକ ଛାଡ଼ି ।
କାନ୍ଦି କାନ୍ଦି ବାନ୍ଧଦେବେ ଛିଣ୍ଡାକନ୍ଥା ପାଡ଼ି ।୨।
କେ ଡରେ ନ ଯିବେ ପାଶେ ରହିବେ ଅଲଗା ।
ମଡ଼ାଛୁଆଁ ହୋଇ କେହୁ ହକାଳିବେ ଲୁଗା ।୩।
ଥୋକେ ଲୋକେ ନ ଛୁଇଁବେ ମୂର୍ଦ୍ଦାରଟା ବୋଲି ।
କୋକେଇରେ ଲଦିନେବେ ଶ୍ମଶାନେ ଦୋହଲି ।୪।
ଜାଣି ନପାରୁ ଅଲଣ୍ଡି ଅନାଡ଼ି ଥୋବର ।
ଦିଅିବେ ତୋପରେ ପାଣି ଗୋଳାଇ ଗୋବର ।

ପୋଡ଼ିବେ ପୋତିବେ ଅବା ଫିଙ୍ଗି ଦେବେ ନେଇ
ସକାଳେ କାନ୍ଦିବେ ଦଣ୍ଡେ ନ ବାହ୍ନିବେ କେହି ।୬।
ଗୋବିନ୍ଦ କହନ୍ତି ଆରେ ମୂଢ଼ ଦୁରାଚାର ।
ସତ କି ମିଛ କେଥା ସାଧୁଙ୍କ ପଦର ।୭।

———

[ଦେଶ୍ୟାଳଶ]

ଶ୍ରୀହରି ଭଜନ

(ବଙ୍ଗ ସୁରଙ୍ଗ ଛାଳ ଝୁଲ)

ମୂଢ଼ମନ ! ହରି ଭଜୁଥା ।
ଦୁର୍ଲ୍ଲଭ ଜନମ ନ ହେଉ ବୃଥା । ଘୋଷା ।
ହରଷ ହୋଇଣ ସରସ ରସରେ
ଭରସି ଯାଇ ତୁ ଛଡ଼ାଅ ବ୍ୟଥା ।
ଅମୂଲ୍ୟ ପଦାର୍ଥ ସେ ଯେ ପରମାର୍ଥ
ଅସରନ୍ତ ଧନ ଗଣ୍ଠି କର ଥା ।୧।
ନୋହି ହରବର ଭକ୍ତବେଶ ଧର
ଭକ୍ତରେ ଜଣାଅ ଗୋବିନ୍ଦ କଥା
ଶ୍ରୀ ଗୁରୁ ଦେବାର ନାମଧନ ସାର
ବାରବାର କର ବସି ହେଜୁଥା ।୨।
ଖୋଜ ସାଧୁସଙ୍ଗ କର ତୁହି ବେଗ
ଅସାଧୁ ମାନଙ୍କ ସଙ୍ଗରେ ନ ଥା
କୁତର୍କ ଅପଥ ମାର୍ଗକୁ ଛଡ଼ାଇ
ଦେଉ ନ ହେବଟି ସେ ସ୍ୱଚ ଦୃଢ଼ ।୩।

କୃଷ୍ଣଲୀଳା ଗୁଣ କର ସୁମରଣ
କୃଷ୍ଣ ଚରିତକୁ କର ତୁ ପୋଥା
ଗୌର ଦ୍ୱିଜ ବୋଲେ ଅକାରଣରେ
ନ ଖାଅ ଶମନ ଦୂତଙ୍କ ମୁଥା ।୪।

[ଚଉପଦୀ]

ଶ୍ରୀ ରାମନାମ ଭଜନ

ଭଜ ରେ ମନ ! ରାମ ନାମ
ଆନ ଅପୂନେ ଯାଅ ନା ।
ବ୍ୟର୍ଥ କଥାକୁ ସାର୍ଥ ମଣି ତୁ
ଅର୍ଥ ମଦ୍ଦୁର ଖାଅ ନା । ଘୋଷା ।
ମାନବ ତନୁ ପୁଣ୍ୟରେ ପାଇ
ଦାନବ ବୁଦ୍ଧି ନ କର ଭାଇ
ଯା ନବଘନ କାନ୍ତି ସୁନ୍ଦର
ଚିତ୍ତ ଲଗ୍ନ କର ତା ନାଁ ।୧।
ବନ ପବନରେ ଏ ଜୀବ ପୂର
କଲ୍ପ ଆୟୁଷ ନୁହେ ତୋହର
ଅଳ୍ପକେ ସବୁ ପିବୃତି ଭଜ
ମୂକତି ପସରା ଯାହା ନାଁ ।୨।
କାକର ପରି ଏ ସର୍ବ ବିତ୍ତ
ଗୃକର ତୁ ଏଥି ନ କର ଚିତ୍ତ
ଦାରା ତନୟ ସ୍ନେହକୁ ଶାକର
ମଣି ତୁ ଠାକର ଖାଅ ନା ।୩।

ବର୍କତ ହର ନାମକୁ ବୋଲ
ତର୍କ ଏ ବଡ଼ ସଂସାର ଜାଲ
ହର୍କତ ନୁହ ଅର୍କତନୟ
ହଜୁରେ ଫଜତ ପାଆ ନା । ୪ ।
ଦ୍ୱିଜ ଗଉର ଚରଣ ଭଷି
ନ ଲଗା ତୁ ଗଳେ ବିଷୟ ଫାସି
ଗୃହ କାରତରେ ପ୍ରୀତି ନ କର ତୁ
କର ବ୍ରଜପୁରେ ଥାନା । ୫ ।

[ପଞ୍ଚଗୃଲଣ]

ଛଟୋକ୍ତି ଭଜନ

ତାଙ୍କୁ କଏ ବୋଲୁଥାଇ ଗୋ! ଚରମ ଦୟାଳୁ ହରି ।
କାହିଁ ଦେଖି ଅଛ ମାମୁଁକୁ ଭଣଜା
ଜୀବନେ ପକାଏ ମାର ।ଘୋଷା ।
କାକ କୋଳେ ପିକ ପାଳିଲା ପରିପେ
ସେବିଥିଲେ ଗୋପନାରୀ ।
ପୋଡ଼ନା କାଳିକୁ ... ଚଳାଇଲେ
ରହିଲେ ମଥୁରାପୁରୀ । ୧ ।
ବଞ୍ଚଲେଭେ ...— ଚାଳ କର ଆଁ
ଥିଲ ବର ବେଶ ଧର ।
ଚଣ୍ଡୀ ପୁରୁ ... କନ୍ୟା ଘେନିଗଲେ
ଲଜରେ ସେ ଗଲ ଫେର ।୨।

ରାମ ଅଭିରାମ ରୂପ ଦେଖି କାମ
ଲୋଭେ ସୂର୍ପଣଖା ନାଶ ।
ଆସିଥିଲା ଆଶା— କର୍ଣ୍ଣ ତା'ର ନାସା
କାଟି କଲେ ହତଶିରୀ ।୩।
ତ୍ରୈଲୋଚନ ବୋଝ ଏକ ଶର ଥିଲ
ହେଲେ ତାର ମନୋହାରୀ ।
କଠୋର କର ତୃଟି ଉପାଡ ତାହାକୁ
କେଶକାଟ ଦେଖି ମାର ।୪।
କାନନ ମଧ୍ୟରୁ ଜନକ ସୁତାକୁ
ରାବଣ ଯେ ନେଲା ହରି ।
ବନା ଦୋଡେ ମିତ୍ର ବାନ୍ଧି ଏକ ହେଲେ
ବାଳୀ କ ବନାଶ କରି ।୫।
ବଳୀ ମନ୍ଦିରକୁ ନିଜ ବିଚେତନେ
ବାମନ ମୂରତି ଧରି ।
ଭକାରୀ ହୋଇଣ ଧକାରି ଦୃଷ୍ଟିଲେ
ରଖିଲେ ପାତାଳପୁରୀ ।୬।
ଜଳନ୍ଧର ଘାର ଶାଳକ ତାଙ୍କର
ଘଟେ ରହ ତାର ପୁରୀ ।
ହରି ତା ସଙ୍ଗକ ପୁଣି ତା ପତ୍ନୀକ
ହର କରେ ବଧ କରି ।୭।
ପାଣ୍ଡବେ ତାଙ୍କର ସୁହୃଦ ବାନ୍ଧବ
ଜାଣନ୍ତି ଏ ତିନପୁରୀ ।
ରାମ ଦୂତ ହେଲ— ଲୋକ ମାଲିଲେ
କେଉଁ ଅବଗୁଣ ଧରି ।୮।

ପୁତ୍ର ନନ୍ଦ ସ୍ମୃତି   ଗୁରୁ ଦ୍ରୋଣ ପୁଣି
ପଢ଼ିଥିଲେ ଜ୍ଞାନ ହାର ।
ମାର ବୋଲି ଧୃଷ୍ଟ   ଦୁ୍ୟମନଙ୍କୁ ପର
ଦେଖି ଦେଲେ ଆଖି ଠାର । ୯ ।
ସ୍ୱସ ମନ୍ତ୍ରୀଳକୁ   ବ୍ରଜ ଦେବୀଙ୍କି ସେ
ଘେନ ଗଲେ ଭୁଜ ଧର ।
ଏକା କର ଶିର   ଚେକା ଗୁଡ଼ି ଗଲେ
କନ୍ଧରୁ ପକାଇ କର । ୧୦ ।
ଶୁଣ୍ଡଠାରେ ବନ୍ଧି   ହୋଇ କୁଶମୁନ
ଭୂଷି ଦେଲେ ସ୍ୱର କର ।
ବାହ୍ମଣଙ୍କୁ କଣ   କଲେ କାନ୍ଧିଁ ପାଇଁ
କେଉଁ ଅବଗୁଣ ଧର । ୧୧ ।
ଯେଉଁ ଗୋରୁହତ୍ୟା   ଅଙ୍ଗରେ ଲଗିଲା
ଗଲେ କୈଳାସୁଁ ବାହାର ।
କଉଣ୍ଡିକି ଆଜ୍ଞା—   ସୁରଙ୍କୁ ମାଇଲେ
ପାପପୁଣ୍ୟ ନ ବିଚାର । ୧୨ ।
ଆଜନ୍ମ ଗୋପୀମାନେ   ଯମୁନାରେ ହେବେ
କରୁଥିଲେଁ ଜଳକେଳି ।
ବସନ ଚୋରାଇ   ବୃକ୍ଷରେ ବାନ୍ଧିଲେ
ମହତ ନେଲେ ଆମ୍ଭର । ୧୩ ।
ଗନ୍ଧର ଚରଣ   ବୋଇଲେ ଗୋପୀଗଣ!
ହରଙ୍କ ନିନ୍ଦା ନ କର ।
ଜଗତ ଯାକର   ପ୍ରଭୁ ସେ ଅଟନ୍ତି
ମହାମହିମା ତାଙ୍କର । ୧୪ ।

———

[ଛଯ୍ୟାଳଣ]

ଭଗବତ ଭଜନ ମାଳୀ

ଭଗବତ ଭଜନ ମାଳୀ
ଅହରହ କର ଥା ତୁ ସଞ୍ଚାଳି । ଘୋଷା ।
ରବିସୁତ ଦଣ୍ଡରୁ ଯଦି
ସାହା ଲଭିବୁ ରେ ଦୁର୍ବୁଦ୍ଧି
ଅବିରତରେ ତୁ ରବିପ୍ରିୟାନେହ
ଗୁଣ ଶୁଣ ସର୍ବ ଜଞ୍ଜାଳ ଟାଳି । ୧ ।
ଧାଇ ଧାଇ କୃଷ୍ଣମୂର୍ତ୍ତିକି
ଭ୍ୟାଇ ମହୋତ୍ସବ ଗତିକି
ଚ୍ୟାଇଁ ଉଠ ଆଉ ମୋହ ନିଦ୍ରାରେ ତୁ
ଘାରି ନୁହ ଗୁରୁବଚନ ପାଳି । ୨ ।
ଅସମର୍ଥ ନୁହ ଏଥିକି
ଧର ସାଧୁଜନ ପୋଥିକି
ଦଶ ଦଶା ମାଡ଼ି ଆସୁଛି ଟି ତୋର
ସେ କଷଣ ପାରିବୁ କି ସମ୍ଭାଳି । ୩ ।
ଆନ ବିଷୟରେ ନ ରସି
ପାନ କର ପୀୟୂଷ ରାଶି
ଗାନ କର ସଦା ରାଧା ହରି ପଦ
ଆନନ୍ଦାଶ୍ରୁମରେ ନେହ ପଖାଳି । ୪ ।
ମିଛ ବଣିଜକୁ ବରଜି
ଇଚ୍ଛା ଶୁଭ ସୁଖ ଅରଜି
ଶ୍ରୀ ଛନ୍ଦଣୀପାଦ— ପଙ୍କଜେ ମିଳିନ୍ଦ
ହୁଅ ତୁ ଶ୍ରୀବନଜ ଚରଣ ଶୃଙ୍ଖା । ୫ ।

ଭ୍ରାନ୍ତ ନୋହି ଶାନ୍ତ ଉପେଖ
ପ୍ରାନ୍ତକୁ କ ହୋଇବୁ ଦେଖ
ସ୍ୱାନ୍ତ ମାନେ ନେବୁ ନାହିଁ ତ ସେଥିରୁ
ସଞ୍ଚୁରୁ ଯା ଶ୍ରମେ ସଞ୍ଜ ସକାଳ ।୬।
ଧର୍ମ କର୍ମେ ଲଗାଇ ସ୍ନେହ
ଇଷ୍ଟଦେବେ ସଙ୍କ ଦେ ଦେହ
ଘର୍ମବୁହା ଯେଉଁ ଅନର୍ଘ୍ୟ ସମ୍ପତ୍ତି
ବଢାଇ ଦେ ତୁ ନ ହୋଇ ଢାଳ ।୭।
ଦ୍ୱିଜ ଗୌର ଚରଣ କହି
ନିଶ୍ଚିନ୍ତରେ ଶ୍ରୀ ବ୍ରଜେ ରହି
ଉଦର ଖଣ୍ଡକ ଭରଣ ଲାଗି ତୁ
ମାଗ ମାଧୁକରୀ ମାଗଣ ଚାଳ ।୮।

———

[ସତଗୃଳଶ]

ଭଜଗୋବିନ୍ଦ ଭଜନ

ଭଜ ଗୋବିନ୍ଦ ସୁନ୍ଦର ଗୋବିନ୍ଦ କହ ଗୋବିନ୍ଦ ନାମକୁ ରେ ।
ରଜନୀ ଦିନ କର ଧ୍ୟାନ ଅଭିନବ ଘନଶ୍ୟାମକୁ ରେ ।ଘୋଷା।
ଶ୍ରୀନାମ ମାଦକ ସେବିଲେ ମୋହ ମୂର୍ଚ୍ଛା
ହେଉଥାଅ ଯାମ ଯାମକୁ ରେ
ମାନସିକେ ସେବୁଥାଅ ନିରନ୍ତରେ
ଶ୍ରୀବୃନ୍ଦାବନଧାମକୁ ରେ ।୧।
ଆନ ବପୁରେ ନ ରସି ନମିତେ
ରସ ତୁ ବ୍ରଜ ଆଶ୍ରମକୁ ରେ

ଭୂର୍ଣ୍ଣରେ ମାଳା ଚଢ଼ାଇ ଆପଣେ
ପୂର୍ଣ୍ଣକର ମନସ୍କାମକୁ ରେ ।୨।
ସଖୀଙ୍କ ସଙ୍ଗିନୀ ପଣକୁ ଆଦର
ଆଶ୍ରେକର ଗୁରୁ ନାମକୁ ରେ
ମାଳିକ ମାଳିକଆଗିଁ ଦେଖିନ୍
ଗୃହ ଯା ଭୁ ନନ୍ଦ ଧାମକୁ ରେ ।୩।
ପରିକ୍ରମା କର ଯାବଟ ବର୍ଷାଣ
ଗୋବର୍ଦ୍ଧନ ନନ୍ଦଗ୍ରାମକୁ ରେ
ଗୌର ଦ୍ୱିଜ ବୋଲେ କଲି ମଗ୍ନ ମୂଳେ
ନିଶ୍ଚିନ୍ତେ ନିଅ ବିଶ୍ରାମକୁ ରେ ।୪।

[ଅଠଗୃଳଣ]

ରାଧେକୃଷ୍ଣ ଭଜନ

ରାଧେ କୃଷ୍ଣ ରାଧେ କୃଷ୍ଣ ରାଧେ କୃଷ୍ଣ ଗାଉରେ
ବ୍ରଜନନ୍ଦନ ରାଙ୍ଗ ମଧୁ [illegible] ।ଘୋଷା।
ନିକଟେ ଧନ [illegible] [illegible] [illegible]
ଲିଭିଲ ଜାଳିରେ [illegible] [illegible] ।୧।
ଧନ ଦାର ସୁତ ଦେଖି ମନ କିଛି ମୋହରେ
ମୋର ମୋର [illegible] [illegible] [illegible] ।୨।
ଯମୁନାପୁଳିନ କେଶୀଘାଟ ବଂଶୀବଟରେ
ତ୍ରିଭଙ୍ଗୀ ଭଙ୍ଗୀ ମାଳତେ ଦେଖା ନିକୁଞ୍ଜରେ ।୩।

ବୃନ୍ଦ ଗୋପାଳମୂରତି ଶ୍ରୀକିଶୋର ନଟରେ
ଦର୍ଶନେ କୃତାର୍ଥ ହୁଅ ସଖୀ ବାମ ପଟରେ ।୪।
ହରେ କୃଷ୍ଣ ମହାମନ୍ତ୍ର ଅନୁକ୍ଷଣେ ରଟରେ
ରାମନାମ ଖଡ୍ଗ କର ପାପତାପ କାଟରେ ।୫।
ଘେନବ ଭଗବତ ବାଣୀ ଶୁଣ କର୍ଣ୍ଣପୁଟରେ
ଯାବ ଭଣେ ଦିଜ ଗୌର ଅବଧୂତ ଗୃହରେ ।୬।

[ଅଣଗୃଣ]

ଗୋବିନ୍ଦଗୋପାଳ ଭଜନ

(ରାଗ ବଙ୍ଗଳାଶ୍ରୀ — ତାଳ ଝୁଲା)

[ଭଜରେ ମନ ରାମନାମ ଆନନ୍ଦେ ମନେ ଯାଅ ନା — ବୃତ୍ତି]

ଭଜ ରେ ମନ ! ଗୋବିନ୍ଦ ଗୋପାଳ ଚରଣେ ମନ ଥାଇକି
ଅଷ୍ଟ ରଜନୀ ଧ୍ରୁବ ପ୍ରହ୍ଲାଦ ନାମ ଧରିଗଲେ ତରି ନା ବୋଧ ।
ମାରିଲେ ଜଟିଳା ତାରିଲେ କର୍ଣ୍ଣା ପୁତନା ପୁତନାକୁ ଉଦ୍ଧରିକା
ମାରିଲେ ଜାମ୍ବୁଳ ତାରିଲେ ନାମାକୁ ତୋଷି ହରିନନ୍ଦନେ କା ।୧।
ମାରିଲେ କାଳିକା ତାରିଲେ ବାଳିକା ପୁତନାରେ ଅନେକା
ମାରିଲେ କଂସାରି ତାରିଲେ ଧରଣୀ ଦୁରଗ୍ରହ ଯମ ପଟକା ।୨।
ଭକ୍ଷିଲେ ଅନଳ ରଖିଲେ ଗୋକୁଳ ଗୋବର୍ଦ୍ଧନ ଗିରି ଧରିଜ
ଗୃହିଲେ ଅଣ୍ଟା ଫଳ ମିଠା ମିଠା ଦୁରଗ ଦେବେଙ୍କ ଭବସ୍ତ୍ର କା ।୩।
ମାରଣ ତାରଣ ଜୀବ ଉଦ୍ଧାରଣ ଅଛୁ କେ ବା ତାଙ୍କ ପରି କ
ଗଉର ଚରଣ ଦ୍ୱ ଜର ଦରଣ ଉଦ୍ଧାରଣ ହେବେ ସେ ଟଣ୍ଡ କି ।୪।

[ପଚାଶ]

କୃଷ୍ଣକଥା ଭଜନ

ରାଗ ଭାଟିଆରି—ଏକତାଳୀ

ଆରେ ସୁରସନା ! କୃଷ୍ଣ କଥା ବିନେ ଆନେ ତୁ ରସ ନା । ଘୋଷା
ଅନବରତରେ ହୋଇ ତୋଷ ଅଦ୍ଭୁତ ଭାବ ନିତ୍ୟ ଘୋଷ
ନନ୍ଦନେନ୍ଦାନନ୍ଦଇନ୍ଦୀବରଚନ୍ଦ୍ର କନ୍ଦର୍ପସୁନ୍ଦରଗୁଣ ଘୋଷ ।୧।
ଅଖିଳ ରସ ଅମୃତ ସିନ୍ଧୁ, ବ୍ରଜ ବଧୂଜନ ପ୍ରାଣବନ୍ଧୁ
ଶ୍ରୀମଧୁସୂଦନ ମଧୁମିଶ୍ର ନାମ ମଧୁକୁ ଚାଖ ତୁ ବିନ୍ଦୁ ବିନ୍ଦୁ ।୨।
ଆଳସୀ ନ ହୋଇ ତୁ ନିମିଷେ ଲାଳସୀ ହୁଅ ଏ ସୁଧାରସେ
ମାଳଶ୍ରୀ କରଣ ହରେକୃଷ୍ଣ ନାମ କାଳ ବଞ୍ଚିଥାଅ ନିଶିଦିବସେ ।୩।
ସୌରଭ କେମନ୍ତ ନାମ ପଣା ଆଜସରି ତୋତେ ନୋହେ ଜଣା
ଗୌରଦ୍ୱିଜବୋଲେ ଗୌରବପ୍ରତିଷ୍ଠା ଛାଡ଼ିଲେ ଅନୁଭବବୁଝିନା ।

———

[ଏକାବନ]

ଶ୍ରୀକୃଷ୍ଣସେବା ଲାଳସା

ସତେ କି ଏକ ଜନମ ବ୍ରଜପୁରେ ମୁଁ ବଞ୍ଚିବି ।
କୃଷ୍ଣ ଶ୍ରୀମୁଖକୁ ଚାହିଁ କୋଟିଦୁଃଖ ମୁଞ୍ଚିବି ।ଘୋଷା।
ପ୍ରଥମେ ଭେଟି ସମୟେ ପଡ଼ିବି ଅମ୍ବୁଜପାଏ ।
ଉଠି ଶିରେ ଯୋଡ଼ି କର ଦିବ୍ୟ ସ୍ତୁତି ରଚିବି । ୧ ।
ତନୁ ହେବ ; ରୋମୋଦ୍‌ଗମ ପୁଲକେ ଝରିବ ପ୍ରେମ ।
ନେତ୍ରନୀର ସତେ ମୋର ଉରପରେ ସିଞ୍ଚିବି । ୨ ।

ପୁଣ ଚରଣେ ଚଢ଼ିବ ଆନନ୍ଦ ହୋଇ ଗଡ଼ିବ ।
ପାଦ ପଦ୍ମ ଚହ୍ଲାଧୂଳି ମସ୍ତକରେ ବାନ୍ଧିବ । ୩ ।
ମଥୁରା ଯିବାକୁ ସଜ ହେଲାବେଳେ ଦେବରାଜ ।
ତଡ଼ାପଲଗି କସ୍ତର ପିନ୍ଧାଫେର କୁଞ୍ଚିବ । ୪ ।
ଗୌରଦ୍ୱିଜବୋଲେ ହେଲେ ରଥେ ବାଜକଲାବେଳେ
ଗ୍ରୁମର ଧରଣ କରେ ଧୀରେ ଧୀରେ ବାନ୍ଧିବ । ୫ ।

———

[ବାଉନ]

ଯୁଗଳସେବା ଲାଳସା

(ନ ଭେଜିବ ମୂରଲୀ ଧରା—ବୃନ୍ଦେ)

ମନେ ହେଉ ନାହିଁ ପରତେ ।
ଏମନ୍ତ ସୁଭାଗ୍ୟ ଘଟିବ ମୋତେ । ଘୋଷା ।
କୁଞ୍ଜ ସାମନ୍ତାଣୀଙ୍କ ଲାଗି ନିଶାନ୍ତରୁ ଉଠିବ ଜାଗି
ମଙ୍ଗଳ ଆଳତି କାଳେ ଦରଶନ
କରିବ ଦୁହିଙ୍କି ଏ ପାପ ନେତ୍ରେ । ୧ ।
ଭୁଙ୍ଗବିଦ୍ୟା ସଖୀଙ୍କ ଯୂଥେ ଗୁଣଚୂଡ଼ା-ମଞ୍ଜରୀ ମତେ
ମୋ ଶ୍ରୀଗୁରୁରୂପା ସଙ୍ଗିନୀଙ୍କ କୃପା
ଅପାଙ୍ଗେ ସ୍ୱସେବା ପାଇବ ସତେ । ୨ ।
ମହା ପଦ୍ମ ରତ୍ନ-ସଦ୍ମରେ ସେ ସପ୍ତମ ଦଳମଧ୍ୟରେ
ଧନ୍ୟାମଞ୍ଜରୀଙ୍କ ବାମେ ରହି ତାଙ୍କ
ଆଦେଶେ ଖଟିବ କୁଞ୍ଜ ପୁରତେ ।୩।

ଦ୍ୱିଜ ଗୌର ଚରଣ କହେ ସିଦ୍ଧ ହେବ ପ୍ରାର୍ଥିର ସ୍ନେହେ
ମାନସିକ ଭାବେ ଆତ୍ମା-ଦ୍ରବ୍ୟବେ
ଅସ୍ମାଦ୍‌ମାନଙ୍କୁ ଯଶ ସନ୍ତତେ । ୪ ।

[ଚେଉପନ]

ଯୁଗଳ ଚରଣ ଭଜନ

(ଯିବ ରେ ଯିବ ଏ ଜୀବ ଦିନେ ଭୁଲିଯିବ ରେ ବୁଝ)
ଭଜଭଜ ଅରେ ମନ ଯୁଗଳ ଚରଣକୁ
ନରହିବ ତୋତେ ଭୟ ଆଉ ଜନ୍ମମରଣକୁ । ଘୋଷା ।
ଛାଡ଼ି ଏ ଘରଦୁଆର ମଲା ବନ୍ଧୁଜନଙ୍କୁ ।
କିଏ ଜାଣେ [illegible] ଦିନ [illegible] ଉଠାଇନେବୁ । ୧ ।
ଯେତେ ନାହିଁ [illegible] ଜଗତ [illegible]
[illegible] ଧନ [illegible] । ୨ ।
ବିଶ୍ୱାସ ତୁ ନ ଯା ଦାରାସୁତ ବନ୍ଧୁ ଗଣଙ୍କୁ ।
[illegible] ମରିବଙ୍କୁ । ୩ ।
[illegible]
[illegible] ଦୋଷିବୁ [illegible] । ୪ ।
[illegible] ଅନାଥ ! ପତିତ-ଅଧମଙ୍କୁ ।
[illegible] ଚରଣଙ୍କୁ । ୫ ।

[ଚଉବନ]

ରାଧେଗୋବିନ୍ଦ ଭଜନ

ରାଧେ ଗୋବିନ୍ଦ ଭଜ   ରାଧେ ଗୋବିନ୍ଦ ଭଜ
ନନ୍ଦନନ୍ଦନ ବଂଶୀବଦନ ବୃନ୍ଦାବନଚନ୍ଦ୍ର ଭଜ । ଘୋଷା ।

ମାୟାମୋହ ହିଂସା କାମ କ୍ରୋଧ ଲୋଭ
ଏହାଙ୍କ ସଙ୍ଗରେ କପାଇଁ ମଜ
ହରେକୃଷ୍ଣ ରାମ ଅମୃତ ସାଗର
ସାଧୁଜନ ପାଶେ ପଚାରି ବୁଝ ।୧।

କେଶବ କଂସାରି ଦୀନ ଉଦ୍ଧାରି
କଂସ ନାଶି କଲେ କୁବୁଜା ଭଜ
କୃଷ୍ଣ ନାରାୟଣ ନୃସିଂହ ବାମନ
ବଳିଶିରେ ଦେଲେ ଯେ ପାଦରଜ ।୨।

ଦର୍ପଣୋଭୂଷଣ ନାଶିବେ କଷଣ
ଦୃଢ଼େ ଭଜୁଥିବୁ ପାଦ-ସରୋଜ
ଶ୍ରୀବୃନ୍ଦାବନରେ ନାନାରଙ୍ଗେ କେଳି
ଗୋପ ସୁତ ସଙ୍ଗେ ବ୍ରଜରାଜ ।୩।

ହରିଣୀ ବିପତ୍ତି ହରିଲେ ଶ୍ରୀପତି
ଗ୍ରାହା ମାରି ତାରି ଦେଖିଲେ ଗଜ
ଏବେ ନୀଳାଚଳେ ବିଜେ ଜଗନ୍ନାଥେ
ଭକ୍ତପାଇଁ ତେଜି ଅଙ୍ଗଲି ଭୁଜ ।୪।

ଅଚ୍ୟୁତ ମୁକୁନ୍ଦ ମାଧବ ମୁରାରି
ପତିତପାବନ ଗରୁଡ଼ଧ୍ୱଜ

ପ୍ରହଲ୍ଲଦ ଛଳେ ସ୍ତମ୍ଭରୁ ବାହାରି
ନଖେ ବିଦାରିଲେ ହିରଣ୍ୟରାଜ ।୫।
ନରୋତ୍ତମ ନରହରି ହରେକୃଷ୍ଣ
ଭଜ ତୁ ଅଭୟ ପାଦ ପଙ୍କଜ
ଯେଉଁ ପାଦପଦ୍ମେ କାଳୀୟ ଦଳିଲେ
ହୋଇଣ ମଦନ ମୋହନ ସଜ ।୬।
ଇନ୍ଦ୍ର, ବିବାଦରେ ମନ୍ଦର ଧଇଲେ
ହାରି ସୁରପତି ପାଇଲା ଲାଜ
ଗଉର ଚରଣ ଶରଣ ମାଗଇ
କାରଣ କରିବେ ଦେବାଧିରାଜ ।୭।

———

[ପଞ୍ଚାବନ]

ବୈରାଗ୍ୟବୋଧ ଭଜନ

[ପତିତ ପାବନବାନା ଅଛି କେତେ ବେଳକୁ— ବୃତ୍ତରେ]
ତୁଚ୍ଛାକୁ କି ଯାଇଁ ଯାଇଁ ଚଉରାଶୀ ହେଲି ତ
କୃଷ୍ଣରେ ଥରେହେଲେ କୃଷ୍ଣ ନ ବୋଲିଲି ତ । ଘୋଷା ।
ଦାରା ତନୟଙ୍କ ସେବିକି ବୃଥା ଟାରେ ମାୟାମୋହେ
ଜନମ ଗଲେ ମୋ ଦିନ କାଳ ନେଲି ତ ।୧।
ଦାନ୍ତିକ କୃପଣପଣେ ବହମା ତେବେ ଆପଣେ
ଶ୍ରୀଗୁରୁ ପ୍ରଦତ୍ତ ବଜ୍ରମନ୍ତ୍ର ତେଜି ଦେଲି ତ ।୨।
କେ ତୋହର ତୁ କାହାର ବନେ ହୋଇଲୁ ବାହାର
ବଜ୍ରଧର ଦଣ୍ଡ ଯାହା ହେବା ନ ଚିହ୍ନିଲୁ ତ ।୩।

ଆଣି ଦେଖାଇ ଦେଉ ଯା ଠାଣିକୁ ଚାଇ କ ମଜା
ଜାଣି ଜାଣି ସନ୍ଥଜନ ବାଣୀ ଦୂରେ ଠେଲୁ ତ ।୩।
ଗୌର ଦ୍ୱିଜ ବୋଲେ ମନ ! ହରିଅନା ମୂଳଧନ
ସମ୍ପାଦ କରି ଯତନ କହିଁ ଏତେବେଳୁଁ ତ ।୪।

[ଛପନ]

ବୈରାଗ୍ୟ ସୁଧା ଭଜନ

ରାଗ ଶଙ୍କରାଭରଣ । ତାଳ ଆଠତାଳୀ

[ଭଜ ରାଧେ କୃଷ୍ଣ ବୋଲି—ବୃତ୍ତ]

ମନ ତୁ ଏତେ ଅବୋଧ !
ସୁପଥ ଛାଡ଼ି କୁପଥ ଚାଲିଗଲୁ ସଦା । ଘୋଷା ।
ବନ୍ଦୀ ହୋଇ ଅକାରଣେ ମାୟାମୋହ ଘରେ
କାର୍ତ୍ତିକ ଆଦିରୁ ଛୁଟିବ ନ ପାରିଲୁ ଥରେ ।୧।
ଇଚ୍ଛାରେ ପାତକ ବୃଦ୍ଧି ଯେତେ [illegible]
ପ୍ରବୋଧ ଧ୍ରୁପଦ ହୃଦ ମନ୍ଦିରେ ନ ଜାଣୁ ।୨।
ଧନ ମଦେ ମତ୍ତ ହୋଇ ଯାଉ ଦେବାକୁ ମୋର
[illegible] ବଢ଼ାଇ ଛଡ଼ାଇବ କାଳପାଶଡୋର ।୩।
ମିଛ ବାଜିରେ ଯଣି ହୋଇ [illegible] ବଶ
ଅନ୍ତକାଳେ ଜଣାଇବ ତୋର ଦୁର୍ଦ୍ଦଶା ।୪।
ଥିବୁ କି [illegible] ହୋଇ
ମଶାଣି [illegible] ଦିନେ ଶୋଇବୁ ପରେ ଯାଇ ।୫।

ବାହାର ପଡ଼ିବ ମଲାବେଳେ ସବୁ ମଜା
ଗୋଡ଼ାଇ ନଚିନ୍ତେ ଯମେ କେତେ ଧରି ଲଗୁଡ଼ା ।୬।
ଗୌର କହିଚି ବୋଲି ବୁଝି ଗଲେ ଥିଲେ ବେଳ
ଧରୁ ତୁହି ହରିଚରଣ ନାମ କରୁ ସାର ।୭।

[ଶଢାବନ]

ନାମା ମୃତ ସଙ୍ଖୋଲ ଭଜନ

(ତାଳ ଆଠତାଳୀ)

ଶ୍ରୀରାମଙ୍କ ବେଦ୍ରାଣୀ ନାମକୁ ଚିନ୍ତରେ ମନ !
ଶ୍ରୀରାମ-ଶ୍ରୀକଳ ଚାଉକୁ ବାମ ବୋଲି ଦିଓ ଜନ । ଘୋଷା ।
ଶ୍ୟାମ ଅଭିରାମ ତନୁ   କାମ ମୋହନ ଅଙ୍ଗନୁ
ରାମ ଅନୁଜଙ୍କ ବନ୍ଧୁ   ଗତି ନାହିଁ ତ୍ରିଭୁବନ ।୧।
ବାମ ସ୍ତନ୍ଦ ସଙ୍ଗ ଆ   ରଙ୍ଗିଆ   ଭ୍ରୂଭଙ୍ଗିଆ
ବାମନେତ୍ର ଅତାଙ୍ଗିଆ   କାମନା କଲ୍ପତରୁ ପୂର୍ଣ୍ଣ ।୨।
ଯାମଳା ଭଞ୍ଜନକାରୀ   ଧନୁ ଶର ଚାମଧାରୀ
ରାମ ଜନ୍ମ କିଶୋର   ପଦ ବୃନ୍ଦାର ଦେବ ।୩।
ଚାମରଗ ନନ୍ଦନ   ଚନ୍ଦ୍ର ପୃଥ ମନ୍ମଥଙ୍କ
ନାମର ତତ୍ତ୍ୱ ଦିବ ବୋଲି ଗୁରୁ ଦ୍ୱୈତ ମନ ।୪।

[ଅଠାବନ]

ମାନଉଦ୍ଧାରଣ ଭଜନ

ଯିବୁ ଯେବେ ଆର ପାଶକ
ମାନ ମୋର ବୋଲ ଭଜ ହରିଙ୍କି
ଆନରେ ନ ରସି ଧ୍ୟାନ କର ବସି
ମାନଉଦ୍ଧାରଣ ଦାନବାରିଙ୍କି । ଘୋଷା ।
ଜ୍ଞାନଯୋଗ ସାଧିବୁ କାହିଁ ଦାନ ଧର୍ମେ ପାରିବୁ ନାହିଁ
ଥାନ କର ବ୍ରଜକାନନରେ ଯାଇ
ତାନମାନେ କରତାଳ ମାରିକ ।୧।
ସ୍ନାନ ବୁଦ୍ଧି ଧରି ତୁ ଆପେ ଆନନ୍ଦରେ ଭ୍ରମୁଥା ଗୋପେ
ହା ନନ୍ଦନନ୍ଦନ ରାଧେ ରାଧେ ବୋଲି
ଗାନ କର ଚିନ୍ତ ବ୍ରଜନାରୀଙ୍କି ।୨।
ନାନଗାନ ନୃତ୍ୟ ବୃଥାରେ କାନ ଡେର କୃଷ୍ଣକଥାରେ
ଯା ନବରସରେ ମଜ୍ଜିଛନ୍ତି ସନ୍ଥେ
ତା ନ ଆଦରୁଛୁ କ ବସ୍ତୁର କ ।୩।
ସ୍ନାନ ସାରି ଶ୍ରୀକୁଣ୍ଡମାରେ ଦାନ ଘାଟୀ ଧୀର ସମୀରେ
ସାନନ୍ଦେ ବିହର କହେ ଦ୍ୱିଜ ଗୌର
ପାନ କର ଶ୍ରୀ ଯମୁନାବାରିକ ।୪।

[ଅଣଷଠି]

ବ୍ରଜବାସ ଲାଳସା

ସତେ ମୋତେ ଗୁରୁଙ୍କର ଆଜ୍ଞା ହେବ କୃଷ୍ଣକଥାରେ ମୁଁ ରସିବ ,
ଶ୍ରୀରାଧା ଗୋବିନ୍ଦ ବୃନ୍ଦାବନଚନ୍ଦ୍ର ନାମ କରନ୍ତରେ ଘୋଷିବ ।ଘୋଷା

ଦାରସୁତ ବନ୍ତେ ଚିତ୍ତ ନ ରସିବ କାକ ପରି ଚହ୍ନଁ ଖସିବ
ଚିନ୍ତା ଦୂର କରି ଅଚିନ୍ତା ହୋଇ ମୁଁ ଚିନ୍ତାମଣିସ୍ଥଳେ ପଶିବ ।୧।
ସନ୍ତତ ଭକ୍ତଙ୍କ ସଙ୍ଗେ ଅନୁରକ୍ତ ଅଜ୍ଞା ମାଗି ପାଶେ ବସିବ
ତାଙ୍କ ଶ୍ରୀପଦ୍ମରେଣୁମାବ୍ରଜକୁ ମୋର ଉରକଣ୍ଠିରେ କଷିବ ।୨।
ଦ୍ୱାରେ ଦ୍ୱାରେ ଫେରି ଭିକ୍ଷା ମାଧୁକରୀ ମାଗି ଏ ପେଟକୁ ପୋଷିବ
ମାରି କରତାଳି ନାଚି ତାଳି ତାଳି ସେମାନଙ୍କ ମନ ତୋଷିବ ।୩।
ରାଧାକୁଣ୍ଡ ଜଳ ଜମ୍ବାଳକୁ ଗୋଳି ଉର ଉତ୍ତମାଙ୍ଗେ ଘଷିବ
ଯେତେ ଥିବ ଏ ସଂସାର ଦୁର୍ବାସନା ତେତେବେଳେ ହିନା ନାଶିବ ।୪।
ବୈଷ୍ଣବ ପଦ୍ମର ଧୌତ ନୀର ମୋର ତୃଷ୍ଣା ଦୂର କରି ଶୋଷିବ
ଆନନ୍ଦରେ ଭୋଳହୋଇ ବେନତୋଳ କପାଳରେ ନେଇ ଖୋଷିବ ।୫।
ଶ୍ରୀହରିମନ୍ଦିର ଛାପା ନାମାକ୍ଷର ଚିହ୍ନ ବାହୁ ଉରେ ଭୂଷିବ
ଶ୍ରୀନନ୍ଦନନ୍ଦନ ପଦଦ୍ୱନ୍ଦ୍ୱ ଧ୍ୟାନ କରି ପ୍ରେମାନନ୍ଦେ ଭାସିବ ।୬।
ଗୌରଦ୍ୱଜ ଭଣେ ସାଧୁ କୃପାବଶେ ଯେବେ ସେ ଗୋଷ୍ଠୀରେ ମିଶିବ
ତେବେ ସେ ନକର ବ୍ରଜବାସୀଙ୍କର କଙ୍କର ପରାଏ ଦିଶିବ ।୭।

[ଷାଠିଏ]

ବୃନ୍ଦାବନ ବାସ ଲାଳସା

[ବ୍ୟଥିତ କଥିତ ଧନ୍ୟ ଗିରି ବୃତ୍ତେ]

କର ଅନୁକମ୍ପା ବନଦେବି
ଶ୍ରୀ ବନେଶ୍ୱରୀ ସେବକା ହେବି
ସତେ କି ମୁଁ ବୃନ୍ଦାବନେ ଯାଇ
ଶ୍ରୀକୁଞ୍ଜେ ଏ ମଥା ଘଷାଳିବି
ଗୋ ବୃନ୍ଦାଦେବି !
ଦିନ ହରିବି ଯୁଗଳ ପଦ ସେବି ।୧।

ଖର୍ଜୁର ଖଣ୍ଡୀର ଭଦ୍ର ବନେ
ବିହରିବି ସଙ୍ଗେ ମୋଦେ ମନେ
ନିକୁଞ୍ଜେ ମଦନମୋହନ ଦର୍ଶନେ
ଧନ୍ୟ ହେବି ସେହି ନିତ୍ୟ ଧନେ
ଗୋ ବୃନ୍ଦାଦେବି !
ଦିନ ହରିବି ଯୁଗଳ ପଦ ସେବି ।୨।
ସିଦ୍ଧ ଗିରିରାଜ ଗୋବର୍ଦ୍ଧନ
ସୁଖାନନ୍ଦେ କରି ପ୍ରଦକ୍ଷିଣ
ଯାବଟ ବର୍ଷାଣ ନନ୍ଦଗ୍ରାମ ସ୍ଥାନ
ବିଲୋକିବି ଗୋପ ପୁଷ୍ଟିମାନ
ଗୋ ବୃନ୍ଦାଦେବି !
ଦିନ ହରିବି ଯୁଗଳପଦେ ସେବି ।୩।
ଗୋବିନ୍ଦ ଘାଟେ ଗୋବିନ୍ଦ ରୂପ
ଦର୍ଶନେ କାଟିବି ମନ ତାପ
ପ୍ରେମାଶ୍ରୁରେ ହୃଦ ପଙ୍କିଳ ହୋଇବ
ଛଡ଼ାଇବି ଆଜନ୍ମର ପାପ
ଗୋ ବୃନ୍ଦାଦେବି !
ଦିନ ହରିବି ଯୁଗଳ ପଦ ସେବି ।୪।
ରାସସ୍ଥଳୀଠାକୁ ଯିବି ଚଳି
ଗୃପିବି ଗୋପୀଙ୍କ ପାଦତଳି
ଆଶା କରିଅଛି ଏ ଗୌରଚରଣ
ଅର୍ଜିବି କି ପୁଣ୍ୟ ତେଡ଼େ ଭଳି
ଗୋ ବୃନ୍ଦାଦେବି !
ଦିନ ହରିବି ଯୁଗଳ ପଦ ସେବି ।୫।

[ଏକଷଠି]

କଳତାରଣ ଭଜନ

ଯା ଯା ମନ ! ବୃନ୍ଦାବନ ମାୟାରେ ପଡ଼ ନା ।
ମୋର ବୋଲ ତୁ ଘେ'ର ସଂସାରସାଗରେ ବୁଡ଼ ନା ।ଘୋଷା।
ଦେଖ ଏ କଳିକାଳବ୍ୟାଳ ଅତର୍କି କଠୋର ଗରଳ ଜାଳ
ଗୁଣିଆଁ ଶ୍ରୀ ଗୁରୁଗାରୁଡ଼ମନ୍ତ୍ର ହେଲେ ତୁ ଛୁଡ଼ ନା ।୧।
ସଢ଼ାଇବ ତନୁ ତ୍ରିତାପତାପ କଢ଼ାଇବ ନେତ୍ରୁ ସନ୍ତାପ ଆପ
ଛଡ଼ାଇବୁ ଯେବେ ବିଷୟପଙ୍କ ଧଇଥା ଦୃଢ଼େ ନାଁ ।୨।
ତର୍କ ଜନଙ୍କ ସଙ୍ଗ ମୁଞ୍ଚ ବିତର୍କ କରିବେ ଟି ଘୁଞ୍ଚ
ହର୍ଷିତ କରି ଭୁଲାଇ ମାରିବେ ଜାଣି ତୁ ଜଡ଼ ନା ।୩।
ସାଧୁଙ୍କ ବଚନ ମଧୁର ପର୍କ ଶ୍ରୁତି ମୁଖେ ମାଧୁରୀକ ତୁ ପର୍ଶ
ଅର୍ପିତ ହୋଇ ଯିବୁ ଟି ମୂର୍ଖପଣରେ ଏଡ଼ ନା ।୪।
ହର୍ଷିତ ଦ୍ୱିଜ ଗଉର ଏବେ ଦାସୀତନୁକୁ ଲଭିବୁ ଯେବେ
ଆଶ୍ରିତ କରି ଶ୍ରୀଗୁରୁଚରଣ ବ୍ୟର୍ଥରେ ସଡ଼ ନା ।୫।

[ବାଷଠି]

ଶ୍ରୀବୃନ୍ଦାବନଧାମ ଭଜନ

ରେ ମୂଢ଼ମନ ବୃନ୍ଦାବନ ଧାମକୁ ଭଜୁ ଥା ।
ଶ୍ୟାମନାଗର ପ୍ରେମସାଗରେ ନିରତେ ମଜୁଥା ।ଘୋଷା।
ଶୁକ ପିକ ଭୃଙ୍ଗ ମୟୂର ଗାନ କରି ହରି ନାମ ଉତ୍କୃଷ୍ଟ ତାନ
କାନକୁ କେଡ଼େ ମଧୁର ଲଗୁଛି ମନରେ ହେଜୁ ଥା ।୧।
ଶ୍ରୀବ୍ରଜମଣ୍ଡଳ କେମନ୍ତ ସ୍ଥାନ ନିଶ୍ଚଳ ସେ ସ୍ଥଳ କରି ତୁ ଧ୍ୟାନ
ଧନକୁ ଧନ ତୁ ମନକୁ ବୁଝାଇ ମାନକୁ ତେଜ ଥା ।୨।

ଯତନେ ସଜ୍ଜନ ସଙ୍ଗ ଅର୍ଜ୍ଜି   ଉଚ୍ଚେ ହରି ନାମ ଧରି ତୁ ଗର୍ଜ୍ଜି
ବରଜବାସୀଙ୍କ ଚରଣରଜରେ ଅଙ୍ଗକୁ ମାଜୁ ଥା ।୩।
ଦ୍ୱିଜ ଗଉର କହେ ଏ ଭାଷ   ସେ ବ୍ରଜସ୍ଥଳେ କରି ତୁ ଆଶ
ବ୍ରଜ ଉପାସିକ ସାଧକ ସିଦ୍ଧ ଜନଙ୍କୁ ଖୋଜୁ ଥା ।୪।

[ଚୌଷଠି]

ବ୍ରଜବାସ ଲାଳସା ଭଜନ

ଉଠ ମନ ବୃନ୍ଦାବନକୁ ଯିବା ଆଉ ମୋ ମୋ କାହିଁକି
ଏ ଘଟ ତୋର   କେତେ ଦିନ ରହିବ
ଏ କଥା ଚେତନା ନାହିଁ କା ।ଘୋଷା।
ସଖୀ ସହିତରେ   ଦର୍ଶନ କରିବା
ନବ କିଶୋରୀ କହ୍ନାଇଙ୍କି
ଶ୍ରୀ ଗୁରୁ ସଙ୍ଗିଙ୍କି   ଜଞ୍ଜାଳ କରିବା
ନୂଆ ଦାସୀ ହେବା ପାଇଁକି ।୧।
ସେବାରେ ତତ୍ପର   ହେବା ଦିବାନିଶି
ଦିବାରେ ନିକୁଞ୍ଜେ ରହିକି
କେ ବାରଣ କରି   ପାରେ କି ଏଥିକି
କେବଣ କାଟେ କାହିଁକି ।୨।
ନୟନ ସଫଳ   କରିବା ଶ୍ରୀ ବ୍ରଜ
ଅପୂନ ବିପିନ ଗୃହିଁକି
ରାଧେ ଶ୍ୟାମ ବୋଲି   ନାଚିବା ଗାଇବା
ପ୍ରେମ ମାଧୁରୀ ଖାଇକି ।୩।

କହ୍ନେ ବହୁ ଝୁଲି   ଯବେ ଝୁଲି ଝୁଲି
ସେ ଦେଖେ ହୋଇବା ବାଇ କି
ଗୌର ଦ୍ୱିଜ ଭଣେ   ଶ୍ରୀ ଯମୁନା ବନ୍ଧେ
ମଗ୍ନ ହେବା ଅବଗାହିକ ।୪।

———

[ଚଉଷଠି]

ବୃନ୍ଦାରଣ୍ୟ ସ୍ମରଣ ଭଜନ

[ଗଲ୍ପଣି ତ ଗଲ୍ପ କଥାରେ ସଙ୍ଗୀତ ବୃତ୍ତେ]

(ରାଗ ତୋଡ଼ିପରଜ--ଆଦିତାଳ)

କେଡ଼େଶୋଭ   କୁଞ୍ଜବନ ଗୋ ସଜନି !
କେଡ଼େ ଶୋଭ କୁଞ୍ଜବନ
ନାନା କୁସୁମିତ   ତରୁଲତା ବ୍ରାତ
ଅନା ଅନା ନ ଯତନ ।ଘୋଷା।
ଯହିଁ ବିହରନ୍ତି   ନୀଳମଣି ହାସି
ଯଶୋଦା ନନ୍ଦନନ୍ଦନ
କି ଉପମା ଦେବା   ସହିକ ମଘବା-
ନିଳୟ ନନ୍ଦନ ବନ ଗୋ ।୧।
କୁନ୍ଦନ ପ୍ରତିମା   ବୃଷଭାନୁ ଜେମା
ଯହିଁ କରେ ବିହରଣ
ଭୂମି ଚିନ୍ତାମଣି   କଳ୍ପଦ୍ରୁମ ଶ୍ରେଣୀ
ଅଗଣନ ବିଦ୍ୟମାନ ଗୋ ।୨।

ଶୁକ ପିକ ସାରୀ ମୟୂର ମୟୂରୀ
ଭୃଙ୍ଗ ଭ୍ରମରିକାଗଣ
ଜୟ ରାଧେଶ୍ୟାମ ବୋଲିକ ସୁଷମ
କରୁଛନ୍ତି ମୃଦୁ ଗାନ ଗୋ ।୩।
ପରା ଶରଦିନ ବସନ୍ତ ରାଜନ
ଷଡ଼ଋତୁ ସହିତେଣ
ସେବଇ ସନ୍ତତ ଯୁଗଳ ଚରଣ
ଫୁଟାଇ ସର୍ବ ସୁମନ ଗୋ ।୪।
ରତ୍ନ ବେଦିକାରେ ରତନ ଆସନେ
ବିଜୟେ ରାଧା ମୋହନ
ସତେ କେଉଁ ଭାଗ୍ୟ ଦରଶନ ଯୋଗ୍ୟ
ହେବ ଗଉର ଚରଣ ଗୋ ।୫।

[ପଞ୍ଚଷଠି]

ବୃନ୍ଦାବନ ବାସ ଭଜନ

(ମାଳିନୀ ରଚନେ ଧନୀ ମାନ ଭେଜ କୈଶିକ—ବୃତ୍ତେ)

ଚଳ ମନ ! ବୃନ୍ଦାବନ କୁଞ୍ଜରେ ରହିବା
ଏଥି ଥାଇଁ କାହିଁ ପାଇଁ ଏତେ ଦୁଃଖ ସହିବା । ଘୋଷା ।
ପ୍ରଭୁଶ୍ରୀମାସଙ୍କ ଛାମୁରେ ମନବାଞ୍ଛା କହିବା
ଦାରସୁତ ବୃନ୍ଦ କରି ଘର କପା ସହିବା ।୧।
ବ୍ରଜବାସୀଙ୍କ ସେବାର ଅନୁଗତ ହୋଇବା
ସାଷ୍ଟାଙ୍ଗ ହୋଇଣ ତାଙ୍କ ପାଦତଳେ ଶୋଇବା ।୨।

ଭୁଣ୍ଡେ ରାଧାକୃଷ୍ଣ ବୋଲି କୁଣ୍ଡେ ଅବଗାହି ବା
କଳ୍ପକଳ୍ପର କଳୁଷ ଅଳ୍ପକାଳେ ଦହିବା ।୩।
ନର୍ତ୍ତନ-କୀର୍ତ୍ତନ କରି ହରିନାମ ଗାଇବା ।
ଆନନ୍ଦ ହୋଇଣ ଊର୍ଦ୍ଧ୍ୱେ କରତାଳି ବାଇବା ।୪।
ଗୌର ଦ୍ୱିଜ ବୋଲେ ମାଧୁକରୀ ମାଗି ଖାଇବା
ନନ୍ଦସୁତ ଭଜି ପ୍ରେମାନନ୍ଦସୁଖ ପାଇବା ।୫।

[ଛଷଠି]

ଶେଷଯାମ ଭଜନ

(ରାଗ କରୁଣାଶ୍ରୀ ତାଳ ଆଠତାଳୀ)

[ନରମେ କହିଲେ ମରମେ ବାଧୁଛି—ବୃତ୍ତ]

ଜୀବନ ପ୍ରଦୀପ ହେଲା ଦପଦପ
ପ୍ରବେଶ ହୋଇଲା ଶେଷ ଯାମ
ଶ୍ରୀବଂଶୀବଦନ ଶ୍ରୀମଧୁସୂଦନ
ରଟ ରେ ରସନା ! ନୋହି ଭ୍ରମ ।ଘୋଷା।
ବୋଲ ବୋଲ କୃଷ୍ଣ କେଶବ ମୁରାରି
ହୃଷୀକେଶ ଦୀନବନ୍ଧୁ ଦଇତାରି
ନୃସିଂହ ବାମନ ଶଙ୍ଖଚକ୍ରଧାରୀ
ବଳିଧ୍ୱଂସୀ ରାମ ଘନଶ୍ୟାମ ।୧।
ବୋଲ ବାରମ୍ବାର ମାଧବ ମୁକୁନ୍ଦ
କେଶବ ଅଚ୍ୟୁତ ଶ୍ରୀସଚ୍ଚିଦାନନ୍ଦ

ଶ୍ରୀଗୋପୀଜନବଲ୍ଲଭ ଆଦିକନ୍ଦ
ବୈକୁଣ୍ଠ ଶ୍ରୀପତି ଅଭିରାମ ।୨।
ନିତ୍ୟ ନିରଞ୍ଜନ ସତ୍ୟ ସନାତନ
ଗୋବର୍ଦ୍ଧନ ଧାରୀ ଶ୍ରୀ ନନ୍ଦନନ୍ଦନ
କାଳୀୟଗଞ୍ଜନ ଯାମଳାଭଞ୍ଜନ
ବୃନ୍ଦାବନଚନ୍ଦ୍ର କୋଟିକାମ ।୩।
ରସରାଜ ରସମୟ ରସିକେନ୍ଦ୍ର
ଗୋକୁଳକୁଳ କୁମୁଦ ପୂର୍ଣ୍ଣଚନ୍ଦ୍ର
ଦ୍ୱିଜ ଗୌରମତ୍ତ ଭ୍ରମର ମିଳିନ୍ଦ
ଯୁଗଳପଦେ ପୂର୍ଣ୍ଣ କରୁ କାମ ।୪।

[ସତଷଠି]

ଶ୍ରୀଗୌରାଙ୍ଗ ଭଜନ

ଭଜ ରେ ପାଗଳ ମନ ! ଗୌରାଙ୍ଗ ମୁରତିକି
ପତିତପାବନ ଯା ନାମ ରେ । ଘୋଷା ।
ଶୁକ ସନକ ଆଦି ଯେଉଁ ନାମକୁ ଭଜି
ଲଭିଲେ ବଇକୁଣ୍ଠ ଧାମ ରେ ।୧।
ଧନ୍ୟ ସେ ପୁରନ୍ଦର ଶଚୀ ଦେବୀ ଉଦର
ଧନ୍ୟ ସେ ନବଦ୍ୱୀପ ଗ୍ରାମ ରେ ।୨।
ଧନ୍ୟ ସେ ନରନାରୀ କି ତପ ଥିଲେ କରି
ଲଭିଲେ ଗୌରଭକ୍ତି ପ୍ରେମ ରେ । ୩ ।
ସେ ଗୌର ପଦ୍ମପାଦେ ମଜ୍ଜ ମଜ୍ଜ ଆନନ୍ଦେ
ପୂର୍ଣ୍ଣ ହେବ ତୋ ମନସ୍କାମ ରେ । ୪ ।

ଜପି ତୁ ମାଳା ଝୁଲି   ସାତ୍ତ୍ୱିକେ ଉଠ ଫୁଲି
ସୁଖ ଲଭିବୁ ପ୍ରତି ଯାମ ରେ । ୫ ।
ଗୌରଦ୍ୱିଜ କହଇ   ଯମ ଯାତନା ନାହିଁ
ଚିନ୍ତ ରେ ଗୌର ଗୁଣ ଧାମ ରେ । ୬ ।

[ଅଠଷଠି]

ଶ୍ରୀକୃଷ୍ଣ ଜନ୍ମ

ନନ୍ଦଘରେ ଆନନ୍ଦ । ଆଜି ଟେ ନନ୍ଦ ଘରେ ଆନନ୍ଦ ।
ରାଣୀ ଯଶୋମତୀ କୋଳେ ନୀଳମଣିଚନ୍ଦ୍ର । ଘୋଷା ।
ଭାଦ୍ର କୃଷ୍ଣାଷ୍ଟମୀ ତିଥି ନକ୍ଷତ୍ର ରୋହିଣୀ
ଜନମ ବ୍ରହ୍ମାଣ୍ଡନାଥ ଶୁଭବେଳା ଜାଣି । ୧ ।
ବସୁଦେବ ଥୋଇଗଲେ କନ୍ୟା ବଦଳାଇ
ଏ ରହସ୍ୟ ବ୍ରଜବାସୀ ନ ଜାଣନ୍ତି କେହି ।୨।
ପୁତ୍ର ଜନ୍ମ ମହୋତ୍ସବେ ନନ୍ଦ ନାଚେ ଛଳି
ଜୟ ଜୟ ହରିଧ୍ୱନି ବରଜ ମଣ୍ଡଳୀ । ୩ ।
ବାଜଇ ଶଙ୍ଖ ମହୁରୀ ଶିଙ୍ଗା ଭେରୀ ତୂରୀ
ମନ୍ଦିରା ମର୍ଦ୍ଦଳ ବାଜେ ଆନନ୍ଦ ସବୁରି ।୪।
ଉପନନ୍ଦ ଅଭିନନ୍ଦ ସୁନନ୍ଦ ସହିତେ
ନାଚନ୍ତି ସବ ଗୋପାଳେ ଗଉଡ଼ିଆ ଗୀତେ ।୫।
ହାତେ କେନ୍ଦୁ ବାଡ଼ି କାନ୍ଧେ ଶୋହେ ଦୁଗ୍ଧ ଘର
ଖେଳନ୍ତି ଲଉଡ଼ିଖେଳ ବଡ଼ ଚମତ୍କାର ।୬।
ବାଳ ବୃଦ୍ଧ ଯୁବା ଗୋପ ଗୋପୀଏ ସକଳେ
ନାଚନ୍ତି ଗୋରସ ମାଥେ ରହି ଦଳେ ଦଳେ ।୭।

ଅପୂର୍ବ ନନ୍ଦ ଉତ୍ସବ ଆନନ୍ଦ ବଧାନ
ଗୌର ଦ୍ୱିଜ ମହାନନ୍ଦେ ନାଚ କରେ ଗାନ ।୮।

[ଅଣସ୍ତର]

ଗୋପୀଙ୍କ ବାଳକୃଷ୍ଣଦର୍ଶନ

ସଖି ! ଆସ ଯିବା ଦେଖି
ନନ୍ଦପୁରେ ନୀଳ ମାଧବଙ୍କୁ ଦେଖି ସୁଫଳ କରିବା ଆଖି । ଘୋଷା ।
କେ ବୋଲେ ସଙ୍ଗାତ ! ଅଛି ବିପରୀତ
ବଚନ ତୁମେ ତ କହ
ସାତଶ ପଞ୍ଚାଶ ବରଷରେ ନନ୍ଦ
ରଜା ପାଇଛନ୍ତି ପୁଅ ।୧।
କରେ ଅର୍ଘ୍ୟଥାଳି ଘେନି ଗୋପବାଳୀ
ନନ୍ଦ ମନ୍ଦିରକୁ ଚଳି
କାଳିଆ କାହ୍ନୁଙ୍କୁ ବନ୍ଦାପନା କରି
ଉଚ୍ଚେ ଦେଲେ ହୁଳହୁଳି ।୨।
କେ ବୋଲଇ ଦେଖି ଅସିତମୟୂଖ
କାନ୍ତ ଆଜ ଏ କି ସୁଖ
ଇନ୍ଦ୍ରଧନୁ ଜିଣି ଭ୍ରୂଲତାର ଠାଣି
କି ସୁନ୍ଦର ଚନ୍ଦ୍ର ମୁଖ ।୩।
କେ ବୋଲଇ କରିବରଶୁଣ୍ଢ ଜିଣି
ଆଜାନୁଲମ୍ବିତ ବାହୁ
ଗୃହେଁ ଦେଲେ ଆଖି ରହୁଅଛୁ ଲଖି
ମୂରୁଛୁ ନୁହଇ ଆଉ ।୪।

ଶାର୍ଦ୍ଦୂଳ ସ୍କନ୍ଧକ   ମାନୁଚ୍ଛ କଆନ୍ତ
ସରୁକଟୀ ମୃଗରାଜ
ଚରଣ ରଙ୍ଗକୁ   ତରୁଣ ଅରୁଣ
ଶରଣ ଗଲା କ ଆଜ ।୫।
ଶୁଣ ଶୁଣ ପ୍ରାଣ   ସଖି ! ଗୋ କଥାଏ
ମୋର ଶୁଣ ପ୍ରାଣସଖି !
ଗୋପ ନବବାଳୀ   ଯେତେକ ଅଛନ୍ତ
ସବୁର ସଂଖ୍ୟାଳ ଏଥି ।୬।
କେ ବୋଲେଇ ରାମା   ସଂସାର ଉପମା
ଏଠାକୁ ସୁଷମା ନାହିଁ
ଗୌର ଦ୍ୱିଜ ଭଣି   ଶୁଣିଥା ମିତଣି !
ତାହାକୁ ଉପମା ସେହି ।୭।

[ସନ୍ତୁର]

ନନ୍ଦକୋଳେ ଶ୍ରୀ ଗୋବନ୍ଦ

(ରାଗ ଶଙ୍କର ଭରଣ— ତାଳ ଆଠତାଳୀ)

ନନ୍ଦକୋଳେ ଶ୍ରୀ ଗୋବନ୍ଦ
ବାଜେ ଶଂଖ ଭେରୀ ତୂରୀ ଭୁବନ ଆନନ୍ଦ ।ଘୋଷା ।
ନୀଳ ନଳିନ ଲପନ ଶୋଭେ ସୁସମ୍ପଦ
ଗୋପୀ ଗୋପାଳଙ୍କ ସୁଖ ପୂନଅଁର ବୃନ୍ଦ ।୧।
ଯଶୋଦା ଅଞ୍ଚଳନିଧି ଶ୍ରୀ ବାଳମୁକୁନ୍ଦ
ଲାବଣ୍ୟ ଚରଣ ତଳ ରକ୍ତ ଅରବନ୍ଦ ।୨।

ବଙ୍କିମା ଗୃହିଣୀ କି ସେ ହାସ ମନ୍ଦ ମନ୍ଦ
ସଂସାର ସାର ସୁଷମା କି ପରମାନନ୍ଦ ।୩।
ପାନ କରିବାକୁ ସେ ପଦାବ୍ଜ ମକରନ୍ଦ
ଗୌର ଚରଣ ଦ୍ୱିଜର ମାନସ ମିଳିନ୍ଦ ।୪।

[ଏକତାଳ]

ଯଶୋଦା ସୌଭାଗ୍ୟ

[ଲେ ସଜନୀ କି ଦେଖିଲି ଆଜ ନେତ୍ର —ବୃତ୍ତି]

ଗୋ ଯଶୋଦେ ! କି ତପେ ପାଇଛ ସୁତ
କେଉଁ ବ୍ରତେ କେଉଁ ଦେଅ ମନାଇଲ ଧନ୍ୟ ମା ! ତୁମ୍ଭ ସୁକୃତ । ଘୋଷା ।
ଗୋକୁଳ କୁଳ କୁମୁଦ କଳାକର ବିଦଗ୍ଧ ବର ଅଚ୍ୟୁତ
ଉଇଁଲ ଦିନୁଁ ଏ ବରଜ-ଅମ୍ବରେ ବର୍ଷନ୍ତି ସୁଖଅମୃତ ।୧।
ଧନ ଜନ ସିଦ୍ଧି ଗୋପଲକ୍ଷ୍ମୀ ନିଧି ସବୁ ସେ ହୁଏ ବର୍ଦ୍ଧିତ
ଯାହାକୁ ତ ଯେତେ ପ୍ରାପତ ହୁଅଇ ଅଧାମ ଲବଣୀ ଘୃତ ।୨।
ଗୃହରୁ ବଂଶୀପାଣି ନିଭଞ୍ଜି ମାଠାଣି ସର୍ବଗୁଣେ ଅଲଙ୍କୃତ
ଅଲଭ୍ୟ ରତନ କଳାମାଣିକ ଟି ଅବିନାଶୀ ଅପ୍ରାକୃତ ।୩।
ଗଣୁଛନ୍ତି ଦେଖ ପୂର୍ଣ୍ଣମାସୀ ଭବ ବୃଷଭାନୁ ଜେମାଙ୍କୁ ତ
ଗୌରଦ୍ୱିଜ କହି ଆସ୍ୱାଦୁଥିବାହିଁ ରାଧାକୃଷ୍ଣ ନାମାମୃତ ।୪।

(ବାସ୍ତବ)

ଯଶୋଦା ଭାଗ୍ୟବତୀ

(ରାଗ ତମାଳି ତାଳ ଝୁଲଝୁମ୍ପା)

ବଡ଼ ଭାଗ୍ୟବତୀ ଗୋ ନନ୍ଦରାଣୀ ଯଶୋଦେ
ଏତେ କାଳେ ଯାହା କୁମର ପାଇଛ
କେଉଁ ପୁଣ୍ୟବଳେ ଗୋକୁଳେ ହାଦେ । ଘୋଷା ।
କେତେ ଯୁଗ ବସି ବିରଞ୍ଚି କେତେ ଶ୍ରମେ ଥିଲ ଗୋ ରଚି
ଇନ୍ଦ୍ର ନୀଳମଣି ଲାବଣ୍ୟ ପ୍ରତିମା
ତୁମ୍ଭର ପାଇଁକି ମନସ୍ୱଚ୍ଛନ୍ଦେ ।୧।
କେହୁ ବୋଲେ କଳା ମାଣିକ ରତନକୁ କେଉଁ ବଣିକ
କେବଣ କୁନ୍ଦେ ରସାଣି ଗଢ଼ିଥିଲା
ନିରୂପମ ଶିରୀଶୋଭିସମ୍ପଦେ ।୨।
କେ ବୋଲେ ଏ କାଳିଆଚାନ୍ଦ ଗୋପଗୋପୀ ମୋହନ ଫାନ୍ଦ
କୋଟି ପରମାୟୁ ଘେନି ବଞ୍ଚିଥାଉ
ସର୍ବେ ହୁଲହୁଲି ଦିଅ ଆନନ୍ଦେ ।୩।
ଦ୍ୱିଜ ଗୌର ଚରଣ ଭଣି ଶୁଣ ଆଗୋ ବ୍ରଜରମଣୀ
ଏ କାଳିଆ ହାତ ସବୁରି ଗୋ ଥାଉ
କୃତାର୍ଥ ହୋଇବା ଲାଗାଇ ହୃଦେ ।୪।

[ଚେସ୍ତର]

ଜନ୍ମୋତ୍ସବ

ବଡ଼ ଆନନ୍ଦ ରେ ଆଜ ଲଗିଛି ଗୋପର ଦାଣ୍ଡେ
ନାନା କୁତୂହଳେ   ନାଚନ୍ତି ଗୋପାଳେ
ହରି ହରି ବୋଲି ତୁଣ୍ଡେ । ଘୋଷା ।
ରୂପକ ମର୍ଦ୍ଦଳ ତାଳ   ବାଜେ ଘନ ଘନ
ସେ ତାଳ ବାଜେ ଘନ ଘନ
କଟୀରେ କଙ୍କିଣୀ   ବାଜେ କଣିକଣି
ସୁବଳସ୍ଥ ଝଣଝଣ ।୧।
କେ ହସ୍ତକ କରଇ   କେ କରଇ ଉଲୁଟ
ସେ କରଇ ଉଲୁଟ
ଝିଁଝିଁ ଝନକୁତ   ଥୈଗତେ ତାଥେଇ
ତାକତା ଥେଇ ଦ୍ରିମିକ୍ଷିଟ ।୨।
କେ ଆଳାପ କରେ   ସାସା ସାରିଗମ ପଦ
ସେ ସାରିଗମ ପଦ
ମଙ୍ଗଳ ଗୁଞ୍ଜରି   ରାଗରେ ମଦ୍ଧ୍ୱରି
ସୁସ୍ୱରେ କରଇ ନାଦ ।୩।
କେ ଉର୍ଦ୍ଧ୍ୱକୁ ହସ୍ତ ଟେକି   ଗାନ କରେ ଉଚ୍ଚେ
ସେ ଗାନ କରେ ଉଚ୍ଚେ
କେବଣ ଗଉଡ଼   ବୁଢ଼ା ମହାଖୁଡ଼
ନଇଁ ନଇଁ କରି ନାଚେ ।୪।
କେ ଗାଏ ଗଉଡ଼ ଗୀତ   କରଣ ତମାଳ ସେ
କରଣ   ତମାଳ

ଗୋବନ୍ଦେକୁ କାନ୍ଧେ ବସାଇ ଆନନ୍ଦେ
ନନ୍ଦ ନାଚେ ଢଳ ଢଳ ।୪।
କାମସେଣ ସୁସେଣ ଆବର ଚନ୍ଦ୍ରସେଣ
ସେ ଆବର ଚନ୍ଦ୍ରସେଣ
ବାହୁ ଦୋହଲାଇ ନାଚନ୍ତ ଗେଲାଇ
କର ଲୋକ ହରଷଣ ।୬।
ଗଗନେ ଦେବନ୍ତ ଦେବେ କର ଏକ ଦୃଷ୍ଟି
ସେ କର ଏକ ଦୃଷ୍ଟି
ବୋଲେ ଗୌର ଦ୍ୱିଜ ବ୍ରଜପୁରେ ଆଜ
ହର ନାମ ମୃତ ବୃଷ୍ଟି ।୭।

[ଚଉପ୍ରର]

ଆନନ୍ଦ ହାଟ

(ରାଗ ଆନନ୍ଦ ମଞ୍ଜରୀ)

ଭଲ ଭାବ ଲାଗିଛୁ ଖଣ୍ଡେ ।

କେ ବସି ଦେଖନ୍ତ ଉଳଙ୍ଗଗଣରେ କେ ଆସିଁ ଦେଖଇଦାଣ୍ଡେ ।ଘୋଷା
ଆନନ୍ଦେ ଗୋପାଳେ ନନ୍ଦ ସିଂହଦ୍ୱାରେ ଠୁଳ
କାହାର ମୁଣ୍ଡରେ ରଙ୍ଗ ଚଉତନା କାମୁଣ୍ଡେ ମୟୂରଚୂଳ ।୧।
କାହା ଶିରେ ଗୁଞ୍ଜାର ମୁଣ୍ଡ ଥୋପି ଥୋପି
କାହାର ମୁଣ୍ଡକୁ ସୁନ୍ଦର ଦିଶଇ ବାଙ୍କ ବଉଦିଆ ଟୋପି ।୨।
କାହା କର୍ଣ୍ଣେ କୁଣ୍ଡଳ କା କର୍ଣ୍ଣେ ଫିରିଫିରା
କେହୁ ବାହୁମୂଳେ ବାହୁଟି ବାନ୍ଧିଣ ମାରୁଅଛୁ ଆଡ଼ଚିରା ।୩।

କେ ଗଳାରେ ଲମ୍ବାଇଛୁ ଶ୍ୱେତ ଗୁଞ୍ଜମାଳି
କେବଣ ଗୋପାଳ ବାଳକୁ ର ବାଇ ନାଚଇ ନନ୍ଦନ ତାଳ ।୪।
କେ ପିନ୍ଧି ଅଳେଣା କାଛୁ ଲଗିଅଛୁ ଜଙ୍ଘେ
କାହାର ଅଙ୍ଗକୁ ଘଷଣା ହୋଇଛୁ ଭଙ୍ଗରଙ୍ଗି କରଅଙ୍ଗେ ।୫।
କେହୁ ତେଙ୍ଗୋ ଆଡ଼େ ରହି ଧାଏ ଅଙ୍ଗ ଢାଳି
ଝୁମ୍ପୁଝୁମ୍ପୁ ଧ୍ୱନି ଘାଗୁଡ଼ି ବାଜଇ ଶିଙ୍ଗା ବେଣୁ କରତାଳ ।୬।
କେ କାହାକୁ ଡାକେ ଖାଇ ଜଗିଥା ତୋ ଦେହ
ବହୁତ ଦିନକେ ହାବୁଡ଼େ ପଡ଼ିଛୁ କାହିଁ ଯିବୁ ରହ ରହ ।୭।
ଲଉଡ଼ି ଖେଳରେ ରଙ୍ଗୀ ହେଲେ ଯୋଡ଼ିଯୋଡ଼ି
ପାଇଁ ଟେକି ଠେକୁ ଶବଦ ଶୁଭଇ ବାଜଣ ବାଡ଼ିକି ବାଡ଼ି ।୮।
ନାନା ହାସ ରସ କଥିକୁଟି ବର୍ଣ୍ଣି ନାହିଁ
ଅତି ଯତ୍ନରେ ନନ୍ଦର ଦୁଆରେ ବସିଛୁ ଆନନ୍ଦ ପାଇ ।୯।
ନନ୍ଦର ବାଡ଼ିରେ ବେନି କୁଙ୍କୁମ ବେଳେ ଘଷି
ଶ୍ୟାମଳ ବେଶରେ ନଳଧି ଲାଗଣ କୁନ୍ଦାଗୁଣ୍ଡା ଫାଗ ଦଶି ।୧୦।
ଗୋପାଳଙ୍କ ମଧ୍ୟେ ନାଚ ନାଚେ ଡାଳି ଢାଳି
ପୁରୁଷମାନଙ୍କ ହରି ଶବଦକୁ ନାରୀଙ୍କର ହୁଳହୁଳି ।୧୧।
ଗୌର ଦ୍ୱିଜ ମନ ଅତି ଆନନ୍ଦରେ ଧାଇଁ
ଅନେକ ଦିନକୁ ଆଶା କରଅଛି ସେ ନାଟ ଦେଖିବା ପାଇଁ ।୧୨।

[ପଞ୍ଚସ୍ବର]

ନୀଳ ହାତୀ

ହାତୀ ଝୁଲଇ ରେ ଦିଶଇ କେଡ଼େ ସୁନ୍ଦର
ଅପୂରୁବ ହାତୀ   କାହୁଁ ଆସିଅଛି
କିବା ଏ ନୀଳ ମନ୍ଦର । ଘୋଷା ।

ଦେଖ ଦେଖ ସଖି   ବନ୍ଧୁଭଙ୍ଗି ଆଖି
ସୁହାଣି ବିଷମ ଛଟା
ମତ୍ତ କରିବର   ହେଲା କାଳେ ଆଜ
ନ କରିବ କେଉଁ ହଟ ।୧।

କେମନ୍ତ ସୁନ୍ଦର   ଦେଖ ରଦ ତାର
ଅଙ୍କୁର ଆସୁଛି ସଖି !
ନାସା ଗଣ୍ଡ ସ୍ଥଳେ   ଭେଦିବ ଏ କାଳେ
ଏଥିରେ ସଂଶୟ ନାହିଁ ।୨।

ଗଜ କପାଳକୁ   ସୁନ୍ଦର ଦିଶଇ
ଚନ୍ଦ୍ର ବିନ୍ଦୁ ଆଙ୍କରା
ସୁନ୍ଦରୀଙ୍କ ଭାଲ   ସିନ୍ଦୂର ଲଗିଲେ
କାଳେ ନୋହିବ କି ଶୋଭା ।୩।

ଏ ନୀଳ ବାରଣ   ରଣକୁ ବରଣ
ହେଲକାଳେ ଆଗ ବଢ଼ି
ସମ୍ବର ଅଇରି   ସମରରେ ହାରି
ଯିବ ଧନୁଶର ଛାଡ଼ି ।୪।

କେ ବୋଲେ ଏ ହାତୀ   ମଥୁରାରେ ଥିଲା
କଂସ ରାଜା ବନ୍ଧଘରେ

ଶାଙ୍କୁଳୀ ଛୁଣ୍ଡାଇ ପଳାଇ ଆସିଣ
ରହିଛୁ ଗୋପନଗରେ ।୫।
କେ ବୋଲେ ଏ ହାତୀ କେଉଁଠାରେ ଥିଲା
ଗୋପକୁ ଆଣିଲା କେହୁ
ନାନା ଖଦା ନାନା ବୋଲଣା କରିବ
କେ ସହିବ ଏହା ଦାଉ ।୬।
କେ ବୋଲେ ରଜାର ଅନେକ ଡଗର
ଆସିଥିଲେ ଜଣେ ଜଣେ
ଦୁରୂଦଣ୍ଡ ହାତୀ ଧରା ନ ପଡ଼ିଣ
ସଭିଙ୍କି ମାଇଲା ପ୍ରାଣେ ।୭।
କେ ବୋଲେ କାଳିଆ ହାତୀଟି ମେଳିଆ
ନ ମାନଇ ଖାଲ ଖମା
ଗୋପପୁର ଦହି ଦୁଧସର ଖାଇ
ହୋଇଛୁ ଧୁସୁରୁଧୁମା ।୮।
କେ ବୋଲେ ଗୋକୁଳ ପଦ୍ମ ବନକୁ
ଉଜାଡ଼ିବ ଏହୁ କାଳେ
ଏ ହାତୀକି ନେଇ ବାନ୍ଧି ରଖିଥିବା
କେଳିକଦମ୍ବର ମୂଳେ ।୯।
କେ ବୋଲେ ଏ ହାତୀ କାହିଁ କେ ବସିବ
କାହାର ଏଡ଼େକ ଭାଗ୍ୟ
ଗୌର ଦ୍ୱିଜ ବୋଲେ ରାସ ମଣ୍ଡଳରେ
ବୃନ୍ଦାବନ୍ତୀ ହେବେ ଯୋଗ୍ୟ ।୧୦।

[ଛପ୍ପନ]

ନନ୍ଦରଜାର ଟିକି ପିଲଟି

ବଡ଼ ବଡ଼ାଇ ଜଣେ ଲେ ନନ୍ଦ ରଜାର ଟିକି ପିଲଟି
ଟିକି ପିଲା ବୋଲି ଯାହାକୁ ବୋଲନ୍ତି
ଚିର ପକାଇଲା ବକାର ପାଟି ।ଘୋଷା
ଜନମ କାଳେ ଏନ୍ତୁରଶାଳେ
ପୂତନା ଅସୁରୀ ଧଇଲା କୋଳେ
ଜାନୁରେ ବସାଇ ସ୍ତନ ଦେଲାବେଳେ
ଖିର ସଙ୍ଗେ ପ୍ରାଣ ଶୋଷି ନେଲା ଟି ।୧।
ଧାଇଁଲା ଦାଣ୍ଡେ ଗୋରସ ଭୁଣ୍ଡେ
ହାତ ବୋଳିଦେଲା ଗୋପୀଙ୍କ ମୁଣ୍ଡେ
ଧୂଳି ଖେଳ ଠାରେ ମିଳିଣ ଝୁଣ୍ଡେ
ଅନ୍ଧକୁ ନୟନ ପାତ ଦେଲାଟି ।୨।
ପାତିଲା କର ମାଗିଲା ସର
ଆଣି ଦେଲେକ୍ଷଣି ଥରକୁ ଥର
ଦହି ଦୁଧ ଛେନା ଶତେକ ଘର
ସଖି ! ତା କରକୁ ନ ଅଣ୍ଟିଲା ଟି ।୩।
ଗିଳି ଅନଳ ଭକ୍ଷିଲା ତାଳ
ବନେ ଧେନୁକାର ପୂରିଲା କାଳ
କାଳନ୍ଦୀ ଜଳରୁ ବିଷ ଉଡ଼ାଇ ସେ
ପଦୁ ତୋଳି କାଳୀ ଦଳି ଦେଲା ଟି ।୪।
ଭକ୍ଷିଲା ମାଟି ଗୁଟେକ ପିଟି
ଯଶୋଦା ଆର୍ପଣ ଦେଖନ୍ତେ ପାଟି

ଉଦର ଭିତରେ ବସନ୍ତି ବ୍ରହ୍ମାଣ୍ଡ
　　　　ମାତାକୁ ସେଠାରେ ମାୟା କଲ ଟି ।୫।
ଏଡ଼ିକ ଭିଲ ସେ ଟିକ ପିଲ
　　　　କେ ଜାଣେ ଗୋ କେଉଁ ରାଇଜେ ଥିଲ
ଗୁରୁର ଚରଣ ବୋଲେ କଂସ ଆଳେ
　　　　ବନ୍ଧଶାଳା ଠାରେ ଜନ୍ମ ହେଲ ଟି ।୬।

[ସତସ୍ତର]

କୋକଭଟୟ ଯଶୋଦା ବିଳାପ

(ରାଗ—ଶୋକ ମଞ୍ଜରୀ)

ଜୀବଧନରେ ! ଆହା ମୋ ନୀଳ ଧନ !
କାହିଁ ହରାଇଲି କେହୁ ନେଲ ମୋର ରଙ୍କରତନ । ଘୋଷା ।
ନାରୀକୁଳେ ଜନ୍ମ ହୋଇ　　ସଂସାରେ ନ ଥିବେ କେହି
　　　　ମୋହପରି　କର୍ମହୀନ　।୧।
ଗୃହିଁବି କାହା ମୁଖକୁ　　ଦେଲୁ ଦାରୁଣ ଦୁଃଖକୁ
　　　　ହେଲ ଦଶ ଦିଗ ଶୂନ୍ୟ　।୨।
କେଡ଼େ ଦାରୁଣ ବିଧାତା　　ଏଡ଼େ ନିଠୁର ଚିନ୍ତା
　　　　କଲ ମୋ କର୍ମେ ଲେଖନ ।୩।
ଜାଣି ତୋତେ ହରାଇଲି　　କୋକ ବୋଲି ଡରାଇଲି
　　　　ସେ ହେଲ କାଳ ବଚନ ।୪।
ଆହା ମୋ ଲବଣ୍ୟନିଧି !　　କରିବି ଏବେ କି ବୁଦ୍ଧି
　　　　ବାରେ ଦେଖା ତୋ ବଦନ ।୫।

କାହିଁ ଲୁଚି ଅଛୁ ଆସ   ବାବୁ ! ମୋ କୋଳରେ ବସ
କରାଇବି କ୍ଷୀରପାନ ।୬।
ତୋ ଗୁଣମାନ ସୁମରି   କାନ୍ଦିବା ଯାଏଁ ଆତୁରି
ଅଛି ଏ ପାପ ଜୀବନ ।୭।
ଗଉର ଚରଣ ଭଣି   କୃଷ୍ଣନାମ ଧରି ରାଣୀ
କଲେ ଅନେକ ରୋଦନ ।୮।

[ଅଠସ୍ତରି]

ଅଜଟ କୃଷ୍ଣ

ବାବୁ ବନମାଳି ରେ ! ମୋତେ ନ କର ଅଳି
ପଛେ ତୋତେ କୋଳେ ଧରି କ୍ଷୀର ଦେବି
ଦଣ୍ଡେ ମଠ କର ଦୁଃଖିସଙ୍ଗାଳି ।ଘୋଷା।
ଏହିକ୍ଷଣି ଦଧି ମନ୍ଥି ସାରିବି
ନିଶ୍ଚିନ୍ତରେ ତୋତେ କୋଳେ ଟେକିବି ।୧।
ଆରେ ଜୀବଧନ ! ନୁହ ଦୁର୍ଦ୍ଦଣ୍ଡ
ଭୁଞ୍ଜାଇବି ସର ଶାକର ଖଣ୍ଡ ।୨।
ଡାକୁଛନ୍ତି ସଙ୍ଗି ବାଳକ ଗଣେ
ଖେଳୁଥାଅ ବାବୁ ପୁରପ୍ରାଙ୍ଗଣେ ।୩।
ଭାଇ ବଳରାମ ନୁହଇ କଛି
ସୁବୁଦ୍ଧି ପଣ ମୋ କାହ୍ନୁର ଅଛି ।୪।
ଭୋଳା ପିଲା ମୋ କଳା କହ୍ନାଇ
ଚନ୍ଦ୍ରମୁଖକୁ ପରମୁଣ୍ଡା ଯାଇ ।୫।

ମାତାଙ୍କ ବଚନ କର୍ଣ୍ଣେ ନ ଶୁଣି
ଖୁଆଁକୁ ଧଇଲେ ମୁରଲୀପାଣି ।୬।
ହସ୍ତ ଗୃହି ଆଉ ନ ପାରେ ରାଣୀ
ଏ ରସରେ ଦ୍ୱିଜ ଗଉର ଭଣି ।୭।

[ଅଣାଅଣି]

ଦୁର୍ଦ୍ଦଣ୍ଡ କୃଷ୍ଣ

(ରାଗ ଲଳିତ ମଞ୍ଜରୀ)

ଧଇଲୁ ତ ଖୁଆଦଣ୍ଡ । ହୋଇଲୁ ତ କାହ୍ନୁ ଏଡ଼େ ଦୁର୍ଦ୍ଦଣ୍ଡ
ଗୋବଧନ ରେ ! ଯାଅ ଏଥି ହୋ ନା ଲଣ୍ଡଭଣ୍ଡ ।୦।
ଯେବେ ଦଧି ନ ମନ୍ଥିବ । କଂସରାଜା କର କେସନେ ଦେବ ।
ଗୋବଧନରେ ! ମୁଁ ତ ସଂସାରୁ ଉଚ୍ଛନ୍ନ ହେବ ।୨।
ଛାଡ଼ ମୁଁ ମନ୍ଥଇ ଦଧି । ମୋ ଦଧିବାକନ ଅଞ୍ଜଳିନିଧି ।
ଗୋବଧନ ରେ ! ନୁହ ଉଟ୍ଟିଆ ବାଇବୁଧି ।୩।
ନମାନୁ କାହ୍ନିଁକ କଥା । ଯାଇ ଶେଯେ ଆଉ ଠିକେ ଶୋଇଥା ।
ଗୋବଧନ ରେ ! ଆଉ ଦିଅ ନା ମୋ ମନେ ବ୍ୟଥା ।୪।
ନ ବୁଝନ୍ତେ ମାଲମଣି । କାଖରେ ସେ ହରି ଧଇଲେ ରାଣୀ ।
ଏହା ଜାଣେ ଯେ । ଗୌରଦ୍ୱିଜ ରସ ଭଣି ।୫।

[ଅଣ୍ଟି]

ଅବୁଝା କାହ୍ନୁ

ଶ୍ୟାମ ସୁନ୍ଦର ରେ ! କହୁଛି ମୋ ବୋଲ ଶୁଣ
ଏତେବେଳେ ପର ମୋତେ ଜଞ୍ଜାଳ ଲଗିଛି ଧନ ! ।୧।
ଶୀତଳ ବେଳରେ ଯେବେ ହୋଇବ ଦଧି ମନ୍ଥନ
ଖର ଲଗିଲେ ପର ଲବଣୀ ହୋଇବ କ୍ଷୀଣ ।୨।
ଏ ଗୋପପୁରେ ବାଳକେ ବଡ଼ ଅବୁଝ ଦୁର୍ଜନ
ସୁବୁଧିସୁନା ମୋ କାହ୍ନୁ ସମସ୍ତେ ବୋଲନ୍ତି ଧନ୍ୟ ।୨।
ଲୁହ ତ ନାହିଁ ଦୁମିତ କୁମ୍ଭା ଆସେ ଘନ ଘନ
ଦୁଟିତ ଦଶୁଛି ତୋର ମଳ ନଳିନ ନୟନ ।୩।
ଦେଖୁଅଛି ପର ଉଠିନାହିଁ ଧବଳବଦନ
ଚଳିଙ୍କରେ ଭାଇ ସଙ୍ଗେ କଣ ଥା ଦଣ୍ଡେ ଶୟନ ।୪।
ଯେତେ ବୁଝାଇଲେ ନ ବୁଝିଲେ ପଙ୍କଜ ବଦନ
ମାତାଙ୍କ ଚଣନ୍ତ ଧରି କରନ୍ତି ହରି ରୋଦନ ।୫।
ଗୌର ଦ୍ୱିଜ କହେ ମାଏ ମୋ ହାନ ବଚନ ମାନ
ଆଗ ଖିର ଦେଇ ପଛେ କରୁ ଥା ଦଧି ମନ୍ଥନ ।୬।

[ଏକାଅଣ୍ଟି]

ନଟକୃଷ୍ଣ

[ନ ଚେକିବ ମୁରଲୀ ଧର ବୃତ୍ତେ]

ଜି ସୁନ୍ଦର କଳା କହ୍ନାଇଁ
କେ ଦେଲା ତାକୁ ଏ ବେଶ ବନାଇଁ । ଘୋଷା ।

ଝୁଲି ଝୁଲି ନାଚେ ଖେମଟା ତାଳରେ,
କି ରଙ୍ଗେ ବାଙ୍କେ ଅନାଇଁ ଅନାଇଁ
ନୂଆ ଗୁଆଳୁଣୀ ଛୁଆ ଭୁଆସୁଣୀ-
ମାନଙ୍କ ମାନସ କଏ ମନାଇଁ । ୧ ।
କଏ ଡାକୁଥାଇ ଅନାଇଁ ବନାଇଁ,
କେହ୍ନ ଡାକେ ଗେଲେ ସନାଇଁ ଦନାଇଁ
ନନ୍ଦ ରାଣୀଙ୍କର ସେରନ୍ଧ୍ର ପୁଅକୁ
କେ କେତେ ମୋଲି ମେଲେ ଦେନାଇଁ । ୨ ।
କଏ ଯାଚୁଥାଇ ଖଣ୍ଡ ସରପୁଲି
ଅଧାମ ଗୋଟିକା ଛେନା ଘନାଇ
କଏ ଚୁମ୍ବଦଏ କଳାଗୃନ୍ଦ ମୁଖେ
ସେ ଦଲ୍‌ହେ ନେନ ଥନଥନାଇଁ । ୩ ।
ଅଞ୍ଚଳ ପତାଇ ଜଞ୍ଜାଳିଆ କାହ୍ନୁ
ନବନୀତ ମାଗେ ଖନଖନାଇଁ
ଗୌରହରି କହ ଧନ୍ୟ ଗୋପଗୋଇ !
କେଉଁ ଦଅଁ ଚୂଟେ ଥିଲ ମନାଇଁ । ୪ ।

[ବସନ୍ତ ଆଶି]

ନାଟୁଆ କାହ୍ନୁ

ବଡ଼ ଖଚକ ଜଣେ ନନ୍ଦରଜାର ଟିକି ପିଲାଟି
ଗୋପଗୋପୀଙ୍କର ମନକୁ ମୋହୁଛି
ଏ ଅଭିଲ ପିଲ କାହିଁ ଥିଲ ଟି । ଘୋଷା ।

କି ରଙ୍ଗରେ ଦେଖ ନାଚ କରୁଅଛୁ
କରି କି ଗୃହାଣୀ ନାସାଫୁଲ ଟି
ଏଡ଼କ ବୟୁଁ ତ ହେଲ୍ଣି ଏସନ
ବଡ଼ ହେଲେ କି ନ କରେ ଭଲ ଟି ।୧।
ମୋ ମନେ ମଣୁଛି ପ୍ରତି ଘରେ ଘରେ
ଫିଟାଇବ କେତେ କବାଟ ତାଟି
ଏତିକ ବେଳୁ ତ ଦେଖାଇ ହେଲ୍ଣି
ମଦନଛଇକ ଆଖି ତରାଟି ।୨।
ଏକ ବିପରୀତ ଦେଖିଲି ଗୋ ମିତ !
ଦେଖା ଶୁଣା ନାହିଁ ଯାହା କଲା ଟି
ଘରକ ଗୋରସ ଚୋରି କରେ ଦେଲ
କବଳକେ ତାହା ଦେଲ ତ ଗୃଟି ।୩।
ଆଉ କେତେ କେଉଁ ଭେଳିକି କରିବ
ରହିଥା ଦେଖିବ ନ କର ପାଟି
ଗୌର ଦ୍ୱିଜ ବୋଲେ ମନେପକାଇବ
କୁଞ୍ଜବନ ନିଧୁବନ କଥା ଟି ।୪।

[ଝେମ୍ପାଅଣି]

ନାଟୁଆ କହ୍ନା

ଦେଖିବା ଆସ କହ୍ନାଇ ନାଚ ଗୋ
ନନ୍ଦଘରେ ଆଜ ଆନନ୍ଦ ହାଟ ଗୋ ।ଘୋଷା।
ପାଟ କାଛୁ ପିନ୍ଧି ଯଶୋଦା ଗୃଚ
କଅାଡ଼ ଭଙ୍ଗିରେ ମାରେ କୁହାଟ ଗୋ ।୧।

ଚଉପାଶେ ରୁଣ୍ଡ ଆଭୀରଥାଟ
ମଧ୍ୟେ ବନମାଳୀ କାଳିଆ ଘାଟ ଗୋ ।୨।
ଦୃଷ୍ଟି ତା ମୁରୁକ ହାସ ଜମାଟ
ଭଲ୍ ନ ହେବ କା ମନ ଉଚାଟ ଗୋ ।୩।
ଗୌର ଦ୍ୱିଜ ଭଣି ସେ ନଟରାଟ
ଦର୍ଶନେ ଜଞ୍ଜାଳଦଉଡ଼ି କାଟ ଗୋ ।୪।

———

[ଚକ୍ରଗଅଣି]

ନଟବର

ଗୋପୀ ଦେଇ କରତାଳିକ । ନଚ୍ଚଇଲେ ପିଲ୍ ବନମାଳୀକ
କରେ ବାଇ ତାଳ ନାଚନ୍ତି ଗୋପାଳ ଅନାଇଁ ମନାଇଁ ବ୍ରଜବାଳୀଙ୍କି
। ଘୋଷା ।
କେ କରେ ଉଲୁଟ ତାନରେ
କେହୁ ରଙ୍ଗେ ଗୀତ ଗାନରେ
ବାଜେ କଣିକଣି କଟିର କଙ୍କିଣି
ନାଚବାର ତାନମାନରେ ।୧।
ଶ୍ୟାମ ନାଚୁଛନ୍ତି ବାଦରେ
କୃଷ୍ଣଙ୍କୁ ଅନାଇଁ ଆଦରେ
ବାଜେ ଝୁମୁ ଝୁମୁ ଝୁମୁକ ନୂପୁର
ରୋହଣୀନନ୍ଦନ ପାଦରେ ।୨।
ଶ୍ରୀକୃଷ୍ଣ ମୁଖକୁ ଅନାଇଁ
କେଉଁ ଗୋପୀ କହେ ଘେନାଇଁ

ରାମଙ୍କର ନାଚ ଅଧିକ ହେଲ ତ
ତୁମ୍ଭେ କି ନାଚିଲ କହ୍ନାଇଁ ! ।୩।

ଗୋପୀମାନେ ଛଳବାଣୀକି
କହିବାରୁ ବେଣୁପାଣିଙ୍କ
ପାଦ ଛନ୍ଦ ନାଚ କଲେ ନନ୍ଦଗୃହେ
ପ୍ରକାଶି ତ୍ରିଭଙ୍ଗି ଠାଣିକ ।୪।

କେ ବୋଲେ ରେ ଧନ୍ୟ କାଳିଆ !
ଭଲ ରେ କାଇଞ୍ଚମାଳିଆ
କାହିଁ ରଖିଥିଲୁ ଏ ଭଙ୍ଗି ନର୍ତ୍ତନ
ଗୋପସୁତସଙ୍ଗମେଳିଆ ।୫।

ଯାହା ଶ୍ରୀଚରଣ ଧ୍ୟାନରେ
ବ୍ରହ୍ମା ଶିବ ସାବଧାନ ରେ
ସେ ପୁଣି ଗୋପରେ ନୃତ୍ୟ କରୁଛନ୍ତି
ଗୋପୀଙ୍କର ଅବଧାନରେ ।୬।

ଗଉରଚରଣ ମାନକୁ
ନ କହିବ ଆଉ ଆନକୁ
ଆହେ ଦୀନବନ୍ଧୁ କରୁଣାନିଧାନ !
କର ଏହି ଅବଧାନକୁ ।୭।

———

[ପଞ୍ଚାଅଶି]

ସ୍ନେହାତୁରା ଯଶୋଦା

(ରାଗ ମହ୍ଲାରଚାଳ ବିଷୁଝା)

ଶ୍ୟାମ ! ନ ଯା ନ ଯା ବନରେ   ଶ୍ୟାମ ନ ଯା ବନ
ବାବୁ ! ତୁ ମୋ ଜୀବନଧନ ରେ । ଘୋଷା ।

ଆରେ ବାପ ବନମାଳି !   ତୁ ମୋ ନୟନପିତୁଳି
ତୋ ବିହୁନେ ଏ ଭୁବନ ଶୂନ୍ୟ ରେ ।୧।

ଦଣ୍ଡେ ନ ଦେଖିଲେ ତୋତେ   କୋଟି ଯୁଗ ହୁଏ ମୋତେ
ମୁହିଁ ରଙ୍କ ତୁ ମୋ ରତନ ରେ ।୨।

ଡରୁ ଅନ୍ଧାର ଘରକୁ   ମାଆ ମାଆ ବୋଲି ଡାକୁ
ଭୟେ ହେଉ ତୁ ଛନ ଛନ ରେ ।୩।

କାଲି ତୋତେ କୋଳେ ଘେନି   ଶୋଇଥିଲି ମୁଁ ରଜନୀ
ଦେଖିଲି ମୁଁ ପାପ ସପନ ରେ ।୪।

ଦଣ୍ଡେ ହୋଇଲେ ଡେରି   ଦେହେକ ହୋଉ ଥର ହର
ବନେ କରିବୁ କି ଭୋଜନ ରେ ।୫।

ଦ୍ୱିଜ ଚୌର କହେ ଦୁଖି   ଯେବେ ଯିବୁ ବତ୍ସ ରଖି
ତୋ ସଙ୍ଗେ ମୁଁ ଯିବ କାନନ ରେ ।୬।

[ଛଯୃାଅଣି]

ପୁତ୍ରବତ୍ସଳା ଯଶୋଦା

ଗୋବଧନ ଘନଶ୍ୟାମ !
ନେତ୍ର ସମ୍ପତ୍ତି ମୋ କାଳିଆ ଜହ୍ନ । ନୀଳ ହାଣ୍ଡି ରେ
ମୋ ହୃଦଚନ୍ଦନ । ୧ ।

କାଲଠାରୁ ଖାଇନାହୁଁ
ପ୍ରସନ୍ନ ବଦନ ଦିଶିବ କାହୁଁ । ଚିନ୍ତାମଣି ରେ
ନଣି ଘଡ଼କରେ ଶୋଉ । ୨ ।

ବଂଶୀ ଅବା କେଉଁଠେ ଗଲୁ
ଧଇଲେ ଏ ହାତ ସେ ହାତ କରୁ । କୃଷ୍ଣଚନ୍ଦ୍ର ରେ
ମୋ ପିଲପୂଅ କଟି ସରୁ । ୩ ।

ପୋଏ ଧରଥାନ୍ତୁ ଗିର
ବସ ମୋ କୋଳରେ ଭୋଜନ କର । ବେଣୁପାଣି ରେ
ପରାଣ ଯାଉଛି ଥର । ୪ ।

ଜନନୀ ବାତ୍ସଲ୍ୟ ବାଣୀ
ଶୁଣି ହସହସ ମୃଦୁଲ୍ଲ-ପାଣି । ସେ ନୀଳମଣି
ପଦାବ୍ଜେ ଗଉର ଭଣି । ୫ ।

[ସତାଅଣି]

ସୁତବତ୍ସଳା ଯଶୋଦା

(ରାଗ ଲଳିତ କାମୋଦୀ ତାଳ ଆଠତାଳୀ)

ରେ ଜୀବଧନ ! କାହିଁକି ତୁ ରଖିବୁ ଗୋଧନ ରେ । ଘୋଷା ।

କେଉଁ ଦ୍ରବ୍ୟ ଅପୂର୍ବ କି ନମିଳଇ ମୋତେ ରେ
ବତ୍ସ ରଖିବାକୁ ବନେ ପଠାଇବି ତୋତେ ରେ । ୧ ।

ଲକ୍ଷେ ଲକ୍ଷେ ରଖୁଆଳ ଅଛନ୍ତି ମୋହର
ଘୃତ ବରତନ ଖାଇ ହୋଇଣ ଗୃହର ରେ । ୨ ।

ବନେ ବୁଲି ବତ୍ସ ଚରାଇବା ବଡ଼ ଦୁଃଖ
ଖରା ବରଷାରେ ଭିଜି ଲଭିବେ ନାହିଁ ସୁଖ ରେ । ୩ ।

କାନନେ ବାଘ ଭାଲୁଙ୍କ ଭୟଙ୍କର ବାଣୀ
ଛନ୍ଦ ହେବୁ ବାବୁ ତାଙ୍କ ରବ କର୍ଣ୍ଣେ ଶୁଣି ରେ । ୪ ।

ଭୟଙ୍କର ରୂପ ବାଟେ ଶବ ଲେଖା ଦେଖି
ଡରି ମୋ କୋଳରେ ବସି ବୁଜୁ ଯିବ ଆଖି ରେ । ୫ ।

ଟାଳ ଖଣ୍ଡା ଗୋଡ଼ କଣ୍ଟା ଗହନ ବନସ୍ତେ
ସୁକୁମାର ପଦ ତୋର ଗୃହିବୁ କେମନ୍ତେ ରେ । ୬ ।

ହଂସତୂଳୀ ତୂଳୀରେ ନିଦ ନ ମାଡ଼ଇ ତୋତେ
ଲେଉଟିଲେ କି ଶଯ୍ୟା ଆଉ ମିଳିବ ବନସ୍ତେ ରେ । ୭ ।

ତୃଷା ଜନିଲେ ତହିଁ ଜଳ ନ ମିଳେ ରେ କହ୍ନା !
କ୍ଷୁଧା କଲେ ଫଳ ମୂଳ ଖାଇବୁ କି ହୀନା ରେ । ୮ ।

ଜାଣୁ ଜାଣୁ ଏତେ ଦୁଃଖେ ପେଷିବ ବନକୁ
ସତ କି ମିଳିବ ମୋ ବାବୁ ! କୃଷ୍ଣ ତୋ ମନକୁ ରେ । ୯ ।

ଫୁଟିଯାଏ ଅନେ ହୋଠେ ନ ଦେଖିଲେ ତତେ
ଭୁ ଆସିବା ଯାଏଁ ପ୍ରାଣ ଥିବ ଟି କି ଚିତ୍ତେ ରେ ।୧୦।
ବସ୍ତ୍ର ଛଡ଼ିବାରୁ ଧନ ବଳିପଣ ଦେଖ
ଲେଉଟାନ୍ତି ମୋର ଘରେ ନ ପୂରିବ ଲୋଡ଼ିବ ରେ ।୧୧।
ଗୌର କହେ ଶ୍ରୀମୁଖକୁ ଦର୍ଶ୍ଥିଲେ ଚୋର
କୋଟି ଇନ୍ଦ୍ର ହଜନ୍ତି ମୁଁ ମଣୁଥାଇ ଛାର ରେ ।୧୨।

[ଅଠାଅଶି]

ଯଶୋଦା ପ୍ରବୋଧ

(ରାଗ ମୋହନା - ତାଳ ଆଦିତାଳ)

ମାଏ ! କାହିଁପାଇଁ ଗୋ ମନା କରୁଛ ମୋତେ
କୋ ଧାଇଁ ମୁଁ ଛ ବନକୁ ନ ଯିବି
ସଙ୍ଗ ଛାଡ଼ି ଯିବେ ଗୋପାଳ ସୁତେ । ଦୋଷା !
ସୁଦାମ ସୁବଳ ମଧୁମଙ୍ଗଳ
ସବୁ ସଖା ମେଳାଇଥିବୁ ସୁମେଳ
ତୁ ମତ ଲେଖ ଥିବୁ ଦୂରକୁ ନ ଯିବୁ
ପୁରକୁ ଆସିବୁ ଦିବସ ଅନ୍ତେ ।୧।
ଭାଇ ବଳରାମ ଥିବେ ମୋ ସଙ୍ଗେ
ଖେଳ କଉତୁକ କରିବୁ ରଙ୍ଗେ
ସେ ଯମୁନା ତୀର ସେ ଗୋପ ନଗର
ତହିଁ କିଛି ଡର ହୋଇବ ତତେ ।୨।

ସକାଳରୁ ସ୍ନାନ ଭୋଜନ ସାରି
ନଘାଙ୍କରେ ରଖିଥିବୁଁ ବାଛୁରି
ଦ୍ୱିପ୍ରହର ଭୋଜନ ପାଇଁକ ଅଶନ-
ସାମଗ୍ରୀ ତ ନେଇଥିବୁଁ ସଙ୍ଗତେ । ୩ ।
ଜନନୀଙ୍କ ଅଗ୍ରତରେ ଗୋବିନ୍ଦ
କଲେ ଯେତେ ଯେତେ ରୂପେ ଆନନ୍ଦ
କେବେହେଁ ସେ ଋଣ ନ ବୁଝିନ୍ତି ପୁଣି
ଗଉର ଚରଣ କହଇ ଗୀତେ । ୪ ।

— — —

[ଅଣନବେ]

ପ୍ରଭାତ ଅବକାଶ

(ରାଗ ସାଗର ତରଙ୍ଗ ତାଳ ଚଦପଟ)

ଉଠ ଉଠ ବେଣୁ ପାଣି !
ଉଠ ବାବୁ ନୀଳାମ୍ବର ଡାକେ ନନ୍ଦରାଣୀ । ପଦ ।
ରଜନୀ ହୋଇଲା ଶେଷ ଡାକନ୍ତି କୁକକୁଟ
ଶମ୍ଭୁଆଳେ କମ୍ବୁଘୋଷ ହେଲାଣି ପ୍ରକଟ । ୧ ।
ପୂର୍ବଦିଗେ ଦିନମଣି ଉଦୟ ହେଲେଣି
କୁମୁଦ ମୁଦ୍ରିତ ହେଲେ ପଦ୍ମ ଫୁଟିଲେଣି । ୨ ।
ଘୂରି ଅଗଣାରେ ଗୋପୀ ପୂରିଲେଣି ଆସି
ନାମ ଧରି ଡାକୁଛନ୍ତି ରାମ କୃଷ୍ଣ କେଣି । ୩ ।
ଆହେ ରାମ ! ଅହେ ଶ୍ୟାମ ! ଆହେ ପଦ୍ମଆଖି !
ଉଠ ଉଠ ବେଗେ ଜୀବ ଯିବ ବଛା ରଖି । ୪ ।

ମାତାଙ୍କ ବଚନ ଶୁଣି ଉଠି ବେଣୀଧର
ହେଲେ ଅପସ୍ତୁତ ଜନନୀଙ୍କ ମୁଖ ଚାହିଁ । ୫ ।
ନିଦ୍ରାଳସ ମୋହନ ସୁନ୍ଦର ରୂପ ଦେଖି
ସଫଳ ହୋଇଲା ବ୍ରଜ ଗଉଡ଼ର ଆଖି । ୬ ।

[ନବେ]

ସୁତବତ୍ସଳା ଜନନୀ

[ଧୀରେ ଧେନ କାନନରେ କୃଷ୍ଣ ବିଳମ୍ବିତ ବୃତ୍ତ]

ଅଳି ଲଗାଇଲୁ ଧନ ! ବନେ ଯିବା ପାଇଁ
ମୁଁ ଯେତେ କହିଲି ନ ବୁଝିଲୁ ତୁ କହ୍ନାଇ । ଶ୍ୟାମ ସୁନ୍ଦର ରେ ।୧
ଗ୍ରାମପାଶେ ଥିବୁ ବାବୁ ଦୂରକୁ ନ ଯିବୁ
ଦାମ ସୁବଳ ସୁଦାମ ସଙ୍ଗ ନ ଛାଡ଼ିବୁ । ଶ୍ୟାମ ସୁନ୍ଦର ରେ ।୨
ଅପରାହ୍ଣ ସମୟକୁ ଚାହିଁ ବସିଥିବ
ଦଣ୍ଡେ ଉଛୁର ହୋଇଲେ ନିଶ୍ଚୟ ମରିବ । ଶ୍ୟାମ ସୁନ୍ଦର ରେ ।୩
ତୋ ବଂଶୀ ସ୍ୱରକୁ ଧନ ଡେରିଥାଏ କାନ
ତାହା ଶୁଣି ପିଣ୍ଡେ ଧରି ଥାଏଁ ମୋର ପ୍ରାଣ । ଶ୍ୟାମ ସୁନ୍ଦରରେ ।୪
ଗୋଧନ ବାହୁଡ଼ା ବେଶ ଦେଖିବାର ଯାଏଁ
ଆହାର ପାଣି ମୋହର ପେଟକୁ ନ ଯାଏ । ଶ୍ୟାମ ସୁନ୍ଦର ରେ ।୫
ଯାଅ ବାପ ରାମ ସଙ୍ଗେ ହୋଇ ଧରାଧରି
କୁଶଳେ ଆସିବୁ କଳ ଗୋଳ ତୁ ନ କରି । ଶ୍ୟାମ ସୁନ୍ଦର ରେ ।

ନଅ ଚୋ ଛଡା ପାଞ୍ଚଣି ମୁରଲି କଠାଉ
ର ଦ୍ୱିଜ ବୋଲେ ଚୋପଚ୍ଛେ ମୋ ମନ ଥାଉ । ଶ୍ୟାମସୁନ୍ଦର ରେ ॥

[ଏକାନବେ]

ପ୍ରଥମ ବନଗମନ

[ସଖି ! ଆସ ଯିବା ଦେଖି ବୃନ୍ଦ]

ଆଜ କୃଷ୍ଣ ଯିବେ ବନ ଗୋ ସଖି ! କୃଷ୍ଣ ଯିବେ ବନ
ନନ୍ଦ ଯଶୋମତୀ ଆଜ୍ଞା କରଛନ୍ତି
ରଖିବେ ବୋଲି ଗୋଧନ ଗୋ ସଖି ! [ଘୋଷା]
ବାଇ ହୋଇଲେ କି ଆମ ରଜାରାଣୀ
ଏମନ୍ତ ବିଚାର କଲେ
ଯ କୁମାର ପୁଅ କନ୍ଧାଇଁକି ବନେ
ପଠାଇ ଦେବେ କା ବୋଲେ ଗୋ ।୧।
ପୁରେ ଥାଉଁ ଥାଉଁ ଚରାଇଲେ ସଜନ
ପଡୁଥାଇ କେତେ କଷ୍ଟ
ଏନ୍ଦୁର ଶାଳରେ ଅସୁରୁଣୀ ମଲା
ଘାଜ ପଡ଼ିଲା ଶକଟ ଗୋ ।୨।
ଉପୁଡ଼ି ପଡ଼ିଲା ଯାମଳା ଅର୍ଜୁନ
ପୁଅକୁ ରଖିଲ ବହୁ
ଏହି ପର କେତେ ବିପତ୍ତି ଚଢ଼ୁଛି
ଏହା କି ମନରେ ନାହିଁ ଗୋ ।୩।

ସାତ ପାଞ୍ଚ ନାହିଁ   ଏକଇ ନନ୍ଦନ
ସେ ପୁଣି ବାଳୁତ ବଚ୍ଛା ।
ସେ ଯା ବନେ ଯିବେ   ଗାଈ ଚରାଇବେ
ନନ୍ଦଘରେ କ ନ ଅଛି ଗୋ ।୪।
ଲକ୍ଷେ ରଖୁଆଳ   ରଖିବା ପାଇଁକି
ନାହିଁ ଅବା କେତେ ଧନ ।
ଗୋପରାଜ ଏଡ଼େ   କୃପଣ ହୋଇଲେ
ଦେବା ପାଇଁ ବରତନ ଗୋ ।୫।
ଆମ୍ଭମାନଙ୍କର   ଯେତେ ଅଳଙ୍କାର
ବରତନ କରି ଦେବା ।
କୃଷ୍ଣର ପାଳଟେ   ଜଣେ ରଖୁଆଳ
ନନ୍ଦଘରେ ରଖାଇବା ଗୋ ।୬।
ଗୌର ଦ୍ୱିଜ ବୋଲେ   ଏ କଥା କାହିଁକି
ଶୁଣିନାହିଁ କାହିଁ କାନେ ।
ମାଆ ଭଗବତୀ   ସାହା ହେବେ ତାଙ୍କୁ
ଭୟ କାହାକୁ ଗୋ ମନେ ଗୋ ।୭।

[ବସ୍ତ୍ରାନବେ]

ଗୋଚ୍ଛରଣ ବେଶ

(ରାଗ-ତୋଡ଼ି ପରଜ ତାଳ ଏକତାଳ)

[କି ଦେଖିଲି ଆଜ ନେତ୍ର ଲୋ ସଜନି-ବୃନ୍ଦ]

ଦେଖ ସଜନି ଗୋ ! ବନ ଗୋଚ୍ଛରଣ ବେଶ
ସଖାମେଳେ କେଡ଼େ ଶୋଭା ପାଉଛନ୍ତି ବଳରାମ ହୃଷୀକେଶ । ଘୋ।

ୁଦାମ ସୁବଳ ଶ୍ରୀମଧୁମଙ୍ଗଳ କଙ୍କିଣୀ ଅର୍ଜୁନ ଦାମ
ସ୍ତୋକ ଅନୁଦାମ ଉଜ୍ଜ୍ୱଳ ଶ୍ରୀଦାମ ସୁବାହୁ ଶ୍ରୀବସୁଦାମ ।୧।
ହପର ଗୋପ ଶିଶୁଗଣ ମେଳେ ଲଉଡ଼ି ଖେଳନ୍ତେ ରସି
ବନ୍ତ ବଜାଏ ବ୍ରଜରଜ ପୋଏ ବାଇ ଶିଙ୍ଗା ବେଣୁ ବଂଶୀ ।୨।
ାହାର ମସ୍ତକେ ପାଗ ଚଉତନା କାହା ଶିରେ ଜାମୁଡାଳୀ
ାହା ମସ୍ତକରେ ଉଡ଼େ ପାଟ ନେତ କା ଶିରେ କାଇଞ୍ଚ ମାଳ ।୩।
ରେ ଗଡଗଡ଼ ଗୁଞ୍ଜମାଳା ଶୋହେ ପୋହଳା ସରକ ସର
ମ କୃଷ୍ଣଗଳେ ଚନ୍ଦ୍ରହାରବଳ ଦୋହଲଇ କେର କେର ।୪।
ଛା ପାଞ୍ଚଣି କଟାଉ ଶିକାଛନ୍ଦ ଦଉଡ଼ି ସବୁରି କାଖେ
କ୍ଷମଟା ନାଚରେ ଗୃଲୁଛନ୍ତି ପୋଏ ରମ ଶାମ ବେନି ପାଖେ ୫।
ଟି ମାଝେ ଘଣ୍ଟି ଘାଗୁଡ଼ି ବାଜଇ କି ସୁନ୍ଦର ରୁଣଝୁଣ
ଗୀର ଦ୍ୱିଜ ବୋଲେ ବାଜେ ତାଳେ ତାଳେ କହ୍ନାଇଁ ନୂପୁର ଶୁଣ ॥

———

[ଚୈତ୍ୟାନବେ]

ଗୋଠନ ବାହୁଡ଼ା

(ରାଗ-କୁମ୍ଭକେଦାର ତାଳଝୁଲା)

[ଝିଗଡ଼ି ମାନ ହେଲ ହେ ଶ୍ୟାମ ବୃତ୍ତ]

ଦେଖିବ ପର ଆସ ଗୋ ମିତଣି !
ମଦନ ମୋହନ ଲାବଣ୍ୟ ଠାଣି ଗୋ । ଘୋଷା ।
ଅନୁପମ ଗୃରୁ ମୁରଲୀପାଣି
ବନୁ ଆସୁଛନ୍ତି ଗୋଧନ ଆଣି ।୧।

କି ମଞ୍ଜୁଳ ତାଙ୍କ ବାଙ୍କଚାହାଣି
ଝଲେକ ପଥର ହୋଇବ ପାଣି ।୨।
ଖେମଟା ନାଟକୁ ଟିମାଳିବାଣୀ
ଭଲ ମାନୁଥାଇ ପଥରୁହାଣି ।୩।
ହାସ ଚନ୍ଦ୍ରହାସ କରି ଉଗୃଣି
ସଖି ଦନ୍ତ ତରୁ ପକାନ୍ତ ହାଣି ।୪।
ଗୋକୁଳେ ଗୋକୁଳେ କାହାର ଆଣି
ଛଡ଼ାଇ ନ ଦେବେ କହ ମିହାଣି ! ।୫।
କେତେ ଶ୍ରମେ କେତେ ସୁରସ ଗୁଣି
କେଉଁ ବହି ଥିଲା କାହ୍ନୁ ନମାଣି ।୬।
ଗୌର ଦ୍ୱିଜ ବୋଲେ ନାହିଁ କି ଜାଣି
ସେ ନାଗରମଣି ବଶ୍ୟ ବନ୍ଧାଣି ।୭।

[ଚଉସନବେ]

ଗୋଧନ ବାହୁଡ଼ା

(ଝୁଲ ଚଉପଦୀ)

ଦେଖିବ ପରା ଆସ ସଖି ! ଶ୍ୟାମ ସୁନ୍ଦର । ଘୋଷ
ନୀଳ ନବଘନ ମୂରତିସାର କଣ୍ଠେ ପଦକ ରତନହା
କରେ ବେଣୁ ଧରି ଉରେ ବନମାଳୀ ଛନ୍ଦ ସୁନ୍ଦର ।।
ଆଗେ ଧେନୁଗଣ ପଛେ ମୁରାରି ଚଉପାଶେ ଗୋପକୁମାରେ ଘେ
ଗୋଧନ ବାହୁଡ଼ା କରି ଆସନ୍ତି ବ୍ରଜ ପୁରନ୍ଦର ।।

ରୋହିଣୀ ନନ୍ଦନ ସଙ୍ଗେ ବେଣୁ ଶିଙ୍ଗା ତାଳ ବଜାଇ ରଙ୍ଗେ
ବାଳ ମଧ୍ୟେ ନୃତ୍ୟ କରି ଗାଉଛନ୍ତି କି ସୁନ୍ଦର ।୩।
ଦ୍ୱିଜ ଗଉର କହେ ଗୋ ସଖି ନିର୍ମଳ ହୋଇଲା ଚରମ ଆଖି
ଗୋପ ସୁତ ସଙ୍ଗେ କିବା ଶିଶୁ ମଧ୍ୟେ କୃଷ୍ଣ ନୀଳ ମନ୍ଦର ।୪।

[ପଞ୍ଚାନନଙ୍କ]

ଗୋଧନ ବାହୁଡ଼ା

ପ୍ରିୟ ଆଲି ! ଅନା ବନମାଳୀ ଆସେ ଧେନୁ ଗୃହ ଗୋ । ଘୋଷା ।

ସୁବଳ କଣ୍ଠରେ ହସ୍ତ କି ରଙ୍ଗରେ କରି ନ୍ୟସ୍ତ
ଗାଉଛନ୍ତି ମୁରଲୀ ଗୀତ ସ୍କନ୍ଧେ ତୋର ଚକ୍ରବନ୍ତ
ହରଣୀଆ ମରକତମାଳୀ ଗୋ ।୧।

ତାହାଙ୍କ ସଜାଡ଼ି ହଳୀ ଚୌଦିଗେ ସଖାମଣ୍ଡଳୀ
ଚାଲିଛନ୍ତି ଢଳି ଢଳି ନୃତ୍ୟ ରସରେ କି ଭଳି
ଗୋପପୋ ମାନେ କରେ ତାଳି ଗୋ ।୨।

କେ ବାଏ ଶିଙ୍ଗା ବଇଁଶୀ କେହୁ ଭେରୀ ବାଏ ରସି
କେ ତୂରୀ ବାଉଛନ୍ତି ହସି କେ ମଧୁର ସ୍ୱରେ ଘୋଷି
କେହୁ ବାଏ ପଟରକାହାଳୀ ଗୋ ।୩।

ଗୋଧନ ବାହୁଡ଼ା ଛବି କି ମନୋହର ଦିଶଇ
ଧବଳୀ ଶାମଳୀ ଗାଈ ପଛରେ ଶ୍ୟାମ କହ୍ନାଇ
ଆସେ ପଞ୍ଚାନନ ପ୍ରେମଅଶ୍ରୁ ତଳି ଗୋ ।୪।

[ଛୟାନବେ]

ଗୋଷ୍ଠଚରଣ ବେଶ

[ପ୍ରିୟ ସଙ୍ଗ ଗ୍ରନ୍ଥ ପଥର କଲଣି ସଙ୍ଗ ସଙ୍ଗ ବୃତ୍ତ]

ପ୍ରିୟ ଆଳି ! ଅନା ଗୋଠଗୋଷ୍ଠକୁ ଚଳେ ବନମାଳୀ । ଘୋଷା ।

ସୁବଳ ସ୍କନ୍ଧରେ ଭୁଜଭର ଦତ୍ତ କରି ଚନ୍ଦ୍ରବଦନ ଶ୍ରେଣୀ
ଚଳି କି ବଧୁରେ ଗୃଲନ୍ତି ସଧୀରେ
ଆଗେ ଧେନୁବଚ୍ଛା ବୃନ୍ଦ ଗୃଳି ।୧।

ମଦନ ସୁନ୍ଦର ଗୋପଶଣୀ ମଧୁର ସୁସ୍ୱର ବାଇ ବଂଶୀ
ଶିଶୁଗଣ ମେଳେ ନାଚି କୁତୂହଳେ
ସର୍ଗ୍ଧେ ଦେଉଛନ୍ତି ତାଳି ।୨।

ଶିରେ ବାଙ୍କଚୂଳ କି ସୁନ୍ଦର ଚହିଁ ଗୁଞ୍ଜ ଗୁଞ୍ଜ ମୋତିହାର
ଗଳେ ଦୋଳେ ପୁଷ୍ପମାଳିସିମାଳିକା
ସୁଗନ୍ଧେ ଝଙ୍କାରୁ ଅଳିଆଳି ।୩।

କଟୀକି ଶୋଭିତ ପୀତଧଟୀ ତା'ଉପରେ ହେମ କ୍ଷୁଦ୍ର ଘଣ୍ଟି
ମୃଦୁ ମଞ୍ଜୁ ସ୍ୱରେ କର୍ଣ୍ଣ ମନ ହରେ
ଶ୍ରୀପଦ ବାଜେଣୀ ବଳା ଗୃଳି ।୪।

ବନ ମାଳାମ୍ବୁଜ ଶ୍ରୀଅଙ୍ଗ ଟି କେମନ୍ତ ଲାବଣ୍ୟ ପରିପାଟୀ
ହରିଚନ୍ଦନ ଆମୋଦିଆ ମୋଦନେ
କେ ନ ଦେବ ମନ ପ୍ରାଣ ଢାଳି ।୫।

ବ୍ରଜ ବଧୂ ପଦ୍ମ ମଧୁକର ନଗାନ କିଶୋର ନଟବର
ଚନ୍ଦନୀ ମୟୂର ଚନ୍ଦ୍ରି କିରନ୍ତର
ଗୌର ଦ୍ୱିଜ କରେ କଉତୁକ ।୬।

[ସତାନବେ]

ଗୋଧନ ବାହୁଡ଼ା

(ରାଗ ତୋଡ଼ିପରଜ ତାଳ ଝୁଲା)

[ଦେଖ ସଜନୀ ଗୋ ବନ ଚୋରୁରଣ ବେଶ ବୃନ୍ଦ]

ଗୋପ ଦାଣ୍ଡରେ ଗୋ ! ଶ୍ରୀକୃଷ୍ଣଚନ୍ଦ୍ର ବିଜୟେ
ଚୂର ପାରୁଶରେ ବେଢ଼ି ଚଳୁଛନ୍ତି ସୁକୁମାର ଗୋପ ପୋଏ ॥
ସୁଦାମ ସୁବଳ ଶ୍ରୀମଧୁମଙ୍ଗଳ ଦାମ ଶ୍ରୀଦାମ ଅର୍ଜୁନ
ଉଜ୍ଜ୍ୱଳ ସୁବାହୁ ସ୍ତୋକ ଅନୁଦାମ ଯେତେ ବ୍ରଜ ଶିଶୁଗଣ ।୧।
ଶିଙ୍ଗା ଭେରୀ ତୂରୀ ପଟର କାହାଳୀ କା ହାତେ ବେଣୁ ବଇଂଶୀ
ସୁସ୍ୱରେ ବଜାଇ ତା ତା ଥେଇ ଥେଇ ନାଚନ୍ତି କ ରଙ୍ଗେ ହସି ।୨।
ଆଗରେ ଗୋଧନ ପଲକୁ ଅଡ଼ାଇ ତମାକି ଗୀତ ଗାୟନେ
ଚଳିଚଳି ଚଳି ଆସୁଛନ୍ତି ଅନା କ ଶୋଭା ରାଜ ଅୟନେ ।୩।
ଗୌର ଦ୍ୱିଜ ବୋଲେ ଧନ୍ୟ କହ୍ନାଇଙ୍କ ଗୋଧନ ବାହୁଡ଼ା ବେଶ
ନୟନ ସାର୍ଥକ ହୋଇଲା ମୋହର ଦେଖି ରାମ ହୃଷୀକେଶ ।୪।

[ଅଠାନବେ]

ଗୋପୀଭାବନା

ନଷ୍ଟେ ନନ୍ଦସୁତ ଜାତି ମହତ ବୁଡ଼ାଇବ ।
ସଖାଧିକ ଧିଂସବାନା ଜଗତେ ଉଡ଼ାଇବ । ପଦ ।
ଦିନକୁ ଦିନ ଅନେକ ପୀରତି ବଢ଼ାଇବ
ଅଚାନ୍ତରେ ସୂତନୁତନୁକୁ ସଢ଼ାଇବ । ୧ ।

ଦେଖାଇ ନାଗର ଭଙ୍ଗୀ ଚିତ୍ତକୁ ଜଡ଼ାଇବ
ଅନୁପୁର ଅଙ୍ଗନାକୁ ଅମଡ଼ା ମଡ଼ାଇବ । ୨ ।
ବଜାଇ ମୁରଲୀ କୁଞ୍ଜବନକୁ କଡ଼ାଇବ
କୁସୁମ ଶେଯେ କର୍ପୂର ଧୂଳିରେ ଗଡ଼ାଇବ । ୩ ।
ଆବର ନାରୀଙ୍କ ଦନ୍ତସ୍ଥାବର ଉଡ଼ାଇବ
ଗୋକୁଳ ନାରୀଙ୍କ ଅଙ୍ଗ ଦୁକୂଳ ଫେଡ଼ାଇବ । ୪ ।
ଗୌର ଦ୍ୱିଜ କହେ ଜାନୁପାଦପେ ଚଢ଼ାଇବ
ବଶିତ୍ୱବଶ ବରଦ ମନ୍ତ୍ର ପଢ଼ାଇବ । ୫ ।

—o—

[ଅନେଶ୍ୱର]

ଗୋପୀଙ୍କ ଭାବନା

ତେ ସହିବ ଆଉ ନନ୍ଦ ତନୟ ଦାଉ ଏ ଗୋ ମା । ଘୋଷା ।

କେ କାହିଁ ନ ଯିବ ଘର ଜଗିଥିବ
ବାହାର ନୋହିବ କେଣେ
ଯେବେ ଯିବ ତେବେ ଆସିଲା ବେଳକୁ
ଦ୍ୱର ପଡ଼ିଥାଏ ଏଣେ ।୧।

ଲୁଚି ଲୁଚି ଯାଇ ମନ୍ଦିରେ ପଶଇ
ଗମ୍ଭିଗରେ ଥାଇ ବସି
କାହିଁ ଗଲ ବୋଲି ଖୋଜିଲା ବେଳକୁ
କ୍ଷଣକେ ଯାଏ ଖସି ।୨।

କେ ବୋଲଇ ଶୁଣି   କାଳିଆର ଗୁଣ
କାଲି ମୋ ପୁରକୁ ଗଲା
କରେ ରଙ୍ଗ ଛନ୍ଦ   ମୋ ପୁଅକୁ ବାନ୍ଧ
ବାଡ଼ ବାଟେ ପଳାଇଲା ।୩।

କେହ୍ନ ଆଗ ବଢ଼ି   ବୋଲେ ମୋର ଶାଢ଼ୀ
ଚିରିଦେଲା ନନ୍ଦପୁଅ
ମନକୁ ମନ ମୁଁ   ଯେତେ ବୁଝାଇଲି
ନେତ୍ରୁ ରହୁନାହିଁ ଲୁହ ।୪।

କେ ବୋଲେ ମିତଣି !   ଗଲି ପାଣି ଆଣି
କେମନ୍ତେ ଅନାଇଁ ଥିଲି
ଏଡ଼େ ଦୁରୁଦଣ୍ଡ   ଭାଙ୍ଗି ଘଡ଼ଭଣ୍ଡ
ଆସୁ ଆସୁ ପଳାଇଲା ।୫।

ଦହି ଦୁଧ ସର   ଜୀବକା ଆମ୍ଭର
ସେ ଯେବେ ହୋଇବ ନାଶ
କାହାକୁ କହିବା   କେମନ୍ତେ ସହିବା
ଗୋପରେ କରିବା ବାସ ।୬।

ଗାଳି ତ ନ ଦେବା   ମାଡ଼ ନ ମାରିବା
ସେ ତ ବ୍ରଜ ରାଜ ସୁତ
ଏ ବଚନ ଶୁଣି   କେଉଁ ଗୋପୀ ଭଣି
ଯାହା କହିଲ ଏ ସତ ।୭।

କହେ ଦ୍ୱିଜ ଗୌର   କାହିଁ ପାଇଁ ଡର
ରାଣୀଙ୍କ କହିବା ଆସ

ଯେବେ ନ ବୁଝିବେ   ଗୁହାରି ଆମ୍ଭର
ଏଠାରୁ ଛାଡ଼ିବା ବାସ ।୮।

---

[୧୦୨]

ରୂପାନୁରାଗ

[ଭଲ ହୃଲଲୁ ଚା ପ୍ରୀତିରେ ପ୍ରାଣସଙ୍ଗିନ ବୃତ୍ତ]

କି ଶୋଭା ନନ୍ଦ ନନ୍ଦନ ଗୋ ଅନା ମୋ ଧନ! । ଘୋଷା ।

ପ୍ରସନ୍ନ କାଳିଆ ଜହ୍ନ   ଶ୍ରୀମୁଖ ନବ ଲାବଣ୍ୟ
କରେ ଆନନ୍ଦ ବର୍ଦ୍ଧନ ଗୋ ।୧।

ମନ୍ଦ ଘୂର୍ଣ୍ଣିତ ନୟନ   ସଜ ନଳିନ ନନ୍ଦନ
ଅନୁପମ ଅପଘନ ଗୋ ।୨।

ମତ୍ତ କରୀନ୍ଦ୍ର ଗମନ   ଚହିଁ ମଧୁର ନର୍ତ୍ତନ
କରଇ ବଂଶୀ ବାଦନ ଗୋ ।୩।

ସଖା କନ୍ଧେ କି ଘଟନ   କମଳ କରମଣ୍ଡନ
ଆଗରେ ବହ୍ରା ଗୋଧନ ଗୋ ।୪।

ଦାମ ସୁଦାମ ଶ୍ରୀଦାମ   ଅନୁଦାମ ବସୁଦାମ
ଶିଶୁ ବ୍ରଜ ହୃଷ୍ଟ ମନ ଗୋ ।୫।

ଧବଳୀ ଶ୍ୟାମଳୀ କାଳୀ   ନେଉଳୀ ବଉଳୀ ବୋଲି
ଡାକ ଅଭ୍ରାନ୍ତ ମୋହନ ଗୋ ।୬।

ଗୋଧନ ବାହୁଡ଼ା ବେଶ   ବଳରାମ ହୃଷୀକେଶ
ମୋହୁଛନ୍ତି ତ୍ରିଭୁବନ ଗୋ ।୭।

ଗୌରହରି ଜ ବୋଲେ ସଖି ! ଆଜ ଧନ୍ୟ ମୁଁ ହେଲଇଁ
ନେତ୍ରେ କରି ଦରଶନ ଗୋ ।୮।

[ଶବ୍ଦ ଏକ]

ଗୋପୀ ଭାବନା

(କାହିଁ ଗଲେ ମୁରଲୀ ଫୁଙ୍କା ବୃତ୍ତ)

ନବଘନ କାଳିଆ ଗୃହ ଭୃକୁଟୀ ନଚାଇ ଗୃହିଁଲଣି ତ
ନବୀନ ବୟସୀ ନାଗରୀ ମାନଙ୍କୁ
ନବରଙ୍ଗ ବାଣୀ କହିଲଣି ତ । ଘୋଷା ।
ବାନ୍ଧିଲଣି ଯତନେ ଚୂଳ ପିନ୍ଧିଲାଣି ପୀତ ଦୁକୂଳ ଗୋ
ସେ ନନ୍ଦବାଳ
କୁଳବତୀ କୁଳ ବୁଡ଼ାଇବା ପାଇଁ
ତମାଳିଆ ଗୀତ ଗାଇଲଣି ତ ।୧।
ନ ଜାଣିଲି ପରିପ୍ରେ ହୋଇ ନାରୀଙ୍କର ପାଶେ ମିଳଇ
ସେ କଳାକହ୍ନାଇଁ
ପରିହାସ ବାଣୀ ଶୁଣିବା ପାଇଁକ
କର୍ଣ୍ଣ ଡେରି କରି ରହିଲଣି ତ ।୨।
ବାଳମେଳେ ଖେଳ କୌତୁକ ତହିଁ ସେହୁନାହିଁ ଅଧିକ
ସେ ରସିକଙ୍କ
ଆରମ୍ଭରେ ତାର ସଙ୍ଗେ ଥାଇ ଆନ
ଆନ ଭାବ ହୃଦେ ବହିଲଣି ତ ।୩।

ଅଙ୍ଗଦେଶେ ଅନଙ୍ଗ ତାର ଜଣାଗଲା କଲ୍ପି ଘର
ମନେ ବିଗୁର
ଏକା ହୋଇ ତାର ପାଶକୁ ଯିବାକୁ
ବଳା ହୃଦୟରେ ରହିଲଣି ତ ।୪।
ଗୌର ଦ୍ୱିଜ କହେ ଗୋ ଅଳି ! ଅଳ୍ପଦିନ ଥାଅ ସମ୍ଭାଳି
ବରଜବାଳି !
କେଳି ରଚିବାକୁ କୁଞ୍ଜେ ବଞ୍ଚିବାକୁ
ଅନୁକୂଳ ଆସି ହୋଇଲଣି ତ ।୫।

[ଶବ୍ଦେଦୁଇ]

ତୋଡ଼ୀ ଭଜନ

[କାଳିନ୍ଦୀ କୂଳକୁ ମୋ ସଖୀରି ନ ଯା ବୃତ୍ତ]

ନନ୍ଦ ସୁତ ମହତକୁ ବୁଡ଼ାଇବ ଗୋ
ସଖି ଧୃଷ୍ଟ ଧ୍ୱଂସ ବାନା ଉଡ଼ାଇବ ଗୋ । ଘୋଷା ।
ଦିନକୁ ଦିନ ଅନେକ ପୀରତି ବଢ଼ାଇବ
ଅଚନୁଣରେ ତନୁକୁ ସଢ଼ାଇବ ଗୋ ।୧।
ଦେଖାଇ ନାଗର ଭଙ୍ଗି ଚିତ୍ତକୁ ଜଡ଼ାଇବ
ଅନ୍ତଃପୁରରୁ ଅମଡ଼ା ମଡ଼ାଇବ ଗୋ
ବଜାଇ ମୁରଲୀ କୁଞ୍ଜ ବନକୁ କଢ଼ାଇବ
କୁସୁମ ଶେଯରେ ନିତି ଗଡ଼ାଇବ ଗୋ ।୩।

ଆବର ନାରୀଙ୍କ ଦମ୍ଭ ସ୍ଥାବର ଚଡ଼ାଇବ ।
ଅଙ୍ଗ ଦୁକୂଳ କାଢ଼ିଲୁ ଫେଡ଼ାଇବ ଗୋ ।୪।
ଗୌର ଦ୍ୱିଜ କହେ ଜାନୁ ପାଦପେ ବଢ଼ାଇବ
ବଶୀକ ବଶ ମନ୍ତର ପଢ଼ାଇବ ଗୋ ।୫।

[ଶହେ ଛନ୍ଦ]

ଗୋପୀ ଭାବନା

(ରାଗ ମାଳସୀ ପଦ୍ମପଞ୍ଚ)

କେ ବୋଲେ ସଙ୍ଗାତ ! ବ୍ରଜରାଜ ସୁତ
ଆଜ ତ ବାଷମ ଛବ ଗୋ
ଦେଖି ଏ ଆରମ୍ଭ ରହିବ କି ଦମ୍ଭ
ଯବ ହେଲେ ଯିବ ଦ୍ରବ ଗୋ
ପଶୁ ଦେଖି କି ମୂର୍ଚ୍ଛିବେ
ସୁରନାରୀ ସୁରତ ଭର୍ଚ୍ଛିବେ ଗୋ ।୧।
ଚମ୍ପା ଜାତି ଯୂଥ ମାଧବୀ ମାଳତୀ
ମିଶାଇ ବାନ୍ଧିଛି ଜୁଡ଼ା ଗୋ
ତାର ଉପରକୁ ବରହି ଚନ୍ଦ୍ରିକା
କୁଳବତୀ କୁଳଚୂଡ଼ା ଗୋ
କର୍ଣ୍ଣେ ମକରକୁଣ୍ଡଳ
ମଣ୍ଡି ଦେଉଛି ଗଣ୍ଡ ମଣ୍ଡଳ ଗୋ ।୨।

ଲଲାଟେ କସ୍ତୁରୀ ତିଳକ ଅଳକ
ଚଳକୁ ଚୂର୍ଣ୍ଣ କୁନ୍ତଳ
ମୁଖାରବିନ୍ଦକୁ ବେଢ଼ି ରହିଛନ୍ତି
କି ଅବା ଭ୍ରମର ମାଳ ଗୋ
ବଙ୍କ କଟାକ୍ଷ ଗୃହାଣି
ନାଗ୍ରୀ ଲଜ ପକାଉଛୁ ହାଣି ଗୋ ।୩।
ତିଳ ପ୍ରସୂନ ନାସିକା ମନୋହର
ଗଜ ମୋତିବର ଶୋହେ ଗୋ
ବିମ୍ବାଧରେ ସ୍ମିତ ହାସ ବିକଶିତ
ଜଗଜ୍ଜନ ମନ ମୋହେ ଗୋ
ଉରେ ହାର ସୁପଦକ
ଦେଖି ହୃଦ ହୁଏ ଦକ ଦକ ଗୋ ।୪।
ସୁବାହୁ ବୃତ୍ତାଳ ଜିଣି ପଦ୍ମନାଳ
ବାହୁଟି କଙ୍କଣ ସାର ଗୋ
କଣ୍ଠରୁ ଜାନୁ ଯାଏ ଲମ୍ବିଅଛୁ
ଶ୍ରୀବଇଜୟନ୍ତୀ ହାର ଗୋ
ପରିଧାନ ପୀତପଟ
କେଳି କଦମ୍ବ ମୂଳ ଲମ୍ପଟ ଗୋ ।୫।
ଶ୍ରୀବତ୍ସ ଲକ୍ଷଣ ଅତି ବିଚକ୍ଷଣ
ଦକ୍ଷିଣାଙ୍ଗେ ଯାଏ ଦେଖା ଗୋ
ନୀଳ ମରକତ ଶିଳର ଯେମନ୍ତ
ବାମେ ସୁବର୍ଣ୍ଣ ରେଖା ଗୋ
କଟୀ କେଶରୀ ବିଭୂଷି
ତଡ଼ିକର୍ଷି କ ଟି ଉଭ୍ରି ଗୋ ।୬।

ରଙ୍ଗିମା ଅରୁଣ   ଭଙ୍ଗିମାକୁ ପୂର୍ଣ
କି ଉପମା ଦେବା ତହିଁ ଗୋ
ଚଉଦ ବ୍ରହ୍ମାଣ୍ଡ   ଶୋଭାଯାକ ରୁଣ୍ଡ
କଲେହେଁ ନ ଅଣ୍ଟେ ଯହିଁ ଗୋ
ପାଦେ ଜଡ଼ିତ ନୂପୁର
ନାଦେ କମ୍ପଯାଏ ତିନି ପୁର ଗୋ ।୭।
ବ୍ରଜ ଯୁବରାଜ   ହେଲପ୍ରାୟେ ଆଜ
ପ୍ରତେ ହେଉଛି ମୋ ମନେ ଗୋ
ଛତ୍ର ଚାମର   ଅମ୍ବର କରେ ଧରି
ନିଯୋଗିଆ ସଖାମାନେ ଗୋ
ନିଶ୍ଚେ ପାଣ୍ଡ ଏ ସୁବଳ
ସଭାପଣ୍ଡା କି ମଧୁମଙ୍ଗଳ ଗୋ ।୮।
କେଉଁ ମଦାଳସୀ   ମଦେ ଭାଷେ ହସି
କି ବା ଏ ମୀନକେତନ ଗୋ
ବସନ୍ତ ଉଛବ   ଯାହା କରିବାକୁ
ବନେ କଲ ବୃନ୍ଦାବନ ଗୋ
ସଙ୍ଗେ ଧେନୁ ସଖାକୁଳ
ନୀପ ମୂଳେ କଲ ଅନୁକୂଳ ଗୋ ।୯।
ବସନ୍ତ କୋକିଳ   ଚାରୁ ଅଙ୍ଗବଳ
ବାମ ଦକ୍ଷିଣରେ ସ୍ଥିତ ଗୋ
ବିମାନ ଆରୋହି   ଖୋଜୁଛି ବିରହୀ
ନାଶ କରିବାକୁ ହିତ ଗୋ
କହେ କେବଣ ନାୟିକା
ରତି ବିନା ସେ ଭ୍ରମୁଛି ଏକା ଗୋ ।୧୦।

କେ ଛଇଲୀ ଭଷେ ମନକୁ ନ ଆସେ
ତୁ ଯାହା ଉପମା ଦେଲୁ ଗୋ
ଶ୍ୟାମ ସଙ୍ଗେ ସମ କରିବାକୁ କାମ
ନାମକୁ ସାର୍ଥକ କଲୁ ଗୋ
କାହିଁ ହେବ ସେ ସମାନ
ଯାର ନାମ ମଦନମୋହନ ଗୋ ।୧୧।
ଆଉ କେଉଁ ବାଳୀ ମନେ ମନେ ଭଳି
ବୋଇଲା ଶୁଣ ମିତଣି ! ଗୋ
ଏ ରସାର ସାର କରଣ ବାହାର
ଠୂଳ କଲା ଏଥି ଆଣି ଗୋ
ବଡ଼ କୌତୁକ ବିରଞ୍ଚି
ଏ କାଳକୁ ଏ ବିବାଦ ରଚି ଗୋ ।୧୨।
ତପନ ନନ୍ଦିନୀ ଜଗତ ବନ୍ଦିନୀ
ପ୍ରେମତରଙ୍ଗିଣୀ ଘାଟ ଗୋ
ଦେଖ ତାର ତଟେ କଦମ୍ବ ନିକଟେ
ବସାଇଛୁ ପ୍ରେମହାଟ ଗୋ
ଶୋଭା ସମ୍ପତ୍ତି ବଜାର
ସୁବଳାଦି ସଖା ବଣିଜାର ଗୋ ।୧୩।
ରୂପକୁ ତୁଳାଇ ଦେବାକୁ ମୂଲଇ
ଗ୍ରାହକ ନୋହିଲେ ଯହୁଁ ଗୋ
ଧର୍ମ ନାମ ଶୁଣି ହାଟୀତା ବନ୍ଧାଣି
ଗୋପକୁ ଆଣିଲ ତହୁଁ ଗୋ
ଦଣ୍ଡି କାଠି ମାପଡ଼ାଳ
ଦୋଳ ପାଶରେ କରୁଛୁ ଭୁଲ ଗୋ ।୧୪।

ଗୌର ଦ୍ୱିଜ ଭଣି ହେ ବ୍ରଜ ରମଣୀ !
ଏ ମାଳ ରତନ ମଣି ଗୋ
ତୁମ୍ଭେ ଭାଗ୍ୟବତୀ ଯୌବନ ସମ୍ପତ୍ତି
ଦେଇ ନିଅ ବେଗେ କିଣି ଗୋ
ତୁମ୍ଭ ଉରଜ କନ୍ଦର
ସେ ସ୍ଥଳକୁ ଏ ହେବ ସୁନ୍ଦର ଗୋ ।୧୫।

———

[ଝିଙ୍କ ସ୍ୱର]

ରୂପାନୁରାଗ

[ରାଧେ ତୋ'ହାଲଗି ଶ୍ୟାମ କି ବଞ୍ଚିଇ ଗୋ ଜେମାଦେଇ ! ବୃତ୍ତ]
ମିତ ଅନା ! ଦେଖ କି ସୁନ୍ଦର
ଏ ନନ୍ଦର କହ୍ନା ଗୋ । ଘୋଷା ।
ମସ୍ତକେ ବରହ୍ମି ବରହ ମୁକୁଟ
ନାନା ପୁଷ୍ପ ବେଢ଼ା ସୁଗନ୍ଧ ପ୍ରକଟ
ବୈଜୟନ୍ତୀ ବନମାଳ ହୃଦତଟ
ଦୋଳେ କି ରଙ୍ଗେ ସୁମନା ଗୋ ।୧।
କଟୀ ଦେଶରେ ତା ଗୁରୁ ପୀତପଟ
କଳାଘନେ କି ଚଞ୍ଚଳା ଝଟଝଟ
କର୍ଣ୍ଣ ଯୁଗେ କର୍ଣ୍ଣିକାର ସୁ ଲଲାଟ—
ପଟେ ଚନ୍ଦ ଗୋରଚନା ଗୋ ।୨।
ଖଣ୍ଡ ଚନ୍ଦ୍ରୋଜ୍ଜ୍ୱଳ ଶ୍ରୀଗଣ୍ଡମଣ୍ଡଳେ
ରତନ ମକର କୁଣ୍ଡଳ ଗୋ ଝଳେ

ମୋହନ ମୁରଲୀ ଚୁମ୍ବେ ବିମ୍ବାଧରେ
କି ମନେ କର ଭାବନା ଗୋ ।୩।
ଚରଣେ ରୁଣିତ ବାଜେଣି ନୂପୁର
ଝୁମୁଝୁମୁ ନାଦେ ମୋହଇ ନିପୁର
ସତୀ ପତିବ୍ରତା ମତି କରେ ଦୂର
ଧନ୍ୟ ସେ କାଳିଆସୁନା ଗୋ ।୪।
ସୃଷ୍ଟି ତକଦମ୍ବ ମୂଳେ ହୋଇ ଜାତ
ପ୍ରକାଶେ କୋଟି ଅନଙ୍ଗ ପ୍ରଭା ଆଭା
ଗୌର ଦ୍ୱିଜ ବୋଲେ ତୁମ୍ଭେ ତା ବଲ୍ଲଭା—
ପଣକୁ ଘଟଣା ସିନା ଗୋ ।୫।

[ଶହେ ପାଞ୍ଚ]

ରୂପାନୁରାଗ

(ରାଗ ତୋଡ଼ିପରଜ ତାଳ ଆଡ଼ତାଳି)

ଅନା ରେ ମନାନନ୍ଦ ଛବିକି
ଚୂନା କରେ ସତୀ ମତି ପବିକି ।।
ସେ ବଙ୍କାମୁରତି ଶ୍ୟାମ ସୁନ୍ଦର
ନିତି ନିତି କରେ ନୂଆ ହୃନ୍ଦର ।୧।
ଅଖିଳ ବରଜ ପୁରେ ଗୋ ଏହି
ରଖି ଦେବ ନାହିଁ ଯୁବତୀ ଗୋଷ୍ଠି ।୨।
ଅଙ୍ଗ ଭଙ୍ଗୀ ଛଟା ହସ ଗୃହାଁଣି
ମୁଗୁନ ପଥର କରଇ ପାଣି ।୩।

କି ସୁନ୍ଦର ସେ ମାର ଶୋଭା ଗୋ ମିତ
ଏ ରୂପ ଦେଖିଲେ ହେବ ମୋହିତ ।୪।
ନବୀନ ନଟନ ମୋହନ ବେଶ
ସୁନ୍ଦରୀ କେ ନୋହିବ ଘେବେ ଆବେଶ ।୫।
ଚାରୁରୁ ଚଳପା ସ୍ୱରକ ସମା
ଭୂଞ୍ଜ ହେବେ ପଣ ସବ ଉପମା ।୬।
ଗୌର ଦ୍ୱିଜ ବୋଲେ ସମ ହେଉରେ
ଖୋଜିଲେ ନ ଥିବ ଚଉଦ ପୁରେ ।୭।

[ଶବ୍ଦ ଛନ୍ଦ]

ରୂପାନୁରାଗ

(କି ନାମ ବୋଲିଲୁ ଶୁଣି ଗୋ ଲଳିତେ ବୃନ୍ଦ)

କହନ୍ତି ଶ୍ରୀମତୀ ଦେଖ ଆଗୋ ଦୂତ
କଦମ୍ବ ମୂଳେ ଘନକୁ
ଲଳିତା ଘରଣୀ ଘନ ନୁହେ ସଖ
ସୁନ୍ଦର ନନ୍ଦନନ୍ଦନକୁ । ଘୋଷା ।
ରସବତୀ କହି ଘନ ଯେବେ ନୋହି
ବରଷୁଛି ତ ଜଳକୁ
ଲଳିତା ବୋଲଇ ବାଣୀ ନୁହଇ
କୃଷ୍ଣଖେଳ ଏ ଛଳକୁ ।୧।

ଘର୍ଷି ରସମୟୀ ମେଘ ଯେବେ ନୋହ୍ବ
ଶୁଣି ଅଶନ ସ୍ୱନକୁ
ଲଳନା ବଦନ୍ତି କୃଷ୍ଣ ବଂଶୀଗୀତ
ନ ଶୁଭେ କି ତୋ କର୍ଣ୍ଣକୁ ।୨।
ଶାକଶୋଭା କହି ଆରେ ପ୍ରିୟସଖି
ଦେଖ ବିଜୁଳି ମାଳକୁ
ତହୁଁ କହେ ଆଳୀ ନୁହେ ସେ ବିଜୁଳି
କୃଷ୍ଣର ମୋତିମାଳକୁ ।୩।
ଘଷେ ବନୋଦ୍‌ଭମା ଅନା ଲୋ ମିତଣି
ସୁନ୍ଦର ଇନ୍ଦ୍ରଧନୁକୁ
ସହଚରୀ ଭଣି କୃଷ୍ଣ ଚୂଳେ ମଣି
ଗୁଞ୍ଜରୀ ଶିଖିପୁଚ୍ଛକୁ ।୪।
ରାଧିକା ଭଜନ୍ତି ଅନା ବକପନ୍ତି
ନୀପତଳ ଗଗନକୁ
ପ୍ରିୟ ସଖୀ କହେ ବକପନ୍ତି ନୁହେ
କୃଷ୍ଣ ପୀନ ବସନକୁ ।୫।
ଭଣି କୃଷ୍ଣପ୍ରିୟା ଥରୁଛି ମୋ ହିଆ
ଦେଖି ସଖି ! ଏମାନଙ୍କୁ
ଗୌର ଦ୍ୱିଜ ଘଷେ ଗୃଳଯିବା ବାସେ
ଶୃହଁା ନା ନୀପ ମୂଳକୁ ।୬।

[ଶବ୍ଦ ସାତ]

ରୂପାନୁରାଗ

ଏଣୀନୟନାରେ ! ବାରେ ଗୃହାଁ ତୁ ଏଣିକି
ଛଇଳ ନଟ ନାଗରମୁକୁଟମଣିକି । ଘୋଷା ।
ଯେ ଦେଖିବ ଥରେ ତା କଟାକ୍ଷଗୃହାଣିକି
ଥିବ ନ ଯାଇକି ରଖି ପାରିବ ଆଣିକି ।୧।
ଶୁଣିଲେ ଥରେ ତାହାର ଇଙ୍ଗିତ ବାଣୀକି
ପତିବ୍ରତା ଧର୍ମ ଫିଙ୍ଗିଦେବ ସେ ପାଣିକି ।୨।
ଏ ସଂସାର ଶୋଭାସାର ସମ୍ପତ୍ତି ଗୁଣିକି
ବନ୍ଧୁର ଗୃହଆନନ ଅଛି କମାଣିକି ।୩।
ଧନ୍ୟ ବୋଲିବା ଏ ରୂପଗଢ଼ା ବନ୍ଧାଣିକି
ରସେ ରସାଣି ଦେଇଛି ପୀୟୂଷ ଗୁଣିକି ।୪।
ରବ ପୂଜା ସୁକୃତ ତୋ ହେଲି ଏଣିକି
ଆଣି ଉଚ୍ଚେ ଲମ୍ବା ମାଳ ରତନ ମଣିକି ।୫।
ଗୌର ଦ୍ୱିଜ ସଖେ ସଧେ ! ଶୁଣ ମୋ ବାଣୀକି
ଆଉ ହନେ ନ ରୁଷିବୁ ମୁରଲୀପାଣିକି ।୬।

[ଶବ୍ଦ ଆଠ]

ରୂପାନୁରାଗ

(ରାଗ କାରବାଣୀ ତାଳ ମିଶ୍ରରୂପ)

[ମନେ ପଡ଼ୁଛି ମାଁ ! ସେହି ଚନ୍ଦ୍ରମୁଖ ବୃତ୍ତ]

ଆଜ ମୁଁ ଦେଖିଲି ଲୋ ମୋହନ ମୂର୍ତ୍ତିକି । ଘୋଷା ।
ନାଚନେ ପତବରତ ଦକ୍ଷ ଯେ ଅନବରତ
ଅଭିନବ ମରକତ ରତନ କାନ୍ତିକି ।୧।

ନୀପମୂଳେ ନିକାଞ୍ଚନେ ଉଭାରଥିଲେ ଯତନେ
ହୃଦଭରିଆ ସୁନ୍ଦର ମୋ ନୟନ ସମ୍ପତ୍ତିକି ।୨।

ଶୋଭା ସୃଷ୍ଟି ପୁରନ୍ଦର ରସିକ ରସ ଶେଖର
ଗୋପୀହୃଦ ଘନସାର ନିକୁଞ୍ଜ ଦ୍ୱାଣ୍ଟିକ ।୩।

ଗଉରଚରଣ ଭଣି ଧନ୍ୟ ଗୋ କିଶୋରୀମଣି
କେଉଁ ବ୍ରତେ ମନାଇଛ ସେ ବଂଶୀପତିଙ୍କି ।୪।

[ଶହେ ନଅ]

ରୂପାନୁରାଗ

(ମଲ୍ଲିକାମଣିକ ଛନ୍ଦେ ବୃତ୍ତ)

ଅନାଇଁ ଦେଲି କାହ୍ନୁରେ କହ୍ନାଇଁ ଆଡ଼କୁ
ରାଜ ଘାଟ କେଳି ନୀପ ଲତା ଉହାଡ଼କୁ ଲୋ । ଘୋଷା ।

ଏତେ ଛନ୍ଦ ଅଛି ବୋଲି ନନ୍ଦ ପୁଅ ଠାରେ
ଜାଣି ତ ନ ଥିଲି ମୁହିଁ ଲୋ ସଜନି ! ପଡ଼ିଲି ହଟାରେ ।୧।

ପରଶ ପାଷାଣ ଜାତି ସେ କାଳିଆ ଗୃନ୍ଦ
ମୋ ପାଇଁ ଥିଲି କି ପାତି ଲୋ ସଜନି ! ତା ମୋହନ ଫାନ୍ଦ ।୨।

କି କୋମଳ ଗୁହ୍ୟବାଣୀ କହି ସେ ଜାଣଇ
ଚୁମ୍ବକ ଟାଣିଲା ପରି ଲୋ ସଜନି ! ଚିତ୍ତକୁ ଟାଣଇ ।୩।

ବେଶ ହୋଇ ନଟବଟେ ରହେ ସେ ଯେସନେ
ଚାହୁଁ ବଳି ଚଳିଯିବ ଲୋ ସଜନି ! କେ ଅବା କେସନେ ।୪।

ତା ମୁରଲୀ ବଜା ଖଣ୍ଡି ଫସାରେ କାହିଁଛୁ ?
କରେ ସେ ଯନ୍ତ୍ରର ସତେ ଲୋ ସଜନି ! କି କଳ ପାଇଛୁ ।୫।
କୋଟିଏ ସୁଧାର ତାର ଛଇ ଗୃହୁଣୀକି
ଧନ୍ୟ କେ ଆଣିଛୁ ତାକୁ ଲୋ ସଜନି ! ଗୋକୁଳପୁରୀକି ।୬।
ଗୌର ଦ୍ୱିଜ ବୋଲେ ରାଧେ ! ମିଛେ ସିନା ମାଇଁ
ଭୁମ୍ଭ ପ୍ରେମ ସୁଆଗିଆ ସେ ହଟିଆ ନାଗର କହ୍ନାଇଁ ।୭।

[ଶହେ ଦଶ]

ରୂପାନୁରାଗ

(ରାଗ କାମୋଦୀ ତାଳ ଏକତାଳୀ)

ଆଜ ଦେଖିଲି ବନମାଳୀକି ଗୋ
ଏ ପରା ଦଳିଥିଲେ କାଳୀ କି ଗୋ । ଘୋଷା ।
ବ୍ରଜବାଳକ ସଙ୍ଗେ ବନୁ ଆସନ୍ତି ରଙ୍ଗେ
ବଜାଇ ବେଣୁ ଶିଙ୍ଗା କାହାଳୀକି ଗୋ ।୧।
ବନ କୁସୁମେ ବେଶ କି ଶୋଭେ ପୀତବାସ
କର୍ଣ୍ଣେ କୁଣ୍ଡଳ କରତାଳିକି ଗୋ ।୨।
ବାମେ ବାନ୍ଧିଛି ଜୁଡ଼ା ଶିଖିଶିଖଣ୍ଡ ବେଡ଼ା
ଖୋସିଣ ରଙ୍ଗ ଜାମୁଡାଳିକି ଗୋ ।୩।
ଅଙ୍ଗେ ଗୋରଜ ଧୂଳି ଆସନ୍ତି ଚଳି ଚଳି
ଡାକନ୍ତି ଧବଳୀ ଶ୍ୟାମଳୀକି ଗୋ ।୪।

କ୍ଷୀର ଲବଣୀ ସର ଭୁଞ୍ଜାଇ କଲି ସ୍ଥିର
* ମୋହନ ସେବେ ପାଦ ତଳକ ଗୋ ।୫।

[ଶବ୍ଦେ ଏଗାର]

ରୂପାନୁରାଗ

(ରାଗ ପଞ୍ଚମ ବରାଡ଼ି ତାଳ ଜିପୁଟା)

ଅର୍ଯ୍ୟମା କେମାର କୂଳେ   କେଳି ହଳପ୍ରିୟ ମୂଳେ
ସଖି ! ମୁଁ ଦେଖିଲି ଯେଉଁ ରୂପ
ସେ ତ ଅତି ଚମତ୍କାର ,   କୋଟି ସୃଷ୍ଟି ଶୋଭାସାର
ଲାବଣ୍ୟ ପ୍ରତିମା ରସକୂପ ଗୋ
ପ୍ରିୟସଖି !
ନଟନଟବର ହବ୍ୟଠାଣି
ତହିଁ କେତେ ସୁଧା ଅଛି କେ ପାରିବ ଜାଣି ଗୋ ।୧।
ମାଳେନ୍ଦ୍ର ମଣି ଦର୍ପଣ   ନିଯୋଗିଲେ ପଣ ପଣ
ତା କାନ୍ତି ପଣକୁ ନୋହେ ସର

---

* ମୋହନ ଦାସ ୬ ଗୌରଚରଣଙ୍କର ପ୍ରିୟ ଶିଷ୍ୟ ଥିଲେ । ତେଣୁ କୃପାରେ ତାଙ୍କ ନାମରେ ଭଣିତା । ଏହି ମୋହନ ଦାସ ଅଧିକାରୀ ବାବାଜି ବୈଷ୍ଣବ ଚରଣଙ୍କ ଦାକ୍ଷାଗୁରୁ ଓ ଶ୍ରୀ ବଚ୍ଛନ୍ଦଚରଣ ପଟ୍ଟନାୟକଙ୍କ ଅଜାଗୁରୁ ।

ନବାମ୍ବୁଦ ମରକତ ଘନକଳା ଜଳଜ ତ
ଲଜ ପାଇ ଯିବେ ଅପସର ଗୋ!
ପ୍ରାଣମିତ !
ଦଳା ଅଞ୍ଜନ କ ହେବ ଲକ୍ଷ
ଖତମାଳ ତମାଳ ତ ହାରବେ ପ୍ରତ୍ୟକ୍ଷ ଗୋ ।।୨।

ନେତ୍ର ମନ ବିମୋହନ ସୁଲକ୍ଷିତ ଅଧଘନ
ସୌନ୍ଦର୍ଯ୍ୟ ସିନ୍ଧୁରେ ଗଲି ମଜ୍ଜି
ନ ପାଇଲି ଅଳ କୂଳ ମୋର ବନ୍ଧୁ ତରୁମୂଳ
ସନ୍ନିଧରେ କେଣେ ଗଲା ହଜି ଗୋ
ପ୍ରାଣସଖି !
ଆଜ ପାଉନାହିଁ ଲୋଡ଼ ଲୋଡ଼ି
ମୋ ଲଜ ମହତ ସେ ତ ଦେଲେ ଜାଳିପୋଡ଼ି ଗୋ ।୩।

ତାଙ୍କରୁ ତଳପା ଯାଏ ଉପମା ଦେବ କ ପ୍ରାୟେ
ତାହା ମୋତେ ଆସୁନାହିଁ କହି
ଉପାୟ କହ କ କର ହେବ ଶ୍ରୀପଦ କଙ୍କର
ଜାଡ କୂଳ ଶୀଳେ ମୁଁ ନ ରହି ଗୋ
ପ୍ରାଣଦୂତ !
ମାଗୁଅଛି ତୋତେ ମୁଁ ଏତିକ
ଭେଟାଇବୁ କ ମୋରେ ସେ ମାଳହାଣିକ ଗୋ ।୪।

———

[ଶଙ୍ଖ ବାର]

ରୂପାନୁରାଗ

(ସଖି ଗୋ ! ମୋର କୁଞ୍ଜକୁ ଆଜ ବୃନ୍ଦା)

ସଜନି ! ଶ୍ୟାମ ଶ୍ରୀଅଙ୍ଗଠାଣି
ବସି ଗଢ଼ିଥିଲା କେଉଁ ବନ୍ଧାଣି । ଘୋଷା ।
ଯେତେ ନୀଳଚାର ସାରକୁ ଆଣି
ଏକ କରି ତନୁ ଅଛୁ ନମାଣି । ୧ ।
ଚୂଳ ତଳକୁ ଲମ୍ବିଅଛୁ ବେଣୀ
କିବା ଖେଳ କରେ କାଳୀୟ ଫଣୀ । ୨ ।
ଭାଲେ ଗୋରଚନା ରଚନା ପୁଣି
ମଧୁର ହାସକୁ ବାଙ୍କ ଚାହାଣି । ୩ ।
ପୀତବାସ ବିଦ୍ୟୁ-ଝଟକ ଜିଣି
ଭୁଜେ ବନମାଳ କଣ୍ଠରେ ମଣି । ୪ ।
କଟୀରେ ଶୋଭନ କ୍ଷୁଦ୍ର କିଙ୍କିଣୀ
ପୟରେ ନୁପୂର ବଳା ବାଜେଣୀ । ୫ ।
ଦେଖି କାହା ଦମ୍ଭ ରହିବ ପୁଣି
ସୁରତ ଇଚ୍ଛିବେ ସୁର ତରୁଣୀ । ୬ ।
ଗୌର ଦ୍ୱିଜ ବୋଲେ ଶୁଣ ମୋ ବାଣୀ
ଦଇବ ଦେଲାଣି ତୁମ୍ଭକୁ ଆଣି । ୭ ।

[ଶଢେ ଢେର]

ରୂପାନୁରାଗ

(ରମାବର ! ଅନା ଶ୍ୟାମରୂପ ଦର୍ଶନ କ ସୁନ୍ଦର ବୃତ୍ତ)

ପ୍ରିୟ ଆଳି !

ନୃହାଁ କ ମାଧୁରୀ ଶ୍ୟା.. ଶୋଭଣୀୟ ଗୋ । ଘୋଷା ।
ମହେନ୍ଦ୍ରମାଳରଚନକାନ୍ତ ଜିଣି ଅପଘନ
ଚନ୍ଦ୍ରିକ ବଚନବେଶ ମୋହେ ତନ ପୁରୀ ଗୋ ।୧।
ଯଶୋଦା ନେନ ସଙ୍ଗାଳ ରସାମୃତ ବଟୀମାଳୀ
ଅଭିନବ ନଟବର ଭଙ୍ଗି ଚମତ୍କାରୀ ଗୋ । ୨ ।
ଅଖିଳ ବରଜବାସୀ ମାନଙ୍କ ଆନନ୍ଦ ଶଶୀ
ପ୍ରମତ୍ତ କଳା କୁଞ୍ଜର ନିକୁଞ୍ଜ ବିହାରୀ ଗୋ । ୩ ।
ଦୁଃଖ ପାଶୋର ଶ୍ରୀରଙ୍ଗ ଲାବଣ୍ୟ ଠାଣି ତ୍ରିଭଙ୍ଗ
କ ସୁନ୍ଦର କେଳି ନୀପ ମୂଳରେ ଉଭାର ଗୋ । ୪ ।
ବସି କେଉଁ ବିଶ୍ୱକର୍ମା ଗଢ଼ିଥିଲା ଏ ପ୍ରତିମା
ନାଗରୀଙ୍କ ଶିରଅବତଂସ ବଂଶୀଧାରୀ ଗୋ । ୫ ।
ଦ୍ୱିଜ ଗୌର କହେ ସଖି ଶୁଣ ଗୋ ସନ୍ଦୁ ଦୁଲ୍ଲଭ !
ସେ କାମ ମୋହନ ତୁମ୍ଭ ପ୍ରେମର ଭିକାରୀ ଗୋ । ୬ ।

[ଶବ୍ଦ ଚଉଦ]

ରୂପାନୁରାଗ

(ରାଗ ଖଣ୍ଡକାମୋଦ ତାଳ ଆଠତାଳୀ)

[ମୁରଲୀ ତୋରେ ଶରଣ ଗଲି ବୃତ୍ତ]

ଶ୍ୟାମ ତ୍ରିଭଙ୍ଗି ଛଇଳ ମୋ ସଙ୍ଗିନି !!
ବାମନୟନୀଙ୍କି କରଇ ବାଇ ଲୋ । ଘୋଷା ।

କଳା ଘନେ ଚଳାକସ୍ଫୁରି ଛଟା
ବଳାନୁଜଙ୍କୁ ସେ କେଡ଼େ ଶୋଭତା ।୧।

ଶିଖିପୁଚ୍ଛ ଗୁଚ୍ଛ ସେ ବାଙ୍କ ଚୂଳେ
ଖଞ୍ଜିଛି କେ ରଙ୍ଗେ ମାଳବକୁଲେ ଲୋ ।୨।

କଣ୍ଠେ ଗନ୍ଧଫଳ କଳୀର ପ୍ରଭା
ଦେଖି ନ ଭୁଲିବ କେଉଁ ବଲ୍ଲଭା ଲୋ ।୩।

ହଳପ୍ରିୟମାଳୀ ଜାନୁକୁ ବଳ
ଦୋଳା କେଳ କରେ ଅନାକ ଭଳ ଲୋ ।୪।

କରେ ଧରେ ଯେଉଁ ମୋହନ ବଂଶୀ
କେ ବସିବ ଦେଲେ ଅଧରେ ଦଂଶି ଲୋ ।୫।

କୁନ୍ତଳ ହୃଦର ଭେଳକ ଲଗା
କଳିନ୍ଦଜାକୂଳ ସରଣୀଜଗା ଲୋ ।୬।

ଭୂଦେବ ଗଉର ଚରଣ ଯାଚି
ଯେ ହେଉ ସେ ହେଉ ହେବ ତା ଦାସୀ ଲୋ ।।

[ଶବ୍ଦେ ପନ୍ଦର]

ରୂପାନୁରାଗ

ଶ୍ୟାମଶୋଭା ଠାଣି ସେ ବଙ୍କଭଙ୍ଗି ଭାଣି
ଅଳ୍ପକେ ନୁହଇ   କଳ୍ପେ କଳ୍ପେ କଳ୍ପି
ଗଢ଼ି ଥିଲା ଧନ୍ୟ ଧନ୍ୟ ବନ୍ଧାଣୀ ॥
କି ସୁନ୍ଦର ଶିରେ ଚନ୍ଦ୍ରକ ଚୂଡ଼ା
କୂଳବଧୂ କୁଳ ବରତ ଛଡ଼ା
ବକୁଳ କୁସୁମ   ତହିଁରେ ସୁଷମ
କଟୀ ତଳକୁ ଲମ୍ବିଅଛି ବେଣୀ ।୧।
ବେନି ଶ୍ରବଣରେ ରତ୍ନ କୁଣ୍ଡଳ
ଦୋହଲି ଖେଳଇ ଗଣ୍ଡ ମଣ୍ଡଳ
ଗୋରଚନା ଚିତା   କପାଳେ ଶୋଭିତା
ନାସେ ଗଜମୋତିଦର ବସଣୀ ।୨।
ମୁଖେ ମନ୍ଦହାସ ଯେମନ୍ତ ଶୋଭା
ଦେଖିଲେ କେ ଅବା ନୋହିବ ଲୋଭା
ଓଠରେ ସୁଢଦକ   ଦଶେ ଜକ ଜକ
ଦେଖି ଦକ ଦକ ହେବେ ତରୁଣୀ ।୩।
ଶ୍ରୀକରେ ରତନ କଙ୍କଣ ସାର
ଲମ୍ବିଅଛି ବଇଜୟନ୍ତୀ ହାର
କଟୀତଟେ ପୀତ   ପଟ ବିଝଳିତ
କଳିଣି ମାନସ ନଅଇ କିଣି ।୪।
ପାଦରେ ନୂପୁର ନାଦ ଝମକ
ଶୁଣି କୁଳବଧୂ ଚିତ୍ତ ଚମକ

ରତ୍ନ ପାଦୁକାକୁ ନୟନେ ନରେଖି
ଧନହୀନ ଜନ ଗଞ୍ଜର ଭଣି ।୫।

[ଶହେ ଷୋଳ]

ରୂପାନୁରାଗ

(ରାଗ ଖମ୍ବାଜ ତାଳ ପହପଟ)

ଅନା ଲୋ ସହି ! କହ୍ନାଇଁ ଠିଆ ଠାଣିକି
ସରି କେ ହୋଇବ ତିନ ଭୁବନେ ବଂଶୀପାଣିକି । ଘୋଷା ।
ତା ଯେଉଁ ତ୍ରିଭଙ୍ଗି ଛବି ବିଲୋକିଲେ ଆଖିଆର
ଏ ଗୋପପୁରେ କେଉଁ ଗୋପୀ ରଖି ପାରିବ ଆଣିକି ।୧।
ବୃନ୍ଦାବନ କଳାକର ନଟନାଗର ଶେଖର
ସ୍ୱର୍ଗଦେବ ସଜ୍ଜଙ୍କର ବରତ ଥାଅ ଜାଣି କି ।୨।
ମାର ମୋହନ ମୂରତି ରଙ୍ଗି କେ ପଡିବ ରଣେ
ନ ଇଚ୍ଛିବ ଅବା ପ୍ରୀତି ବନେ ଶ୍ରୀଷିଣ ବାଣୀକି ।୩।
ଭଣେ ଗୌର ଦ୍ୱିଜ କହ ମିଛ ନୁହେ ଆଲୋ ସହି !
କେ ଶୁଣିବ ଧୈର୍ଯ୍ୟ ବହି ତା ଉମାଳ କାହାଣୀକି ।୪।

[ଶହେ ସତର]

ମୋହନ ସୁବେଶ

(ରାଗ ଭଟିଆରି ତାଳ ଖେମଟା)

ବାଳଗୋପାଳ ମଣ୍ଡଳୀ ରୁଚିବେଶ ବନାଇଁ
ପଛ ପଟୁଆରେ ବିଜେକଲେ ଶ୍ୟାମ କହ୍ନାଇଁ ।୧।

ମଧ୍ୟେ ବେଣୁଧର ଚଉପାଶେ ଗୋପକୁମର
ଆକାଶରେ ଥାଇ ତାହା ଦେଖୁଛନ୍ତି ଅମର ।୨।

କେ ବଜାଏ ଶିଙ୍ଗା ବେଣୁ କେହୁ ଧରେ ତାଳକ
କେ ଖେମଟା ରଙ୍ଗେନାଚେ ଗୃହୀଁ ବନମାଳୀଙ୍କ ।୩।

କେହୁ ଡଗ ମାରେ କେହୁ କରେ ଧାଆଁ ଧାଉଡ଼
ବେନି କରେ ଧରି କେହୁ ବୁଲଉଛି ଲଉଡ଼ି ।୪।

ସମସ୍ତଙ୍କୁ ସମସ୍ତେ ଅଟନ୍ତି ବଡ଼ ଭଙ୍ଗିଆ
ସବୁ ନଟକୃତ କରିବାକୁ ନବରଙ୍ଗିଆ ।୫।

ବଜାଏ ଜଗମୋହନ ବଂଶୀ କର ଧରଣ
ଗୋପଦାଣ୍ଡେ ମଣ୍ଡୁଛନ୍ତି ଲୀଳାଗତି କରଣ ।୬।

ସାବଧାନେ ବଜେଇକର ବୋଲ କେ ଜଣାଉଛି
ଗଉରଚରଣ ଦ୍ୱିଜ ପହଣ୍ଡ ମଣାଉଛି ।୭।

— — —

[ଶବ୍ଦେ ଅଠର]

ଗିରଟେକା

(ରାଗ ଲଳିତ ମଞ୍ଜରୀ)

କୋମଳ କରଣ ରାଣୀ ଶ୍ରୀକୃଷ୍ଣଙ୍କୁ କହେ ବାଣୀ
ଶ୍ୟାମଘନ ରେ ବାପ ଜୀବଧନରେ
ମୋ ନେତ୍ର ସମ୍ପତ୍ତି କଳାକାହ୍ନୁ
ଏ ସଂସାରେ ଭାଗ୍ୟବନ୍ତୀ ତୋତେ ମୁଁ ପାଇଲି ଧନୁ ।୧।

ଦଣ୍ଡେ ହୋଇଲେ ଉଚ୍ଛୁର   ହୋଇବେ ହେଉ ଥରଥର
ଶ୍ୟାମଘନ ରେ ବାପ ଜୀବଧନ ରେ
କାଲିଠାରୁ ନାହିଁ ତ ଭୋଜନ
କେତେ ଶୁଖିଲା ଦିଶୁଛି ତୋ ଚନ୍ଦ୍ରବଦନ ।୨।
ନିଶିଘଡ଼ି ଦୁଇ ନୋହୁଁ   ନିଦେ ଢଳି ପଡ଼ୁଥାଉ
ଜୀବଧନ ରେ ବାପ ଶ୍ୟାମଘନ ରେ
କାଲି ଉଜାଗର ଧନ ଗଲ
ଘୂର୍ଣ୍ଣିତ ଦିଶୁଛି ନବନୀଲ ଇନ୍ଦୀବର ନେତ୍ର ।୩।
ବଂଶୀ ଅବା କେତେ ଗରୁ   ଦଣ୍ଡେ ଯେବେ ତାକୁ ଧରୁ
ଜୀବଧନ ରେ ବାପ ଶ୍ୟାମଘନ ରେ
କରୁଥାଉ ଏ ହାତ ସେ ହାତ
ବ୍ୟଥା ପାଇବଣି ଭୁଜ ଧରିବାରୁ ଏ ପର୍ବତ ।୪।
ଯୋଏ ଧରିଥାନ୍ତୁ ଗିରି   ତୁ ବାନ୍ଧୁ ଭୋଜନ ସାରି
ଜୀବଧନ ରେ ବାପ ଶ୍ୟାମଘନ ରେ
ପୁଣି ସଙ୍ଗେ ଧରିବୁ ମନ୍ଦର
ଆସ ମୋ ରାଣ ଟି ବାପ ନୟନ ଘନ ସୁନ୍ଦର ।୫।
ଯଶୋଦା ବଚନ ଶୁଣି   ସକଳ ବାଳକେ ଭଣି
ଶୁଣ ରାଣୀ ଗୋ ! ମାତ ଠାକୁରାଣୀ ଗୋ
ବାମଭୁଜେ ଗିରି ଗୋବର୍ଦ୍ଧନ
ବଢ଼ାଇ ଦିଅ ଦକ୍ଷିଣ କରେ କରନ୍ତୁ ଭୋଜନ ।୬।
ପୁଅଙ୍କ କଥାକୁ ଜାଣି   ସୁବର୍ଣ୍ଣ ଥାଳରେ ରାଣୀ
ଦିବ୍ୟ ଅନ୍ନ ସେ ଘୃତେ ପରିପୂର୍ଣ୍ଣ ହେ
ଷଡ଼ରସ ବିବିଧ ବ୍ୟଞ୍ଜନ
ଉଭାହୋଇ ସଙ୍ଗେ କୃଷ୍ଣ କରନ୍ତି ଭୋଜନ ।୭।

ଥାଳି ଧର ନନ୍ଦରାଣୀ ତହୁଁପାଶେ ଫେର ଫେର
ପରଶନ୍ତି ସେ ମାଏ ଯଶୋବନ୍ତୀ ହେ
ସଙ୍ଗ ପୋଏ ଭୋଜନ କରନ୍ତି
ଆନନ୍ଦରେ ଗୋପ ଗୋପୀମାନେ ଅନାଇ ଅଛନ୍ତି ।୮।
କେ ବୋଲଇ ଧନ୍ୟ ଧନ୍ୟ ଅମର ପୁର ରାଜନ
ଭଲ ଭଲ ସେ ଇନ୍ଦ୍ର କ ନ କଲା ଗୋ
ଏ ଶିଶୁ ସମ୍ପତ୍ତି ଦେଖାଇଲା
କେ ବୋଲଇ ଆମ୍ଭ ନେଷ କେତେ ତପ କରିଥିଲା ।୯।
ସୁବାସିତ ନିର ଆଣି ମୁଖ ଧୋଇଦେଲା ରାଣୀ
ବସ୍ତ୍ରେ ପୋଛୁ ସେ ମୁଖ ନନ୍ଦବଧୂ ହେ
ଗଉର ଚରଣ ଏହା ଇଛି
କନକ ଥାଳିରେ ଅବଶେଷ ଅନ୍ନ ଯେତେ ଅଛି ।୧୦।

[ଶବ୍ଦ ଉଣେଇଶ]

କୃଷ୍ଣ କରଣି

(ରାଗ ମୋହନା ତାଳ ଝୁଲା)

ଶୁଣ ନନ୍ଦରାଣି ଗୋ ! ତୁମ୍ଭ ପୁଅ କାହାଣୀ
ନଟବର ବେଶ ହୋଇ ନୀପମୂଳେ
ମୋହନ ମୁରଲୀ ବଜାନ୍ତି ପୁଣି । ଘୋଷା ।
ନାନା ଜାତି ବନ କୁସୁମ ସୁଷମ
ଅତି ମନୋହର ଚକୁର ବେଣୀ
ଚୂଳ ଉପରକୁ କ ଶୋଭା ଦଶଇ
ମୟୂର ପୁଚ୍ଛ ଚନ୍ଦ୍ରକ ଖଞ୍ଜଣୀ ।୧।

ମକର କୁଣ୍ଡଳ କର୍ଣ୍ଣେ ବିରାଜିତ
ଭାଲେ ଗୋରଚନା ନାସାରେ ମଣି
କମ୍ବୁକଣ୍ଠେ ଜମ୍ବୁନଦର ପଦକ
କଟୀରେ ଖଞ୍ଜିଛି କ୍ଷୁଦ୍ର କିଙ୍କିଣୀ ।୨।
ଶ୍ରୀଭୁଜେ ରତନ କଙ୍କଣ ଜଡ଼ିତ
ପଦ୍ମରେ ନୂପୁର ବଳା ବାଜେଣି
ଆଭରଣ ପୀତ ବସନ ଝଟକ
ନବଘନେ ଯେହ୍ନେ ସଉଦାମିନୀ ।୩।
ହସ ମନ୍ଦ ମନ୍ଦ ପ୍ରକାଶି ଗୋବିନ୍ଦ
ମୁରଲୀ ଉପରେ ନବେଶି ପାଣି
ଭୂରୁଭଙ୍ଗି କି ତା ଦୂରୁ ଅନାଇଲେ
ମାନ ମାନସରୁ ପକାଏ ହାଣି ।୪।
ସେ ମୁରଲୀ ସ୍ୱନ ଶୁଣିଣ ତପନ—
ନନ୍ଦନୀ ଉଚ୍ଛୁଳି ବହେ ଉଜାଣି
ମୀନ ଭେକ ଜଳ କୂଳରେ ପଡ଼ନ୍ତି
ଶିଳାମାନେ ଦ୍ରବ ହୁଅନ୍ତି ପାଣି ।୫।
ବତ୍ସ ସ୍ତନପାନ ତେଜଣ ମଉନ
ହୋଇ ଶୁଣନ୍ତି ତା ମୁରଲୀ ବାଣୀ
ଶାର୍ଦ୍ଦୂଳ କୁରଙ୍ଗ ହୁଅନ୍ତି ଏକସଙ୍ଗ
ନକୁଳର ସଙ୍ଗେ ଖେଳଇ ଫଣୀ ।୬।
ଶୁଣ ଏ ଗୋ ମାଏ ଜାଣିଲୁ ନଷ୍ଟଏ
ସେ ତୁମ୍ଭ ତନୟ ହୁଅନ୍ତି ପୁଣି
ତ୍ରିଭୁବନ ସାର ମୋହନ ମୂରତି
ଏ ଗୋପେ ଦଇବ ଛୁଡ଼ିଛି ଆଣି ।୭।

ଶୁଣି କୃଷ୍ଣଙ୍କ ବାଣୀ ଯଶୋଦାରାଣୀ
ସନ୍ତୋଷେ ଗୋପୀଙ୍କି ଦେଲେ ମେଲାଣି
ହରଷରେ ନାରୀ ଧବଘରେ ବସି
ସେ ଦ୍ଵିଜ ଗୋବିନ୍ଦ ଚରଣ ଭଣି ।୮।

[ଶଙ୍କର କୋଡ଼ିଏ]

ଗୋପବାଳକ ଉକ୍ତି

(ଝୁଲା ଚଉପଦୀ)

ଶ୍ୟାମ ଗୁଡ଼ି ନ ଦେବୁ ବାଟ
ଦେଇ ଯାଅ ନୂଆ ଗୋପାଳ ଘାଟ । ପଦ ।

ଛନ୍ଦା ଛନ୍ଦି କର ଭୁ କର
ମଧ୍ୟେ ବ୍ରଜରାଜ କିଶୋର
ଭଲି ଭଲି ବାଳଗୋପାଳ ମଣ୍ଡଳି
ଆନନ୍ଦେ କରନ୍ତି ଗଉଡ଼ ନାଟ ।୧।
ତୁମ୍ଭେ ବାଞ୍ଛାଦାତା ମୋହନ
ଆମ୍ଭ ଆଶା କରିବ ପୂର୍ଣ୍ଣ
ଦିଅ ରତ୍ନହାର ପଦକ କୁଣ୍ଡଳ
କାହିଁକି ମୋହନ ଦେଉଛ ଜାଠ ।୨।
ହସି କୃଷ୍ଣ ବୋଲନ୍ତି ଶୁଣ
ଲେଉଟାଇ ଦେବା ମାଗଣ
ଶୁଣି ଗୋପସୁତ ବୋଲନ୍ତି ହେ ମିତ !
ଅମ୍ଭେମାନେ ପଢ଼ି ନାହୁଁ ସେ ପାଠ ।୩।

କୃପାନିଧି ! କରୁଣା କର
ଦେଇଯାଛି ଅଭୟ ବର
କହେ ଗୌର ନଟନାଗର ପାଲଟ
ଲଟ ଦେଲେ ଶିରେ ବାନ୍ଧିବୁ ପାଟ ।୪।

[ଶହେ ଏକୋଇଶ]

ରାଧା ଭୂତାବେଶ

(ରାଗ ଖମ୍ବାଜ ତାଳ ଯତପଟ)

ସେ କାଳିଆଭୂତ ଲାଗିଛି ରାଧାକୁ ସହି
କେ ଜାଣେ କେଉଁ ଗୁଣିଆ କବା ମନ୍ତ୍ର ପାଙ୍ଗିଛି ॥
କୃଙ୍କାର ଶବଦ ଶୁଣି ହୁଙ୍କାର ଗର୍ଜନେ ପୁଣି
ଫୁଙ୍କାରରେ ହୁଏ ଗୁଣି ଲୁକାଇ ତା ଭାବ କହୁ ।୧।
ଉଡ଼ିଗଲେ କୋଇଲିଟି ବୋଲେ ମୁଁ ତୋ ପୋଇଲିଟି
କଳା ଅରବିନ୍ଦ ଦଳ ବକ୍ଷେ କପାଁ ଦିଏ ବାଞ୍ଛ ।୨।
ନୀଳ ମେଘେ ଦେଇ ଦୃଷ୍ଟି କ ଭାବ ଭାବ ବିମୋହି
ହସି ହସି ଦରକଣ୍ଠୀ କଇଁ କଇଁ ତ କାନ୍ଦୁଛି ।୩।
କେଶ ବାସ ଅସମ୍ଭାଳେ ଏକାଇ ତମାଳ ମାଳେ
ବୁଲି ବୁଲି ଧରି ବଳେ ଶ୍ୟାମକର ନ ଛାଡ଼ୁଛି ।୪।
ଗଉର ଚରଣ ଭାଷେ ଏହା ମୋ ମନକୁ ଆସେ
ନଶ୍ଚେ ଧନୀ ମନଧନ ମୋହନକୁ ସମର୍ପିଛି ।୫।

[ଶହେ ବାଇଶି]

ଦଧିଗୀତ

ଦଧି କେ ନେବ ଗୋ ବିଳମ୍ବ ନ କର ଆସ
ସବୁଠୁଁ ସରସ ଏ ଗୋପ ଗୋରସ
ଯାର ମହ ମହ ବାସ ।ଘୋଷା।
ଏ ଦଧିର ସିଧି ନ ଜାଣନ୍ତି ବିଧି
ଆନ ବା ଜାଣିବ କାହିଁ
ଗୋପପୁର ବିନୁ ତିନି ଭୁବନରେ
ଖୋଜିଲେ ମିଳିବ ନାହିଁ ।୧।
ନିତ ସେ ନୂତନ ନୁହେ ପୁରାତନ
ସର୍ବଦା ସମ୍ପୂର୍ଣ୍ଣ ମିଠା
ଏମନ୍ତେ ଅନେକ ଯୁଗ ବହିଗଲେ
ତେବେହେଁ ନୋହିବ ଖଟା ।୨।
ଦଧି ଦୁଗ୍ଧ ଘୃତ ଲବଣୀ ସହିତ
ଆଉର ଅଛଇ ଛେନା
ଏହି ପଞ୍ଚ ଦ୍ରବ୍ୟ ସ୍ୱାଦୁ ସଉରଭ
ଚାଖିଲେ ଜାଣିବ ସିନା ।୩।
ଏ ଦଧିକି ଆଶ କରଣ ମହେଶ
ତେଜି କୈଳାସ ଭୁବନ
ଗୋପେଶ୍ୱର ନାମ ବହି ଗୋପଗ୍ରାମ
ନିତ ଦହି ମରଦନ ।୪।
ଧନେ କୃଶପାଣି ମହିମା ନ ଜାଣି
ବସ୍ତ୍ରବାଳ ହରିନେଲେ

ଜ୍ଞାନ ପାଇ ପୁଣି ସମର୍ପିଲେ ଆଣି
ଦଧି ଅନ୍ନ ସେବାକଲେ ।୫।
ପୁଣିହିଁ ନାରଦ କରି ବୀଣା ବାଦ୍ୟ
ଗୋପରେ ମିଳିଲେ ଆସି
ଶୁଣିଣ ସେ ଘୋଳ ସେ ଦଧିଁ ଶେ ପାଳ
ମନ୍ତ୍ରରେ ହୋଇଲେ ଋଷି ।୬।
ଏ ସବୁ ଲବଣୀ ଗୃହି ବେଣୁପାଣି
ଓଲିଆ ହୋଇଲେ ପରା
କଲେ ହରି ଚୁରି ଏ ଗୋପ ନଗରୀ
ଆବର ପଡ଼ିଲେ ଧରା ।୭।
କେହୁ କେତେ ଗାଳି ଦେଲେ ଗୋପବାଳୀ
ପଡ଼ିଲା ହଷମ ଧନ୍ଦା
ସେ ନନ୍ଦନନ୍ଦନ ସାମଳା ଅର୍ଜୁନ
ତଳେ ହୋଇଥିଲେ ବନ୍ଧା ।୮।
ଏ ଦଧିର ଗୁଣ କହୁଅଛି ଶୁଣ
ଏତିକ ଲକ୍ଷଣ ଅଛି
ଶକ୍ୟ ବଳେ ପାନ କରିଥିଲେ ଆନ
ରସ ନ ରୁଚଇ କଛି ।୯।
ନ ଲଗିବ କ୍ଷୁଧା ନ ଲଗିବ ବାଧା
ତାପ ତୃଷ୍ଣା ହେବ ଶାନ୍ତ
ଦଧି ଦନ ତନୁ ନୂତନ ଦଶିବ
ଫୁଟି ବଗ୍ଜବ କାନ୍ତ ।୧୦।
କହିଲୁଁ ସତ ଶୁଣ ପ୍ରାଣମିତ
ଅପ୍ରତେ ନ କର ଏଣେ

ଏ ଦହି ଖାଇଲେ   ଏ ଦେହକୁ ଛାଡ଼ି
    ଆମ୍ଭ ସଙ୍ଗେ ହେବ ଜଣେ ।୧୧।
ଆଶ ଥିଲେ ଆସ   ନ ଥିଲେ ନ ଆସ
    ମନ୍ଦିରକୁ   ଫେରିଯାଅ
ଯାର ନାହିଁ ଧନ   ଥିବ ଅବା ମନ
    କାଲି ହେଲେ ନେଇଆଅ ।୧୨।
ଆନ ଧନ ମାନ   ହେବ କି ସମାନ
    ଏ ପଦାର୍ଥ କିଣିବାକୁ
କଉତୁକ କରି   ଆସିଅଛୁ ଫେରି
    ତୁମ୍ଭ ମନ ଜାଣିବାକୁ ।୧୩।
ନାନା ପ୍ରେମଭକ୍ତି   ସେ ଗୋପ ଯୁବତୀ
    ମଥୁରାନାରୀଙ୍କି   କହି
ଦ୍ୱାରେ ଦ୍ୱାରେ ଫେରି   ସକଳ ଆଭିରୀ
    ଆନନ୍ଦେ ବିକଲେ ଦହି ।୧୪।
ସାରି କାରବାର   ଯେପରି ଯାହାର
    ଗୋପକୁ ଚଳିଲେ ସ୍ୱଚ୍ଛେ
ଗଉରି ଚରଣ   ଆଶା କରି ପୁଣ
    ଧାଇଁଛି ଗୋପୀଙ୍କ ପଛେ ।୧୫।

[ଶବ୍ଦ ଚେଉଣ]

ଚୋଲଗୀତ

ଚୋଲି କେ କେବରେ ବହନ ହୋଇଣ ଆସ
ବୃନ୍ଦାବନ କୋଳି ଅମୃତରୁ ସ୍ୱାଦ
କର୍ପୂରକୁ ଜିଣି ବାସ । ଘୋଷା ।
ଯାର ମନଧନ ଅଛି ସେ ବହନ
ଏ ଫଳ ମୂଲଇ ନିଅ
ଆଗ ପାନ କର କେମନ୍ତେ ମଧୁର
ପଛନ୍ତେ କଉଡ଼ି ଦିଅ ।୧।
ଦ୍ରାକ୍ଷା ବୋଲି କରି ଏକ ଫଳ ଅଛି
ତା ଠାରୁ ମଧୁର ନାହିଁ
ଦମୟନ୍ତୀ ଚେଜ ଦାସୀଭାବ ହେଲେ
ସେ ଫଳର ସ୍ୱାଦୁ ପାଇ ।୨।
ଆବର ନାରଙ୍ଗ ଆଣିଛି ସୁରଙ୍ଗ
ସେ ବଡ଼ ଶୀତଳ ରସ
ନାମ ହେଜ ମଜ୍ଜି ପାନ କରିଥିଲେ
କ୍ଷୁଧା ତୃଷା ଯିବ ନାଶ ।୩।
ଆଣିଅଛି ଜାମ୍ବୁ ଜମ୍ବିଲ ଭଙ୍ଗିଅ
ମହୁଲ ଲେଖନ କୋଳି
ଖିର୍‌କୋଳି ଗୁର- କୋଳି ବରକୋଳି
ବନରୁ ଆଣିଛି ତୋଳି ।୪।
କରମଙ୍ଗା ବୋଲି ଏକ ଫଳ ଅଛି
ସେ ଫଳର ଛନ ଅଂଶା

ତାକୁ ଖାଇଥିଲେ ନିତାପ ଛୁଟଇ
ଆବର ନ ଥାଇ ହିଂସା ।୫।
ଅଛୁ ନରକୋଳି ସୁସଞ୍ଜ ଖଜୁର
ବେତକୋଳି ବଡ଼ ମିଠା
ଲେଖନ କୋଳିର ଏତିକ ଲକ୍ଷଣ
ଅଳପ ଲଗଇ ଖଟା ।୬।
କଦଳୀ ସୁବର୍ଣ୍ଣା କପିଥ୍ଥ କାନ୍ଥଆ
କମଳା ଏ ପଞ୍ଚ ଫଳ
ସବୁ ରୂପ ରସ ସ୍ପର୍ଶ ଗନ୍ଧ ମିଶି
ପଞ୍ଚରସ ଯାକ ଠୂଳ ।୭।
କୁଟିଲ କପଟ ବିଷୟ ଲମ୍ପଟ
ଛାଡ଼ ଏ ଫଳକୁ ଭକ୍ଷ
ଶ୍ରୀକୃଷ୍ଣ କୃପାରୁ ଅବଶ୍ୟ ଲଭିବ
ଧର୍ମ ଅର୍ଥ କାମ ମୋକ୍ଷ ।୮।
ଯେବେ ବ୍ୟାଧିମନ୍ତ କରିବ ବାଞ୍ଛିତ
ଆରୋଗ୍ୟ ହୋଇବ ତନୁ
ଦରିଦ୍ରକୁ ଧନ ମୂର୍ଖକୁ ପଣ୍ଡିତ
କରିବେ କାଳିଆ କାହ୍ନୁ ।୯।
ନାରୀମାନେ ଯେବେ ଏ ଫଳ ଗ୍ରହିବେ
କୃଷ୍ଣେ ହେବେ ଅନୁରାଗୀ
ଧନବନ୍ତ ପୁତ୍ର— ବନ୍ତ ସୁଲକ୍ଷଣୀ
ସଦା ସ୍ୱାମୀସଉଭାଗୀ ।୧୦ ।
ଆଗୋ ଗୋପ ଗୋପି ! ତୁମ୍ଭେ ବଡ଼ ତପୀ
ଏ ଫଳକୁ ଗ୍ରହିଥାଅ

ମନୋରଥ ପୂର୍ଣ୍ଣ ହୋଇବ ବନ୍ଧନ
କଦମ୍ବ ମୂଳକୁ ଯାଅ ।୧୧।
ଗୌରର ଚରଣ ଏ ଅନୁସରଣ
କରନ୍ତୁ ବ୍ରଜକୁ ଯିବ
ଦ୍ୱାରେ ଦ୍ୱାରେ ଫେରି ମାଗି ମାଧୁକରୀ
କୁଣ୍ଡଳରେ ପଡ଼ିଥିବ ।୧୨।

[ଶଦେ ଚବଶ]

କଂସ ଆଜ୍ଞା

ଗୋ ଶୁଣ ଏକଥା ଅତ ବଡ଼ମଣ
ଲଗିଛି ଅଘଟ ଘଟଣ ଗୋ ଶୁଣ । ପଦ ।
ରାଜା ପେଶିଛି ଚର ପଦ୍ମ ସହସ୍ରେ ଘର
ଦେବେ ଏ ଗୋପଲୋକେ ପୁଣ ଗୋ ।୧।
ତାହା ପ୍ରାଣକୁ କାର ଆଶା ନାହିଁ ବଞ୍ଚିର
ଜାଣି ଲୋଡ଼ିବ ମରଣ ଗୋ ।୨।
ଏତେ ନିର୍ଦ୍ଦୟ କଂସ ମାରିବ ଆତ୍ମ ବଂଶ
ତେଣୁ କରନ୍ତି ଏ ଭିଆଣ ଗୋ ।୩।
ସବୁଦିନେ ତାହାର ଗୋପକୁ ଅହଂକାର
କାହିଁକି ଏତେ ଦାରୁଣ ଗୋ ।୪।
କେ ବୋଲେ କି କରିବା କାହାକୁ ପଗ୍ଭରିବା
କେ ଅବା ରଖିବ ଶରଣ ଗୋ ।୫।

କେ ବୋଲେ କପାଁ ଡର   କୃଷ୍ଣ ଚନ୍ଦ୍ର ଆମ୍ଭର
        ଅବଶ୍ୟ କରିବେ ରକ୍ଷଣ ଗୋ ।୬।
କେତେ କେତେ ଦଇତ   ନ କଲେ କ ଉତ୍ପାତ
        ସମସ୍ତେ ଲଭିଲେ ମରଣ ଗୋ ।୭।
ଅଘା ଶକଟା ବକା   ତୃଣାବର୍ତ୍ତ ଧେନୁକା
        କ୍ଷୀର ସଙ୍ଗେ ପୂତନା ପ୍ରାଣ ଗୋ ।୮।
ଏ ମାନ ଶୁଣି କଂସ   କୃଷ୍ଣଙ୍କୁ କର ରୋଷ
        କରିଛୁ ଏ କୂଟ ଭିଆଣ ଗୋ ।୯।
ଗଉଡ଼ ଦ୍ୱିଜ କହେ   ନ କର କିଛୁ ଭୟେ
        ଯା ନାମ ମାନଉଦ୍ଧାରଣ ଗୋ ।୧୦।

[ଶରେ ପଚିଶି]

ଗୋପବାଳକ ବିଳାପ

(ଚାଳ-ଝ ପଟା)

ଆହେ ହରି ହେ ହରି ହେ
ସାରଦେଲ ଗୋପପୁରଶିରୀ ହେ । ଘୋଷା ।
ଆମ୍ଭମାନଙ୍କ ଜୀବନ ନ ଯାଏ କାହିଁକି
ରହିଛି ପିଣ୍ଡେ କି ସୁଖ ପାଇବା ପାଇଁକି ।୧।
ଅକାଳ ଚଢ଼କ ପଡ଼ିନାହିଁ ଆମ୍ଭ ମୁଣ୍ଡେ
କେମନ୍ତେ ଗଲବୁ ଆମ୍ଭେ ଗୋପପୁର ଦାଣ୍ଡେ ।୨।
ନନ୍ଦରାଣୀ ଶୁଣିଲେ କି ଜୀବନ ଧରିବେ
ଗୁଣ ଘୋଷି ବ୍ରଜବାସୀ ନଷ୍ଟପ୍ରୂ ମରିବେ ।୩।

ବିସ୍ମରିଥିଲୁଁ ମନରେ ସମସ୍ତ ବାଳକ
ତୁମ୍ଭ ସଙ୍ଗେ ସଙ୍ଗ ହୋଇ ବଞ୍ଚିବୁ କାଳକ ।୪।
ଏତେ ବଡ଼ ମନୋରଥ ବିଅର୍ଥରେ ଗଲା
ସ୍ୱପନ ସମ୍ପତ୍ତି ପ୍ରାୟ ବିହି ଭଙ୍ଗି ଦେଲା ।୫।
କାହାକୁ କହିବୁ ଶ୍ଳେଷ କରୁଣ ଇଙ୍ଗିତ
ଅହୋରାତ୍ର କାହା ଆଗେ କରିବୁ ସଙ୍ଗୀତ ।୬।
ଏହିରୂପେ ଅନେକ ରୋଦନ କଲେ ସୂତେ
କେହୁ ଗଡ଼େ କେହୁ ପଡ଼େ କେ ରହେ ମୂର୍ଚ୍ଛିତେ ।୭।
ଗୌରହରି କାନ୍ଦିବୋଲେ ଏହି ଆଜ୍ଞା ହେଉ
ତୁମ୍ଭ ନାମ ଧରି ମୁଖେ ଏ ଜୀବନ ଯାଉ ।୮।

[ଶହେ ଛବିଶ]

ଗୋପିକା ବିଳାପ

(ରାଗ ଶୋକମଞ୍ଜରୀ)

ଶ୍ୟାମଘନ ହେ ! ମୋହନ ବଂଶୀ ବଦନ
ବ୍ରଜମଣ୍ଡଳ ମଣ୍ଡନ ଯଶୋଦା ଜୀବନଧନ । ଘୋଷା ।
ଆମ୍ଭମାନଙ୍କର ଚିତ୍ତେ ଆଶା ଥିଲା ଯେତେ ଯେତେ
ସେ ସବୁ ବିଅର୍ଥ ଗଲା କାମନା ନୋହିଲା ପୂର୍ଣ୍ଣ ।୧।
ଆମ୍ଭେ ଅତି ନିଲକ୍ଷଣୀ ହୀନଜାତି ଗୁଆଳୁଣୀ
ଶ୍ରୀମୁଖ ମଧୁପାନକୁ ହୁଅନ୍ତୁ କେହି ଭାଜନ ।୨।
ଏହିଠାରୁ ଗୋପତିରୀ ସରିଲା ହେ ବଂଶୀଧାରୀ !
ଝୁରି ଝୁରି ଗୋପନାରୀ କେମନ୍ତେ ବଞ୍ଚିବୁ ଦିନ ।୩।

କାହାକୁ ଭଙ୍ଗୀ ବଚନ କରିବୁ ଆମ୍ଭେ ରଚନ
କେହ୍ନ ଭ୍ରୂଭଙ୍ଗୀ କରି ବଙ୍କେ ଠାଣିବ ନୟନ ।୪।
କେ ସର ଲବଣୀ ଚୋରି କରିବଟି ଆମ୍ଭ ପୁଣି
କା ନାମ ଧରି ଗୁହାରି କରିବୁଁ ନନ୍ଦ ଭୁବନ ।୫।
ଆଜ କାହା ପାଇଁ ମାଳ ଗୁନ୍ଥିବୁଁ ହେ ନନ୍ଦବାଳ
କାହା ଶ୍ରୀଅଙ୍ଗେ ବୋଳିବୁଁ ଚୂଆ କର୍ପୂର ଚନ୍ଦନ ।୬।
କାହାକୁ ଆମ୍ଭେ ଗେଲଇ କହିବୁ ନାସା ଫୁଲଇ
ଆଜ କ ଶୁଣିବୁଁ କର୍ଣ୍ଣ ମୁରଲୀ ଗୀତ ଗାୟନ ।୭।
ଏ ଆମ୍ଭ ହୃଦୟ ଜାଣ କୁଳିଶରୁ ହେଲ ଟାଣ
ଫାଟି ନ ଯାଇ ରହିଛୁ ନିର୍ଲଜ୍ଜ ପାପ ଜୀବନ ।୮।
ଯଶୋଦା ଉଦର କ୍ଷୀର ସିନ୍ଧୁ ମଧ୍ୟୁଁ ସୁଧାକର
ଉଦେହୋଇ ଏବେ କାଳୀହ୍ରଦରେ ହେଲ ପତନ ।୯।
ଆମ୍ଭ ନେତ୍ର କର୍ଣ୍ଣ ଯାହା ଦେଖିଲା ଶୁଣିଲା ଏହା
କ କଷ୍ଟ ବହିଲୁ ଆଣି ପାପିଷ୍ଠ ଅଷ୍ଟନୟନ ।୧୦।
ଗଉରଚରଣ ଭଣି ସକଳ ଗୋପ ତରୁଣୀ
କାଳନ୍ଦୀ ହ୍ରଦକୁ ଚାହିଁ କରନ୍ତି ଦୁଃଖେ ରୋଦନ ।୧୧।

[ଶବ୍ଦ ସତାଇଶ]

କାଳୀୟ ଶିର ନର୍ତ୍ତନ

କାଳୀୟ ଶିରେ ନୃତ୍ୟ କରନ୍ତି ପଦ୍ମନେତ୍ର
ନନ୍ଦସୁତ ପାଦ ଦ୍ୱନ୍ଦ ବନ୍ଦନ୍ତି ଗଉରୀନାଥ ।ପଦ।
ଜୟ ଜୟ ମହାଦେବ ଦେବଙ୍କ ଉପରେ ଦେବ
ଏହି ଆଜ୍ଞା ଶୀଘ୍ର ହେଉ ଏ ଜଳ ହେଉ ଅମୃତ ।୧।

ସମୁଦ୍ର ମନ୍ଥନୁ ଉଠି ଜାତ କାଳକୂଟ ବିଷ
ତାହା ଭକ୍ଷି ନୀଳକଣ୍ଠ ରଖିଛ ସର୍ବ ଜଗତ ।୨।

ଶ୍ରୀକୃଷ୍ଣ ବନ୍ଦନା ଶୁଣି ତୋଷହେଲେ ଶୂଳପାଣି
ରଚିଲେ ତାଣ୍ଡବ ନୃତ୍ୟ ବଜାଇ ଡମରୁ ଯନ୍ତ୍ର ।୩।

ଇନ୍ଦ୍ର ଚନ୍ଦ୍ର ଦେବବୃନ୍ଦ ସମସ୍ତେ ହେଲେ ଆନନ୍ଦ
ସୁଧା ଦେଇ ପଠାଇଲେ ଘେନାଇ ବିନତାସୁତ ।୪।

ମିଳିଲେ ଶ୍ରୀକୃଷ୍ଣ ପାଶେ କାର୍ତ୍ତିକ ଅନାଇ ରୋଷେ
ପାଦପଦ୍ମ ଚିହ୍ନ ଗୃହିଁ କଲା କୋଟି ଦଣ୍ଡବତ ।୫।

ଶୁଣିଥାନ୍ତି ପୂର୍ବ ରଣ ତୋ ଶିରେ ତ ଶ୍ରୀଚରଣ
ଦେଖି ମୁଁ ହେଲି କାରଣ ଆଜ୍ଞୁଁ ତୋର ମୋର ମିତ୍ର ॥

ଏତେ କହି ଖଗଇନ୍ଦ୍ର ହେଲା ପରମ ଆନନ୍ଦ
ଶ୍ରୀକୃଷ୍ଣ ମସ୍ତକ ପରେ ସିଞ୍ଚିଲା ନେଇ ଅମୃତ ।୭।

କାଳିନ୍ଦୀ ହ୍ରଦରେ ପଡ଼ି ବିଷ ଦୋଷ ଗଲା ଛାଡ଼ି
ପୂର୍ବରୁ ଯେ ମରିଥିଲେ ସର୍ବେ ହୋଇଲେ ଜୀବିତ ।୮।

ନାଗପତ୍ନୀମାନେ ମିଳି ଗରୁଡ଼ ଗଗନେ ଚଳି
ସ୍ତୁତି କଲେ ସର୍ବ ବାଳୀ ଶିରେ ଯୋଡ଼ି ବେନି ହସ୍ତ ।୯।

ଯେ ପାଦ ଅଘଖଣ୍ଡନ କାଳୀମସ୍ତକ ମଣ୍ଡନ
ଗଉର ଚରଣ ବୋଲେ ସେ ପଦତଳେ ମୁଁ ଭୃତ୍ୟ ॥

— — —

[ଶତେ ଅଠାଇଶ]

ନାଗିଣୀ ସ୍ତବ

(ଝୁଲ ଚୌପଦୀ)

ହେ ମୋହନ ! କର ଅବଧାନ
ଶ୍ରୀଚରଣ ତଳେ ଶରଣ ପଶୁଛୁଁ ଦିଅ ବାରେ ପଣ୍ଡଦାନ । ପଦ ।

କରେ ଘେନ ଅର୍ଘ୍ୟସ୍ଥାଳୀ ସଙ୍ଗ ନାଗବାଳୀ
ନନ୍ଦନନ୍ଦନଙ୍କୁ ବନ୍ଦାପନା କରି ଉଚ୍ଚେ ଦେଲେ ହୁଳହୁଳି ହେ ।୧।

ଦୋଷ ଅନୁକ୍ରମେ ଶାସ୍ତି ପାଇଲଣି ସେହୁ
ଦଣ୍ଡିବା ମଣ୍ଡିବା ପ୍ରଭୁଙ୍କ ଉଚିତ କ୍ଷମାନିଧି ଆଜ୍ଞା ହେଉ ହେ ।୨।

ସହଜେ ସର୍ପ ଜନମ ଅଟଇଁ ଅଜ୍ଞାନ
ସେ କାହୁଁ ଜାଣିବ ଉତ୍ତମ ମଧ୍ୟମ ଗରଳରେ ପରିପୂର୍ଣ୍ଣ ହେ ।୩।

ସକଳ ଜନ ହୃଦରେ ତୁମ୍ଭେ ସିନା ଥାଉ
ଯାହାର ଯେମନ୍ତ ଭାବକୁ ତେମନ୍ତ ଭାବେ ତାକୁ ପ୍ରବର୍ତ୍ତାଉ ହେ ।୪।

ଶତ୍ରୁ ମିତ୍ର ପରାପର ନାହିଁ ଯାହା ଠାରେ
ଶୁଣିଥିଲୁଁ ସିନା ଜାଣି ନ ଥିଲୁ ଦେଖାଗଲା ଏହିଠାରେ ହେ ।୫।

ଲକ୍ଷ୍ମୀର ନିବାସ ଭକ୍ତ ଭାବୁଥାନ୍ତି ଯାହା
ଏ ବଡ଼ ଦୁର୍ଲ୍ଲଭ ଆମ୍ଭର ବଲ୍ଲଭ ମସ୍ତକେ ବହିଲେ ତାହା ହେ ।୬।

ନାଗ ନାଗଣୀ ବୋଲନ୍ତି ଯେତେ ଥିଲା ଭୟ
ସେ ପଦସଙ୍କେତ ପାଇଲୁଁ ବୋଲରୁ ସଂସାରେ ଆମ୍ଭେ ଅଭୟ ହେ ।୭।

ରଖ କି ନ ରଖ ନାଥ ! ଶରଣ ତୋହର
ଗୌର ଦ୍ୱିଜ ଭଣେ ଆନ ମୁଁ ନ ଜାଣେ ଜଣେ ତ ଠାକୁର ହେ ।୮।

[ଶବ୍ଦ ଅଣଷ୍ଟରଣ]

ଗୋପିକା ପାଞ୍ଚ

(ତାଳ ଝୁଲା)

ସଖି ! ଘନଶ୍ୟାମ ଯେବେ ସେ
ମୋହନ ମୁରଲୀ ବଜାଇବେ ଗୋ
ସ୍ବରୁ ଚନ୍ଦ୍ରମୁଖୀ ଚତୁରୀ ମାନଙ୍କ
ଚେତା ସ୍ବରୁଁ ସ୍ବରୁଁ ହଜାଇବେ ଗୋ ॥
କୁଳବଧୂମାନେ ଏଣିକି
ବାହାରିବେ ନାହିଁ କେଣିକି
ଯେବେ ବାହୁ ବଶେ ମିଳିବେ ତା ପାଶେ
ଛନ୍ଦ କରି ମନ ମଜାଇବେ ଗୋ ।୧।
ବ୍ରଜେ ଯେତେ ନବ ଅବଳା
ବଳଙ୍କାରେ ସେ ନନ୍ଦବଳା
ଗୁରୁ ହୋଇ ରୁରୁନୟନୀମାନଙ୍କୁ
ସୁରଶାସ୍ତ୍ର ଅର୍ଥ ବୁଝାଇବେ ଗୋ ।୨।
ନାରୀଙ୍କର ଲଜ ମହତ
ଜାଣିଥାଅ ହେଲାଣି ହତ
ପାଶୋରି ଥିବ ଯେ କାମକଳା ବିଦ୍ୟା
ନିଷ୍ଟୟ କିଶୋର ହେଜାଇବେ ଗୋ ।୩।
କେତେ ରଙ୍ଗେ ଦୁଲାଇବେ ଟି
ବନେ ବନେ ବୁଲାଇବେ ଟି
ଫୁଲଶର ପୂଜା କରିବା ପାଇଁକି
କୁଞ୍ଜେ ଫୁଲଶେଜ ଶେଜାଇବେ ଗୋ ।୪।

ଦ୍ୱିଜ ଗୌର ଚରଣ ଭଣି
ଜାଣିଥାଅ ପ୍ରାଣମିତଣି !
ଚୁମ୍ବ ଆଲିଙ୍ଗନ - କରିବେ ପ୍ରଦାନ
ଅଧରୁ ଅମିୟ ଭୁଞ୍ଜାଇବେ ଗୋ ।୫।

[ଶଙ୍କର ଭରଣ]

କାଳିଆ କରଣୀ

(କୁଞ୍ଜବନରେ କାଳିଆ ବୃତ୍ତ)

ଭଲ ସେ କାଳିଆ କେତେ ରଙ୍ଗରେ ଭୁଲାଇବ
ମାରି ନେତ୍ରକୁନ୍ତ ନାରୀ ମରମକୁ ଘୁଲାଇବ ॥ଘୋଷା॥
ବଜାଇ କଳ ବାଂଶରୀ ମଜାଇବ କୁଳନାରୀ
କଞ୍ଜନୟନୀମାନଙ୍କୁ କୁଞ୍ଜେ କୁଞ୍ଜେ ବୁଲାଇବ ।୧।
କରି ନାନା ପରିପାଟୀ ଗୃହୁଁ ଗୃହୁଁ ଯିବ ଘୋଟି
ଦ୍ୱିରଦଗମନୀଙ୍କର ଦମ୍ଭକୁ ଦୋହଲାଇବ ।୨।
ନାନା ରସେ ରସାଇବ ଅଙ୍ଗେ ଅଙ୍ଗ ମିଶାଇବ
ନାଗରୀଙ୍କ ଉରଜରେ ତା କରଜ ଚଳାଇବ ।୩।
ଯେତେ ଅବୋଧ ଯୁବତୀ ଶୁଣି ତା ଭଙ୍ଗି ଭାରତୀ
ବଳେ ଯାଚିହୋଇ ଯଉବନକୁ ତ ମୂଲାଇବ ।୪।
ଗଉର ଚରଣ ଭାଷେ ତୋଷିବ ଦମ୍ପତ୍ତିରସେ
ଜଘନ ଦୋଳରେ ବସେ କରାଇଣ ଝୁଲାଇବ ।୫।

[ଶତେ ଏକତିରିଶ]

ମୁଁ ଜାଣି ଡରୁଥାଇ

(ଝୁଲ ଚଉପଦୀ)

ମୁଁ ଜାଣି ଡରୁଥାଇ ନାମ
ଶୁଣି ଥରୁଥାଇଁ ମୁଁ ଜାଣି
ଅସହଣୀଙ୍କର ମେଳ ସହିଣ
ଲୋକଲାଜେ ମରୁଥାଇ ମୁଁ ଜାଣି ॥
ଦିନେ ମୋତେ ଏକା ଦେଖିକରି
ବଙ୍କାଚିରି ଯାଚି ଦେଲା ପାନ ଗୋ
ବୋଇଲା ଏ ମୋର ଉଧାର ରହିଲା
ଦେବୁଟି ଅଧର ପାନ ଗୋ ମୁଁ ଜାଣି ।୧।
ଦିନେ ଉପବନେ ଲୁଚି ବସିଥିଲା
ମୋ ଦରଶନକୁ ଠାକି ଗୋ
ହଠାତ୍ ହୋଇ କୁସୁମ ତୋଳୁଥିଲି
ପଛୁ ପକାଇଲା ଯାକି ଗୋ ମୁଁ ଜାଣି ।୨।
ଆଳୀ ଝୋଳ ଗାଳଦେଲେ ଯହୁଁ ସେ
ପଳାଇଲା ବଂଶୀଧରି ଗୋ
କହିଲେ କି ହେବ ସେହି ଦିନଠାରୁ
ରହୁନାହିଁ ବୁକୁ ଥରି ଗୋ ମୁଁ ଜାଣି ।୩।
ଭଲ ମନ୍ଦ ନନ୍ଦପୁଅଠାରେ ନାହିଁ
ମାପ ମୂଳ ତାର ଖଟୀ ଗୋ
କଞ୍ଜନୟନଙ୍କି କୋଣେ ଦେଖିଲେ
କୁଞ୍ଜକୁ ନଅଇ ଗୁଡ଼ି ଗୋ ମୁଁ ଜାଣି ।୪।

ଗଉର ଚରଣ ବୋଲେ ଜାରପଣ
ମୋଠାରେ ପୁଣ ଅଧିକା ଗୋ ।
ଜାଣି ଏ ଭାବକୁ ମୋର ବଲ୍ଲଭଙ୍କୁ
କରିଥାଇ ଭାଇ ଲେଖା ଗୋ ମୁଁ ଜାଣି ।୫।

[ଶଙ୍କର ବର୍ଣ୍ଣ]

କହ୍ନାଇ ଆନ୍ଦୋଳ

[କେତେ ଛନ୍ଦ ଜାଣେ ନନ୍ଦରଜାର ଟିକି ପିଲାଟି ବୃତ୍ତ]

ଘୁଞ୍ଚୁ ତ ନ ଗଲା ବେଳେ କହ୍ନାଇଁ ଆନ୍ଦୋଳ ଏ ଗୋ ମା ॥
ନନ୍ଦ ଘରେ କଅବା ନାହିଁ
ତାର ସ୍ନେହ ନ ଥାଏ ତହିଁ
ଗୃହେ ମୋ ପୁରକୁ ଧାଇଁ ଆସୁଥାଇ
ଦାଣ୍ଡେ ହୋଇ ଧୂଳି ବୋଳ ଏ ଗୋ ମା ।୧।
ଜାଣୁ କନା ପରାଣମିତ
କାହ୍ନୁ ମୋର ହୃଦୟ ବିତ୍ତ
ପ୍ରାଣୁ ତ ଅଧିକ କରି ମଣିଥାଏ
ଆଣୁ କୋଳେ କାଖେ ତୋଳି ଏ ଗୋ ମା ।୨।
ପୟ ଘୃତ ଶାକର ଦଧି
ତାହା ପାଇଁ ଥାଏ ସଂପାଦି
ନୟନରେ ଥରେ ଦଣ୍ଡେ ନ ଦେଖିଲେ
ହୃଦ ହୋଇଯାଏ ଗୋଳ ଏ ଗୋ ମା ।୩।

ଗୌର ଦ୍ୱିଜ ଭଣେ ଏ ରସେ
ଗୋପୀଙ୍କି ସେ ଯନ୍ତିଙ୍କ ରସେ
ମୁଁ ତା ଅଛୁ ଜାଣି କୁଞ୍ଜବନେ ଟାଣି
ନେବ କର କୋଳାକୋଳି ଏ ଗୋ ମା ।୪।

———

[ଶଙ୍କର ଭରଣ]

କାହ୍ନୁ ଗୁଣ

ଯିବୁକି ପରତେ ଲୋ ମାଁ ! ତୋର ଅନ୍ତରଗତେ ଲୋ !
ଏଡ଼କି ଅଞ୍ଚଲା ପିଲା ସେ କାଳିଆ ସତେ ଲୋ ॥

ନୂଆ ଗୁଆଳୁଣୀ   ଛୁଆ ଭୂଆଷୁଣୀ
ସାଥିରୁ କି ସୁଖ ପାଏ
ଯାଆନ୍ତେ ଗାଧୋଇ   କାହିଁକି ମାଧୋଇ
ପଛରେ ଗୋଡ଼ାଇ ଥାଏ ଲୋ ।୧।

ଅଙ୍ଗ ସରାଗରେ   ଧଇଲେ କାଖରେ
କି ନବଢ଼େ ଧରେ ଜାକି
ନନ୍ଦର ପୁଅକୁ   ପନ୍ଦର ହୋଇଲେ
ରଖିବ କି ଆଉ ବାକି ଲୋ ।୨।

ଏ କି ବଢ଼ମ୍ବନା   ସେ ଛଇଳ କହ୍ନା
ଟାକିଥାଏ   ଘାଟମୂଳେ
କେତେ ଅପାଟକି   ଢଗ ସେ ମେଲଇ
ସରମ ନ ପାଇ ଠୁଳେ ଲୋ ।୩।

ଗଉର ଚରଣ ବୋଲେ ଆଚରଣ
ତାର ମୁଁ ନ ଥିଲି ଜାଣି
କ ହେତୁ ନଟିଆ ଯମୁନାତଟିଆ
ମୋହନ ମୁରଲୀପାଣି ଲୋ ।୪।

[ଶଢେ ଚଉନ୍ତରଶ]

ନବ ଛଇଲ ରେ !

[ଅଜ୍ଞାନ ତମିରେ ଚକ୍ଷୁ ବୁଡେ]

ନବ ଛଇଲ ରେ ଗୃହାଁ ଛଇଲ ଛବିକି
ଅଧର ଆଭା ନନ୍ଦଇ ପ୍ରଭାତ ରବିକି । ଘୋଷା ।
କଟାକ୍ଷ ଗୃହାଣି ପାଣି କରଇ ପବିକ
ଏଥିକି କେଉଁ ଉପମା ଦିଶିବ କବିକ ।୧।
ଯାର ବଂଶୀଘୋଷ ବଶ କରଇ ଗାଭୀଙ୍କି
କବଳ ତେଜି ଅନାଇଁ ରହନ୍ତି ଭୂବିକ ।୨।
ଅବଳା ହୃଦୟ କେତେ ନ ଯିବ ଦ୍ରବି କ
ଯାତ ଯୌବନ ରତନ ଦେବେ ତାକୁ ବକ ।୩।
ତା ଆଶାରେ ଚନ୍ଦ୍ରାବଳୀ ପୂଜଇ ଦେବୀଙ୍କି
ଭୁ ପରା ଭାବୁ ମୁଁ ଯତେ ତା ଦାସୀ ହେବ କ ।୪।
ଗୌର ଦ୍ୱିଜ ଭାଷେ ରାଧେ ! ଥରେ ମୁଁ ଯିବ କ
ତୋ ପାଇଁ ତା ପାଦ ଧରି ଥରେ କହିବ କ ।୫।

[ଧଦ୍ୱେ ପଞ୍ଚଭରଣ]

ଗୃହାଁ କଦମ୍ବମୂଳକୁ

[ଜଏ ସେ କେଳିକଦମ୍ବ ତରୁମୂଳେ ବୃତ୍ତେ]

ପ୍ରାଣ ସଜନ ରେ ! ଗୃହାଁ କଦମ୍ବ ମୂଳକୁ
ଯୁବା ଦମ୍ଭ ହର ବାଙ୍କ ମୋହନ ଚୂଳକୁ ॥

ଅନା ନେତ୍ର ପୂର୍ଣ୍ଣ କର କର୍ଣ୍ଣ କୁଣ୍ଡଳକୁ
ଚୂର୍ଣ୍ଣ କୁନ୍ତଳ ଆବୃତ ମୁଖମଣ୍ଡଳକୁ ।୧।

ଛନ୍ତି ବନମାଳୀ ପିନ୍ଧି ପୀତ ଦୁକୂଳରୁ
ଏ ଛବି ରଖିବ ଟିକି ଯୁବତୀକୁଳକୁ ।୨।

ସୁରନାରୀ ଦେଖିଲେ ଲଭିବେ ବାତୁଳକୁ
ଆକାଶରୁ ଖସି ନଶ୍ଚେ ପଡ଼ିବେ ତଳକୁ ।୩।

ଗୃହାଁ ଆଜାନୁଲମ୍ବିତ ବାହୁଯୁଗଳକୁ
କା ବାଞ୍ଛା ନୋହିବ ବସିବାକୁ ତା କୋଳକୁ ।୪।

ତା ଶୋଭା ଶାର୍ଦ୍ଦୂଳ ସଙ୍ଗଶଙ୍ଖଯୁଗଳକୁ
ନମିଷ ମାତ୍ରକେ କରି ଦେବ କବଳକୁ ।୫।

ଘନକେଶୀ ମନ କରିଛନ୍ତି ପା ତଳକୁ
କାଶହାସୀ ଆଶ ରଖି ଥା ତା ପା' ତଳକୁ ।୬।

ଗୌର ଦ୍ୱିଜ ଘେନି ବ୍ରଜ ଭୂପାଳ ବାଳକୁ
କାଲି ଆଣି ଭେଟାଇବ ଏତିକ ବେଳକୁ ।୭।

———

[ଶହେ ଛତିଶ]

ଆଉ ଦିନେ ନ ରୁଷିବୁ

[କରେଖି ଗୃହାଁରେ ବୃତ୍ତ]

ଏଣୀନୟନରେ ! ଗୃହାଁ ବାରେ ତୁ ଏଣିକ
ଛଇଲ ନଟ ନାଗର ମୁକୁଟ ମଣିକ । ଘୋଷା ।
ଯେ ଦେଖିବ ଥରେ ତା କଟାକ୍ଷ ଗୃହାଁଣିକ
ଥିର ନ ଯାଇ କି ରଖି ପାରିବ ଆଣିକ ।୧।
ଏ ସଂସାରେ କଏ ଶୁଣି ତା ଇଙ୍ଗିତ ବାଣୀକ
ପତିବ୍ରତ ଧର୍ମ ଫିଙ୍ଗି ଦେବ ସେ ପାଣିକ ।୨।
ଏ ସଂସାର ଶୋଭାସାର ସମ୍ପତ୍ତି ଗୁଣିକ
ବିଶ୍ୱର ଗୃହ ଆନନ୍ଦ ଅଟୁ ନର୍ମାଣିକ ।୩।
ଧନ୍ୟ ବୋଲିବା ଏ ରୂପଗଢ଼ା ବିଜ୍ଞାଣିକ
ରସେ ରସାଣି ଦେଇଛି ପୀୟୂଷ ପାଣିକ ।୪।
ରବିପୂଜା ସୁକୃତ ତୋ ଦିଶିଲା ଏଣିକ
ଆଣି ଉରେ ଲମ୍ବା ମାଳ ରତନ ମଣିକ ।୫।
ଗୌର ଦ୍ୱିଜ ଭାଷେ ରାଧେ ଶୁଣ ମୋ ବାଣୀକ
ଆଉ ଦିନେ ନ ରୁଷିବୁ ମୁରଲୀପାଣିକ ।୬।

[ଶେଷ ସଂସ୍କରଣ]

ମୋହନ ମାଧୁରୀ

(ରାଗ ରାମକେରୀ)

କେ ବୋଲଇ ! ସଖି ଦେଖ ଗୋ ଶ୍ରୀକୃଷ୍ଣର ବଦନ
ବିମ୍ବାଧରେ ହାସ ପ୍ରକଟ କି ଏ ଶୋଭାସଦନ ।୧।

ଶିରେ ଶୋଭେ କେକିକଲାପ ତହିଁ ବକୁଳ ବେଢ଼ା
ଜାତି ଯୂଥି କୁନ୍ଦ ସେବତୀ ସଞ୍ଜା-ବରତ-ଚୂଡ଼ା ।୨।

କର୍ଣ୍ଣଯୁଗେ ରତ୍ନ କୁଣ୍ଡଳ ଭାଲେ ଚନ୍ଦନ ବିନ୍ଦୁ
ମାଳ ନବଘନେ ଉଦୟ କିବା ହୋଇଛି ଇନ୍ଦୁ ।୩।

ବଙ୍କ ଭ୍ରୂରୁ ଶରଚାପ ଗୋ ଯୁବାଣିର ଛଟକ
ଲଖି ରହେ ସଖି ! ମରମେ ମନ ମୀନ ଅଟକ ।୪।

ଜାମ୍ବୁନଦ ହାର ପଦକ କମ୍ବୁକଣ୍ଠେ ଶୋଭିତ
ବୈଜୟନ୍ତୀ ବନମାଳ ଯେ ଜାନୁଯାଏ ଲମ୍ବିତ ।୫।

କଟୀତଟେ ପୀତ ବସନ ହେମ କଙ୍କଣ କରେ
ଗୋଟି ଗୋଟି କ୍ଷୁଦ୍ର କିଙ୍କିଣୀ ଶୋଭା ମଧ୍ୟଦେଶରେ ।୬।

ଚରଣେ ଝୁମୁକ ନୂପୁର ରତ୍ନ କଟାଉ ସାଜେ
ନଟବର ବେଶ ହୋଇଣ କରି ଅଛନ୍ତି ବିଜେ ।୭।

ଗଉର ଚରଣ କହେ ଗୋ କରିବା କି ବରଣ
ଆସ ଗୋ ସମସ୍ତେ ପଶିବା ଜାହ୍ନୁ ପାଦେ ଶରଣ ।୮।

[ଶତେ ଅଠରଶ]

ନାଗର ଛଇଲ କହ୍ନା

ପ୍ରାଣ ସଙ୍ଗିନରେ ! କଦମ୍ବ ମୂଳକୁ ଅନା
ତ୍ରିଭଙ୍ଗ ଭଙ୍ଗିରେ କ ଶୋଭା ଦିଶୁଛି ନାଗର ଛଇଲ କହ୍ନା ॥
କୁଳ ମୂଳ ଛଡ଼ା ଧଇର୍ଯ୍ୟ ଉଜୁଡ଼ା ସଖିଙ୍କ ବରତ ଘେନା
କଟାକ୍ଷେ ନରେଖି ଠାର ଭୂରୁ ଆଖି ମତ କରୁଅଛି ବଣା ।୧।
କ ସୁନ୍ଦର କର ବଜାଏ ବାଂଶରି ଧର ସବୁଙ୍କର ଘେନା
କାନରେ ପଶିଣ ଜ୍ଞାନ ହଜାଏ ଏ କସ ମା ବିଡ଼ମ୍ବନା ।୨।
ଦେଖି ତା ଆରମ୍ଭ କାଖୁ ଖସେ କୁମ୍ଭ ଦମ୍ପତିର ହୁଏ ଚୂନା
କେଉଁ ମନ୍ତ୍ରବଳେ ଏତେ ସବ କରେ ତାକୁ ଏକା ତାହା ଜଣା ।୩।
ଏ କ ପରମାଦ ନ ଚଳଇ ପାଦ ସେ ମରମ କହ କନା
ଗୌର ଦ୍ୱିଜ ଭଣି କପଁା ଗୋ ଭଲେଣି ସେ ଆମ୍ଭ ସଙ୍ଗାଳି ସିନା ॥

[ଶତେ ଅଣଳଗୃଣ]

ନୀପମୂଳ କଶୋର

କେ ବୋଲଇ ଦେଖ ଦେଖ ମିତ
ତରୁ ମୂଳେ ଅଛି ଆଚମ୍ବିତ ।୧।
କବା ସେ କାମ ମୋହନ ଛବ
ଦେଖି ମନ ନେଝ ଯାଏ ଦ୍ରବ ।୨।
କେ ବୋଲଇ ଦେଖ ଦେଖ ଆଳ
କବା ଏ ନୀଳ ରତନ ମାଳୀ ।୩।

ଏ ବଚନ ତାର ତହୁଁ ଶୁଣି
ବୋଲେ ଶୁଣ ପ୍ରାଣ ସଙ୍ଗାତୁଣୀ ! ।୪।
କମ୍ପି ଯାଏ ଉର ଗୃହୁଁ ଦୂରୁଁ
ନିଶ୍ଚେ ଏ ନବ ତମାଳ ତରୁ ।୫।
କେ କହେ ସେ ନୋହେ ସଖୀ ଶୁଣ
ଅଞ୍ଜନ ପୁଞ୍ଜ ନିଶ୍ଚୟ ଜାଣ ।୬।
କେ ବୋଲେ ସଜନି ! ନୁହ ବଣା
ନୀଳ ପର୍ବତ ଏ ଗଲ୍ପ ଜଣା ।୭।
ଏହି କାଳେ ଏକ ଗୋପୀ କହି
ମୋହଠାରୁ ଶୁଣ ପ୍ରାଣସହି ! ।୮।
ନିଶ୍ଚେ ଏ କାଳିନ୍ଦୀ ଜଳରାଶି
ଭ୍ରମର ଉଡାଣି ବହି ଆସି ।୯।
ସ୍ଥକିତ ହୋଇଣ ନୀପମୂଳେ
ରହିଛନ୍ତି ଦେଖ ବେନଡୋଳେ ॥
କେ ବୋଲଇ ନ ପାରିଲି ଜାଣି
ହେଲେ ହେବ ଇନ୍ଦ୍ରବର ଶ୍ରେଣୀ ॥
ଏହା ଶୁଣି କେଉଁ ଗୋପୀ ଭାଷି
ମିତ ମୁଖ ଗୃହୁଁ କହେ ହସି ।୧୨।
ବୋଲେ ସଖୀ ବହୁଳିତ ନୁହ
ନିକଟକୁ ଯିବା ରହ ରହ ।୧୩।
ନିରେଖିବା ନେଶେ କି ପଦାର୍ଥ
ତେବେ ସିନା ପ୍ରାଣ ହେବ ସାର୍ଥ ॥
କେ କେତେ ପ୍ରକାରେ କହେ ବାଣୀ
କେ ବୋଲଇ ଇନ୍ଦ୍ର ନୀଳମଣି ॥

ଏହା ପ୍ରାପ୍ତ ସବ ଗୋପନାରୀ
ନାନାବିଧ ଉପମା ମାନ କରି ।୧୭।
କୁଞ୍ଜରେ ପ୍ରବେଶ ହେଲେ ଯାଇଁ
ତ୍ରୈଲୋକ୍ୟ ମୋହନ ରୂପ ଚାହିଁ ॥
ଅପଲକ ନେତ୍ରେ ସର୍ବବାଳୀ
ଆନନ୍ଦରେ ଦେଲେ ହୁଳହୁଳି ।୧୮।
ଗଉର ଚରଣ ଏହି କାଳେ
ମାନସେ ଭାବନା କରି ଭୋଳେ ॥
ଗୋପୀଙ୍କ ପଛରେ କରଯୋଡ଼ି
ସାଷ୍ଟାଙ୍ଗେ ଚରଣ ତଳେ ପଡ଼ି ।୨୦।

———

[ଶବ୍ଦ ଚୃଳଣ]

କାଳିଆ କଳଙ୍କ ଅଠା

(ରାଗ ମୋହନା ତାଳ କର୍ଓ୍ୱାଲି)

ରାଧେ ପ୍ୟାରୀ ! ଗୋ ¡ ବଂଶୀଧାରୀ ।
କପଟ ପଟଳ ପୀରତି ଜାଣେ କହ୍ନାଇଁ ଦଗାଦାରୀ । ଘୋଷା ।
ମୋହନ ବଚନ ମିଠା ଖଣ୍ଡ ସରପୁଳି ମିଠା
ଚୁଁଇଲେ ଅଙ୍ଗରେ ଲାଗି ରହିବଟି
କାଳିଆ କଳଙ୍କ ଅଠା ।୧।
ପୁଣି ବୋଲେ ରହ ରହ ଗୋ ଆଜ କାହିଁ ଯିବୁ କହ ?
ଛପି ଛପି ପରା ନିତି ଯାଉ ଥାଉ
ନ ଦେଖାଇ ମୋତେ ଦେହ ।୨।

ଏହା ଥିଲ କାହିଁ ଶୁଣା ଗୋ ବାଟେ ଖୋଳଥାଇ ଖଣା
ଖସି ପଡ଼ ଜଳ କଳସି ଭାଜଇ
ନାଗରୀଙ୍କି ନ ଥାଏ ଜଣା । ୩ ।

ଫିଙ୍ଗି ପୁଣ ନଦମାଟି ଗୋ ! ଫିଟାଏ କବାଟ ଛାଟି
ଶୋଇବା ଠାବରୁ କେତେ ଚଞ୍ଚଳରେ
ଅଞ୍ଚଳ ନଅଇ କାଟି । ୪ ।

ମାରେ ପର ଭୂରୁ ଛଟା ଗୋ ! ପଦ୍ମରେ ସେ ପୀଡ଼ଯିଟା
ଏ ଗୋପନଗରେ ପ୍ରତି ଘରେ ଘରେ
ନିତି ବସିଥାଏ ହାଟ । ୫ ।

ରୋପେ ସିନା କରି ଘର ଗୋ ! ନିତି ଏହି ହରବର
ମାଧୋଇ ଲାଗି ମା ଯମୁନା ଗାଧୋଇ
ଯିବାକୁ ହେଲଣି ଡର । ୬ ।

ଜଗି ଥାଏ ଜଳଘାଟି ଗୋ ଜାଣେ କେତେ ପରିପାଟୀ
କଞ୍ଜନୟନୀଙ୍କି ନିକୁଞ୍ଜ ବନରୁ
ପଛରୁ ନଅଇ ଗୁଟି । ୭ ।

କେ ଭଲ କହିବ ଆଉ ଗୋ ନନ୍ଦ ତନୟର ଦାଉ
ତା କଥା ମନରେ ପଡ଼ିଯାଉଥିଲେ
ବାହାରି ପଡ଼ଇ ହାଉ । ୮ ।

ଗଉର ଚରଣ ଗାଇ ଗୋ ! ଶ୍ରୀ ବନୋଦ୍ଦମା ରାଇ
ତୋ ମୁଖ କମଳ ଚୁମ୍ବିବା ପାଇଁକି
କଳା ମଧୁକର ଧାଇ । ୯ ।

[ଶବ୍ଦ ଏକସ୍ଥଳଣ]

ବାଜେ ମୋହନ ବାଂଶରୀ

ବାଜେ ମୋହନ ବାଂଶରୀ ଗୋ ରାଧେଶ୍ୱରୀ ! ॥
କି ମନୋହର ଘୋଷଣ ଶୁଣ କର୍ଣ୍ଣଡେରି
କାଳିନ୍ଦୀ ତଟରୁ ଚରି ଆସୁଛି ପ୍ରସରି ଗୋ ।୧।
ସା ରି ଗ ମ ପ ଧ ନି ସା ସ୍ୱରକୁ ଉଚ୍ଚାରି
ପଞ୍ଚବରତ ବଢ଼ାଇ ଦେଉଅଛି ସାରି ଗୋ ।୨।
ରସି ନିକଟକୁ ତାର ଗଲେଟି ବାହାରି
ଧୃତି-ସମ୍ଭାଳି ରହିବ କେଉଁ ବ୍ରଜନାରୀ ଗୋ ।୩।
ସୁଗୁଣ ସୁନ୍ଦର ପଣ ଚିତ୍ତରେ ବିଚାରି
ତା ପରିଗ୍ରହୀ ନୋହିବ କେ ବା ନ ପଚାରି ଗୋ ।୪।
ଭୁ ତ ନୂତନା ଛଇଲୀମଣି ସୁକୁମାରୀ
କି ନୋହିବୁ ସତେ ହେଲେ ନୃପ ଅଭିସାରୀ ଗୋ ।୫।
ଗଉର ଚରଣ କହେ ସେ ମୁରଲୀଧାରୀ
ତୋ ନାମେ ବାଉଛି ବେଣୁ ହେବାକୁ ସଗୃରୀ ଗୋ ।୬।

[ଶବ୍ଦ ବସ୍ତୁକଣ]

କପଟୀ ଲମ୍ପଟୀ ଶଠ

(ରାଗ ନଳିନୀ ଗୌଡ଼ା ତାଳ ଝମ୍ପା)

କୁଞ୍ଜରେ କି ଗୁଞ୍ଜେ ସୁମନାରେ
ଶ୍ୟାମ କଳା ମଧୁଲିଟ ବିଟପୀ ବାଧାରେ । ଘୋଷା ।

ଯାଅ ଗୋ ସଜନୀ କହ କେତେ ହେଲ ରହରହ
ସେ ମୋହନ ସ୍ୱନ ଶୁଣି ମରେ ବରହରେ ।୧।
ଜାଣେ ସେ ଚୁମ୍ବନ ବଧି ମକରନ୍ଦ ପାନ ସିଦ୍ଧି
ଯେତେ ଅନୁସରେ ଫୁଲ ସରଇ ଲଜରେ ।୨।
ସେ ମୋହନ ବଂଶୀଧାରୀ କେବେ ନୁହନ୍ତ କାହାର
ଆମ୍ଭେ ସବୁ ସଖୀ ଝୁରି ରହୁ ଭବନରେ ।୩।
କପଟୀ ଲମ୍ପଟୀ ଶଠ ହୃଦୟ କମଠ ପୃଷ୍ଠ-
ଠାରୁ ଗୋ କଠିନ ଗୌର କହେ ଏ ରସରେ ।୪।

———

[ଶହେ ତେସ୍ତାଳିଶ]

ଆଉ ପାରବୁକି ତା ପାଲରୁ ବର୍ତ୍ତି

(ରାଧା ତୋହଲାଗି ଶ୍ୟାମ କ ବଞ୍ଚନ୍ତି-ବୃତ୍ତି)

ରେ ରସବନ୍ତ ! ଆଉ ପାରବୁ କି ତା ପାଲରୁ ବର୍ତ୍ତି ॥
କାହିଁକିରେ ଚନ୍ଦ୍ରାନନା ଏକା ତୁ ଗଲୁ ଯମୁନା
ବେଳୁଁ କରୁଥିଲି ମନା ନ ଯେନିଲୁ ସୁଲୋଚନା
ବାଇକଲା ତୋତେ ସେ ମୂରତ୍ତି ।୧।
ତା ମଧୁର ବଂଶୀତାନ ଗୀତକୁ ଡେରିଲୁ କାନ
ଏବେ ତ ବ୍ୟାଧି ବଷମ ଯୋଟିଗଲା ଅନୁପାନ
ନାହିଁ କଛି ଏଥିକି ଶାନ୍ତି ।୨।
ଝରିର ପାରିଲୁ ନାହିଁ କୁତୂହଲେ ଦେଲୁ ଗୃହୀ
କୂଳରୁ ଉଛନ୍ନ ତୁହି ହେଲୁଟି ରେ ଜେମାଦେଇ !
ଏ ଫସାରେ ତୋର କେଉଁ ଗତ୍ତି ।୩।

ଅଖଣ୍ଡେ ଗଲୁ ତ ପଡ଼ି   ଘାରହେବୁ ଷୋଳଘଡ଼ି
ସେ ଜାଣେ ମୋହରି ଜଡ଼ି   ଚନ୍ଦ୍ରାରେ ଯିବୁଟି ସଢ଼ି
ଅରଜିଲୁ ଜାଣି ଅଜାଣତ ।୪।
ଯା ହେବାର ହେଲା ଧନ   ଭଜ ସେ ନନ୍ଦନନ୍ଦନ
ବ୍ୟାଧି ହେବ ଉପଶମ   କୁଞ୍ଜେ ହୋଇଲେ ମିଳନ
ଗୌର କଥା କର ସନମତ ।୫।

[ଶଙ୍କରାଭରଣ]

ନନ୍ଦସୁତ ମନ୍ଦ ବୋଲ ଜାଣି ତ ନ ଥିଲି

ସହି ! ତାକୁ ଯାନ କ ବଞ୍ଚିରୁ
ଶୁଣିବୁ କି ଗୁପତ କଥା ଏ ମୋହଠାରୁ । ଘୋଷା ।
କେ ଅବୁଦ୍ଧି ବୁଦ୍ଧି ମୋତେ ଦେଲା ଲୋ ମିତ୍ରଣି !
ବାହାର ପଡ଼ିଲି ଏକା ଘରୁ କୁମ୍ଭ ଘେନି ।୧।
ନନ୍ଦସୁତ ମନ୍ଦ ବୋଲି ଜାଣି ତ ନ ଥିଲି
ତରତର ହୋଇ ଯମୁନାକୁ ଧାଇଁଗଲି ।୨।
ନଦୀକୂଳ ବନଗୋଷ୍ଠ ତାର କ୍ରୀଡ଼ାସ୍ଥଳୀ
କାହିଁ ଛପିଥିଲା କହ୍ନା ପାଶେ ଗଲା ମିଳି ।୩।
ତାକୁ ଦେଖି ମୋ ପିଣ୍ଡରୁ ଉଡ଼ିଲା ସାହସ
ବସ୍ତ୍ରରଲ ନିଷ୍ଠ ଏ ତ ଆଜି ଗଲା ନାଶ ।୪।
ସୂହୁଁ ସୂହୁଁ କାହୁଁ କି କଥା ଏ ଦେଲା ମେଲି
କହିବାକୁ ଲଜ ଶୁଣି ଆଚମ୍ବିତ ହେଲି ।୫।

କି କହିବ କାହିଁ ଯିବି ନ ଦେଖିଲି ପଥ
ଉଦବେଗେ ପୂର୍ଣ୍ଣ କଲ ତାର ମନୋରଥ ।୬।
ଚଳକୁ ଲପନ ପୋଡ଼ ପୁରକୁ ଅଇଲ
କହାକୁ ନ କହି ତୁନି ହୋଇ ମୁଁ ରହିଲି ।୭।
ଏଡ଼କ ହସିଆ ପୀତପଟିଆ ନଟିଆ
ଗୌର ବୋଲେ ସେ ତ ଗେ ପୀତଉଲମଟିଆ ।୮।

[ଶବ୍ଦ ଚଇଁଗୃହଣ]

ସଙ୍ଗାତ ଗୋ କାହିଁ ଥିଲ କି

[କାହିଁଗଲେ ମୁରଲୀ ଫୁଙ୍କା ବୃତ୍ତ]

ସଙ୍ଗାତ ଗୋ ! କାହିଁ ଥିଲ କି
ଯମୁନା ପାଣିକି ଯାଇଥିଲ କି
କଳା କହ୍ନାଇଁକି ଦେଖିବା ପାଇଁକି
ନସର ପସର ଧାଇଁ ଥିଲ କି ॥
କପଟ ଗୃହିଣୀ ଦେଖାଇ ଚତୁରୀ
ମାପମୂଳକୁ ଧଂସାଇ ଥିଲ କି
ସୁକୁଟ ଦେଖାର ଉକୁଟକୁ ଶୁଣି
ବୁକ ଦୁକୂଳ ଖସାଇ ଥିଲ କି ॥
କଣି କଣି ଛଣି ଝିଣି ଶୁଭିବାକୁ
ଅଣ୍ଟାରେ ମେଖଳା ନାଇଥିଲ କି
ଦୁମୁ ଦୁମୁ ଗୃଲି ଝୁମୁଝୁମୁ କରି
ନୂପୁର ବାଜେଣି ବାଇଥିଲ କି ॥

ସଙ୍ଗ ଆଳୀ ପଛେ — ଯାଉ ଅଡରଛେ
କେଶୀକି ଡେରଛେ ଗୁନ୍ଥିଥିଲ କି
ଅନାଉଁ ଅନାଉଁ — ଅବା କାହ୍ନୁ ତହୁଁ
ଅମୂଲ୍ୟ ଦରବ ପାଇ ଥିଲ କି ॥
ସେ ବନମାଳୀକି — ଧନମାଳୀ ବୋଲି
ତମାଳରୁ ପଦେ ଗାଇଥିଲ କି
ବଳେ ଧରୁ ଧରୁ — ମଧୁର ଅଧରୁ
ଦରଚୋବା ପାନ ଖାଇ ଥିଲକି ॥
ପ୍ରମତ୍ତ କୁଞ୍ଜର — ଗମନା ଗୋ କେଳି
କୁଞ୍ଜ କନ୍ଦରୁକି ବୁଲିଥିଲ କି
ଗୌର ଦ୍ୱିଜ ବୋଲେ — ପୁଲକ ଅନ୍ତରେ
ପରିରମ୍ଭଣକୁ ଭ୍ୟାଉଥିଲ କି ॥

[ଶବ୍ଦ ଛନ୍ଦାଳଙ୍କ]

ବୃଷଭାନୁ ଜେମା ରାଧିକା

(ନନ୍ଦ ସୁତ ମୋର ଜୀବନ ବୃତ୍ତ)

ବୃଷଭାନୁ ଜେମା ରାଧିକା ! ଯମୁନା ପାଣିକି ନ ଯିବୁ ଏକା
ନେବ ହରି ମତ — ସାରିବ ମହତ
ବାଟ ଘାଟ ଯଗା ସେ ଗିଡ଼ିଟେକା ॥
ନିତି ଯାଉ ଆସୁ ଯମୁନା ଯାଓ୍ୱା କରେ କାଳିଆ ସୁନା
ରଖିଥାଏ କହ୍ନା — ଭାଙ୍ଗି କରେ ଚୂନା
କାଖର କଳସୀ ଫିଙ୍ଗି ଣ ଟେକା ।୧।

ସେଥିରୁ ସେ କି ସୁଖ ପାଏ   ଦୁର୍ଗୁଣ ଇଁ ସୁଅଗୁଥାଏ
କରି ଘେନାଘେନି   କଲେହେଁ ଦଣ୍ଡେନି
ନ ଘେନଇ ଭଲେ ଅଧାମରଙ୍କା ।୨।
ନକର ମୁଁ କହୁଛି ତୋତେ   ତାକୁ ନ ଯିବୁଟି ପଛେ
ତୋର ନେତ୍ରରେ ତୁ   ଲୋତକ ପୋଛୁଥିବୁ
ନବ ରି ନ ପ ରି ଘୁଞ୍ଚରୁ ଦକା ।୩।
ଦ୍ୱିଜ ଗୌର ଚରଣ ଭଣି   ପାଦ ଗୃଲୁଥିବୁଟି ଗଣି
ଉଛୁଙ୍କ ଲ ପଣେ   କାହ୍ନୁକୁ ରସିଲେ
ତୋ ନାମେ ଉଡ଼ିବ ନନ୍ଦା ଢୋକା ।୪।

———

[ଏକଶ ସତଷ୍ଠିକଣ]

ନାଟରୀଟରେବଗଞ୍ଜନବାନା

(ନ କହେ ଏ ଗିରି ହେ ବୃତ୍ତେ)

ଘେନ ମୋର ମନା ଗୋ ମତ୍ତଗଜଗମନା !
ଛାଣି ଥା ସୁମନା ସଙ୍ଗସଖୀ ବନା
ଏକା ହୋଇ ନ ଯିବୁ ଟି ଯମୁନା । ଘୋଷା ।
ଯାର ନାମ ଶ୍ୟାମସୁନ୍ଦର   ଜାଣଇ ସେ କେତେ ଛନ୍ଦର
ହଟି ମୁରଲୀ ଅଗ୍ରେ ବାନ୍ଧିଥାଏ
ନାଗରୀ ରେବ ଗଞ୍ଜନ ବାନା ।୧।
ଛଳିଥାଏ ମନ୍ତ୍ର ଧୂଳିକ   ଫିଙ୍ଗି କୁଳବତୀ ବାଳୀକ
ଜଡ଼ାଇ ମନକୁ କଢ଼ାଇ ନିଅଇ
ନିକୁଞ୍ଜ ବନକୁ ନନ୍ଦର କହ୍ନା ।୨।

ଗୋପ ନବ ନାୟିକାଗଣ କୁତ କୃଷ୍ଣଙ୍କର ଗ୍ରହଣ
ନୋହୁଛୁ ବୋଲି କେ କହିପାରିବ କି
ସଖି ! ସମସ୍ତେ ପଡ଼ିଲେଣି ଚହ୍ଲା ।୩।
ଲୁଚି ଥାଇ ଲତା ତଳରେ ନଙ୍ଗ କଳ ନୀପ ମୂଳରେ
ଛପି ଛଇଲ ଲୁଚି ଅସି ମେଣଇ
ବେଣ୍ଟୁ କୋଳ କରେ କୁଳ ଅଙ୍ଗନା ।୪।
ଦ୍ୱିଜ ଗୌର ଚରଣ ଭଣି ଜାଣିଥାଅ କଶୋରୀମଣି !
ତୋ ସଙ୍ଗମେଳଣ ହେବ ଯେଉଁଦିନ
ସମ୍ପୂର୍ଣ୍ଣ ହେବ ତା ମନକାମନା ।୫।

[ଶବ୍ଦ ଅଠଗୃଳଣ]

ଇନ୍ଦ୍ରନୀଳମଣୀତସ୍ୱ

(ରାଗ ତୋଡ଼ିପରଜ ତାଳ ଆଠତାଳୀ)

ସଙ୍ଗାତ ! ମୋହନ ମୁରଲୀ ଧର
ସେ ଭଙ୍ଗୀ ଯା କରେ ସଂସାର ଯାକରେ
ଖୋଜିଲେ ନ ଥିବ ପରି ରେ ।ଘୋଷା।
ଜାଣେ କି ମୋହିନୀ ଗୋପକୁଳମଣି
ଯୁବତୀଙ୍କ ଦମ୍ଭହର
ନମିଷେ ବସ୍ତ୍ର ଲୁହଇ କଶୋର
ତଳକର ନେତ୍ରଠାରେ ।୧।
କୋଟି ସୃଷ୍ଟିସାର ଶୋଭାର ସମ୍ଭାର
ହୋଇଛି ଯେ ଅଙ୍ଗେ ଭର

ଅଛୁ କ ଉପମା ଅନୁପମ ରମା
ଆଶ୍ରିତ ମୂର୍ତ୍ତିକ ଧର ରେ ।୨।
କେଉଁ ଗଗନରୁ ଖସି ପଡ଼ୁଛୁ ମା
ଇନ୍ଦ୍ର ନୀଳମଣି ତସ
କୋଟିଏ ହୋଇଲେ କୋଟିସଂଖ୍ୟା କାମ
ସମ ନୋହିବେ ତା ପଦ ରେ ।୩।
ରସେ ଗୌର ଭଣି ବରଜରମଣୀ
ମାନଙ୍କ ମହତ ଯସ
ଟେତାକେ ଅଛୁ ଝାକ ରଖିବ କାଁବାକ
ବେଳହୁଁ ପୂତନାମସ ରେ ।୪।

[ଏକଣ ଅଣଗୃଣ]

ଝୁରି ଝୁରି ଯିବୁଟି ସର
(ସ୍ଵତ ମୋହନା ତାଳ ପହଁପଟ)
[ଛନ୍ଦ ନ କର କୃନ୍ଦନ ଗୋରି ବୃତ୍ତ]

ଝୁରି ଝୁରି ଭୁ ଯିବୁ ଟି ସର
ସେ ହଟିଆ କପଟିଆ ନୁହେ ଟି କାହାରି ।ଘୋଷା।
ନାଗମର ଗିରଧାରୀ ସଙ୍ଗ କଲୁ ନ ବରୁର
ଯାହା ଦୁଃଖେ ହେଲୁ ଘାରି ଆହାରେ କିଶୋରି ! ।୧।
ମୋ ରାଣ ଟି ସୁକୁମାରି ! ବୁହାନା ନୟନୁ ବାରି
ରହ ଧନ ଧୈର୍ଯ୍ୟ ଧରି କରମ ଆଦରି ।୨।

ସେ ନିକୁଞ୍ଜ ବନସ୍ଥଳୀ ହସାଇ ଦେଲ ଭଗାସ୍ତ
କାହ୍ନିଁରେ କୋହିଲୁ ରାଧେ ! ତାକୁ ଆଶା କର ।୩।
ଦ୍ୱିଜ ଗୌର ବୋଲେ ପ୍ୟାସ କହୁଛୁ ତୋ କର ଧର
ବକାଚର କଥା ମନୁ ପକା ଭୁ ପାଶୋର ।୪।

[ଏକଶ ପଚିଶ]

ମନା କରଥିଲ ମୁହିଁ

(ରାଗ ଚୋଡ଼ପରଜ ଆଠତାଳୀ)

ଲୋ ଶ୍ରୀମତି ! ମନା କରଥିଲ ମୁହିଁ
ସେ ନଟକୁଟିଆ କହ୍ନାଇଁ ଦେଖାକୁ
ଭରସିଲୁ କାହିଁ ପାଇଁ । ଘୋଷା ।
ସୁନା ଶ୍ରୀଅଙ୍ଗରେ ଛଅ ଘାଆ କଲୁ
ପକାଇ ଅଧାର ଘୁଇ
କେଡ଼େ ଅବଗ୍ରରେ ଏକୁଟିଆଟାରେ
ଯମୁନାକୁ ଗଲୁ ଧାଇଁ ।୧।
ଜାଣିଛୁ ତ ତନ ବନ ନ ଦେଖଣୁ
ଧାଇ ପ୍ରାଣ ଅଛୁ ଖାଇ
ଆଣିଛୁ ତ ପୁଣି କୋଳକୁ ଆଦର
କେଉଁ ବଶୁଆସ ପାଇ ।୨।
କାଳିଆ ନାଗର ଗର ସେ ବଷମ
ମନ ପରାଣ ଶୋଷଇ
ଟାଳିଆ ବର ନସୂନ ଭୁରୁ ସାହା
କଲେ ଏ ସମସ୍ତ ଖାଇ ।୩।

ସୁଧାର ନୁହଇ ଉଧାର ହେବ କେ
ତା ପାଇଲୁ ଆଲୋ ସହି !
ତାର ଅଙ୍ଗାଗୃର ଆର ନାଇଖାର
କର ଦଏ ଦୁଧ ଦହି ।୪।
ଏଡ଼କ ମାରଣା ମୋ ମନେ ଧାରଣା
ନ ଥିଲ ଶ୍ରୀମନ୍ତ ସ୍ୱଇ
କେଉଁ ସ୍ୱଇଜର କଥା ସେ ବଖାଣେ
ଶୁଣି କେ ନୋହିବ ବାଇ ॥
କୁଳ ଭୂଆସୁଣୀ ମହତ ଲୁଟଇ
କେଳ ମାପମୂଳେ ଥାଇ
ଗୌର ଦ୍ୱିଜ ବୋଲେ ତୁନ ହୋ ତା କଥା
କହନା ଆଉ ଶୁଣାଇ ।୭।

[ଶତେ ଏକୋବନ]

ନନ୍ଦକୁଳକଳାନିଧିକ

(ନନ୍ଦସୁତ ମୋର ଜୀବକା ବୃତ୍ତ)

ନନ୍ଦକୁଳକଳାନିଧିକ
ତୋ ଚିତ୍ତ ସମ୍ପତ୍ତି ଦେଲୁ କ ବଳ ॥
କହିଥିଲି ଆଗରୁ ମୁହିଁ
ତାହା ଚେତ ପାଇଲୁ ନାହିଁ
(ଗୋ ଚନ୍ଦ୍ରମାମୁହିଁ !)
କେତେ ଅପବାଦ ହାଟ ବସିଯିବ
ଏ ବ୍ରଜ ବଜାରେ ଭରବଧିକ । ୧ ।

ନଗୋପେ ଛନ୍ତ ଯେତେ ଗୁଆଳୀ
ସତୀ ପତିବରତା ବାଳୀ
ସବୁଙ୍କର ଜାତି ମହତ ହଟାଳ
ସାରିଲଣି ସେହୁ ହଟିଆ ଟିକା ।୨।
କାହିଁଗା ମୋହନ ଭେକକ
ଜାଣଇଁ ସେ ଭଳ ଭଳିକ
ଦାଉଁ ଦାଉଁ କର ଗ୍ରନ୍ତ ଚମକାଏ
ବାଉଁଶ ଯନ୍ତ୍ରର ଖଣ୍ଡିକ ଫଙ୍କି ।୩।
ପଡ଼ିଲୁ ହିତମ ଦଶାରେ
ଆଉ କ ରହିବୁ ସଂସାରେ
ସଢ଼ିଲୁ ନଷ୍ଟଏଁ ଭୁ ଲୋକହସାରେ
ଅରଜ ବସିଲୁ ଭଲ ସିଦ୍ଧି କ ।୪।
ଗୃହୁଣ ତୋ ଯିବ କେଣିକ
ଆଗୋ କେମାମଣି ଏଣିକ
ବାଉଳୀ ହୋଇ ତା ପଛେ ଗୋଡ଼ାଇବୁ
ହଜାଇ ଧିଆନ ଜ୍ଞାନ ବୁଦ୍ଧି କ ।୫।
ଗୌର ଦ୍ୱିଜ କହେ ମୋ କଥା
ଆଜଠାରୁ ମନେ ରଖିଥା
ତୋ ହୃଦୟୁ ବ୍ୟଥା ନୋହିବ ଅନ୍ୟଥା
ଅନୁଭବବୁ ବିରହ-ବ୍ୟାଧିକ ।୬।

[ଶଙ୍ଖ ବାଜନ]

ଜାଣୁ ଜାଣୁ ଶ୍ରୀମତୀ

(ପୀତପଟ କପଟ ପ୍ରୀତି କର ବୃଥା)

ଜାଣୁ ଜାଣୁ ଶ୍ରୀମନ୍ତ !
ମନ୍ତ୍ରଗୃହଠାରେ ମନ୍ତ୍ର ବଳାଇଲୁ ତ
ସନ୍ତାପ ସମୁଦ୍ର ସମ୍ପାଦିବା ପାଇଁ
କ୍ଷୀରୋଦଧି ! ଖଣି ଖୋଳାଇଲୁ ତ ॥
ଏବେ ମୋତେ ଭଜିଲୁ ନାହିଁ
କାଳୀ ହ୍ରଦେ ପଡ଼ିଲୁ ଡେଇଁ
ବିଷମ ବିଶିଖ ବହ୍ନିଜ୍ୱଳା ପାଇଁ
ତା' କପଟ ଖଟେ ତୁଳାଇଲୁ ତ ।୧।
ଜାଣଇ ସେ ବଣିକ ବୃତ୍ତି
ଧରି ନବରଙ୍ଗ ନିକତି
ଭ୍ରୂ ଭଙ୍ଗୀ ଯତନେ ଯାଚଦେଇ ନବ
ଯୌବନ ରତନ ମଗାଇଲୁ ତ ।୨।
ଇନ୍ଦ୍ର ଜାଲ ବିଦ୍ୟାରେ ପୁଣ
ନନ୍ଦସୁତ ଅତି ନିପୁଣ
ଅନଙ୍ଗ ଭୂତ ଅନ୍ତରରେ ରଖି ତା
ବାକ୍ୟମନ୍ତ୍ରେ ଦେହ କଳାଇଲୁ ତ ।୩।
ତାର ବକ୍ର ଭ୍ରୂଭଙ୍ଗୀ ଛଟା
ସେ ତ ଅତି ଅନର୍ଥ ଘଟା
ତୋ ଅକ୍ଷି ଖଞ୍ଜନ ପକ୍ଷୀ ଯୁଗଳକୁ
ସାକ୍ଷାତେ ତା ଆଗେ ଖେଳାଇଲୁ ତ ।୪।

କୀର୍ତ୍ତିଦାର ନନ୍ଦନ ! କୀର୍ତ୍ତି
କଲୁ ବ୍ରଜ ମଣ୍ଡଳେ ଖ୍ୟାତି
ଅଦେହ ଦେବତା ବସାଇବା ପାଇଁ
ତୋ ଦେହ ଦେଉଳ ତୋଳାଇଲୁ ତା ।୬।
ଭୁ ତ ଏତେ ସୁଜାଣ ହୋଇ
ତଳେ ତର୍କେ ପାରିଲ ନାହିଁ
କୁଞ୍ଜକାନନ କଣ୍ଠୀରବ ଅଗ୍ରତେ
ଗନ୍ଧର୍ବଦେବକୁ ମିଳାଇଲୁ ତ ।୭।
ଗୌର ଦ୍ୱିଜ ଘଟେ ରାଧିକା
ଅର୍ଜିଲୁ ଏ ଲବ ଅଧିକା
ଧରାଧରଧରକରକମଳରେ
ଘନ ପୀନସ୍ତନ ଦଳାଇଲୁ ତ ।୮।

—o—

[ଶଦେ ଚେପନ]

ନନ୍ଦନେବଗ୍ରନ୍ଦ

(ରାଗ ଚୋଡ଼ପରଜ ତାଳ ଆଠତାଳୀ)

ରେ କଶୋର ! ତୋ ବୁଦ୍ଧି ବବେକ ହୁଡ଼ି
ନନ୍ଦ ନେଇ ବୃନ୍ଦ ଶୋଭା ସିନ୍ଧୁ ମାରେ
ଆଜ ଭୁ ଗଲୁ କ ବୁଡ଼ି ।।
ଏ ଅତି ସୁଲଭ ଯେ ଦେବ-ଦୁର୍ଲଭ
ସେ ଯେବେ ନେଲେଣି ଜାଣି
ଏଣିକ ଅନଙ୍ଗ ରଙ୍ଗ ମହୋତ୍ସବେ
ପୁଚ୍ଛାଇବୁ ସୁଖେ କାଣି ।୧।

ତାହାଙ୍କ ପ୍ରଣୟ ଭୁଜେ ବାନ୍ଧିଥିଲେ
ଆରେ ଜୀବନ ବାନ୍ଧବ !
ସେ କାଳେ ଆମ୍ଭଙ୍କୁ ଲେଡ଼ିବୁ କ ଆଜ
ମନେ ମୁଁ ହେଉଛି ଭବ ।୨।
ପୂର୍ବରେ ତୁ କେଉଁ ପୁଣ୍ୟ କରିଥିଲୁ
କେଉଁ ଦେବତା ମନାଇଁ
ଜାଣି ସେ ସୁକୃତ ହେଲେ ବଶୀଭୂତ
ନାଗରବର କହ୍ନାଇଁ ।୩।
ନବ ଅନୁରାଗେ ପୁଲକିତ ଅଙ୍ଗେ
ଠାରୁଛୁ କାହାକୁ ଆଖି
ଲୁଚିଲେ ଧନ ! ମରମ କଥାଟି
ଜଣାପଡ଼ି ନ ଯାଏ କି ।୪।
ସାତ୍ତ୍ୱିକ ବିକାରେ ପ୍ରେମ ଜରଜରେ
ହେଲୁଣି ତ ବାଇଆଣୀ
ତୋ ପ୍ରାଣ ସର୍ବସ୍ୱ ହେଲେଣି ଅବଶ୍ୟ
ମୋହନ ମୁରଲୀପାଣି ।୫।
ଗୌର ଦ୍ୱିଜ ଗିର ଛାଡ଼ନାହିଁ ତୋର
ବାଲ୍ୟଦଶା ଆଳସର
କୃଷ୍ଣଧନେ ଧନୀ ହୋଇ ସଜଣୀଙ୍କି
ଦେବୁ ନାହିଁ ଟି ପାଶୋର ।୬।

[ଶହେ ଚଉବନ]

ଆଜନ୍ମ ଦୁଖୀ

(ରମାରଞ୍ଜନ ଆଜ ତ ବଶୁନାହିଁ କାଲ ଯତନ ବୃତ୍ତ)

ଆଜନ୍ମ-ସୁଖି !
ରାଜ-ଦୁଲ୍ଲଣୀ-ସଜ-ପଙ୍କଜମୁଖି ! ଗୋ । ଘୋଷା ।
ନ ବୁଝି ନ ବିଚାରି ସତେ କି କଲୁ
କି ସାହସେ ଯମୁନା ପାଣିକି ଗଲୁ ଗୋ ।୧।
ବାମନ ହୋଇ ଧନ ! କେଉଁ ପସନ୍ଦେ
କର ବଢ଼ାଇ ଦେଲୁ ଗଗନ ଚନ୍ଦ୍ରେ ଗୋ ।୨।
ତୁ ତ ନୂତନା ବାଳୀ ଚତୁରୀମଣି
ରସ ସିନ୍ଧୁ ଲହରୀ ବସିଲୁ ଗଣି ଗୋ ।୩।
ଏ କି ତୋ ବାଇବୁଦ୍ଧି ଅଳ୍ପଲାଭର
ଉଚ୍ଛନ୍ନ ହେଲୁ ନଷ୍ଟେ କହେ ଗଉର ଗୋ ।୪।

[ଶହେ ପଞ୍ଚାବନ]

ଝିଙ୍କିଚୂଲେ ଆଖି ଲଖିଲେ କି

ଆଜନମ ସୁଖୀ ପଙ୍କଜମୁଖି ରେ
ଝିଙ୍କିଚୂଲେ ଆଖି ଲଖିଲେ କି । ଘୋଷା ।
ଚମକି ଉଠୁଛୁ ରହି ଥକି ଥକି
ଶୁଖି ଶୁଖି ତନୁ ଯାଉଛୁ କାହିଁକି
ଦୁଃଖୀଧନ ଫେଡ଼ି କହିବୁ ନାହିଁକି
ଥରଇ ଲାଗିଛୁ ତୋ ଗୁଣ୍ଡିକି ।୧।

ଲୁକ ଲୁକ ଗୃହେ ଆଷେ ଦେଖୁଲୁଣ
ଫୁଙ୍କି ବା ମୁରଲୀ ଶୁଣା ଶିଖିଲୁ ଣ
ମୁଁ କି ବିପତ୍ତି ଦେଖୁଛି ରେ ସଖି
ଫୁଂକେ ହେଉ କିପାଁ ଏପରି ଣ ।୨।
କାଳିଆ ନାଗର ଅଧରାମୃତ ଣ
ଢୋକିଦେଲୁ ଭୁଲି ଦ୍ୱାଇ କଉତୁକ
ପ୍ରେମ ହଳାହଳ ଶିଖିଶିଖା ଠେଣ
ବୁକୁ ସ୍ଥଳୀ ଜାଳି ଦେଉଛି ଣ ।୩।
ଜଡ଼ିବୁଟି ଯନ୍ତ୍ରମନ୍ତ୍ର ତ ଏଥିଣ
ନାହିଁ କିଛି ଆଉ ଖୋଜିଲେ ପୋଥିଣ
ଗୌର ଦ୍ୱିଜ ଭଣେ ନାଗରସାଥିଣ
ଅଉଷଧି ଜାଣେ ମୁଁ ଏତିକି ।୪।

[ଶବ୍ଦ ଛପନ]

ନିଷେଧୁ ଥିଲି ପରା ପହିଲୁ ରେ

(ରାଗ କାମୋଦୀ ତାଳ ଏକତାଳୀ)

ନିଷେଧୁ ଥିଲି ପରା ପହିଲୁ ରେ
କାହିଁକି ତୁ ଭେଟିଲି ଗୃହିଁଲୁ ରେ
ସେ ଯମୁନା ଅପୂର୍ବ ଜଗୁଆଳୀ ନପୁର
କୁଳକୁ ବିଷ ଯା ପଶାଇଲୁ ରେ ।।
ବିଷମ ବ୍ୟାଧି ଏବେ ଘୋଟିଗଲାଣି କେବେ
ନ ଛୁଟିବାର ଦଶା ପାଇଲୁ ରେ

କଳା ନାଗର ବିଷ ଘାରିବ ଅହର୍ନିଶ
ପୀୟୂଷ ମଣି ଯାହା ଖାଇଲୁ ରେ ।୧।
କେଉଁ ସାହସେ ଧନ ସମର୍ପି ଦେଲୁ ମନ
ଯୁବତୀ ସଂସାରେ କି ରହିଲ ରେ
ଏଥିକି ରସନିଧି ନାହିଁ ତ ମହୌଷଧି
ଜାଣି ଦୁଃସହ ତାପ ସହିଲୁ ରେ ।୨।

ତୋର ଏ ଅଭିଳାଷ ଥିଲା ଯେବେ ବାଳୀଶ
ଆଗରୁ ମୋତେ ଯା ନ କହିଲୁ ରେ
କି ବାଇଆଣୀ ଗୁଣ ଆଚରିଲୁ ଶ୍ରୀମତୀ
ସ୍ୱର୍ଗ ତ କନ୍ଦାବୋଝ ବୋହିଲ ରେ ।୩।

ଅସରନ୍ତ ତୋଦନ ହେବ ଟି ଏ କ୍ରଦାନ
କେଉଁ କୂଳରେ ହାଦେ ନୋହିଲୁ ରେ
ଘାରମ୍ନା ଗିରିଧାରୀ ସାରି ଦେଇଛୁ ଠାରି
ବିରହାନଳେ ତନୁ ଦହିଲୁ ରେ ।୪।

ଦ୍ୱିଜ ଗଙ୍ଗର ବୋଲେ ଶ୍ୟାମଶୋଭା ସଲିଳେ
ନ ବିଗୃହି ତ ଅବଗାହିଲୁ ରେ
ଏଣିକି ବିମ୍ବାଧରି ! ରହ କର୍ମ ଆଦରି
କେ କି କରିବ ଆପେ ଭ୍ୟାଇଲୁ ରେ ।୫।

[ଶହେ ସତାବନ]

କାଳିଆ ନାଗ

(ରାଗ ଦେଶମଣ୍ଡଶୀ ତାଳ ଆଠତାଳୀ)

ରେ କଣେ ଗ୍ରମଣୀ ! କୌତୁକ ରଙ୍ଗେ
ଖେଳ ନା କାଳିଆ ନାଗର ସଙ୍ଗେ ରେ । ଘୋଷା ।
ବଡ଼ ଅବିଶ୍ୱାସୀ ଅଟଇ ସେହୁ
କେବେ ତୁ ହୁଅନା ତା ଠାରେ ବିଶ୍ୱସ୍ତୀ ରେ ।୧।
ନକର କର କଚ୍ଛୁଟି ନୟନା
ଆଖରକୁ ସର ପିବୁଟି ପିନା ରେ ।୨।
ବଳ ପଡ଼ିଲେ ହୃଦୟୁ ବେଦନା
କଳ ନ ପାରିବୁ କୁନ୍ଦରଦନା ରେ ।୩।
ଘାରି ପକାଇବ ତା ବିଷଜ୍ୱାଳା
କାଳନ୍ଦୀ ଙ୍କ.ରକୁ ଚତ୍ତ ନ ବଳା ରେ ।୪।
ଭରସ ନା ତେଣେ ନମିଷେ କ୍ଷଣେ
ଭୂସୁର ଗଉର ଚରଣ ଭଣେ ରେ ।୫।

ଶୁଦ୍ଧିପତ୍ର

ଏ ଶୁଦ୍ଧି ପତ୍ର ଅନୁସାରେ ବହିକୁ ଆଗ ସଂଶୋଧନକରି ପାଠକରିବେ

ପୃଷ୍ଠା	ଗୀତପଂକ୍ତି	ଭ୍ରମ	ସଂଶୋଧନ
୧	୨	ବେଦର ଗାର	ବେଦର ସାର
୫	୬	ଭକ୍ତପଢ଼ରେ	ଭକ୍ତପଷରେ
୬	୧୧	ଘନନାଥ	ଧନନାଥ
୧୦	୬	ଅହଂନ୍ତା	ଅହନ୍ତା
	୧୦	ଆର୍ତ୍ତୀଆର୍ତ୍ତ	ଆର୍ତ୍ତିଆର୍ତ୍ତ
୧୧	୯	କର ଚାଙ୍କ	କରଚାଙ୍କ
୧୪	୧୪	ମନେହ୍ୱର	ମନୋହ୍ୱର
୧୯	୧	ପାଇବ	ପାଶବ
୨୩	୧୬	ପହରଣ	ପହ୍ୱରଣ
୨୬	୧୬	ଠେକାଲେକ	ଠେକ ଲୋକ
୨୯	୧୦	ସେଜେ	ସେ ଯେ
	୧୫	ଗୁଣ୍ଡଗୃଘରେ	ଗୁଣ୍ଡି ଗୃଘରେ
୩୫	୪	ନଳୀନ	ନଳନ
୪୨	୬	ଛବ	ଚାବ
୪୩	୫	ନଶ	ନଶି
୪୪	୬	ବାସନା	ବସ ନା
୪୭	୧୧	ହରନାମେ ଗର୍ବ	ହରନାମେ ଗର୍ଜ
୫୭	୧୬	ଦ୍ୱଜର	ଦ୍ୱ ଜର
୫୮	୨	ଅଚୈତକ	ଅକୈତବ
୬୭	୧୨	ଯୁଗଲପଦେ	ଯୁଗଲପଦ
୭୮	—	ଯଶୋଦା ଭାଗ୍ୟବନ୍ତ	ଭାଗ୍ୟବନ୍ତ ଯଶୋଦା
୮୬	୮	ଷିର	କ୍ଷୀର

୯୭	୧୧	କକକୁଟ	କୁକ୍‌କୁଟ
୧୦୫	୫	ଓୃଷ୍ଟି	ଦୃଷ୍ଟି
୧୦୬	୨	ଅନ୍ତୁପୁର	ଅନ୍ତପୁର
	୪	କୁସନ	କୁସୁମ
୧୨୨	୮	ନଟନଟବର	ନବନଟବର
୧୨୫	୯	ହି ରଙ୍ଗ	ହିଭଙ୍ଗ
୧୨୭	୧୯	ବଛଜିତ	ବସ୍ତଜିତ
୧୪୬	୨	ସଖି ! ଘନଶ୍ୟାମ ମୁରଲୀ	ସଖି ! ଶ୍ୟାମଘନ ମୁରଲୀ ସୁସ୍ୱରେ
୧୪୮	୧୧	ନଥର	ନଜର
୧୫୬	୧୨	ଭ୍ରମର	ଭ୍ରମଇ
୧୬୭	୧୯	ଖାଇ	ଛଇ
୧୬୮	୨	ଡାପଇଲୁ	ଡା ପାଲରୁ

LIBRARY
JUN 3 1982
UNIVERSITY OF TORONTO

3 1761 06670271 3

BRIEF
PKA
00 46319